

ବହୁତ ହେଲା, ଏବେ ପ୍ରତିଶୋଧ
ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 128 ଭାଗ ୩୪ | ସଂଖ୍ୟା ୧୨୮ | Wednesday 29 July 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୨୯ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ବୈତରଣୀ ସମେତ ୩ ନଦୀରେ ବନ୍ୟା ସ୍ଥିତି

## ଉବୁଟୁବୁ ହେଉଛି ଉତ୍ତର ଓଡ଼ିଶା
## ନଦୀକୂଳିଆ ଲୋକେ ଛାନିଆ
## ୪ ଜିଲ୍ଲାରେ ସ୍କୁଲ୍ ଓ ଅଙ୍ଗନବାଡ଼ି ବନ୍ଦ

ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ଫୁଲୁଛି ବୈତରଣୀ, ଜଳକା, ସାଳନ୍ଦୀ ଓ ବୁଢ଼ାବଳଙ୍ଗ। ବର୍ଷାରେ ସାରା ରାଜ୍ୟ ବେହାଲ ଥିବା ବେଳେ ଉତ୍ତର ଓଡ଼ିଶାରେ ଦେଖାଦେଇଛି ବନ୍ୟା ଆଶଙ୍କା। ଆଜି ସନ୍ଧ୍ୟାରୁ ବୈତରଣୀ, ଜଳକା ଓ ସାଳନ୍ଦୀ ନଦୀରେ ବନ୍ୟା ଆସିବାର ଯଥେଷ୍ଟ ଆଶଙ୍କା ରହିଛି। ଏହା ଫଳରେ ପ୍ରଭାବିତ ହୋଇପାରେ ଚାନ୍ଦବାଲି, ଭଦ୍ରକ, ତିହିଡ଼ି, ଧାମନଗର, ଦଶରଥପୁର, ଯାଜପୁର ଆଦି ଅଞ୍ଚଳ। ତେବେ ମହାନଦୀ ଅବବାହିକାରେ ବନ୍ୟା ଆଶଙ୍କା ନାହିଁ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି।

ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଭୀଷଣ ବର୍ଷା। ଉବୁଟୁବୁ ହେଉଛି ଉତ୍ତର ଓଡ଼ିଶା। ଚାଷଜମି ଜଳମଗ୍ନ ହେବା ସହ ତଳିଆ ଗାଁରେ ବି ପାଣି ପଶିଛି। ବର୍ଷା ଥମୁ ନଥିବା ବେଳେ ଆଗକୁ ସ୍ଥିତି ଆହୁରି ବିଗିଡ଼ିବାର ଆଶଙ୍କା ରହିଛି। କାରଣ ବିପଦ ସଂକେତ ଉପରେ ୩ଟି ନଦୀରେ ଜଳ ପ୍ରବାହିତ ହେଉଛି। ଏଣେ କୂଳ ଲଂଘିଛି ବୈତରଣୀ। ଆଖୁଆପଦାଠାରେ ବୈତରଣୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ବୈତରଣୀରେ ବନ୍ୟା ଆସି ଧାମନଗର, ଦଶରଥପୁର, ଯାଜପୁର ଓ ଚାନ୍ଦବାଲି ଆଦି ଅଞ୍ଚଳ ପ୍ରଭାବିତ ହେବ ବୋଲି ସତର୍କ କରିଛି ଜଳସମ୍ପଦ ବିଭାଗ। ଜଳକାରେ ବି ବଢ଼ିଛି ଜଳସ୍ତର। ବସ୍ତା



ଓ ସଦର ବ୍ଲକ୍‌ରେ ବନ୍ୟାଜଳ ମାଡ଼ିବାର ଆଶଙ୍କା ରହିଛି। ଉପରମୁଣ୍ଡରେ ବର୍ଷା ଯୋଗୁ ସାଳନ୍ଦୀ ବି ଫୁଲିଛି। ସାଳନ୍ଦୀ ବନ୍ୟା ତିହିଡ଼ି, ଭଦ୍ରକ ସହର ଓ ଚାନ୍ଦବାଲି ବ୍ଲକ୍‌କୁ ପ୍ରଭାବିତ କରିପାରେ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିସହ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ୪ଟି ଜିଲ୍ଲା ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝରରେ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖିବା ସକାଶେ ଘୋଷଣା କରାଯାଇଛି। ଉକ୍ତ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏପରି ପଦକ୍ଷେପ ନେଇଛନ୍ତି।

ଅନ୍ୟପକ୍ଷରେ ଶିମିଳିପାଳ ଅଭୟାରଣ୍ୟରେ ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ସୁବର୍ଣ୍ଣରେଖା ସମେତ ଛୋଟ ବଡ଼ ନାଳଗୁଡ଼ିକ ଉପରେ ବି ନଜର ରହିଛି। ସେପଟେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଲୋକଙ୍କ ଭୟଭୀତ ନହେବାକୁ ପରାମର୍ଶ ଦେବା ସହ, ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିଛି ବୋଲି କହିଛନ୍ତି। ପୃଷ୍ଠା-୬

## ସରକାର ସଜାଗ: ରାଜସ୍ୱ ମନ୍ତ୍ରୀ



ରାଜ୍ୟରେ ଲଗାଣ ବର୍ଷାଜନିତ ସୃଷ୍ଟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ତଥା ସମସ୍ତ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସହ ସାଧାରଣ ଲୋକେ ପ୍ରଶାସନିକ ସେବା ଓ ସହାୟତା ନେଇ ସୁରକ୍ଷିତ ରହିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏଥିସହ ସମସ୍ତ ଜିଲ୍ଲା ପ୍ରଶାସନ ଓ ଅନ୍ୟାନ୍ୟ ବିଭାଗମାନଙ୍କୁ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମନ୍ୱିତ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆନନ୍ଦପୁର ଓ ଆଖୁଆପଦାଠାରେ ବୈତରଣୀ ଏବଂ ଜଳକା

### ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଅଧିକାରୀ
### ରାତିସାରା ଖୋଲା ରହିବ ଏସଆରସି କାର୍ଯ୍ୟାଳୟ

ନଦୀରେ ଜଳପତ୍ତନ ସ୍ତର ବୃଦ୍ଧି ପାଇ ବିପଦ ସ୍ତରଠୁଁ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ କେତେକ ସ୍ଥାନରେ ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ସ୍ତର ଚିନ୍ତାଜନକ ରହିଛି । ଗତ ୨୪ ଘଣ୍ଟାରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ବୃଷ୍ଟିପାତ ହୋଇଥିଲା ବେଳେ ଭଦ୍ରକ ଓ ଯାଜପୁର ଜିଲ୍ଲାରେ ମଧ୍ୟ ବର୍ଷା ଯୋଗୁଁ ଅନେକ ଅଞ୍ଚଳ ପୃଷ୍ଠା-୬

## ଚରମ ସୀମାରେ ପାକ୍ ସେନା ବର୍ବରତା
# ପିଓକେ ମାଟି ରକ୍ତରଞ୍ଜିତ, ଦିନକରେ ୨୦ ମୃତ



### ବାଦ୍ ପଡ଼ିନାହାନ୍ତି ଶିଶୁ ଓ ଗର୍ଭବତୀ

ଶ୍ରୀନଗର,୨୮।୭: ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ମଙ୍ଗଳବାର ପାକିସ୍ତାନ ସେନାର ପାଶବିକ ଦମନଲୀଳା ଚରମ ପର୍ଯ୍ୟାୟରେ ପହଞ୍ଚିଛି। ଅଗଷ୍ଟରେ ହେବାକୁ ଥିବା ପିଓକେ ବିଧାନସଭା ନିର୍ବାଚନକୁ ବର୍ଜନ କରିବା ଲାଗି ଏକତ୍ରିତ ହୋଇଥିବା ଲୋକଙ୍କ ଉପରେ ପାକିସ୍ତାନ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରିପୋର୍ଟ ଅନୁସାରେ, ୨୪ ଘଣ୍ଟା ମଧ୍ୟରେ ପାକିସ୍ତାନ ପକ୍ଷରୁ ମୁତୟନ କରାଯାଇଥିବା ସୁରକ୍ଷା ବାହିନୀ ଗୁଳିରେ ୨୦ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏପରିକି ପାକ୍ ସେନାର ଏହି ବର୍ବରୋଚିତ କାଣ୍ଡରୁ ନିରୀହ ଶିଶୁ ଓ ଗର୍ଭବତୀ ମହିଳା ବି ବାଦ୍ ପଡ଼ିନାହାନ୍ତି।

ରାୱଲକୋଟର ଅଷ୍ଟମ-ଡ୍ରେକ୍ ଅଞ୍ଚଳରେ ଲୋକମାନେ ଏକତ୍ରିତ ହୋଇ ପ୍ରତିବାଦ କରୁଥିବା ସମୟରେ ହିଂସାକାଣ୍ଡ ଘଟିଥିଲା। ପାକ୍ ସେନା ଗୁଳିରେ ଯୁଗ୍ମ ଆୱାମୀ ଆକ୍ସନ କମିଟିର କୋର ସଦସ୍ୟଙ୍କ ଭାଇ ଉସମାନ ନାଜିର ଓ କମିଟିର ମୁଖପାତ୍ର ପୃଷ୍ଠା-୬

# ପିଲା ପଢ଼ିବେ ସ୍ୱାମୀଜୀଙ୍କ ଜୀବନୀ

### 'ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ: କୃତି ଓ ବ୍ୟକ୍ତିତ୍ୱ'
### ଜନ୍ମ ଶତବାର୍ଷିକୀରେ ଗାଁ ଗାଁରେ ପହଞ୍ଚିବ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସନ୍ଦେଶ
### ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ତ୍ୟାଗ ଓ ସଂଘର୍ଷ
### ସ୍ୱାମୀଜୀଙ୍କ ହତ୍ୟାକାଣ୍ଡ ଫାଇଲ ହଜିବା ସାଧାରଣ ଅବହେଳା ନୁହେଁ




ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତ୍ୟାଗ, ସଂଘର୍ଷ, ଜନଜାତିଙ୍କ ସେବା ଓ ରାଷ୍ଟ୍ରସେବାର କାହାଣୀ ଆଗାମୀ ପିଢ଼ି ପାଇଁ ପ୍ରେରଣାର ମୁଖ୍ୟ ଉତ୍ସ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ରେଳ ଅଡିଟୋରିଅମଠାରେ ଆୟୋଜିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉପରେ ରଚିତ 'ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ: କୃତି ଓ ବ୍ୟକ୍ତିତ୍ୱ' ପୁସ୍ତକର ଉନ୍ମୋଚନ ଅବସରରେ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଣେ ମହାପୁରୁଷଙ୍କ ଜୀବନୀ କେବଳ ଅତୀତର ଘଟଣାବଳୀର ସମାହାର ନୁହେଁ, ବରଂ ତାହା ଆଗାମୀ ଯୁବପିଢ଼ି ପାଇଁ ମାର୍ଗଦର୍ଶକ ସାଜିଥାଏ। ସମାଜର ଶେଷ ଧାଡ଼ିରେ ଛିଡ଼ା ହୋଇଥିବା ଅବହେଳିତ ମାନବ ସମାଜର କଲ୍ୟାଣ ପାଇଁ ସ୍ୱାମୀଜୀଙ୍କର ଉତ୍ସର୍ଗୀକୃତ ସାଧନା ଓ ରାଷ୍ଟ୍ରଚେତନାର ପ୍ରସାର, ଆମ ସଂସ୍କୃତିକୁ ସଦାସର୍ବଦା ଋଦ୍ଧିମନ୍ତ କରି ରଖିବ ବୋଲି ସେ ମତ ଦେଇଛନ୍ତି।

ସ୍ୱାମୀଜୀଙ୍କ ଜୀବନୀ ଉପରେ ରଚିତ ପୁସ୍ତକ 'ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ: କୃତି ଓ ବ୍ୟକ୍ତିତ୍ୱ', ଆଗାମୀ ଦିନରେ ସ୍କୁଲ, କଲେଜ ଲାଇବ୍ରେରୀମାନଙ୍କରେ ଶୋଭା ପାଇବ। ସ୍ୱାମୀଜୀ କେବଳ ଜଣେ ସନ୍ନ୍ୟାସୀ ନ ଥିଲେ, ବରଂ କନ୍ଧମାଳର ବନବାସୀଙ୍କ ପାଇଁ ସାକ୍ଷାତ ରକ୍ଷାକବଚ ଓ ଜାଗ୍ରତ ଆଧ୍ୟାତ୍ମିକ ଚେତନାର ପୁରୁଷ ଥିଲେ। ଚକାପାଦ ଓ ଜଲେସପଙ୍ଗା ଆଶ୍ରମ ମାଧ୍ୟମରେ ସେ ବନବାସୀ ଝିଅମାନଙ୍କୁ ଶିକ୍ଷିତ ଓ ଆତ୍ମନିର୍ଭରଶୀଳ କରିବା ସହ ଅବୈଧ ଧର୍ମାନ୍ତରୀକରଣ, ଗୋ-ହତ୍ୟା ଓ ଦେଶବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ପୃଷ୍ଠା-୬

## ଜାପାନରେ ୭.୧ ତୀବ୍ରତାର ଭୂକମ୍ପ

### ଶପିଙ୍ଗ୍ ମଲ୍‌ରେ ଫସିରହିଛନ୍ତି ବହୁଲୋକ
### ୧୦୦ ଆହତ ଉଦ୍ଧାର

ଟୋକିଓ,୨୮।୭: ମଙ୍ଗଳବାର ବିଳମ୍ବିତ ଅପରାହ୍ଣରେ ଜାପାନର କ୍ୟୁସୋ ଦ୍ୱୀପର କୁମାମୋଟୁରେ ୭.୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ କୁମାମୋଟୁରେ ଥିବା ଏକ ବହୁତଳ ସପିଂମଲ ଭୁଶୁଡ଼ି ପଡ଼ିବା ଫଳରେ ବହୁଲୋକ ତା' ତଳେ ଚାପି ହୋଇ ରହିଛନ୍ତି। ସପିଂମଲର ଦ୍ୱିତୀୟ ମହଲାରେ ସର୍ବାଧିକ ଲୋକ ଫଶି ରହିଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଜରୁରୀକାଳୀନ-ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୁନାମି ସତର୍କତା ଜାରି କରାଯାଇଛି। ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ବିବୃତ୍ତି ଜାରିକରି କହିଛନ୍ତି ଯେ, ବହୁଲୋକ ସପିଂମଲରେ ଫଶି ରହିଛନ୍ତି। ଭୂକମ୍ପ ପରେ ସପିଂମଲ ଭିତରେ ନିଆଁ ଲାଗି ଯାଇଛି। ଶତାଧିକ ଲୋକ ଆହତ ହୋଇଛନ୍ତି। ତେବେ ମୃତ୍ୟୁସଂଖ୍ୟା ନେଇ କୌଣସି ସ୍ପଷ୍ଟ ବିବରଣୀ ଆସିନାହିଁ। ଭୂକମ୍ପର ପ୍ରଭାବରେ ସଡ଼କ, ସେତୁ, କୋଠାଘରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି।

## ଦେଶରେ ବଢୁଛି ସେପ୍ଟିକ୍ ଟ୍ୟାଙ୍କ୍ ସଫେଇଜନିତ ମୃତ୍ୟୁ
# ୧୫ ରାଜ୍ୟକୁ ସୁପ୍ରିମ୍‌କୋର୍ଟଙ୍କ ଅବମାନନା ନୋଟିସ୍

ନୂଆଦିଲ୍ଲୀ, ୨୮।୭: ଦେଶରେ ବୃଦ୍ଧି ପାଉଥିବା ସ୍ୱେରେଜ୍ ଓ ସେପ୍ଟିକ୍ ଟ୍ୟାଙ୍କ ସଫେଇଜନିତ ମୃତ୍ୟୁକୁ ନେଇ ଦେଶର ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରିଛନ୍ତି। ଏଥିସହ ଏ ସଂକ୍ରାନ୍ତରେ କଠୋର ଆଭିମୁଖ୍ୟ ଗ୍ରହଣ କରି ଅଦାଲତ ଦିଲ୍ଲୀ, ପଞ୍ଜାବ ସମେତ ୧୫ଟି ରାଜ୍ୟର ମୁଖ୍ୟ ସଚିବଙ୍କୁ ଅବମାନନା ନୋଟିସ୍ ପଠାଇଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ନିର୍ଦ୍ଦେଶ ପାଳନ କରି ନ ଥିବାରୁ ସୁପ୍ରିମକୋର୍ଟ ସେମାନଙ୍କୁ ଭର୍ତ୍ସନା କରିଛନ୍ତି।

ଅରବିନ୍ଦ କୁମାର ଓ ବିପୁଳ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ସ୍ୱେରେଜ୍ ଓ ସେପ୍ଟିକ୍ ଟ୍ୟାଙ୍କ ଭିତରେ ପଶି ହାତରେ ସଫା କରିବା ବେଳେ ଶ୍ରମିକମାନେ ବହୁମାତ୍ରାରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରୁଛନ୍ତି। ୨୦୨୬ ମାର୍ଚ୍ଚରେ କେନ୍ଦ୍ର ସରକାର ସଂସଦକୁ ଦେଇଥିବା



ଏକ ପରିସଂଖ୍ୟାନଭିତ୍ତିକ ତଥ୍ୟକୁ ଉଲ୍ଲେଖ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ୧୫ଟି ରାଜ୍ୟରେ ଅତି କମ୍‌ରେ ୧୬୫ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୩ରେ ୬୫ ଜଣ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିବା ବେଳେ ୨୦୨୪ରେ ୫୪ ଜଣ ଓ ୨୦୨୫ରେ ୪୬ ଜଣଙ୍କର ମୃତ୍ୟୁ ହୋଇଥିବା ରେକର୍ଡ କରାଯାଇଛି। ଏ ପ୍ରସଙ୍ଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କୋର୍ଟ ୨୦୨୩ ଅକ୍ଟୋବର ୨୦ ତାରିଖରେ ସ୍ପଷ୍ଟ ନ୍ୟାୟିକ ନିର୍ଦ୍ଦେଶନାମା ଜାରି କରିଥିଲେ। ମାତ୍ର କୋର୍ଟଙ୍କ ଆଦେଶକୁ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ କାର୍ଯ୍ୟକାରୀ ନ କରି କୋର୍ଟଙ୍କ ପ୍ରତି ଅବମାନନା କରିଛନ୍ତି।

ଖଣ୍ଡପୀଠ ଗଭୀର ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ ବିନା ଯନ୍ତ୍ର ସାହାଯ୍ୟରେ ବା ମାନବ ଶକ୍ତିକୁ ଉପଯୋଗ କରି (ମାନୁଆଲ୍ ସ୍କାଭେଞ୍ଜିଂ) ନକରି ସ୍ୱେରେଜ୍ ଓ ସେପ୍ଟିକ୍ ଟ୍ୟାଙ୍କ ସଫେଇ କାର୍ଯ୍ୟ ସମ୍ପନ୍ନ କରିବାକୁ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ତଥା ନାଗରିକ ସଂସ୍ଥାଗୁଡ଼ିକୁ କହିଥିଲେ। ମାତ୍ର ଏହା ସତ୍ତ୍ୱେ ବିଗତ ତିନି ବର୍ଷ ମଧ୍ୟରେ ସ୍ୱେରେଜ୍ ଓ ସେପ୍ଟିକ୍ ଟ୍ୟାଙ୍କ ସଫା ସହ ଜଡ଼ିତ ମୃତ୍ୟୁ ସଂଖ୍ୟା ନିରନ୍ତର ବଢ଼ି ଚାଲିଛି। ଏପରି କ୍ରମାଗତ ଘଟଣା ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶର ପାଳନ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି ବୋଲି ବିଚାରପତିମାନେ କ୍ଷୋଭ ପ୍ରକାଶ ପୂର୍ବକ କହିଛନ୍ତି।

## ସିଏମ୍‌ଓରୁ ଫାଇଲ ଚୋରି ମାମଲା
# କ୍ୟାପିଟାଲ୍ ଥାନାରେ କ୍ରାଇମବ୍ରାଞ୍ଚ୍‌ର ତନାଘନା



ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ସିଏମ୍‌ଓରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲାର ତଦନ୍ତ କମିସନ୍ ଫାଇଲ୍ ଗାଏବ ଘଟଣାର ତଦନ୍ତ ଦାୟିତ୍ୱ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ରାଇମବ୍ରାଞ୍ଚ ହସ୍ତାନ୍ତର କରିଛନ୍ତି। ଏହାପରେ କ୍ରାଇମ୍ ବ୍ରାଞ୍ଚ୍ ଆଜି ତା'ର ତଦନ୍ତର ପ୍ରଥମ ଦିନରେ କ୍ୟାପିଟାଲ୍ ଥାନାରେ ପହଞ୍ଚି ତନାଘନା କରିଛି। ଏକ ତିନିଜଣିଆ କମିଟି ଥାନାରେ ପହଞ୍ଚି ଛାନଭିନ୍ କରିଛନ୍ତି। କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସପି ଆଶୁତୋଷ ମିଶ୍ର ଏହି କମିଟିର ନେତୃତ୍ୱ ନେଉଛନ୍ତି। ଏଥିସହ କ୍ରାଇମ୍ ବ୍ରାଞ୍ଚ୍ ଟିଢ଼ କମିଶନରେଟ ପୁଲିସ ପୂର୍ବରୁ କରିଥିବା ତଦନ୍ତ ରିପୋର୍ଟ ନିଜ ହେପାଜତକୁ ନେଇଛି। ସେହିପରି କ୍ୟାପିଟାଲ ଥାନା ପକ୍ଷରୁ ନୋଟିସ ସତ୍ତ୍ୱେ ଯେଉଁ ଯେଉଁ ବାବୁମାନେ ହାଜର ହୋଇନାହାନ୍ତି, ସେମାନଙ୍କୁ ପୁଣି ନୋଟିସ କରାଯିବାର ସମ୍ଭାବନା ପୃଷ୍ଠା-୬



## କାନ ଡେରିଆ

ମଦୁଆ ସାଙ୍ଗଟା ମଦ ବେଳେ ଥାଏ
ମଦ ସରିଗଲେ ଗଲା
ପିଉଥିବା ବେଳେ ପରଶଂସା କରି
ଆଉ ମଦ ଖୋଜୁଥିଲା
ନିଶା ସାଙ୍ଗ ଭାରି ଢିଲା...
କହିଲେ କହିବେ ଜୀବନଟା ଦେବୁ
ନିଶା ଛାଡ଼ିଗଲେ ଗଲା।

■ ଦେବାଶିଷ

# ରାଜନୀତିରେ ନୂଆ ଟ୍ରେଣ୍ଡ୍ ସୃଷ୍ଟି କଲେ 'ଷ୍ଟ୍ରିଟ ଫାଇଟର୍'



### ଭୁବନେଶ୍ୱରରେ ଧର୍ମେନ୍ଦ୍ରଙ୍କୁ ଜୋରଦାର୍ ସ୍ୱାଗତ
### ଜିନ୍ଦାବାଦ ସ୍ଲୋଗାନରେ କମ୍ପିଲା ବିମାନ ବନ୍ଦର
### କର୍ମୀ କହିଲେ, ଆମେ ଆପଣଙ୍କ ସହ ଥିଲୁ, ଅଛୁ ଓ ରହିବୁ

ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): କେନ୍ଦ୍ର ମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଆଜି ଥିଲା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଓଡ଼ିଶା ଗସ୍ତ। ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ରାଜ୍ୟ ବିଜେପିର ବହୁ ନେତା ଓ କର୍ମୀ। ଧର୍ମେନ୍ଦ୍ର ପ୍ରଧାନ ଜିନ୍ଦାବାଦ, ଭାରତ ମାତା କୀ ଜୟ ସ୍ଲୋଗାନରେ ବିମାନ ବନ୍ଦର ପ୍ରକମ୍ପିତ ହୋଇଥିଲା। ସ୍ୱେଚ୍ଛାକୃତ ଭାବେ ମନ୍ତ୍ରୀପଦରୁ ଇସ୍ତଫା ଦେବା ପରେ ତାଙ୍କ ପ୍ରତି ଦଳର ପୃଷ୍ଠା-୬

## ଗୋଟିଏ ପୋଷ୍ଟ, ସାଢ଼େ ୪ କୋଟି ଭ୍ୟୁ

ପଦବୀ ଛାଡ଼ିଲେ, ହେଲେ ଜିତିଲେ କୋଟି କୋଟି ଜନତାଙ୍କ ହୃଦୟ। କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ସୋସିଆଲ ମିଡିଆଠାରୁ ଆରମ୍ଭ କରି ଜନସାଧାରଣଙ୍କ ଗ୍ରହଣ ଯୋଗ୍ୟତା ପର୍ଯ୍ୟନ୍ତ ସବୁଠି ଏବେ ତାଙ୍କ ତ୍ୟାଗ ଓ ନିଷ୍ପତ୍ତିକୁ ନେଇ ଚର୍ଚ୍ଚା। ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସେ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସୋସିଆଲ ମିଡିଆ




ପ୍ଲାଟଫର୍ମ 'ଏକ୍ସ'ରେ ଧର୍ମେନ୍ଦ୍ର ପ୍ରଧାନଙ୍କର ଏହି ଗୋଟିଏ ଇସ୍ତଫା ପୋଷ୍ଟ ଏବେ ଚର୍ଚ୍ଚା ସୃଷ୍ଟି କରିଛି। ତାଙ୍କର ଏହି ପୋଷ୍ଟକୁ ୪ କୋଟି ୬୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖିସାରିଛନ୍ତି। ପ୍ରାୟ ସାଢ଼େ ୪ କୋଟି ଭାରତୀୟ ସୋସିଆଲ ପୃଷ୍ଠା-୬

# ରାଜପଥ ପାର୍ଶ୍ୱ କୃଷିକ୍ଷେତ୍ରରୁ ଜଳ ନିଷ୍କାସନ ଅନୁଧ୍ୟାନ କଲେ ବିଧାୟକ

## ଜିଲ୍ଲାପାଳଙ୍କ ସମେତ ଉଚ୍ଚସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ

ମାର୍ଶାଘାଇ,୨୮।୭ (ସଂଚାର ବ୍ୟୁରୋ): ଜାତୀୟ ରାଜପଥ ୫୩ ନଂ(କ)ର ହଜାରୀ ଛକ ନିକଟ ହାତିଆପାଟର ବିସ୍ତୀର୍ଣ୍ଣ କୃଷି କ୍ଷେତ୍ର ଠାରୁ ଆରମ୍ଭ କରି ନୀଳାଚଳ ବଜାର ପର୍ଯ୍ୟନ୍ତ କୃଷି କ୍ଷେତ୍ରରୁ ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା କୁ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ମଙ୍ଗଳବାର ଅନୁଧ୍ୟାନ କରିଥିଲେ। ପ୍ରଭାବିତ ଚାଷୀ ମାନଙ୍କ ସହିତ ଆଲୋଚନା କରିବା ସହିତ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଯନ୍ତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ।

ଲଘୁଚାପ ଜନିତ ପ୍ରବଳ ବର୍ଷା ରେ ସମଗ୍ର ମାର୍ଶାଘାଇ ଅଞ୍ଚଳ ରେ ବ୍ୟାପକ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ଶହ ଶହ ଏକର ଚାଷ ଜମି ପ୍ରଭାବିତ ହୋଇଛି. ଜଳ ନିଷ୍କାସନ ହୋଇ ନ ପାରିବାରୁ ଚାଷ କାର୍ଯ୍ୟ ବ୍ୟାହତ ହୋଇଛି, ତେଣୁ ଜଳ ନିଷ୍କାସନର ଆବଶ୍ୟକତା ରହିଛି। ପ୍ରଥମେ ହାତିଆ ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ନିକଟରେ ପହଂଚି ଜଳାର୍ଣ୍ଣବ ହୋଇଥିବା ଚାଷ ଜମିଦେଖିଥିଲେ। ସେଠାରେ ବିଭିନ୍ନ ବିଭାଗର ଅଧିକାରୀ ଓ ଚାଷୀଙ୍କ ସହ ଜଳ ନିଷ୍କାସନ ନେଇ ଆଲୋଚନା କରିଥିଲେ। ବିଧାୟକଙ୍କ ଉପସ୍ଥିତିରେ ଜେସିବି ମେସିନ ସହାୟତାରେ ଅସ୍ଥାୟୀ ଭାବେ ମାଟି ଖୋଳାଯାଇ ଜଳ ନିଷ୍କାସନ କରାଯାଇଥିଲା।



ଏହା ପରେ ମାର୍ଶାଘାଇ କ୍ରସିଂଙ୍ଗ ଛକ, ରାମିଆଗଞ୍ଜ ଗ୍ରାମ ନିକଟରୁ ଜଳ ନିଷ୍କାସନ ସ୍ଥିତି ଅନୁଧ୍ୟାନ କରିଥିଲେ। କଳାପୋଲ, କାନପୁର ଛକ, ବଡ଼ପାଳ ଗଡା, ବଉଦ ଗଡ଼ା, ଯଦୁପୁର ଓ ନୀଳାଚଳ ବଜାର ପର୍ଯ୍ୟନ୍ତ ଯାଇ ଜଳ ନିଷ୍କାସନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ବଡ଼ପାଳ ଗଡ଼ା ଏବଂ ଯଦୁପର ଠାରେ ଦୀର୍ଘ ସମୟ ଉପସ୍ଥିତ ରହି ଚାଷୀମାନଙ୍କ ସହ ଆଲୋଚନା ବେଳେ ଏହାର ସ୍ଥାୟୀ ସମାଧାନ ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଥିଲେ।

ଏହି ଗସ୍ତ ବେଳେ କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର. ଜାତୀୟ ରାଜପଥ ପିଡି ଦର୍ଶୀ ପ୍ରକାଶ, ଯନ୍ତ୍ରୀ ଜ୍ଞାନ ମହାନ୍ତି,ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା. ମହାକାଳପଡ଼ା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ. ମହାକାଳପଡ଼ା ବ୍ଲକ ଅଧକ୍ଷା ମୀରାରାଣୀ ମହାନ୍ତି,ରାଜପଥ ନିର୍ମାଣକାରୀ ଠିକସଂସ୍ଥା ରାଜବୀର କନଷ୍ଟ୍ରକସନର ପିଏମ ରାଜେଶ କୁମାର. ଜେଏସଡବ୍ଲୁର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ମାରୁତି ୟୁଥ୍ ସେବା ଟ୍ରଷ୍ଟ ପକ୍ଷରୁ ସହାୟତା



ମାର୍ଶାଘାଇ,୨୮।୭ (ସଂଚାର ବ୍ୟୁରୋ):ମାର୍ଶାଘାଇ ବ୍ଲକ୍ କୁହୁଡ଼ି ପଞ୍ଚାୟତ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ରଞ୍ଜନ କୁମାର ସାହୁଙ୍କ ହୃଦଘାତରେ ମୃତ୍ୟୁ ଘଟିଛି। ସେ ଗାଁ ଗାଁ ବୁଲି ଦହିବରା ବେପାର କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ଓ ଏକମାତ୍ର ଝିଅ ଏବେ ଅସହାୟ ହୋଇପଡିଛନ୍ତି। ଶୁଦ୍ଧିକ୍ରିୟା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି। ଏହି ଖବର ଜାଣିବାକୁ ପାଇ ମହାକାଳପଡ଼ା ବ୍ଲକ୍ ବଡକୁଳର ମାରୁତି ୟୁଥ୍ ସେବା ଟ୍ରଷ୍ଟ ପରିବାର ସହଯୋଗର ହାତ ବଢ଼ାଇଛି। ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ରାଉତ, ଅରକ୍ଷିତ ରାଉତ, ବାବାଜୀ ସାହୁ, ରତ୍ନାକର ସାହୁ,ନାଥୁରାମ ବେହେରା, ରାଜେଶ ବେହେରା ଓ ମନୋରଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ତୀର୍ଥ ଭ୍ରମଣ



ମାର୍ଶାଘାଇ,୨୮।୭(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ୍ ମଣିକୁଣ୍ଡା ପଞ୍ଚାୟତର ବୟସ୍କ, ଗରୀବ ୩୫ ଜଣ ବରିଷ୍ଠ ନାଗରିକ ଓ ମହିଳାମାନଙ୍କୁ ଶନିବାର ଓ ରବିବାର ତୀର୍ଥ ଭ୍ରମଣ କରାଇଛନ୍ତି ରାମିଆଗଞ୍ଜ ଗ୍ରାମର ରାମମନ୍ଦିର କମିଟି ପ୍ରମୁଖ ତଥା ଜଗତସିଂହପୁର ଜିଲ୍ଲା ଗୁଇନ୍ଦା ବିଭାଗ ଡ଼ିଏସପି ପ୍ରେମାନନ୍ଦ ଲେଙ୍କା। ବିଗତବର୍ଷ ଭଳି ମାର୍ଶାଘାଇ କ୍ରସିଂ ନିକଟରୁ ଶ୍ରଦ୍ଧାଳୁମାନେ ଯାତ୍ରା ଆରମ୍ଭ କରି ଜଗତସିଂହପୁରର ମା ଶାରଳା ପୀଠ, ଗୋରେଖନାଥ ପୀଠ, କାକଟପୁରର ମଙ୍ଗଳା, କୋଣାର୍କ ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା, ରାମଚଣ୍ଡୀ ପୀଠ ଏବଂ ପୁରୀରେ ରଥାରୁଢ଼ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଏହି ତୀର୍ଥଭ୍ରମଣ କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ନାୟକ ସ୍ୱେଚ୍ଛାସେବୀ ଭାବେ ସକ୍ରିୟ ସହଯୋଗ କରିଥିଲେ। ନିଃଶୁଳ୍କ ତୀର୍ଥଭ୍ରମଣ ସୁଯୋଗ ପାଇଥିବାରୁ ବରିଷ୍ଠ ନାଗରିକ ଶ୍ରଦ୍ଧାଳୁ ଲଙ୍ଗୁଳି ରାଉତ, କୁଞ୍ଜବିହାରୀ ମହାନ୍ତି, ସୁମିତ୍ରା ସ୍ୱାଇଁ, ଦୁଖୀ ଦାସ, ଉଷାରାଣୀ ନାୟକ, ପ୍ରଣତି ଲେଙ୍କା, ନମିତା ଜେନା, ଗୀତାଞ୍ଜଳି ନାୟକ, ଶରତ ନାୟକ ପ୍ରମୁଖ ଖୁସି ବ୍ୟକ୍ତ କରିବା ସହିତ ପ୍ରେମାନଦ ଲେଙ୍କାଙ୍କ ପ୍ରୟାସକୁ ସାଧୁବାଦ ଜଣାଇଛନ୍ତ।

## ଚୋରା ବାଲି ବୋଝେଇ ଗାଡ଼ି ଧରିବାକୁ ନାକେଦମ୍ ହେଲା ପ୍ରଶାସନ

# ରାସ୍ତାରେ ବାଲି ଢାଳି ହାଇୱା ଚାଳକ ଛୁ', ଯାତାୟାତ ଠପ୍



ଆଳି,୨୮।୭ (ସଂଚାର ବ୍ୟୁରୋ): ରାସ୍ତାରେ ଗଦା ହୋଇଛି ବାଲି। ବାଲିର ପରିମାଣ ଅଧିକ ଥିବାରୁ ଅଟକିଲା ଆମ୍ବୁଲାନ୍ସ, ସ୍କୁଲ ଗାଡି ଓ ବସ। ଆଳି ଭୂଇଁପୁର ରାସ୍ତାରେ ବାଲି ଗଦା ହୋଇ ରହିଥିବାରୁ ସକାଳୁ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ଭାବେ ଠପ ହୋଇ ଯାଇଛି।

ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ଗୁଡିକ ଯାତାୟତ ନକରି ପାରି ଅଟକି ରହିଥିଲା। ଜରୁରୀ କାଳୀନ ସେବା ଯୋଗାଇ ଦେଉଥିବା ୧୦୮ ଆମ୍ବୁଲାନ୍ସ ସହ ସରକାରୀ ବସ, ବିଭିନ୍ନ ସ୍କୁଲର ଗାଡି, ଅଟୋ ଭଳି ଗାଡି ଗୁଡିକ ରାସ୍ତାରେ ଯାତାୟତ କରି ନପାରି ଅଟକି ରହି ଥିଲା। ସକାଳୁ ଏଭଳି ଅବସ୍ଥା ଦେଖି ଗାଡି ଚାଳକ ମାନେ ନାକେଦମ ହୋଇଛନ୍ତି। ଆମ୍ବୁଲାନ୍ସ ଠିକ ସମୟରେ ରୋଗୀ ନିକଟରେ ପହଞ୍ଚି ପାରିନି କିମ୍ବା ସ୍କୁଲ ଗାଡି ମଧ୍ୟ ପିଲାଙ୍କୁ ଆଣି ପାରିନି।

ଏଭଳି ଏକ ସ୍ଥିତି ଉପୁଜିଥିବା ବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାଇ ସୋମବାର ସନ୍ଧ୍ୟାରେ ମାଇନ୍ସ କିମ୍ବା ପୋଲିସ ବିଭାଗ ପକ୍ଷରୁ ଦୁଇଟି ବାଲି ବୋଝଇ ହାଇୱା କୁ ଗୋଡ଼ାଇ ଥିବାରୁ ହାଇୱା ଚାଳକ ମାନେ ରାସ୍ତା ରେ ବାଲି ଢାଳି ଛୁ ମାରିଥିଲେ। ଯାହାଫଳରେ ମଙ୍ଗଳ ବାର ସକାଳୁ ସାଧାରଣ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଯାହା ଫଳରେ ଦିନ ତମାମ ରାସ୍ତା ଯିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନ୍ୟପଟେ ସେହି ବାଲିକୁ ସ୍ଥାନୀୟ ଲୋକେ ଶେଷରେ ଟ୍ରାକ୍ଟର ଲଗାଇ ନେଇ ଯାଇଥିବା ଦେଖିବାକୁ ମିଳିଥିଲା।

## ନଦୀବନ୍ଧ କାମ ନିମ୍ନମାନର

# ବନ୍ୟା ଆସିଥିବାରୁ ଘଳିଆ ପଡ଼ିବା ଆଶଙ୍କା



ଆଳି,୨୮।୭(ସଂଚାର ବ୍ୟୁରୋ): ପାଞ୍ଚ କୋଟିର କାର୍ଯ୍ୟ ପନ୍ଦର ଦିନ ନଯିବା ଘଟଣା ଆଳି ତଟବନ୍ଧ ଅଧିନ ଯୁଆଣିଆ ରୁ ମଧୁବନ ଗ୍ରାମର ନଦୀବନ୍ଧ ତିନି କିଲୋମିଟର ରାସ୍ତା ନିମ୍ନ ମାନର କାର୍ଯ୍ୟ ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖନ ହୋଇଛନ୍ତି।ଲଗାଣ ବର୍ଷା ଯୋଗୁ ନଦୀରେ ବନ୍ୟା ଆସିଥିବାରୁ ନଦୀ ବନ୍ଧରେ ଘଳିଆ ପଡ଼ିବା ଆଶଙ୍କା ଦେଖା ଦେଇଛି। ଏବେ ଆତଙ୍କିତ ହୋଇ ରହିଛନ୍ତି ଦୁଇ ପଞ୍ଚାୟତର ଲୋକେ ଥିବା ବେଳେ କୁମ୍ଭକର୍ଣ୍ଣ ନିଦରେ ତଟ ବନ୍ଧ ବିଭାଗ। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମିଳିଭଗତ ଯୋଗୁ ପାଞ୍ଚ କୋଟିର ଟଙ୍କା ପାଣିରେ ଧୋଇ ଯିବା ସହ ଏବେ ଯଦି ବନ୍ଧ ଭାଙ୍ଗେ ଅନେକ ଧନ ଜୀବନ ଯିବାର ଆଶଙ୍କା ରହିଛି ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ ମାନେ।ସବୁଠୁ ବଡ କଥା ହେଲା ମାସେ ପରେବି ହୋଇ ପାରିଲା ନାହିଁ କାର୍ଯ୍ୟାନୁଷ୍ଠାନ କିମ୍ବା ସ୍ଥାୟୀ ପ୍ରତିକାର। ଏବେ ବିପଦରେ ନଦୀ ବନ୍ଧ। ଏଠି ପ୍ରଶ୍ନ ଉଠେ ଯଦି କିଛି ଅଘଟଣ ଘଟେ ତାହା ହେଲେ କିଏ ଉତ୍ତର ଦାଇ ହେବ।କାହିଁକି ବେଳ ଥାଉ ଥାଉ ମରାମତି କରାଗଲାନାହିଁ। କଣ ନେଡିଗୁଡ଼ କହୁଣିକି ଗଲା ପରେ ସଜାଗ ହେବ ପ୍ରଶାସନ।

# ଟିକିଏ ବର୍ଷାରେ ଓଲାଭର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି



ରାଜକନିକା,୨୮।୭ (ସଂଚାର ବ୍ୟୁରୋ): ଟିକେ ବର୍ଷା ହେଲେ ହିଁ ଜଳମଗ୍ନ ହୋଇଯାଉଛି ଓଲାଭର ମୁଖ୍ୟ ରାସ୍ତା। ଏହି ରାସ୍ତା ଦେଇ ଓଲାଭର ସହ ଆଖପାଖ ପ୍ରାୟ ୧୦ଟି ପଞ୍ଚାୟତର ହଜାର ହଜାର ଲୋକ ବଜାର, ବ୍ଲକ୍, ତହସିଲ୍ ଏବଂ ମେଡିକାଲ୍,ସ୍କୁଲ , କଲେଜ,ଅଙ୍ଗନବାଡ଼ି ଯିବା ଆସିବା କରିଥାନ୍ତି। ହେଲେ ପ୍ରତିବର୍ଷ ବର୍ଷା ଦିନେ ଏହି ରାସ୍ତାରେ ଆଣ୍ଠୁଏ ପାଣି ଜମିଯିବା ଯୋଗୁଁ ଲୋକମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଛାତା ଧରି ପାଦରେ ଚାଲି ଯାଉଥିବା ଲୋକ, ସାଇକେଲ ଠେଲୁଥିବା ବୃଦ୍ଧ ଏବଂ ଗୋରୁ ନେଇ ଯାଉଥିବା ଯୁବକ ସମସ୍ତେ ପାଣି ଭିତରେ ଦେଇ ଯାଉଛନ୍ତି। ଛାତ୍ରଛାତ୍ରୀ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଲୋକଙ୍କ ପାଇଁ ଏହି ରାସ୍ତା ପାର କରିବା ଏକ ବଡ଼ ସମସ୍ୟା ପାଲଟିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ,

### ଦୈନନ୍ଦିନ ଜୀବନ ଅସ୍ତବ୍ୟସ୍ତ

ଏହି ସମସ୍ୟା ନୂଆ ନୁହେଁ। ବର୍ଷ ବର୍ଷ ଧରି ଏପରି ସ୍ଥିତି ଲାଗି ରହିଥିଲେ ମଧ୍ୟ ପ୍ରଶାସନ ଏବଂ ଜନପ୍ରତିନିଧିମାନେ ଏଦିଗରେ କୌଣସି ପଦକ୍ଷେପ ନେଉନାହାଁନ୍ତି। ଆଶ୍ଚର୍ଯ୍ୟର କଥା ହେଲା, ସରପଞ୍ଚ,ବିଡିଓ ମଧ୍ୟ ଏହି ରାସ୍ତା ଦେଇ ନିୟମିତ ଯାତାୟାତ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ପାଇଁ କୌଣସି ଉଦ୍ୟମ କରୁନାହାଁନ୍ତି।

ଲୋକମାନେ କହୁଛନ୍ତି, "ଆମେ ବାରମ୍ବାର ଦାବି କରୁଛୁ କିନ୍ତୁ କେହି ଶୁଣୁନାହାଁନ୍ତି। ଜରୁରୀ କାମରେ ମେଡିକାଲ୍ ଯିବାକୁ ହେଲେ ମଧ୍ୟ ପାଣି ଭିତରେ ଦେଇ ଯିବାକୁ ପଡୁଛି। ଯଦି ତୁରନ୍ତ ରାସ୍ତାର ଉଚ୍ଚତା ବୃଦ୍ଧି ଏବଂ ଡ୍ରେନେଜ୍ ବ୍ୟବସ୍ଥା କରାନଗଲେ ଆଗାମୀ ଦିନରେ ଆମେ ଆନ୍ଦୋଳନକୁ ବାଧ୍ୟ ହେବୁ।"

ଏନେଇ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଓଲାଭର ମୁଖ୍ୟ ରାସ୍ତାର ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଅଳପୁଆ ଦାମୋଦରପାଟଣା ଗ୍ରାମରୁ ଚୋରି

ପଟ୍ଟାମୁଣ୍ଡାଇ,୨୮।୭(ସଂଚାର ବ୍ୟୁରୋ):ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଂଚାୟତ ଦାମୋଦରପାଟଣା ଗ୍ରାମର କନକଲତା ଦାସଙ୍କ ଘରେ ଏକ ବଡ଼ଧରଣର ଚୋରୀ ହୋଇଛି। ଏ ସମ୍ପର୍କରେ କନକଲତା ଚୌଦକୁଳାଟ ଫାଣ୍ଡିରେ ଲିଖିତ ଏତଲା ଦେଇଛନ୍ତି। ଫାଣ୍ଡିରେ ହୋଇଥିବା ଏତଲା ଅନୁଯାୟୀ ଗୃହକର୍ତ୍ତା କନକଲତା ଗତ ୨୫ତାରିଖ ଦିନ ନିଜ ଝିଅ ଘରକୁ ଯାଇଥିଲେ। ଘରେ ପରିବାରଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସେହି ଦିନ ରାତିରେ କେତେକ ଦୁର୍ବୃତ୍ତ ଘର ଗ୍ରିଲ ଓ କବାଟ ଭାଙ୍ଗି ଘର ଭିତରେ ପ୍ରବେଶ କରି ୮୫ହଜାର ଟଙ୍କା, ୩୦ଗ୍ରାମ ଓଜନର ୩ଟି ସୁନା ହାର, ୩୫ଗ୍ରାମର ସୁନା ରାଣୀ ହାର, ୫୦ଗ୍ରାମ ଓଜନର ସୁନାହାର, ୪ଟି ସୁନା ମୁଦି, ୪ଟି ସୁନା ଶଙ୍ଖା,୩ହଳ ସୁନା କାନଫୁଲ ୩ଟି ସୁନା ମଙ୍ଗଳସୂତ୍ର, ରୁପା ମୁଦି ପାଉଁଜି ପଟି ସହିତ ଟିଭି ଓ ପାଣି ପମ୍ପ ଚୋରୀ କରି ନେଇଥିବା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପୁଲିସ ଏ ସମ୍ପର୍କରେ ଏକ ମୋକଦମା ରୁଜୁ କରି ଏହି ଚୋରୀ ଘଟଣାର ତଦନ୍ତ ଚଳାଇଛି।

## କରିଲୋପାଟଣା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ



କେନ୍ଦ୍ରାପଡ଼ା,୨୮।୭ (ସଂଚାର ବ୍ୟୁରୋ): କରିଲୋପାଟଣା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ସୁବ୍ରତ ନାୟକ ଯୋଗଦେଇଛନ୍ତି।ନୂତନ ଅଧ୍ୟକ୍ଷ ପ୍ରଫେସର ନାୟକଙ୍କୁ ଉତ୍ସୋସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜର ପ୍ରତିଷ୍ଠାତା ସମାଜସେବୀ କେଦାରନାଥ ସାମନ୍ତରାୟଙ୍କ ନେତୃତ୍ୱରେ କରିଲୋପାଟଣା ଗ୍ରାମପାୟତର ପ୍ରତିନିଧି ଅନ୍ନଦା ପ୍ରସାଦ ତ୍ରିପାଠୀ, ପୂର୍ବତନ ସରପ ସୁକାନ୍ତ ସାହୁ, ସମାଜସେବୀ ଦେବେନ୍ଦ୍ର କୁମାର ଦାସ, ଯୁବ ସମାଜସେବୀ ତପନ କୁମାର ରାଉତ, ସଞ୍ଜିବ ମଙ୍ଗରାଜ, ନିରଞ୍ଜନ ସାମଲ, ପ୍ରି ଦାସ ପ୍ରମୁଖ ବହୁ ଶୁଭେଚ୍ଛୁ ନୂତନ ଅଧ୍ୟକ୍ଷ ପ୍ରଫେସର ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିସହିତ ମହାବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ଓ ଶିକ୍ଷାଦାନ କ୍ଷେତ୍ରରେ ଗୁରୁତ୍ୱାରୋପ କରିବାକୁ ଅଧ୍ୟକ୍ଷଙ୍କୁ ନିବେଦନ କରିଥିଲେ। କଲେଜର ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ଅଧ୍ୟକ୍ଷ ଅଗ୍ରାଧିକାର ଦେବେ ବୋଲି ପ୍ରତିଶ୍ରୃତି ଦେଇଥିଲେ।

## ମହିୟସୀ ମହିଳାଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୨୮।୭ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ଗ୍ରାମର ବିଶିଷ୍ଟ ସମାଜସେବୀ ଦିବଂଗତ ମଧୁସୂଦନ ବେହୁରାଙ୍କ ଧର୍ମପତ୍ନୀ ମହୀୟସୀ ମହିଳା ପାର୍ବତୀ ବେହୁରା (୮୮)ଙ୍କର ଭୁବନେଶ୍ୱର ରେ ପରଲୋକ ହୋଇଯାଇଛି। ଆଜି ପ୍ରତ୍ୟୁଷରେ ତାଙ୍କର ପାର୍ଥିବ ଶରୀର ଗାଁରେ ପହଞ୍ଚିବା ପରେ ପୂର୍ବତନ ବିଧାୟକ କିଶୋର ତରାଇ, ସରପଞ୍ଚ ଅଜିତ ନାୟକ, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ପରିଡା, କୃଷକନେତା ଅଜୟ ଜେନା, ସ୍କୁଲ ପରିଚାଳନା କମିଟିର ସଭାପତି ସୌମେନ୍ଦ୍ର ନାୟକ, ଅଭୟ ଜେନା, ଶିକ୍ଷାବିତ ଜୟଦେବ ବେହୁରା, ସାମ୍ବାଦିକ ଚିତ୍ତ ରଞ୍ଜନ ମଲ୍ଲିକ,ଦିଲ୍ଲୀପ ସାହୁ ମନୋରଞ୍ଜନ ମଲ୍ଲିକ ଜୟଦେବ ସାହୁ, ଜଗନ୍ନାଥ ପରିଡା,ଅମୁଲ୍ୟ ସାହୁ ଗଣେଶ ସ୍ୱାଇଁ ପ୍ରମୁଖ ବହୁ ମାନ୍ୟଗଣ୍ୟ ଶେଷଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ମନ୍ମଥ ବେହୁରା ମୁଖାଗ୍ନି ଦେଇଥିଲେ।

## ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ



ବାରିପଦା,୨୮।୭ (ସଂଚାର ବ୍ୟୁରୋ): ଆଜି ମଙ୍ଗଳବାର ଏକ ହତ୍ୟା ମାମଲାର ବିଚାରକରି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ(ଦ୍ୱିତୀୟ) ସୁମନ କୁମାର ମିଶ୍ର ଅଭିଯୁକ୍ତ ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ ସାଲୁଗଡିଆ(ତାମୁଡା) ଗ୍ରାମର ଝୁନ ମୁର୍ମୁ (୪୫) କୁ ଭାରତୀୟ ନ୍ୟାୟ ସଂହିତା ଦଫା ୩୦୨ରେ ଆଜୀବନ ସଶ୍ରମ କାରାଦଣ୍ଡ ସମେତ ଦୁଇ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଛଅ ମାସ ସଶ୍ରମ କାରାଦଣ୍ଡ ଏବଂ ଦଫା ୨୯୧ରେ ପାଞ୍ଚ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଏକ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାର ବିବରାଣୀରୁ ପ୍ରକାଶ ଯେ ୩.୨.୨୦୧୭ ସନ୍ଧ୍ୟା ସମୟରେ ଅଭିଯୁକ୍ତ ଝୁନ ମୁର୍ମୁ ତାଙ୍କ ଘରକୁ ଆସି ପରେଶଙ୍କୁ ଖୋଜିଥିଲା। ସ୍ତ୍ରୀ ବୁଧନୀ ତାକୁ ତାଙ୍କ ସ୍ୱାମୀ ପୂଜା ପାଖରେ ଅଛନ୍ତି ବୋଲି କହିବାରୁ ସିଏ ସେଠାକୁ ଯାଇ ପରେଶକୁ ଗ୍ରାମର ଶିବ ମନ୍ଦିର ମିଟିଙ୍ଗ ଖାତା ମାଗିଥିଲା। ପରେଶ ତାକୁ ଖାତା ନଦେଇ ସାଙ୍ଗରେ ରାତ୍ରୀ ପାଖା ପାଖି ଆଠଟା ସମୟରେ ଦୁହେଁ ଶିବ ମନ୍ଦିରର ପୂଜକ ବାଦ୍ର ମୁର୍ମୁ ପାଖକୁ ଯାଇଥିଲେ। ଉକ୍ତ ରାତ୍ରୀର ପରେଶ ଆଉ ଘରକୁ ଫେରିନଥିଲେ। ସକାଳୁ ପରେଶ ଗ୍ରାମ ମୁଣ୍ଡରେ ଏକ ବିଲ ଭିତରେ ମରିପଡିଥିବା ଦେଖିବାକୁ ମିଳିଥିଲା। ଏ ବାବଦରେ ସ୍ତ୍ରୀ ବୁଧନୀ ନାଏକଙ୍କ ଅଭିଯୋଗ ମୁତାବକ କୁଳିଅଣା ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଝୁନ ମୁର୍ମୁକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା।

# ମାଲକାନଗିରିରେ ଏସଆଇଆର ସମୀକ୍ଷା



ମାଲକାନଗିରି,୨୮।୭ (ସଂଚାର ବ୍ୟୁରୋ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅଧୀନରେ ନୋଟିସ୍ ଏବଂ ଶୁଣାଣି ପର୍ଯ୍ୟାୟର ସମୀକ୍ଷା ପାଇଁ ସରକାରଙ୍କ ଉପସଚିବ ଜିତେନ୍ଦ୍ର କୁମାର ପାତ୍ର ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ଏହି ଗସ୍ତକାଳରେ ସେ ଜିଲ୍ଲାର କ୍ଷେତ୍ର ସ୍ତରୀୟ କାର୍ଯ୍ୟକଳାପର ଉଚ୍ଚସ୍ତରୀୟ ଅନୁଧ୍ୟାନ କରିବା ସହ ଏସ ଆଇଆର ପ୍ରକ୍ରିୟାରେ ନିୟୋଜିତ କର୍ମଚାରୀମାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ବିଶେଷ କରି ଜିଲ୍ଲାରେ ନୋଟିସ୍ ପ୍ରସ୍ତୁତି, ବଣ୍ଟନ, ଶୁଣାଣି ଏବଂ ବିଭିନ୍ନ ମାମଲା ଗୁଡ଼ିକର ତ୍ୱରିତ ନିଷ୍ପତ୍ତିର ଅଗ୍ରଗତି ନେଇ ସେ ମାଲକାନଗିରି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ବ୍ୟାପକ ଆଲୋଚନା କରିଛନ୍ତି। ଏହା ସହିତ ସେ ଜିଲ୍ଲାର ମନୋନୀତ ଏଇଆରଓ କାର୍ଯ୍ୟାଳୟ ଗୁଡ଼ିକ ପରିଦର୍ଶନ କରି ନୋଟିସ୍ ଏବଂ ଶୁଣାଣି ପର୍ଯ୍ୟାୟର ଅନୁଧ୍ୟାନ କରିବା ସହ ସେଠାରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ , ସୁପରଭାଇଜର ଏବଂ ଅନ୍ୟାନ୍ୟ ନିର୍ବାଚନ କର୍ମଚାରୀମାନଙ୍କ ସହ ଏସଆଇଆର ପ୍ରକ୍ରିୟାର ସଫଳ ତଥା ସ୍ୱଚ୍ଛ କାର୍ଯ୍ୟକାରିତା ସମ୍ପର୍କରେ ପ୍ରତ୍ୟକ୍ଷ ସମୀକ୍ଷା କରିଛନ୍ତି।

ଏହି କ୍ରମରେ ଉପସଚିବ ଶ୍ରୀ ପାତ୍ର ଖଇରପୁଟ ତହସିଲ କାର୍ଯ୍ୟାଳୟ ଗସ୍ତ କରି ଏସଆଇଆର-୨୦୨୬ ଅଧୀନରେ ଚାଲିଥିବା ଦାବି ଓ ଆପତ୍ତି ନୋଟିସ୍ର ଶୁଣାଣି ପ୍ରକ୍ରିୟାର କ୍ଷେତ୍ର ସ୍ଥିତି ନିରୀକ୍ଷଣ କରିଛନ୍ତି। ଏହି ପରିଦର୍ଶନ ସମୟରେ ୧୪୬-ମାଲକାନଗିରି ବିଧାନସଭା ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ, ଖଇରପୁଟର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଖଇରପୁଟର ଏଇଆରଓ ତଥା ତହସିଲଦାର ତାଙ୍କ ସହ ଉପସ୍ଥିତ ରହି ପ୍ରକ୍ରିୟା ସମ୍ପର୍କିତ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ଉପସଚିବ ସ୍ଥାନୀୟ ମୁଦୁଲିପଡ଼ା ଅଞ୍ଚଳ ଗସ୍ତ କରି ସେଠାକାର ଭୋଟରମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି।

## ପିଲାମାନଙ୍କ ଜୀବନ ସହିତ ଖେଳ

# ଲଗାଣ ବର୍ଷାରେ ପକାଇଲେ ଛାତ୍ରାବାସର ଛାତ



ବାଲିଆପାଳ, ୨୮।୭ (ସଂଚାର ବ୍ୟୁରୋ): ଲଗାଣ ବର୍ଷାରେ ଛାତ୍ରାବାସରେ ପକାଇଲେ କଂକ୍ରିଟ ଛାତ, ଶେଷରେ ଛାତରେ ଉପରକୁ ମୁଣ୍ଡ ଟେକି ଛିଡା ହେଲା ମେଟାଲ, ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ପଂଚାୟତ ଅଧିନସ୍ଥ ଲକ୍ଷ୍ମଣନାଥ ହାଇସ୍କୁଲ ଛାତ୍ରାବାସରେ।

ସୂଚନା ଅନୁଯାୟୀ ଜଳେଶ୍ୱର ପଂଚାୟତ ସମିତି ପକ୍ଷରୁ ୧୦ ଲକ୍ଷ ବ୍ୟୟ ଅଟକଳରେ ୨୦୨୫ /୨୬ ମସିହାରେ ଲକ୍ଷ୍ମଣନାଥ ହାଇସ୍କୁଲର ଛାତ୍ରାବାସ ନିର୍ମାଣ ପାଇଁ ମନମ୍ମଥ ସିଂ ନାମକ ଠିକାଦାରଙ୍କ ନାମରେ କାର୍ଯ୍ୟାଦେଶ ଥିଲା ବେଳେ ବିଭାଗୀୟ ଜେଇ ନିରଞ୍ଜନ ବିଶ୍ୱାଳଙ୍କୁ ଏହାର ତଦାରଖ ଭାର ଦିଆଯାଇଛି, ତେବେ ଦୀର୍ଘ ତିନି ଦିନ ଧରି ଜଳେଶ୍ୱର ଅଂଚଳରେ ଲଗାଣ ଲଘୁଚାପ ବର୍ଷା ଲାଗି ରହିଥିଲା ଗତ ସୋମବାର ଦିନ ତମାମ ପ୍ରବଳ ବର୍ଷା ହୋଇଥିଲା। ତେବେ ଏହି ବର୍ଷାକୁ ଖାତିର ନ କରି ବିଭାଗୀୟ ଜେଇ ଓ ଠିକାଦାର ଛାତ୍ରମାନଙ୍କ ଜୀବନକୁ ବାଜିରେ ଲଗେଇ ଉକ୍ତ ଛାତ୍ରାବାସର ଛାତର ଢ଼ଳେଇ ପକେଇ ଥିବା ଦେଖିବାକୁ ମିଳିଥିଲା।

ପ୍ରବଳ ବର୍ଷା ଯୋଗୁଁ କଂକ୍ରିଟ ଛାତ ଉପରେ ମେଟାଲ ସବୁ ଉପରକୁ ମୁଣ୍ଡ ଟେକି ଛିଡା ହୋଇଥିବା ବେଳେ ଅନେକ ଜାଗାରେ ସିମେଣ୍ଟ, ବାଲି ଧୋଇ ହୋଇ ଯାଇଥିବା ଦେଖିବାକୁ ମିଳିଛି। ତେବେ କାହା ସ୍ୱାର୍ଥରେ ପ୍ରବଳ ବର୍ଷାକୁ ଖାତିର ନ କରି ବିଭାଗୀୟ ଯନ୍ତ୍ରୀ ଛାତ୍ରାବାସର ଢ଼ଳେଇ ପକେଇବାକୁ ନିର୍ଦ୍ଦେଶ ଦେଲେ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ସାଜିଥିଲା ବେଳେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

## ମଙ୍ଗଳା ମନ୍ଦିରରୁ ଚୋରି, ଥାନାରେ ଅଭିଯୋଗ

ନୀଳଗିରି,୨୮।୭ (ସଂଚାର ବ୍ୟୁରୋ): ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ନୀଳଗିରି ରଥ ଦାଣ୍ଡରେ ଥିବା ମଙ୍ଗଳା ମନ୍ଦିରରୁ ଚୋରି କରିଥିବା ଜଣାପଡ଼ିଛି। ଗତକାଲି ପ୍ରବଳ ବର୍ଷାର ସୁଯୋଗ ନେଇ ଚୋରମାନେ ମୁଖ୍ୟ ଗେଟର ତାଲା ଭାଙ୍ଗିବା ପରେ ମୁଖ୍ୟ କବାଟକୁ ତାଡି ମନ୍ଦିର ଭିତରେ ପ୍ରବେଶ କରି ମା'ଙ୍କର ୩ଟି ରୂପା ମୁକୁଟ, ୭ଟି ରୂପା ହାର ଚୋରି କରି ନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି।



## ନୂତନ ଏନଏସି ଅଧ୍ୟକ୍ଷ ପଦବୀ ବିଜ୍ଞପ୍ତି

# ସରକାରଙ୍କୁ ପ୍ରସ୍ତାବ ଦେଲେ ବୁଦ୍ଧିଜୀବୀ



ବୋରିଗୁମ୍ମା,୨୮।୭ (ସଂଚାର ବ୍ୟୁରୋ): ବୋରିଗୁମ୍ମା ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପଦବୀ ଅଣ ସଂରକ୍ଷଣ କରିବା ପାଇଁ ବୋରିଗୁମ୍ମା ବୁଦ୍ଧିଜୀବି ତରଫରୁ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଛି। ଆଜି ବୋରିଗୁମ୍ମା ନୂତନ ଏନଏସି ୨୦ ଜଣିଆ ବୁଦ୍ଧିଜୀବୀ ପ୍ରତିନିଧି ମଣ୍ଡଳୀ କୋରାପୁଟ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ପ୍ରସ୍ତାବିତ ପତ୍ର ଅତିରିକ୍ତ ଜିଲ୍ଲାପାଳ ତପନ ନାୟକଙ୍କୁ ପ୍ରଦାନ କରାଯାଇଛି। ପ୍ରସ୍ତାବିତ ପତ୍ରରେ ଦର୍ଶା ଯାଇଛି କି ଗତ ୨୦୦୨ ମସିହା ଠାରୁ ପଂଚାୟତ ର ସରପଞ୍ଚ ,ସମିତି ସଭ୍ୟ ସମେତ ବ୍ଲକ ଅଧ୍ୟକ୍ଷ ଆସନ ସଂରକ୍ଷଣ ରହିଛି। ଯଦ୍ଦ୍ୱାରା ଦୀର୍ଘ ୨୫ ବର୍ଷ ହେବ ସାଧାରଣ ବର୍ଗ ଏବଂ ପଛୁଆ ବର୍ଗ ଶ୍ରେଣୀର ଲୋକେ ରାଜନୀତିରେ ରୁଚି ରଖୁଥିଲେ ବି ଆସନ ସଂରକ୍ଷଣ କାରଣରୁ ପ୍ରତକ୍ଷ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହେଉଛନ୍ତି।

ଦୀର୍ଘ ବର୍ଷ ଧରି ଚୋରିଗୁମ୍ମାର ବିକାଶ ପାଇଁ ଏନଏସି ମାନ୍ୟତା ପ୍ରଦାନ ପାଇଁ ବିଭିନ୍ନ ସଂଗଠନ ତରଫରୁ ବନ୍ଦ ପାଳନ, ଆନ୍ଦୋଳନ, ହୋଇଥିବା ବେଳେ ଶେଷରେ ବିଳମ୍ବରେ ହେଲେବି ବୋରିଗୁମ୍ମାକୁ ଏନଏସି ମାନ୍ୟତା ମିଳିଲା। ୧୪୦୦୦ ଜନ ସଂଖ୍ୟା ବିଶିଷ୍ଟ ବୋରିଗୁମ୍ମା ନୂତନ ଏନଏସିକୁ ୱାର୍ଡ ପୁନର୍ଗଠନ କରାଯାଇ ୧୪ ଗୋଟି ୱାର୍ଡରେ ବିଭକ୍ତ ସହ ସେମାନଙ୍କ ଆସନ ସଂରକ୍ଷଣ ରହିଛି। କିନ୍ତୁ ଚଳିତ ଜୁଲାଇ ମାସ ୧୫ ତାରିଖ ଦିନ ବୋରିଗୁମ୍ମା ଏନଏସି ଅଧ୍ୟକ୍ଷ ପଦବୀ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷଣ ନେଇ ସରକାରୀ ସ୍ତରରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରଙ୍କ ଏହି ବିଜ୍ଞପ୍ତି ବୋରିଗୁମ୍ମାର ବିଭିନ୍ନ ସଂଗଠନକୁ ଚକିତ କରିଛି। ବୋରିଗୁମ୍ମା ନୂତନ ଏନଏସିର ଜନସଂଖ୍ୟା ତାଲିକାରେ ସାଧାରଣ ବର୍ଗର ଲୋକଙ୍କ ସଂଖ୍ୟା ଅଧିକ ରହିଛି। ବୋରିଗୁମ୍ମା ନୂତନ ଏନଏସି ରେ ପ୍ରଥମ ନିର୍ବାଚନ ହେବାକୁ ଥିବା ବେଳେ ଏନଏସି ଅଧ୍ୟକ୍ଷ ପଦକୁ ସଂରକ୍ଷଣ ବଦଳରେ ଅଣସଂରକ୍ଷଣ କରିବା ପାଇଁ ସରକାରଙ୍କୁ ନିବେଦନ କରାଯାଉଛି।

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା

# ଦେଶର ପ୍ରାୟ ୮୦ କୋଟି ଉପକୃତ, ଓଡ଼ିଶାରୁ ୩.୨୧ କୋଟି



## ସାଂସଦ ଦିଲ୍ଲୀପ ରାୟଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ସୂଚନା

ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଏବେ ଦେଶର ପ୍ରାୟ ୮୦ କୋଟି ଲୋକ ଉପକୃତ ହେଉଛନ୍ତି ଏବଂ ଏଥିଲାଗି ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଖାଦ୍ୟ ସବସିଡି ବାବଦରେ ୨,୨୭,୭୩୯ କୋଟି ୯୬ ଲକ୍ଷ ଟଙ୍କା ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରୁଛନ୍ତି। ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଖାଉଟି କଲ୍ୟାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ନିମୁ ବେନ୍ ଜୟନ୍ତୀଭାଇ ବାମ୍ଭାନିଆ ଏହି ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ କୋଭିଡ ପରେ ଦେଶରେ ଆର୍ଥିକ ବ୍ୟବସ୍ଥା ଖରାପ ହୋଇଯାଇଥିବା ବେଳେ ଗରିବ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ୨୦୨୦ ଏପ୍ରିଲରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଆରମ୍ଭ କରିଥିଲେ। ଗତ ଆର୍ଥିକ ବର୍ଷରେ ଏଥିପାଇଁ ୨ ଲକ୍ଷ ୨୭ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ କେନ୍ଦ୍ର ସରକାରଙ୍କୁ ବହନ କରିବାକୁ ପଡ଼ିଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କିଲୋ ଲେଖାଏଁ ଚାଉଳ ବା ଗହମ ମାଗଣାରେ ଦିଆଯାଉଛି। ଏହାଛଡ଼ା ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୪୬ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଖାଦ୍ୟ ଶସ୍ୟ ମଧ୍ୟ ମୁଣ୍ଡପିଛା ୩୫ କିଲୋ ହିସାବରେ ହିତାଧିକାରୀମାନଙ୍କୁ ଦିଆଯାଉଛି। ଶ୍ରୀ ରାୟଙ୍କ ପ୍ରଶ୍ନର ଉତ୍ତରରେ ସରକାରଙ୍କ ପକ୍ଷରୁ ଯେଉଁ ତଥ୍ୟ ଦିଆଯାଇଛି ସେଥିରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶାରେ ୩,୨୧,୯୩,୦୫୯ ଜଣ ଉପକୃତ ହେଉଥିବା ବେଳେ ପଶ୍ଚିମବଙ୍ଗରେ ୬ କୋଟିରୁ ଅଧିକ, ଉତ୍ତରପ୍ରଦେଶରେ ୧୪ କୋଟିରୁ ଅଧିକ, ତେଲେଙ୍ଗାନାରେ ପାଖାପାଖି ୨ କୋଟି, ତାମିଲନାଡୁରେ ସାଢ଼େ ୩ କୋଟିରୁ ଅଧିକ, ରାଜସ୍ଥାନରେ ୪ କୋଟିରୁ ଅଧିକ, ପଞ୍ଜାବରେ ପାଖାପାଖି ଦେଢ଼ କୋଟି, ମହାରାଷ୍ଟ୍ରରେ ୬ କୋଟିରୁ ଅଧିକ, ମଧ୍ୟପ୍ରଦେଶରେ ୫ କୋଟିରୁ ଅଧିକ, କର୍ଣ୍ଣାଟକରେ ୪ କୋଟିରୁ ଅଧିକ, ଗୁଜରାଟରେ ୩ କୋଟିରୁ ଅଧିକ, ବିହାରରେ ୮ କୋଟିରୁ ଅଧିକ, ଆସାମ ଓ ଆନ୍ଧ୍ରପ୍ରଦେଶରେ ୨ କୋଟିରୁ ଅଧିକ କରି ଲୋକ ଉପକୃତ ହେଉଛନ୍ତି। ସେହିପରି ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଓଡ଼ିଶାକୁ ବାର୍ଷିକ ୧ ଲକ୍ଷ ୮୭ ହଜାର ଟନ୍ ଖାଦ୍ୟଶସ୍ୟ ମିଳୁଥିବା ବେଳେ ଉତ୍ତର ପ୍ରଦେଶକୁ ୮ ଲକ୍ଷ, ପଶ୍ଚିମବଙ୍ଗକୁ ୩ ଲକ୍ଷ, ତାମିଲନାଡୁକୁ ୩ ଲକ୍ଷ, ରାଜସ୍ଥାନ ୨ ଲକ୍ଷ, ମହାରାଷ୍ଟ୍ର ୩ ଲକ୍ଷ, ବିହାର ସାଢ଼େ ୪ ଲକ୍ଷ ମେଟ୍ରିକ ଟନରୁ ଅଧିକ ଖାଦ୍ୟଶସ୍ୟ ପାଉଛନ୍ତି। ତେବେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ଅନ୍ତ୍ୟୋଦୟ ଯୋଜନାରେ ଅନ୍ୟ ବହୁ ରାଜ୍ୟ ପରି ଓଡ଼ିଶାକୁ ଚାଉଳ ସହ ଗହମ ଯୋଗାଇବା ପାଇଁ ଶ୍ରୀ ରାୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ କେତେକ ଲୋକଙ୍କୁ ଭାତ ଖାଇବା ଉପରେ ପ୍ରତିବନ୍ଧକ ଥିବା ଦୃଷ୍ଟିରୁ ସେମାନଙ୍କ ଲାଗି ଗହମ ବ୍ୟବସ୍ଥା କରାଗଲେ ଲୋକେ ବେଶୀ ସଂଖ୍ୟାରେ ଉପକୃତ ହେବେ ବୋଲି ସେ କହିଛନ୍ତି।

ସାପୁଆ ନଦୀରେ ତୃତୀୟ ବନ୍ୟା

# ଧାନ ଓ ପରିବା ଚାଷ କ୍ଷତିଗ୍ରସ୍ତ

କଟକ,୨୮।୭(ସଂଚାର ବ୍ୟୁରୋ): ରାଜ୍ୟରେ ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ ଆଠଗଡ଼ରେ ୧୫ଦିନ ମଧ୍ୟରେ ସାପୁଆ ନଦୀରେ ତୃତୀୟଥର ପାଇଁ ବନ୍ୟା ପରିସ୍ଥିତି ଦେଖାଦେଇଛି। ମଙ୍ଗଳବାର ସାପୁଆ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ୩ନଂ ୱାର୍ଡ ଭାଗୀରଥି ସାଗର ନିକଟରେ ସୃଷ୍ଟି



ହୋଇଥିବା ଘାଇ ଅଧିକ ପ୍ରଶସ୍ତ ହୋଇଛି। ଫଳରେ ଆଠଗଡ଼ ଏନ୍ଏସି କଣ୍ଟ୍ରୋଲ ଅଞ୍ଚଳର ବହୁ ଚାଷଜମି ଜଳମଗ୍ନ ହୋଇଛି। ସେହିପରି ପୁରୁଣା କଟକ-ସମ୍ବଲପୁର ରାସ୍ତା ନିକଟରେ ୫ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗାଡ଼ି ଚଳାଚଳ ଠପ୍ ହୋଇଯାଇଛି। ଅନ୍ୟପଟେ, ମହାନଦୀରେ

**ଉପଜିଲ୍ଲାପାଳଙ୍କ ବନ୍ୟା ସ୍ଥିତି ସମୀକ୍ଷା**

ଜଳସ୍ତର ବୃଦ୍ଧି ପାଇ ମୁଣ୍ଡଳୀଠାରେ ୭ ଲକ୍ଷ କ୍ୟୁସେକ୍‌ରୁ ଊର୍ଦ୍ଧ୍ୱ ଜଳ ପ୍ରବାହିତ ହେଉଥିବାରୁ ମୁଣ୍ଡଳୀ ବ୍ୟାରେଜ ତଳେ ଥିବା ସାପୁଆ ନଦୀରୁ ମହାନଦୀକୁ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଦହିବରା, ମାନପୁର, ବେଣ୍ଟପଡ଼ା, ତଇଳାମାଳ, ହଂସଭୁଇଁ, ରାଜଚକ, ମେଘା, କଟକିଆସାହି ଅଞ୍ଚଳର ବ୍ୟାପକ ଚାଷଜମି ଜଳମଗ୍ନ ହୋଇଛି। ମାତ୍ରାଧିକ ବର୍ଷା ସାଙ୍ଗକୁ ସାପୁଆ ନଦୀରେ କ୍ରମାଗତ ବନ୍ୟା ହେତୁ ଧାନଚାଷ ଓ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଋଣକରି ଚାଷ କରିଥିବା ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ହେଲେ ଆଠଗଡ଼ କୃଷି ବିଭାଗୀୟ ଅଧିକାରୀଙ୍କ ଦେଖାନାହାନ୍ତି। ତେବେ ଆଠଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ଅଭୟ କୁମାର ବାରିକ ଏ ପ୍ରସଙ୍ଗରେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ କୁମାର ରାଉତଙ୍କୁ ଭେଟିଥିବା ବେଳେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ଼ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ବନ୍ୟା ମୁକାବିଲା ସ୍ଥିତି ନେଇ ସମୀକ୍ଷା ଆରମ୍ଭ କରିଛନ୍ତି। ଉକ୍ତ ବୈଠକରେ ଉପ-ଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ସମେତ ସହକାରୀ ଉପ-ଜିଲ୍ଲାପାଳ ପ୍ରଭୁଦତ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଛନ୍ତି।

## ଟ୍ରକ୍‌କୁ ପିଟିଲା ବସ୍, ୧୦ ଆହତ

ଗୁରୁତର ୪ ଯାତ୍ରୀଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର



କଟକ,୨୮।୭(ସଂଚାର ବ୍ୟୁରୋ): କଟକ ଜିଲ୍ଲା ଟାଙ୍ଗୀ ଥାନା ୧୬ ନଂ ଜାତୀୟ ରାଜପଥ ପଶୁପତିଗଡ଼ା ନିକଟରେ ଶ୍ରୀବରାହଲକ୍ଷ୍ମୀ ନାମକ ଏକ ଘରୋଇ ବସ୍ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ନେଇ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ବେଳେ ରାସ୍ତା ପାରି ହେଉଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଛି। ଫଳରେ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଅଛି। ସ୍ଥାନୀୟ ଲୋକେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ଦୁର୍ଘଟଣା ଯୋଗୁ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାଜପଥ ପୁଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲା।

## ସତ୍ୟନଗର ଲେଡିଜ୍ ଫୋରମ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର,୨୮।୭ (ସଂଚାର ବ୍ୟୁରୋ): ଆଜି ସତ୍ୟନଗର ଲେଡିଜ୍ ଫୋରମ୍ ପକ୍ଷରୁ ୱାର୍ଡ ନମ୍ବର-୫୨, ଭୀମପୁର ନୂଆ ୱାର୍ଡ ଅଫିସ୍‌ଠାରେ ଏକ ବୃହତ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଆପୋଲୋ ହସ୍ପିଟାଲ୍ ଓ ମଣିପାଲ୍ ହସ୍ପିଟାଲ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ମହିଳାଙ୍କ ପାଇଁ ହେମୋଗ୍ଲୋବିନ୍ ପରୀକ୍ଷା, ସିବିସି, ଆଖି ପରୀକ୍ଷା ଓ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ସ୍ଥାନୀୟ ଲୋକେ ଯୋଗଦେଇ ମାଗଣା ସ୍ୱାସ୍ଥ୍ୟ ସେବାର ଲାଭ ଉଠାଇଛନ୍ତି। କାର୍ଯ୍ୟକ୍ରମକୁ ସତ୍ୟନଗର ଲେଡିଜ୍ ଫୋରମ୍‌ର ସମ୍ପାଦିକା ଅନୁରାଧା ଦାଶ ପରିଚାଳନା କରିଥିଲେ। ଶିବିରରେ ଫୋରମ୍‌ର ସଭ୍ୟା ଦୀପ୍ତି ବେହେରା, କିରଣବାଳା ମିଶ୍ର ଓ ଜ୍ୟୋତିର୍ମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କ୍ଷେତ୍ରରେ ସ୍ଥାନୀୟ ପ୍ରତିନିଧି ଭାବେ ସ୍ନେହାଶ୍ରୀ ମହାନ୍ତି, ନଳିନୀ ମିଶ୍ର, ମନୋଜ ପାତ୍ର, କର୍ପୋରେଟର୍ ଶ୍ରୀଧର ବେହେରା ଓ ପଞ୍ଚାନନ ସାହୁ ସହଯୋଗର ହାତ ବଢ଼ାଇଥିଲେ।

## ସମ୍ବଲପୁର ସ୍ୱାସ୍ଥ୍ୟ ସେବାର ସମୀକ୍ଷା

ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲାର ୨୬ଟି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିବା ରାଜ୍ୟ ପର୍ଯ୍ୟବେକ୍ଷଣ ଟିମର ରିପୋର୍ଟକୁ ଆଧାର କରି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶକ ଡ ବୃନ୍ଦା ଡି ଓ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସମେତ ରାଜ୍ୟ ପର୍ଯ୍ୟବେକ୍ଷଣ ଟିମ୍ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଯନ୍ତ୍ରପାତି ଓ ଜରୁରୀ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସନ୍ତୋଷଜନକ ଭାବେ ଉପଲବ୍ଧ ଥିବା ବେଳେ ଆବଶ୍ୟକ ପର୍ଯ୍ୟବେକ୍ଷଣ, କ୍ଲିନିକାଲ୍ ପ୍ରାକ୍ଟିସ ଓ ଅନୁଧ୍ୟାନ ସମୟରେ ରହିଥିବା ତ୍ରୁଟିଗୁଡ଼ିକ ସୁଧାର ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କେତେକ କ୍ଷେତ୍ର ଚିହ୍ନଟ କରାଯାଇଛି, ଯେଉଁଥିରେ ହାଇ ରିସ୍କ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରିବା ଓ ସେମାନଙ୍କର ନିୟମିତ ସ୍ୱାସ୍ଥ୍ୟ ଅନୁଧ୍ୟାନ କରିବା, ସଂକ୍ରମଣ ପ୍ରତିରୋଧ ଓ ଷ୍ଟେରଲାଇଜେସନ ବ୍ୟବସ୍ଥାରେ ଉନ୍ନତି ଆଣିବା, ଜରୁରୀକାଳୀନ ଔଷଧଗୁଡ଼ିକର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା, ଯନ୍ତ୍ରପାତିଗୁଡ଼ିକର ରକ୍ଷଣାବେକ୍ଷଣ, ମାନବ ସମ୍ବଳ ତଥା ପ୍ରଶିକ୍ଷଣଗତ ତ୍ରୁଟିଗୁଡ଼ିକର ସମାଧାନ କରିବା ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା କରାଯାଇଛି।



ମହାନଦୀରେ ବନ୍ୟାଜଳ, ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ଜାରି

# ଆସନ୍ତାକାଲି ରାତି ସୁଦ୍ଧା ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ଆଶଙ୍କା

କଟକ,୨୮।୭ (ସଂଚାର ବ୍ୟୁରୋ): ଉପରମୁଣ୍ଡରେ ଲଗାଣ ବର୍ଷା ଓ ମହାନଦୀରେ ବନ୍ୟାଜଳ ପ୍ରବାହ ଯୋଗୁଁ ମୁଣ୍ଡଳୀ ବ୍ୟାରେଜ୍‌ରେ ଜଳସ୍ତର ଦ୍ରୁତଗତିରେ ବୃଦ୍ଧି ପାଉଛି। ଆସନ୍ତାକାଲି ରାତି ସୁଦ୍ଧା ଏହା ସର୍ବାଧିକ ସ୍ତରରେ ପହଞ୍ଚିବାର ଆଶଙ୍କା କରାଯାଉଛି। ସାଧାରଣ ଜନତାଙ୍କ ଜୀବନ ସୁରକ୍ଷା ସହ ନିମ୍ନ ଅଞ୍ଚଳରେ ବନ୍ୟା ବିପଦକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଡିଡିଏମଏ)ର ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ର ଧାରା-୩୪ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ କଟକଣା ଜାରି କରିଛନ୍ତି। ଜାରି ହୋଇଥିବା ଆଦେଶ ଅନୁଯାୟୀ, ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ସମସ୍ତ ଘାଟକୁ ସାଧାରଣ ଲୋକଙ୍କ ପ୍ରବେଶ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି। ଗାଧୋଇବା, ପହଁରିବା, ଡଙ୍ଗା ଚଳାଇବା, ସେଲ୍ଫି ନେବା କିମ୍ବା ନଦୀକୂଳ, ବ୍ୟାରେଜ୍ ନିକଟରେ ରହିବା ଉପରେ କଟକଣା ଜାରି କରାଯାଇଛି। ବାଲିଯାତ୍ରା ତଳ ପଡ଼ିଆରେ



ସମସ୍ତ ପ୍ରକାର ଜନସମାଗମ, ସଭା ଓ ଗହଳି ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲାଗୁ କରାଯାଇଛି। ବ୍ୟାରେଜ୍, ସେତୁ କିମ୍ବା ନଦୀବନ୍ଧ ଉପରେ ଠିଆ ହୋଇ ବନ୍ୟାଜଳ ଦେଖିବା, ସେଲ୍ଫି କିମ୍ବା ଭିଡିଓ କରିବାକୁ କଡ଼ାକଡ଼ି ଭାବେ ବାରଣ କରାଯାଇଛି। କେବଳ ଜରୁରୀକାଳୀନ ସେବା ଓ ବନ୍ୟା ପରିଚାଳନା ସହ ଜଡ଼ିତ ଅଧିକାରୀମାନେ ଏହି ସ୍ଥାନଗୁଡ଼ିକୁ ଯାଇପାରିବେ। ନଦୀ କୂଳ, ନିମ୍ନ ଅଞ୍ଚଳ ଓ ନଦୀବନ୍ଧ ନିକଟରେ ଥିବା ସମସ୍ତ ମନ୍ଦିର ଓ ଧାର୍ମିକ ସ୍ଥାନଗୁଡ଼ିକୁ ଭକ୍ତ ଓ ସାଧାରଣ ଲୋକଙ୍କ ପାଇଁ ବନ୍ଦ ରଖାଯିବ। ସେହିପରି ମହାନଦୀ, ଶାଖା ନଦୀ ଓ ସଂଲଗ୍ନ ଜଳାଶୟଗୁଡ଼ିକରେ ସମସ୍ତ ପ୍ରକାର ମତ୍ସ୍ୟ ଧରିବା କାର୍ଯ୍ୟ ଉପରେ ନିଷେଧାଦେଶ ଜାରି କରାଯାଇଛି ଏବଂ ମତ୍ସ୍ୟଜୀବୀମାନଙ୍କୁ ନଦୀକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ନିମ୍ନଅଞ୍ଚଳ ଓ ବନ୍ୟା ପ୍ରବଣ ଅଞ୍ଚଳର ବାସିନ୍ଦା, କୃଷକ ଓ ଦୁଗ୍ଧ ଚାଷୀମାନଙ୍କୁ ସେମାନଙ୍କର ଗୃହପାଳିତ ପଶୁମାନଙ୍କୁ ତୁରନ୍ତ ସୁରକ୍ଷିତ ଉଚ୍ଚ ସ୍ଥାନ କିମ୍ବା ନିର୍ଦ୍ଦିଷ୍ଟ ବନ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ବନ୍ୟାଜଳ ପ୍ରବାହିତ ହେଉଥିବା କୌଣସି ରାସ୍ତା, ସେତୁ କିମ୍ବା କଲଭର୍ଟ ଉପରେ ଯାନବାହନ ଓ ପଦଚାରୀଙ୍କ ଚଳାଚଳ ଉପରେ ମଧ୍ୟ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି।

**ପହଁରିବା, ଡଙ୍ଗା ଚଳାଇବା, ସେଲ୍ଫି ନେବା ଉପରେ କଟକଣା**

## ଧର୍ମେନ୍ଦ୍ରଙ୍କ ବିଫଳତାକୁ ଲୁଚାଇବାକୁ ଅପପ୍ରୟାସ କରାଯାଉଛି: ବିଜେଡି




**ଭାବମୂର୍ତ୍ତି ରକ୍ଷା ଉଦ୍ଦେଶ୍ୟରେ ପ୍ରାୟୋଜିତ ସ୍ୱାଗତ କାର୍ଯ୍ୟକ୍ରମ**

ଭୁବନେଶ୍ୱର,୨୮।୭ (ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ନିକଟରେ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ଆଜିର ଓଡ଼ିଶା ଗସ୍ତ ବେଳେ ତାଙ୍କ ସମର୍ଥକଙ୍କ ଦ୍ୱାରା ତାଙ୍କୁ ଭବ୍ୟ ସ୍ୱାଗତ ପ୍ରଦାନ କରାଯିବାକୁ ନେଇ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ଛାତ୍ରମାନଙ୍କ ଦ୍ୱାରା ହୋଇଥିବା ଆନ୍ଦୋଳନକୁ ସମଗ୍ର ଦେଶରୁ ସମର୍ଥନ ମିଳିଥିଲା। ଫଳରେ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲା ବେଳେ ତାଙ୍କୁ ଭବ୍ୟ ସ୍ୱାଗତ କରିବା କେବଳ ତାଙ୍କ ବିଫଳତାକୁ ଲୁଚାଇବାର ଅପପ୍ରୟାସ ବୋଲି ବିଜେଡି କହିଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଡ ଲେନିନ ମହାନ୍ତି, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଈପ୍ସିତା ସାହୁ ଏହି ସ୍ୱାଗତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ପ୍ରାୟୋଜିତ ବୋଲି ଅଭିହିତ କରିବା ସହ ଧର୍ମେନ୍ଦ୍ରଙ୍କ ବିଫଳତାକୁ ବଖାଣିଥିଲେ। ଡ. ମହାନ୍ତି କହିଥିଲେ ଯେ ଗତ ୫ ବର୍ଷରେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ୩ ଥର ଲିକ୍ ହୋଇଥିବା ବେଳେ ଶତାଧିକ ପ୍ରଶ୍ନପତ୍ର ଲିକ୍ ହୋଇଛି। ଓଡ଼ିଶାରେ ବିଜେପି ସରକାର କ୍ଷମତାସୀନ ହେବା ପରେ ୨୨ଟି ପ୍ରଶ୍ନପତ୍ର ଲିକ୍ ହୋଇସାରିଲାଣି। ଚଳିତ ବର୍ଷ ଅନୁଷ୍ଠିତ ନିଟ୍ ପ୍ରଶ୍ନପତ୍ର ଲିକ୍ ହେବା ପରେ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ପରୀକ୍ଷାର୍ଥୀଙ୍କ ଭିତରୁ ୨୧ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପ୍ରଘଟ ପରେ ଆତ୍ମହତ୍ୟା କରିଥିଲେ। ଏହା ଧର୍ମେନ୍ଦ୍ର ଓ କେନ୍ଦ୍ରରେ ବିଜେପି ସରକାରଙ୍କ ବିଫଳତାକୁ ପଦାରେ ପକାଉଛି।

## ମା’ ଓ ଦିବ୍ୟାଙ୍ଗ ଝିଅର ମୃତଦେହ ଉଦ୍ଧାର

ହତ୍ୟା ସନ୍ଦେହ

ଉଦଳା,୨୮।୭(ସଂଚାର ବ୍ୟୁରୋ): କେନାଲରୁ ଦିବ୍ୟାଙ୍ଗ ଝିଅର ମୃତଦେହ ଉଦ୍ଧାର ହେବା ସହ ଘରୁ ମାଆର ଶବ ମିଳିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ସନ୍ଦେହ କରାଯାଉଥିବା ବେଳେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି। ମୟୂରଭଞ୍ଜ ଉଦଳା ଥାନା ଦିବ୍ୟସିଂପୁର ଗ୍ରାମରେ ଏହି ଚାଞ୍ଚଲ୍ୟକର ଘଟଣା ଘଟିଛି। ମୃତକ ଫୁଲମଣି ହେମ୍ବ୍ରମ ଓ ତାଙ୍କର ଦିବ୍ୟାଙ୍ଗ ନାବାଳିକା ଝିଅ ବୋଲି ଚିହ୍ନଟ କରାଯାଇଛି। ଘର ଭିତରେ ମଶାରୀ ଭିତରେ ଫୁଲମଣିଙ୍କ ମୃତଦେହ ପଡ଼ିଥିବା ବେଳେ ଘର ବାହାର କେନାଲରେ ଦିବ୍ୟାଙ୍ଗ ନାବାଳିକାର ମୃତଦେହ ପଡ଼ିଥିଲା। ମୃତକ ଫୁଲମଣିଙ୍କର ପୂର୍ବରୁ ଜମିବାଡ଼ି ବିବାଦ ରହିଥିଲା। ଏହା ସହ ନିକଟରେ ଗ୍ରାମବାସୀଙ୍କ ସହ ତାଙ୍କର ବିବାଦ ହୋଇଥିଲା। ଆହୁରି ମଧ୍ୟ ଘର ଭିତରେ ଜିନିଷପତ୍ର ଅସଜଡ଼ା ଅବସ୍ଥାରେ ପଡ଼ିଥିବାରୁ ଉଭୟଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଉଦଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ବଢୁଛି ଜଳସ୍ତର, ପ୍ରଭାବିତ ଜିଲ୍ଲାର ସ୍ୱାସ୍ଥ୍ୟ ପରିସ୍ଥିତି ସମୀକ୍ଷା

**ତ୍ୱରିତ ପଦକ୍ଷେପ ନେବାକୁ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀଙ୍କୁ ନିର୍ଦ୍ଦେଶ**



ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ରାଜ୍ୟରେ ଅତ୍ୟଧିକ ବର୍ଷା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଜଳସ୍ତର ବୃଦ୍ଧି ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ପ୍ରସ୍ତୁତି ସମୀକ୍ଷା କରାଯାଇଛି। ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ଆଜି ପ୍ରଭାବିତ ଜିଲ୍ଲାଗୁଡ଼ିକର ପ୍ରସ୍ତୁତି ବ୍ୟବସ୍ଥାର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ସଚିବ ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ଜରୁରୀ ଔଷଧ, ଓଆରଏସ, ବ୍ଲିଚିଂ ପାଉଡର, ହାଲଜେନ ଟାବଲେଟ୍, ସାପକାମୁଡ଼ା ପ୍ରତିଷେଧକ ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଉପଲବ୍ଧତା ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାବିତ ଅଞ୍ଚଳରେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଗର୍ଭବତୀ ମହିଳା, ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ନ ପ୍ରସବା ମହିଳାଙ୍କୁ ଆବଶ୍ୟକ ସ୍ଥଳେ ନିକଟସ୍ଥ ମେଡିକାଲକୁ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ଅଞ୍ଚଳକୁ ଆମ୍ବୁଲାନ୍ସ ସେବା ନିମନ୍ତେ ଅଗ୍ନିଶମ କର୍ମଚାରୀଙ୍କ ସହାୟତା ନେବାକୁ କହିଥିଲେ। ପ୍ରଭାବିତ ଅଞ୍ଚଳରେ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମବିବିଏସ ଡାକ୍ତର ମୁତୟନ, ଜେନେରେଟର ଉପଲବ୍ଧତା, ଜଳବନ୍ଦୀ ଡାକ୍ତରଖାନାଗୁଡ଼ିକରେ ପମ୍ପସେଟ ଲଗାଇ ଜଳମୁକ୍ତ ନିମନ୍ତେ ପଦକ୍ଷେପ ପାଇଁ କହିଛନ୍ତି। ପାନୀୟ ଜଳର ବିଶୁଦ୍ଧତା ରକ୍ଷା, ଖାଦ୍ୟ ସୁରକ୍ଷା, ପରିମଳ ବ୍ୟବସ୍ଥା ଓ ଜନସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବା ପାଇଁ ସେ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କହିଥିଲେ।

## ଛୋଟ ପିଲାଙ୍କ ପାଇଁ ରାଜରାସ୍ତାରେ ସଂଗ୍ରାମ କରିବ କଂଗ୍ରେସ

- ଓଡ଼ିଆ ଅସ୍ମିତା ନାମରେ ଓଡ଼ିଆଙ୍କ ସମ୍ମାନହାନି: ଦେଶାଇ
- ଶିକ୍ଷାମନ୍ତ୍ରୀ ଇସ୍ତଫା ନ ଦେଲା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ: ଭକ୍ତ




ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ଆଜି କଂଗ୍ରେସ ଭବନଠାରେ ଏଆଇସିସି ଓଡ଼ିଶା ପ୍ରଭାରୀ ଲାଲଜୀ ଦେଶାଇ ଗଣମାଧ୍ୟମକୁ ଏକ ବିବୃତି ଦେଇ କହିଛନ୍ତି ଯେ ବିଜେପି ଓଡ଼ିଆ ଅସ୍ମିତା ନାମରେ ସରକାରକୁ ଆସି ବର୍ତ୍ତମାନ ଓଡ଼ିଆଙ୍କ ସମ୍ମାନକୁ ସମସ୍ତ କ୍ଷେତ୍ରରେ ବଦନାମ କରାଯାଉଛି। ଓଡ଼ିଶା ସରକାରଙ୍କ ପାଠ୍ୟ ପୁସ୍ତକ ତ୍ରୁଟି ବିଷୟରେ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଛନ୍ତି ଯେ ପାଠ୍ୟପୁସ୍ତକରେ ମୋଟ ୧୬୭୮ ତ୍ରୁଟି ହେବା ସାଧାରଣ ଘଟଣା ନୁହେଁ, ପୁଣି ପିଲାଙ୍କ ପଢ଼ାବହିରେ ଓଡ଼ିଶା ବିଧାନସଭା ଫଟୋ ସ୍ଥାନରେ କର୍ଣ୍ଣାଟକ ବିଧାନସଭା, କୋଣାର୍କ ମନ୍ଦିର ସ୍ଥାନରେ ହମ୍ପିର ଫଟୋ ଆଦି ଛାପିବା ଗୁରୁତର ତ୍ରୁଟି ରହିଛି । ଓଡ଼ିଶାରେ ପ୍ରାୟ ୧୦ ହଜାର ସରକାରୀ ସ୍କୁଲରେ ତାଲା ପଡ଼ିଛି । ୮୦ ହଜାର ଶିକ୍ଷକ ପଦବୀ ଖାଲି ପଡ଼ିଛି। ସରକାର ସାମାନ୍ୟ କିଛି ପଦକ୍ଷେପ ନେଇ ନିଜ ଦାୟିତ୍ୱ ଶେଷ କରିଦେଇଛନ୍ତି। ପିଲାଙ୍କ ସାମାନ୍ୟ ବହି ଠିକ୍ ଭାବେ ଛପେଇ ନ ପାରିବା କ’ଣ ଓଡ଼ିଆ ଅସ୍ମିତା ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସର ଆଗାମୀ ପଦକ୍ଷେପକୁ ନେଇ ସେ କହିଛନ୍ତି ଯେ ଛୋଟ ପିଲା ରାଜରାସ୍ତାକୁ ଆସିବା ଦରକାର ନାହିଁ, ତାହା ବଦଳରେ କଂଗ୍ରେସ ଦଳର କର୍ମକର୍ତ୍ତା ଶିକ୍ଷାର ସଂସ୍କାର ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ପାଇଁ ସାରା ଓଡ଼ିଶାରେ ଆନ୍ଦୋଳନ କରିବ। ୭ ଦିନ ମଧ୍ୟରେ ଇସ୍ତଫା ନଦେଲେ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ପାଇଁ ଡାକରା ଦିଆଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ପୁଣିଥରେ ଚେତାବନୀ ଦେଇଛନ୍ତି।

ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ

# ୧୫ ଅତିରିକ୍ତ ହସ୍ତଶିଳ୍ପ ପାଠ୍ୟକ୍ରମର ପ୍ରଶିକ୍ଷଣ ଦିଆଯିବ

ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ଏସ୍ଆଇଡିଏସି)ରେ ୧୫ଟି ଅତିରିକ୍ତ ହସ୍ତଶିଳ୍ପର ପାଠ୍ୟକ୍ରମ ପ୍ରସ୍ତୁତି ଓ ପ୍ରଶିକ୍ଷଣ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଉପସ୍ଥିତିରେ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପର ସଂରକ୍ଷଣ, ଦକ୍ଷ କାରିଗର ସୃଷ୍ଟି ଓ ରୋଜଗାରମୁଖୀ କୌଶଳ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ପକ୍ଷରୁ ପ୍ରଶିକ୍ଷଣ ପାଇଁ ଅତିରିକ୍ତ ୧୫ଟି ହସ୍ତଶିଳ୍ପ ଚିହ୍ନଟ ଓ ହସ୍ତଶିଳ୍ପଗୁଡ଼ିକ ପାଇଁ ଏକ ସୁସଂଗଠିତ ଏବଂ ମାନକ ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଏହା ଆଧାରରେ ଖୁବ୍‌ଶୀଘ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଓଡ଼ିଶାରେ ୬୪ଟି ସ୍ୱୀକୃତିପ୍ରାପ୍ତ ହସ୍ତଶିଳ୍ପ ରହିଥିବା ବେଳେ ତନ୍ମଧ୍ୟରୁ ବର୍ତ୍ତମାନ ସିଡାକରେ ଆପ୍ଲିକ (ଚାନ୍ଦୁଆ), ଟେରାକୋଟା, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, ପଥର ଖୋଦେଇ ଓ କାଠ ଖୋଦେଇ ଭଳି ୬ଟି ହସ୍ତଶିଳ୍ପରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ସଫଳତାର ସହ ପରିଚାଳିତ ହେଉଛି। ୧୫ଟି ହସ୍ତଶିଳ୍ପକୁ ପ୍ରଶିକ୍ଷଣ ପରିସରରେ ସାମିଲ କରିବା ପାଇଁ ପଦକ୍ଷେପ ନିଆଯାଇଛି। ପ୍ରସ୍ତାବିତ ୧୫ଟି ହସ୍ତଶିଳ୍ପ ମଧ୍ୟରେ ନଡ଼ିଆ କତା କାରିଗରୀ, ଝୋଟ କାରିଗରୀ, ସୋଲ କାରିଗରୀ, ନଡ଼ିଆ ଖୋଳ କାରିଗରୀ, ଲାଖ କାରିଗରୀ, ବାଉଁଶ କାରିଗରୀ, ବାଟିକ ପ୍ରିଣ୍ଟିଂ, ଆଦିବାସୀ ଗହଣା, ତାଳପତ୍ର ସାଜସଜ୍ଜା କାରିଗରୀ, ରୁପା ତାରକସି, କଂସା ଓ ପିତ୍ତଳ ବାସନ, ଶାମୁକା କାରିଗରୀ, କାଗଜ ମଣ୍ଡ କାରିଗରୀ, ସଉରା ଚିତ୍ରଶିଳ୍ପ ଓ ଗଣ୍ଡ ଚିତ୍ରଶିଳ୍ପ ଆଦି ରହିଛି। ଏହି ପ୍ରଶିକ୍ଷଣ ପାଠ୍ୟକ୍ରମକୁ ବଜାର ଚାହିଦା, ରପ୍ତାନି ସମ୍ଭାବନା, କଞ୍ଚାମାଲର ଉପଲବ୍ଧତା, ପାରମ୍ପରିକ ଗୁରୁତ୍ୱ, ଦକ୍ଷ ଗୁରୁ କାରିଗରଙ୍କ ଉପଲବ୍ଧତା ଏବଂ ରୋଜଗାର ସୁଯୋଗ ଭଳି ବିଭିନ୍ନ ମାନଦଣ୍ଡକୁ ଆଧାର କରି ପ୍ରସ୍ତୁତ କରାଯାଇଛି। ଏକବର୍ଷିଆ (୧୫୦୦ ଘଣ୍ଟା) ପ୍ରଶିକ୍ଷଣରେ କଞ୍ଚାମାଲର ଉପଯୋଗ , ଡିଜାଇନ୍ ଓ ଡ୍ରଇଂ, ଉତ୍ପାଦ ବିକାଶ, ଗୁଣବତ୍ତା ନିୟନ୍ତ୍ରଣ, ଉଦ୍ୟୋଗୀକରଣ, ଡିଜିଟାଲ୍ ମାର୍କେଟିଂ, ପ୍ରକଳ୍ପ କାର୍ଯ୍ୟ ଏବଂ ଇଣ୍ଟର୍ନସିପ୍ ଭଳି ବିଷୟକୁ ସାମିଲ କରାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦କୁ ଆଧାର କରି ଇଣ୍ଟର୍ନସିପ ସଫଳତାର ସହ ସମ୍ପୂର୍ଣ୍ଣ କରିବା ପରେ କାରିଗର ଶିକ୍ଷାର୍ଥୀଙ୍କୁ ୪ କ୍ରେଡିଟ ପଏଣ୍ଟ ପ୍ରଦାନ କରିବାର ବ୍ୟବସ୍ଥା ରହିଛି।




## ୩ରେ ସଂଭାବନା ପକ୍ଷରୁ ‘ବେନହୁର୍ ବିଶେଷ’

ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ଆମ ସମୟର ଚର୍ଚ୍ଚିତ ବ୍ୟକ୍ତିତ୍ୱ, ଆଲୋକିତ ଜ୍ଞାନୀ, ଛାତ୍ରବତ୍ସଳ ଶିକ୍ଷକ, ଗାନ୍ଧି ଗବେଷକ, ମଧୁ ବିଶାରଦ, ଜନପ୍ରିୟ ଲେଖକ, ସୁନାମଧନ୍ୟ ସ୍ତମ୍ଭକାର ତଥା ସମ୍ମୋହିତ କରୁଥିବା ସୁବକ୍ତା ଦାଶ ବେନହୁରଙ୍କର ୭୩ତମ ଜୟନ୍ତୀ, ଆସନ୍ତା ୩ ତାରିଖରେ ଅନୁଷ୍ଠିତ ହେବ। ତୃତୀୟ ବର୍ଷ ପାଇଁ ସର୍ବସାଧାରଣଙ୍କ ନିମନ୍ତେ ସଂଭାବନା ଆୟୋଜନ କରୁଛି ଜନ୍ମଦିନରେ ଶ୍ରଦ୍ଧାର୍ପଣ ସଞ୍ଜ ‘ବେନହୁର୍ ବିଶେଷ’। ଏହିଦିନ ସନ୍ଧ୍ୟା ସାଢ଼େ ୬ଟାରେ ଗୀତଗୋବିନ୍ଦ ସଦନଠାରେ ଏହି ଶ୍ରଦ୍ଧା ଓ ସମ୍ବର୍ଦ୍ଧନାର ସନ୍ଧ୍ୟା ଆୟୋଜିତ ହେବ। ପ୍ରମୁଖ ଅତିଥି ଭାବେ ଯୋଗଦେବେ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଡକ୍ଟର ଗୌରହରି ଦାସ ଓ ଡକ୍ଟର ଶାନ୍ତନୁ ରଥ ପ୍ରମୁଖ। ଏହି ଅବସରରେ ଦାଶ ବେନ୍‌ହୁରଙ୍କ ରଚିତ କିଛି ପୁସ୍ତକ ମଧ୍ୟ ଲୋକାର୍ପିତ ହେବ। ଏଥିସହ ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଶିଷ୍ଟ ସାହିତ୍ୟିକ ପରେଶ ପଟ୍ଟନାୟକଙ୍କୁ କିଶୋର ସାହିତ୍ୟ ରଚନାରେ ବିଶେଷ ଅବଦାନ ପାଇଁ ‘ବେନହୁର୍ ବିଶେଷ ସମ୍ମାନ ୨୦୨୬’ ପ୍ରଦାନ କରାଯିବ।

## ଆନ୍ଦୋଳନ ପାଇଁ ବୁଣାକାର ମହାସଂଘର ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନ ୧୧ଟା ସମୟରେ ସ୍ଥାନୀୟ ଗାୟତ୍ରୀ ହୋଟେଲ ସମ୍ମିଳନୀ କକ୍ଷରେ ଓଡ଼ିଶା ବୁଣାକାର ମହାସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ପ୍ରସ୍ତୁତି ବୈଠକରେ ବୁଣାକାରମାନଙ୍କର ବିଭିନ୍ନ ସମସ୍ୟା ଯଥା- ମାସିକ ଭତ୍ତା, ଜୀବନ ବୀମା, ସରକାରଙ୍କ ପକ୍ଷରୁ ମଜୁରୀ ସହାୟତା, ହସ୍ତତନ୍ତ ବସ୍ତ୍ରରୁ ଜିଏସ୍‌ଟି ପ୍ରତ୍ୟାହାର ଦାବିରେ ଆସନ୍ତା ମାସରେ ଭୁବନେଶ୍ୱରରେ ଏକ ବୁଣାକାର ସମାବେଶ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ସମାବେଶରେ ରାଜ୍ୟର ବିଭିନ୍ନ ବୟନ ମଣ୍ଡଳରୁ ଶତାଧିକ ମହିଳା ଓ ପୁରୁଷ ବୁଣାକାର ଯୋଗଦେବେ। ପ୍ରସ୍ତୁତି ବୈଠକରେ ମହାସଂଘ ସଭାପତି ଶ୍ରୀଧର ବେହେରାଙ୍କ ସହ ଉପସଭାପତି ସଞ୍ଜୟ କୁମାର ମେହେର, କିଶୋର ଚନ୍ଦ୍ର ଦାସ, ଶ୍ରୀକାନ୍ତ ନାୟକ, ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମେହେର, ସମ୍ପାଦକ ପ୍ରତାପ ଚନ୍ଦ୍ର ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ଧ୍ରୁବଚରଣ ଦାସ, ଗୋବିନ୍ଦ ଦାସ, ରାଜେନ୍ଦ୍ର ନାରାୟଣ ବେହେରା, ରମେଶ ସିଂହ, ରବୀନ୍ଦ୍ର ଦାସ, ପ୍ରଦୀପ କୁମାର ଦାସ, ଆଇନ୍ ପରାମର୍ଶଦାତା ବିଜୟ କୁମାର ବେହେରା ଯୋଗଦେଇଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଞ୍ଚାର

୪ | ବୁଧବାର ୨୯ ଜୁଲାଇ ୨୦୨୬, ଭୁବନେଶ୍ୱର | Wednesday 29 July 2026, Bhubaneswar


# ଯୁଦ୍ଧ ଆଁରେ ବିକାଶ ଠପ୍

ଯୁଦ୍ଧ କେବଳ ମନୁଷ୍ୟ ଜୀବନର ବିନାଶ କରେ ନାହିଁ, ବରଂ ଏହା ଏକ ଦେଶର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦିଏ। ଇତିହାସରେ ଦେଖାଯାଇଛି ଯେ ଯେଉଁ ଦେଶ ଯୁଦ୍ଧରେ ଜଡ଼ିତ ହୋଇଛି, ସେଠାରେ ଉନ୍ନତି ଓ ବିକାଶର ଗତି ଧୀର ହୋଇଯାଏ ବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଏ। ଆଜିର ଦୁନିଆରେ ରୁଷିଆ ଓ ଇରାନ ଭଳି ଦେଶଗୁଡ଼ିକ ଏହି ସତ୍ୟର ଜୀବନ୍ତ ଉଦାହରଣ। ଯୁଦ୍ଧ ଓ ତା' ସହିତ ଜଡ଼ିତ ଅର୍ଥନୈତିକ ପ୍ରତିବନ୍ଧକ ଏମାନଙ୍କ ଆର୍ଥିକ ବୃଦ୍ଧିକୁ ଗମ୍ଭୀର ଭାବେ ପ୍ରଭାବିତ କରିଛି।

ରୁଷିଆର କଥା ନିଅନ୍ତୁ। ୨୦୨୨ ମସିହାରେ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିବା ପରେ ରୁଷିଆର ଅର୍ଥନୀତି ଏକ ବଡ଼ ଆଘାତ ସହିଛି। ପଶ୍ଚିମୀ ଦେଶମାନେ ଲଗାଇଥିବା କଠୋର ଅର୍ଥନୈତିକ ଅବରୋଧ ଯୋଗୁଁ ରୁଷିଆର ତେଲ ଓ ଗ୍ୟାସ ରପ୍ତାନି କମିଛି। ଏହା ପୂର୍ବରୁ ରୁଷିଆର ଅର୍ଥନୀତିର ମୁଖ୍ୟ ଆଧାର ଥିଲା ଏନର୍ଜି ରପ୍ତାନି। କିନ୍ତୁ ଅବରୋଧ ଯୋଗୁଁ ବହୁ ବିଦେଶୀ କମ୍ପାନୀ ଦେଶ ଛାଡ଼ି ଚାଲିଯାଇଛନ୍ତି। ବିନିଯୋଗ କମିଛି, ମୁଦ୍ରାସ୍ଫୀତି ବଢ଼ିଛି ଓ ରୁବଲ୍ ମୂଲ୍ୟ କମିଛି। ଯୁବ ପିଢ଼ି ବିଦେଶ ଯିବାକୁ ବାଧ୍ୟ ହୋଇଛନ୍ତି। ସେନା ଖର୍ଚ୍ଚ ବଢ଼ିବା ସହିତ ସାମାଜିକ ଉନ୍ନତି ପାଇଁ ବଜେଟ୍ କମିଛି। ଫଳରେ ରୁଷିଆର ଜିଡିପି ବୃଦ୍ଧି ହାର ଧୀର ହୋଇଛି ଓ ଦୀର୍ଘକାଳୀନ ବିକାଶ ବାଧାପ୍ରାପ୍ତ ହୋଇଛି। ଯୁଦ୍ଧ ରୁଷିଆକୁ ଏବେ ବିଶ୍ୱ ଅର୍ଥନୀତିରୁ ବିଚ୍ଛିନ୍ନ କରିଦେଇଛି।

ଇରାନର ପରିସ୍ଥିତି ମଧ୍ୟ ସମାନ ଭାବେ ଚିନ୍ତାଜନକ। ବର୍ଷ ବର୍ଷ ଧରି ଚାଲିଥିବା ଆନ୍ତର୍ଜାତିକ ଅବରୋଧ ଓ ଆଞ୍ଚଳିକ ସଂଘର୍ଷ ଇରାନର ଅର୍ଥନୀତିକୁ ଦୁର୍ବଳ କରିଛି। ତେଲ ରପ୍ତାନି ଉପରେ ନିର୍ଭରଶୀଳ ଇରାନ ପାଇଁ ଅବରୋଧ ଏକ ବଡ଼ ଆଘାତ। ମୁଦ୍ରାସ୍ଫୀତି ଆକାଶଛୁଆଁ ହୋଇଛି, ରିଆଲ୍ ମୂଲ୍ୟ ଖସିଛି ଓ ସାଧାରଣ ଲୋକଙ୍କ କ୍ରୟଶକ୍ତି କମିଛି।



ଇରାନ ଆଞ୍ଚଳିକ ସଂଘର୍ଷରେ ଜଡ଼ିତ ରହିବା ଯୋଗୁଁ ବିଦେଶୀ ବିନିଯୋଗ ଆସୁନାହିଁ। ଯୁବକମାନେ କାର୍ଯ୍ୟସନ୍ଧାନରେ ବିଫଳ ହୋଇ ଦେଶ ଛାଡୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଆବାସ ଭଳି ମୌଳିକ କ୍ଷେତ୍ରରେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ହେଉନାହିଁ। ଯୁଦ୍ଧ ଓ ସଂଘର୍ଷ ଇରାନକୁ ବିକାଶର ମୁଖ୍ୟ ଧାରାରୁ ଦୂରେଇ ରଖିଛି।

କେବଳ ଏହି ଦୁଇ ଦେଶ ନୁହେଁ, ବିଶ୍ୱର ଅନେକ ଦେଶ ଯୁଦ୍ଧର ଶିକାର ହୋଇ ଆର୍ଥିକ ଭାବେ ପଛରେ ପଡ଼ିଛନ୍ତି। ୟୁକ୍ରେନ୍ ନିଜେ ଯୁଦ୍ଧର ଭୟଙ୍କର ମୂଲ୍ୟ ଦେଉଛି। ସିରିଆ, ୟେମେନ୍, ଆଫଗାନିସ୍ତାନ୍ ଭଳି ଦେଶରେ ବର୍ଷ ବର୍ଷ ଧରି ଚାଲିଥିବା ସଂଘର୍ଷ ସେମାନଙ୍କ ଅର୍ଥନୀତିକୁ ଧ୍ୱଂସ କରିଦେଇଛି। ଯୁଦ୍ଧ ସମୟରେ ସରକାର ସେନା ଉପରେ ଅଧିକ ଖର୍ଚ୍ଚ କରେ। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଶିଳ୍ପ ଭଳି କ୍ଷେତ୍ରରେ ଅର୍ଥ କମେ। ଅବକାଠାମୋ, ରାସ୍ତା, କାରଖାନା ଧ୍ୱଂସ ହୁଏ। ବାଣିଜ୍ୟ ବାଧାପ୍ରାପ୍ତ ହୁଏ। ବିଦେଶୀ ବିନିଯୋଗକାରୀ ଭୟରେ ଦୂରେଇ ରହନ୍ତି। ମୁଦ୍ରାସ୍ଫୀତି ବଢ଼େ ଓ ସାଧାରଣ ନାଗରିକଙ୍କ ଜୀବନ କଷ୍ଟକର ହୁଏ। ଯୁଦ୍ଧର ପ୍ରଭାବ କେବଳ ସେହି ଦେଶ ଉପରେ ସୀମିତ ରହେ ନାହିଁ। ବିଶ୍ୱ ବଜାରରେ ତେଲ ମୂଲ୍ୟ ବଢ଼େ, ଖାଦ୍ୟ ସଙ୍କଟ ସୃଷ୍ଟି ହୁଏ ଓ ବିଶ୍ୱ ଅର୍ଥନୀତି ଅସ୍ଥିର ହୁଏ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ୟୁରୋପରେ ଶକ୍ତି ସଙ୍କଟ ଦେଖାଦେଇଥିଲା। ଇରାନ ସହିତ ଜଡ଼ିତ ଆଞ୍ଚଳିକ ଉତ୍ତେଜନା ମଧ୍ୟ ପ୍ରଭାବ ପକାଇଥାଏ। ସତ୍ୟ ଏହି ଯେ ଶାନ୍ତି ବିନା ସ୍ଥାୟୀ ଆର୍ଥିକ ବିକାଶ ସମ୍ଭବ ନୁହେଁ। ଯୁଦ୍ଧ ସମ୍ପଦ ଧ୍ୱଂସ କରେ, ମାନବ ସମ୍ପଦକୁ ନଷ୍ଟ କରେ ଓ ଭବିଷ୍ୟତର ପିଢ଼ିକୁ ଋଣର ବୋଝ ବହନ କରିବାକୁ ବାଧ୍ୟ କରେ। ରୁଷିଆ ଓ ଇରାନ ଭଳି ଦେଶଗୁଡ଼ିକ ଯଦି ଶାନ୍ତିର ପଥ ବାଛନ୍ତି, ତେବେ ସେମାନେ ପୁନର୍ବାର ବିକାଶର ଧାରାରେ ଫେରିପାରିବେ। ବିଶ୍ୱ ସମୁଦାୟକୁ ମଧ୍ୟ ବୁଝିବା ଦରକାର ଯେ ସଂଘର୍ଷ ନୁହେଁ, ସହଯୋଗ ଓ ବାଣିଜ୍ୟ ହିଁ ସମୃଦ୍ଧିର ପଥ। ଯୁଦ୍ଧ କେବେ ବି ବିଜୟ ଆଣେ ନାହିଁ। ଏହା କେବଳ କ୍ଷତି ଓ ପଛୁଆପଣ ଆଣେ। ରୁଷିଆ, ଇରାନ ଓ ଅନ୍ୟ ଯୁଦ୍ଧପୀଡ଼ିତ ଦେଶମାନେ ଯଦି ଏହି ସତ୍ୟକୁ ଗ୍ରହଣ କରନ୍ତି, ତେବେ ସେମାନଙ୍କ ଆର୍ଥିକ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ। ଶାନ୍ତି ହିଁ ପ୍ରକୃତ ବିକାଶର ମୂଳ।

# ଭାରତର ଜଣେ ନାଗରିକ କିଏ?


ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)




ଦେଶରେ ଭୋଟର ତାଲିକା ଯାଞ୍ଚ ପାଇଁ ଚାଲିଥିବା ବହୁ ଚର୍ଚ୍ଚିତ ସ୍ପେଶାଲ ଇଟେଂନସିଭ୍ ରିଭିଜନ (ଏସଆଇଆର) ଦ୍ୱାରା ଚିନ୍ତାଜନକ ସ୍ଥିତି ଏବଂ ପାସପୋର୍ଟ ଏକ ଭ୍ରମଣ ଡକ୍ୟୁମେଣ୍ଟ ବ୍ୟତୀତ ଅନ୍ୟକିଛି ନୁହେଁ ବୋଲି ବୈଦେଶିକ ମନ୍ତ୍ରଣାଳୟର ସ୍ପଷ୍ଟିକରଣ ପରେ ନାଗରିକତ୍ୱ ନେଇ ବିତର୍କ ଏବଂ ଏହାର ପ୍ରମାଣ ଅଧିକ ସ୍ପଷ୍ଟ ଓ ଯୋରଦାର ହୋଇଛି। କେବଳ ଏତକି ନୁହେଁ, କେତେକ ଅବସରପ୍ରାପ୍ତ ବିଚାରପତି ଦେଇଥିବା ଦୀର୍ଘ ସାକ୍ଷାତକାରରେ ଏହା ଉପରେ ଫୋକସ୍ କରିବା ପରିବର୍ତ୍ତେ କ'ଣ ହେବା ଉଚିତ ବୋଲି ଗୁରୁତ୍ୱ ଦେବା ପରେ ଅସ୍ୱଚ୍ଛ ଜଳକୁ ଆହୁରି ଗୋଳିଆ କରିବା ଭଳି ହୋଇଛି ବୋଲି କୁହାଯାଇପାରେ। ତେବେ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଏହା ଉପରେ ସରକାରଙ୍କ ମତ ଅତ୍ୟନ୍ତ ସ୍ପଷ୍ଟ। ପାର୍ଲିଆମେଣ୍ଟରେ ସରକାର ବାରମ୍ବାର ସ୍ପଷ୍ଟ କରିଛନ୍ତି ଯେ, ନାଗରିକତ୍ୱ ଆଇନ (ସିଟିଜେନସିପ୍ ଆକ୍ଟ)ରେ ନାଗରିକତ୍ୱର ସଜ୍ଞା ନିର୍ଦ୍ଦିଷ୍ଟ ହୋଇଛି। ଦେଶର ଜନସାଧାରଣଙ୍କୁ ଆଧାର, ପାସପୋର୍ଟ, ଭୋଟର ପରିଚୟପତ୍ର ଆଦି ବହୁ ପ୍ରମାଣ ପତ୍ର ସରକାର ପ୍ରଦାନ କରିଛନ୍ତି, ମାତ୍ର ସେ ସବୁ ନାଗରିକତ୍ୱର ପ୍ରମାଣ ପତ୍ର ନୁହେଁ ବୋଲି କୁହାଯାଇଛି। ଆଧାର ନମ୍ବର ସମସ୍ତ ସରକାରୀ ଓ ବେସରକାରୀ କ୍ଷେତ୍ରରେ ପରିଚୟ ପତ୍ର ଭାବେ ବ୍ୟବହୃତ ହେଉଥିବା ସତ୍ତ୍ୱେ ତାହା ନାଗରିକତ୍ୱ ପ୍ରମାଣପତ୍ର ନୁହେଁ, ବରଂ ଏକ ନମ୍ବର। ବିଦେଶ ଗସ୍ତ ବେଳେ ପାସପୋର୍ଟ ଭାରତୀୟ ନାଗରିକତ୍ୱ ପରିଚୟ ପତ୍ର ଆଇନ ଦୃଷ୍ଟିରୁ ହୋଇଥିବାବେଳେ ସରକାର ଏବେ ଏହାକୁ ଏକ ଭ୍ରମଣର ଡକ୍ୟୁମେଣ୍ଟ ବୋଲି ଦର୍ଶାଇଛନ୍ତି। ସେହିପରି ଭୋଟର ପରିଚୟ ପତ୍ର ଯାହାକି ୧୮ବର୍ଷରୁ କମ୍ ବୟସର ବୟସ୍କଙ୍କ ପାଇଁ କିଛି କରିବାରେ ନାହିଁ ତେବେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଅଧିନରେ ଯେଉଁମାନେ ନାଗରିକତ୍ୱ ପାଇଁ ଆବେଦନ କରୁଛନ୍ତି। ସେମାନଙ୍କୁ ଏକ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ମାତ୍ର ଏହି ପ୍ରମାଣପତ୍ର ସମସ୍ତ ଭାରତୀୟଙ୍କୁ ନିକଟରେ ନାହିଁ। ଏହା ସ୍ପଷ୍ଟ ଯେ, ନାଗରିକତ୍ୱ ପ୍ରମାଣପତ୍ର ପାଇଁ ନ୍ୟାଶନାଲ ରେଜେଷ୍ଟ୍ରି ଅଫ ସିଟିଜେନସ'ର ରାଜସ୍ୱ ହେବା ଏବେ ଅନିର୍ବାଯ୍ୟ, ଯାହାକି କେବଳ ଆସାମରେ ପ୍ରଦାନ କରାଯାଉଛି। ତେବେ ଏହା ଆଶାଠାରୁ ବହୁ ଦୂରରେ। ଏହି ପରିପ୍ରେକ୍ଷୀରେ ନିକଟରେ ସୁପ୍ରିମକୋର୍ଟ ଏକ ରାୟ ଦେଇ କହିଛନ୍ତି ଯେ, ନାଗରିକ ମର୍ଯ୍ୟଦା କେବଳ ନିରପେକ୍ଷ, ଆଇନସମ୍ମତ ଓ ଯୁକ୍ତିଯୁକ୍ତ କାରଣ ପ୍ରକ୍ରିୟାରେ ପର୍ଯ୍ୟବେସିତ ହେବା ଉଚିତ। ତେବେ ସର୍ବୋଚ୍ଚ ଅଦାଲତ ଶୁଣାଣୀ କେବଳ ପ୍ରକ୍ରୀୟା ବା ପଦ୍ଧତି ଉପରେ ହୋଇଥିବାବେଳେ ଆବେଦନର ଗୁଣ ତୃଟି ଆଧାର ଉପରେ ନୁହେଁ। କିନ୍ତୁ ନାଗରିକତ୍ୱ ପ୍ରମାଣ ଉପରେ ସୁପ୍ରିମକୋର୍ଟ ସାମ୍ବିଧାନିକ ଖଣ୍ଡପୀଠ କିମ୍ବା ସରକାର ସ୍ପଷ୍ଟ କରିବା ଉଚିତ। କାରଣ ଏବେ ଦେଶରେ ପ୍ରଚଳିତ ଆଇନ ଦୁର୍ଭାଗ୍ୟବଶତଃ ନିଜେ ଯିଏ ବିବରଣୀରେ ଅସମ୍ପୂର୍ଣ୍ଣ ସେ ପର୍ଯ୍ୟାପ୍ତ ହେବ ନାହିଁ। ଏହା ନିସନ୍ଦେହ ଯେ, ଦେଶର ଜନସାଧାରଣଙ୍କ ନିକଟରେ ବହୁ କାର୍ଡ ବା ପରିଚୟ ପତ୍ର ଥିବା ସତ୍ତ୍ୱେ ସେଗୁଡିକ ନାଗରିକତ୍ୱର ପ୍ରମାଣପତ୍ର ନୁହେଁ, ଏହା ସୁସ୍ପଷ୍ଟ। ବହୁ ଚର୍ଚ୍ଚିତ ଏସଆଇଆର ଦ୍ୱାରା ବାଦ୍ ପଡ଼ିଥିବା ଭୋଟରମାନଙ୍କୁ ଦେଶର ନାଗରିକତ୍ୱରୁ ବାଦ ଦେଇପାରିବ ନାହିଁ ବୋଲି ଗତ ମେ' ମାସରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଭାରତର ନିର୍ବାଚନ କମିଶନ କେବଳ ନିର୍ବାଚନ ପରିଚାଳନା କରିପାରିବେ, ଭୋଟଦାତାଙ୍କୁ ଯାଞ୍ଚ କରିପାରିବେ, ମାତ୍ର ନାଗରିକତ୍ୱ ନିର୍ଦ୍ଧାରଣ କରିବାର ଅଧିକାର ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। କେବଳ ନାଗରିକତ୍ୱ ନିର୍ଦ୍ଧାରଣ କରିବା କ୍ଷେତ୍ର ହେଉଛି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ। ଭୋଟର ତାଲିକାରୁ ବାଦ ପଡ଼ିଥିବା କେତେକ ନାଗରିକଙ୍କୁ ସରକାର ବିଭିନ୍ନ ଜନହିତକର ଯୋଜନାରେ ଦେଉଥିବା ସୁବିଧା ସୁଯୋଗ ତଥା ବାର୍ଦ୍ଧକ୍ୟ, ବିଧବା ଭତା, ମାଗଣା ଚାଉଳ, ମାଗଣା ଚିକିତ୍ସା ସେବା କେତେକ ବିଜେପି ଶାସିତ ରାଜ୍ୟ ସରକାର ବନ୍ଦ କରିବାକୁ ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗରେ କ୍ଷମତାସୀନ ବିଜେପି ସରକାର ଏହାର ଜ୍ୱଳନ୍ତ ଉଦାହରଣ। ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ଏସଆଇଆର ସଭା ନାଗରିକତ୍ୱର କୌଣସି ସମ୍ପର୍କ ନଥିବା ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କର ଏହି ରାୟ ସମୟୋଚିତୋ ଓ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି କୁହାଯାଇପାରିବ। ତେବେ ସବୁ ପରେ ଭାରତର ଜଣେ ନାଗରିକ କିଏ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ।


ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋବାଇଲ ନଂ-୯୪୩୭୯୯୪୩୭୯




# ମହାପ୍ରଭୁଙ୍କ ସୁନାବେଶ, ଅଧରପଣା ଓ ନୀଳାଦ୍ରୀବିଜେ




ଡଃ ଅମୂଲ୍ୟ କୁମାର ପଣ୍ଡା


ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ସୁନା ବେଶ ଅନ୍ୟତମ, ଯାହାକି ଅତ୍ୟନ୍ତ ଉପଭୋଗ୍ୟ ଓ ଆକର୍ଷଣୀୟ। ମହାପ୍ରଭୁଙ୍କ ସକଳ ବେଶରେ ମାଧୁର୍ଯ୍ୟ ଲାବଣ୍ୟ ପ୍ରକଟିତ ହେଉଥିବା ସ୍ଥଳେ, କେବଳ ସୁନା ବେଶରେ ଐଶ୍ୱର୍ଯ୍ୟ ପ୍ରାବଲ୍ୟ ପରିସ୍ଫୁଟ ହୋଇଥାଏ। ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଉପରେ ଶ୍ରୀବିଗ୍ରହମାନେ ବିଭିନ୍ନ ତିଥିରେ ଯଥା : କାର୍ତ୍ତିକ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ଦଶହରା ପ୍ରଭୃତି ଦିବସମାନଙ୍କରେ ରାଜବେଶ, ରାଜା ରାଜେଶ୍ୱର ଇତ୍ୟାଦି ସୁନାବେଶରେ ସଜ୍ଜିତ ହେଉଥିଲେ ହେଁ ଶ୍ରୀଗୁଣ୍ଡିଚା ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଅର୍ଥାତ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାରଠାରେ ଦଣ୍ଡାୟମାନ ଥିବା ତ୍ରିରଥ ଉପରେ ଆକର୍ଷଣୀୟ ସୁନାବେଶ ହୋଇ ଲକ୍ଷ ଲକ୍ଷ ଭକ୍ତଙ୍କ ସମ୍ମୁଖରେ ଦର୍ଶନ ଦେଇଥାନ୍ତି।ଏହି ସୁନାବେଶ ପ୍ରଚଳନର ଇତିହାସ ସମ୍ପର୍କରେ ଜଣାଯାଏ ଯେ, ଓଡ଼ିଆ ଜାତିର ପରମାରାଧ୍ୟ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ରୂପେ ସ୍ୱୀକାର କରି ଏ ରାଜ୍ୟର ରାଜା ମହାରାଜାମାନେ ସ୍ୱୟଂ ରାଉତ ବା ଆଦେଶ ବାହକ ରୂପେ ମହାପ୍ରଭୁଙ୍କ ସେବା ନିର୍ବାହ କରିଥିବା ପ୍ରମାଣ ଶିଳାଲେଖରୁ ମିଳୁଅଛି। ତୃତୀୟ ଅନଙ୍ଗଭୀମ ଦେବ (୧୨୧୧-୧୨୩୮) ଜଗନ୍ନାଥଙ୍କୁ ଉତ୍କଳର ପ୍ରକୃତ ରାଜା ଓ ନିଜକୁ ତାଙ୍କର ଜନୈକ ଅକିଞ୍ଚନ ସେବକ ଭାବେ ସର୍ବପ୍ରଥମେ ଘୋଷଣା କରିଥିଲେ। ପରେ ତାଙ୍କ ପୁତ୍ର ଭାବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮- ୧୨୬୬) ମଧ୍ୟ ନିଜକୁ ପୁରୁଷୋତ୍ତମ ପୁତ୍ର ଭାବେ ଅଭିହିତ କରିଥିଲେ। ଭାନୁଦେବ ତୃତୀୟ (୧୩୦୮-୧୩୨୮) ଜଗନ୍ନାଥଙ୍କୁ ରାଜାଧିରାଜ ରୂପେ ସ୍ୱୀକାର କରି ମହାପ୍ରଭୁଙ୍କ ନାମରେ ଅଙ୍କ ଗଣନା ଆରମ୍ଭ କରିଥିଲେ। ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ (୧୪୩୫-୧୪୬୬) ଜଗନ୍ନାଥଙ୍କୁ ଜାତୀୟ ଦେବତା ରୂପେ ପ୍ରଚାରିତ କରି ନିଜକୁ ତାଙ୍କର ସେବକ ଭାବେ ସ୍ୱୀକାର କରିଥିଲେ। ଏପରିକି ଅନଙ୍ଗଭୀନ ଦେବ ଓ ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କୁ ଓଡ଼ିଶାର ରାଜା ରୂପେ ମାନ୍ୟତା ପ୍ରଦାନ ପୂର୍ବକ ଉଭୟ ଦୁଇବର୍ଷ ଧରି ଅଭିଷେକ ହୋଇନଥିଲେ। କେତେକ ଗବେଷକଙ୍କ ମତରେ ରଥ ଉପରେ ଠାକୁରମାନଙ୍କ ଏହି ବେଶର ନାମ ବଡ଼ ବଢାଉ ବେଶ। ବଡ଼ତଢାଉ ବେଶ ମତରେ କପିଳେନ୍ଦ୍ର ଦେବ ୧୪୬୦ରେ ଦକ୍ଷିଣ ବିଜୟରୁ ଫେରିବା ବେଳେ ୧୬ଟି ହାତୀ ପିଠିରେ ବୋଝେଇ ସୁନାଅଳଙ୍କାର ଆଣିଥିଲେ। ଏହାକୁ ମହାପ୍ରଭୁଙ୍କୁ ସମର୍ପଣ କରିଥିବା ନେଇ ଜୟବିଜୟ ଦ୍ୱାରସ୍ଥିତ ଶିଳାଲେଖରେ ସୂଚନା ରହିଛି। ଅଳଙ୍କାର ସମ୍ପର୍କରେ ରାଜା ବଡ଼ତଢାଉଙ୍କ ପରାମର୍ଶ ନେଇଥିଲେ। ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁବର୍ଗରେ ଭକ୍ତ ଦର୍ଶନ କରି ପାରୁନାହାନ୍ତି ତେଣୁ ରଥ ଉପରେ ସବୁବର୍ଗର ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇବାକୁ ବଡ଼ତଢାଉ ରାଜାଙ୍କୁ ବିନତି କରିଥିଲେ। ଦକ୍ଷିଣାଭିମୁଖୀ ଯାତ୍ରାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ରାଜା ଅନୁମତି ଦେଇଥିଲେ। ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନା ବେଶ ଅନୁଷ୍ଠିତ ହୋଇଥାଏ। ଏହି ସୁନା ବେଶ ସାମଗ୍ରୀ ଭଣ୍ଡାର ଘରୁ ପାଳିଆ ମେକାପ, ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ, ପୋଲିସ, ମନ୍ଦିର ଅଧିକାରୀ ତଥା ଗାରଦ କର୍ମଚାରୀମାନଙ୍କ ସହାୟତାରେ ତିନି ରଥ ଉପରକୁ ଆସିଥାଏ। ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଛ, ଭିତରଚ୍ଛ ପ୍ରଭୃତି ସେବକମାନେ ଉପସ୍ଥିତ ରହି ଶ୍ରୀବିଗ୍ରହମାନଙ୍କ ସୁନାବେଶ କରିଥାନ୍ତି।

ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କର ସମସ୍ତ ଏକାଦଶୀ ନୀତି ଅନ୍ୟ ଏକଦଶୀ ନୀତି ପରି ଅନୁଷ୍ଠିତ ହୋଇଥାଏ। ଉକ୍ତଦିନ ବିଳମ୍ବିତ ରାତ୍ରରେ ସୁନାବେଶ ଓଲାଗି ହେବାପରେ ମଇଲମ, ବଡ଼ସିଂହାର ବେଶ ଓ ବଡ଼ସିଂହାର ଭୋଗ ହୋଇ ମହାସ୍ନାନ, ପୂଜା ଠା' ହେଲା ପରେ ଭଣ୍ଡାର ଘରୁ ସ୍ୱର୍ଣ୍ଣର ଶୟନ ଠାକୁର ତିନି ମୂର୍ତ୍ତିଙ୍କୁ ବିଜେ କରାଇଥାନ୍ତି। ତିନିଜଣ ପୂଜାପଣ୍ଡା ଏହି ଶୟନ ଠାକୁରଙ୍କୁ ତିନି ରଥ ଉପରକୁ ବିଜେ କରି ଯଥା ବଳଭଦ୍ର ରଥରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ରଥରେ ଭୁବନେଶ୍ୱରୀ ଏବଂ ଜଗନ୍ନାଥଙ୍କ ରଥରେ ଶ୍ରୀନାରାୟଣଙ୍କୁ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ଲାଗି କରାଇବା ପରେ ରଥ ଉପରେ ମହାସ୍ନାନ ନୀତି ବଢାଇଥାନ୍ତି। ଏହାପରେ ସର୍ବାଙ୍ଗ ଲାଗି, ନୂଆ ପତନି ଲୁଗା ଲାଗି ଓ ମାଳଫୁଲ ଲାଗି ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, ବଡ଼ସିଂହାର ସରିବା ପରେ ଅଧିକା ଭୋଗ ହେଲେ ଏହାକୁ ବଲ୍ଲଭ ବଡ଼ସିଂହାର ଭୋଗ କହନ୍ତି। ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଏହି ପୂଜା କରିଥାନ୍ତି। ଏହାପରେ କର୍ପୂର ଆଳତି ବଢି ତିନିଜଣ ପୂଜାପଣ୍ଡା ତିନି ରଥକୁ ବିଜେ ହୋଇଥିବା ଶୟନ ଠାକୁରଙ୍କୁ ହାତରେ ଧରି ମନ୍ଦିରର ଭଣ୍ଡାର ଦୁଆର ଠାରୁ ନେଇଥାନ୍ତି। ସେଠାରେ ପରମ୍ପରା ଅନୁଯାୟୀ ଶୟନ ନୀତି ଅନୁଷ୍ଠିତ ହୋଇଥାଏ। ଏହି ବିଶେଷ ନୀତିରେ ଭଣ୍ଡାର ମେକାପ, ପାଳିଅ ପଢିଆରି, ଚଳୁଛ ମହାପାତ୍ର, ପ୍ରଧାନୀ, ଘଣ୍ଟୁଆ, ଛତାର, ପୂଜପଣ୍ଡା, କାହାଳିଆ, କୋଠ ସୁଆଁସିଆ, ତାଟ ଦରଜି, ମୁଦିରସ୍ତ, ତଢାଉ କରଣ ପ୍ରମୁଖ ସେବକ ଅଂଶ ଗ୍ରହଣ କରିଥାନ୍ତି। ବାହୁଡା ଯାତ୍ରା ପରେ ସିଂହଦ୍ୱାରଠାରେ ତିନି ରଥ ଉପରେ ସୁନାବେଶ ଓ ତତ୍ ପରଦିନ ଠାକୁରମାନଙ୍କ ଉଦ୍ଦେଶ୍ୟରେ ଅଧର ପଣା ଭୋଗ ହୋଇଥାଏ, ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧର ପଣା କୁହାଯାଏ। ସ୍ୱତ୍ୱଲିପି ଅନୁଯାୟୀ ବାହୁଡା ଦଶମୀ ଦିନ ରଥ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଅଧର ପଣା ଭୋଗ ହେବା କଥା। କିନ୍ତୁ ସମୟ ଅଭାବରୁ ଏହା ଏକାଦଶୀ ଦିନ ଅନୁଷ୍ଠିତ ହୋଇଥାଏ। ପ୍ରକୃତ ପକ୍ଷେ ଏହା ଏକାଦଶୀ ଦିନ ମଧ୍ୟ ହୋଇ ନ ପାରି ଦ୍ୱାଦଶୀ ତିଥିରେ ଏହି ଅଧର ପଣା ଭୋଗ କରାଯାଉଛି। ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ର ଓଡ଼ିଆ ମଠରୁ ପ୍ରାପ୍ତ ସନନ୍ଦକୁ ଆଧାର କରି ଉଲ୍ଲେଖ କରିଛନ୍ତି ଯେ, ପୂର୍ବେ ବାହୁଡା ଦଶମୀ ଦିନ ତିନି ହାଣ୍ଡି, ଏକାଦଶୀରେ ତିନି ହାଣ୍ଡି ଓ ଦ୍ୱାଦଶୀ ଦିନ ତିନି ହାଣ୍ଡି ଏହିପରି ନଅ ହାଣ୍ଡି ଅଧର ପଣା ଓ ବଳଭଦ୍ରଙ୍କ ରଥରେ ରାମ, କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ) ଓ ଜଗନ୍ନାଥଙ୍କ ରଥରେ ମଦନମୋହନ ଠାକୁରଙ୍କ ନିମିତ୍ତ ୧ ହାଣ୍ଡି (ସାନ) କ୍ରମରେ ମୋଟ ୧୨ଟି ହାଣ୍ଡି ଅଧର ପଣା ଭୋଗ ହେଉଥିଲା। ସମ୍ପ୍ରତି ତିନି ରଥ ପାଇଁ ଦ୍ୱାଦଶୀ ଦିନ ମୋଟ ୯ ହାଣ୍ଡି ଅଧର ପଣା ଭୋଗ ହେଉଅଛି। ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧର ପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ। ମନ୍ଦିର ପ୍ରଶାସନ, ରାଘବ ଦାସ ଓ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ଛାଚି, ସର, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ଇତ୍ୟାଦି ପଣା ଦ୍ରବ୍ୟ ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖିଥାନ୍ତି। ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁମାନଙ୍କର ଶ୍ରୀଅଧର ଉଚ୍ଚ ଥିବା ତୁମ୍ବ ଆକୃତି ଭଳି ମାଟିର ତିନୋଟି ହାଣ୍ଡି ରଖାଯାଏ। କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇ ନଥାଏ। ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାମାନଙ୍କରେ ଜଳ କାଢି ରଥ ଉପରକୁ ବୋହି ନେଇ ବଡ଼ ପିତଳ ହଣ୍ଡାମାନଙ୍କରେ ରଖିଥାନ୍ତି।ଉଲ୍ଲେଖଯୋଗ୍ୟ ଯେ, ପୂର୍ବେ ଅଧର ପଣା ପାଇଁ ଆବଶ୍ୟକ ଜଳ ରାଧାବଲ୍ଲଭ ମଠ କୂପରେ ଆସୁଥିଲା। ପରବର୍ତ୍ତୀ ସମୟରେ ସିଂହଦ୍ୱାରା ସମ୍ମୁଖ କୂପରୁ ଏହି ଜଳ ଅଣାଯାଉଛି। ଜଳବୁହା ବେଳେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡେଇଥାନ୍ତି, ଯେପରିକି କେହି ଜଳକୁ ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ପୂରରୁ ମହାସୁଆରମାନେ ଥାଇ ଭିତରଚ୍ଛ, ତଳୁଚ୍ଛ ଓ ସୁଭଦ୍ରାଙ୍କ ରଥରେ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେରା ଧରିଥାନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା କରିକା (ଜାଲିକନା) ପକାଯାଏ। ଜଳ ଛଣା ଉଦ୍ଦେଶ୍ୟରେ ଏହା ପକାଯାଏ ବୋଲି କଥିତ ରହିଛି। ମହାସୁଆରମାନେ ପ୍ରତି ରଥରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି। ଏହାପରେ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ତିନି ରଥରେ ପୂଜା ଠା' କରନ୍ତି। ତତ୍ ପରେ ପାଳିଆ ପୂଜା ପଣ୍ଡା ପଞ୍ଚୋପଚାରରେ ପୂଜା କରିଥାନ୍ତି।

ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି। ଶାସ୍ତ୍ରରେ ଯଦି ଓ ଉଲ୍ଲେଖ ରହିଛି ଦ୍ୱାଦଶୀ ଦିନମହାପ୍ରଭୁ ନୀଳାଦ୍ରି ବିଜେ କରନ୍ତି, କିନ୍ତୁ ପ୍ରକୃତ ପକ୍ଷେ ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ। ଏହି ପରମ୍ପରା ଦୀର୍ଘ ଅନେକ ବର୍ଷ ଧରି ଅନୁସୃତ ହୋଇ ଆସୁଅଛି। ନୀଳାଦ୍ରି ବିଜେ ପହଣ୍ଡି ବିଜେ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଦଇତାପତି ନିଯୋଗ ସହ ଏ ସମ୍ବନ୍ଧରେ ଆଲୋଚନା କରାଯାଇ ପହଣ୍ଡି ହୋଇଥାଏ।ନୀଳାଦ୍ରି ବିଜେ ଦିନ ରଥ ଉପରେ ଠାକୁରମାଙ୍କର ସନ୍ଧ୍ୟା ଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହାପରେ ଦର୍ଶବ ନିମିତ୍ତ କିଛି ସମୟ ଭକ୍ତମାନଙ୍କୁ ରଥ ଉପରୁ ଛଡା ଯାଇଥାଏ। ପ୍ରଥମେ ବିଜେ କାହାଳି ବାଜିବା ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣି ଘରକୁ ବିଜେ କରାଇଥାନ୍ତି। ତତ୍ପରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ। ପହଣ୍ଡି ବିଜେ ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ ଓ ଅଖଣ୍ଡ ବଇଠା ବସେ। ଠାକୁରମାନେ ପହଣ୍ଡିରେ ଆସିବାବେଳେ ମନ୍ଦିର ପରିସରସ୍ଥ ଶୁଆଶାରୀ ଦେଉଳଠାରେ ପ୍ରସାଦ ଲାଗି, ଘସା, ବିଡିଆ ମଣୋହି ଓ ବନ୍ଦାପନା ନୀତି ବଢିଥାଏ। ଜଗମୋହନଠାରେ ମଧ୍ୟ ଏହି ନୀତି ପାଳିତ ହୋଇଥାଏ। ସୂଚନାଯୋଗ୍ୟ ଯେ, ଗୁଣ୍ଡିଚା ମନ୍ଦିରଠାରେ ରଥ ଉପରୁ ଠାକୁରମାନେ ଗୁଣ୍ଡିଚା ଘର ରତ୍ନସିଂହାସନକୁ ପହଣ୍ଡି ବିଜେ କରିବା ସମୟରେ ରଥ ଉପରେ ଯେଉଁ ପ୍ରକାର ନୀତି ଅନୁସୃତ ହୋଇଥାଏ, ଠିକ୍ ସେହିପରି ସିଂହଦ୍ୱାରଠାରେ ନୀଳାଦ୍ରି ବିଜେ ପହଣ୍ଡିରେ ସମ ନୀତି ପାଳିତ ହୁଏ। ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଚାର ଉପରକୁ ଆସିଲେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଉଭୟ ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପରକୁ ଭେଟ ହୋଇଥାନ୍ତି। ଏହାପରେ ଲକ୍ଷ୍ମୀଙ୍କ ତରଫରୁ ଭିତରଚ୍ଛ ବନ୍ଦାପନା ନୀତି ବଢାଇଥାନ୍ତି। ଏହି ସମୟରେ ପରମ୍ପର ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ରହିଥାଏ ଓ କିଛି କ୍ଷଣ ପରେ ଦ୍ୱାର ଖୋଲିଯାଏ। ପୁନଶ୍ଚ ଜଗନ୍ନାଥ ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକତରେ ବିଜେ କରିବା ସମୟରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଇଥାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟ ବିଜୟ ଦ୍ୱାରର ଭିତର ପଟେ ଜନୈକ ଦେବଦାସୀ ଏବଂ ମହାପ୍ରଭୁଙ୍କ ତରଫରୁ ଜଣେ ଦଇତାପତି ଦ୍ୱାରର ଅପରପାର୍ଶ୍ୱରେ ରହିବା ସଙ୍ଗେ ସଙ୍ଗେ ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ପରେ ଜୟ ବିଜୟ ଦ୍ୱାର ଫିଟିଥାଏ। ମହାପ୍ରଭୁ ପହଣ୍ଡି ବିଜେ ବିଜେରେ ଭିତର କାଠ ସମ୍ମୁଖସ୍ଥ ଭଣ୍ଡାର ଘରଠାରେ ପହଞ୍ଚିବା ପରେ ଗଇଁଠାଳ (ରୁକ୍ମିଣୀ ବିବାହ କାଳର) ଫିଟେ ଓ ବନ୍ଦାପନା, ରସ ଗୋଲା ଭୋଗ ଇତ୍ୟାଦି ଭିତରଚ୍ଛ ମହାପାତ୍ରଙ୍କ ଦ୍ୱାରା ସମାହିତ ହୋଇଥାଏ। ଏହା ପରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ରସଗୋଲା ଭୋଗ ହୋଇଥାଏ। ଭିତରଚ୍ଛ ମହାପାତ୍ରଙ୍କ ନିଜସ୍ୱ ଗୃହରେ ଅତ୍ୟନ୍ତ ଶୁଦ୍ଧ ପୂତ ଭାବରେ ଏହି ରସଗୋଲା ତିଆରି ହୋଇଥାଏ। କଥିତ ଅଛି ଯେ, ମହାପ୍ରଭୁ ଲକ୍ଷ୍ମୀଦେବୀଙ୍କୁ ରସଗୋଲା ଖୁଆଇ ତାଙ୍କର ମନୋରଞ୍ଜନ କରିଥିଲେ।


ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ୍:୮୨୪୯୫୦୨୭୭୬


# ରେଳ ପ୍ଲାଟଫର୍ମରେ ମଣିଷ ଜୀବନର ଚିତ୍ର




ଅରିଜିତ ମିଶ୍ର


ସାଧାରଣତଃ ପ୍ଲାଟଫର୍ମ ଶବ୍ଦ ଶୁଣିଲେ ରେଳ ଷ୍ଟେସନ ମଧରେ ଥିବା ପ୍ଲାଟଫର୍ମ ଗୁଡ଼ିକ ଆମର ଆଖି ଆଗରେ ନାଚି ଉଠେ। ରେଳ ଷ୍ଟେସନର ପ୍ଲାଟଫର୍ମ ହେଉଚି ମଣିଷ ସମାଜର ଏକ ସଜୀବ ଚିତ୍ରଣ। ଯେଉଁଠାରେ ସୁଖ, ଦୁଃଖ, ସ୍ନେହ, ପ୍ରେମର ଏକ ଏକ ନିଛକ ଦୃଶ୍ୟ ସର୍ବଦା ଦେଖାଯାଏ। ଭାରତର ଯେକୌଣସି ଗୋଟିଏ ବଡ଼ ଷ୍ଟେସନର ପ୍ଲାଟଫର୍ମରେ ବସିଲେ ଲାଗେ ଯେପରି ଏଠାରେ ଆମେ ସାରା ଭାରତକୁ ପାଇ ପାରିଛୁ। କାରଣ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଭିନ୍ନ ଭାଷା, ବର୍ଣ୍ଣ, ଧର୍ମ, ଜାତି ଆଦିଙ୍କୁ ଏକତ୍ର ଦେଖିବା ପାଇଁ ମିଳେ। ପୃଥିବୀର ଭାରତ ହେଉଚି ଏକ ଉପମହାଦେଶ ଯାହାକି ସପ୍ତମ ବୃହତ୍ତମ ଦେଶ ଅଟେ। ଏହି ବିଶାଳ ଦେଶରେ ଆମର ରେଳ ଷ୍ଟେସନ ଗୁଡ଼ିକର ସଂଖ୍ୟା ୭୩୦୦ ରୁ ଉର୍ଦ୍ଧ୍ୱ ଅଟେ। ସମସ୍ତ ରେଳ ଷ୍ଟେସନ ମାନଙ୍କରେ ପ୍ଲାଟଫର୍ମ ରହିଥାଏ, ଯାହା ଦ୍ୱାରା ରେଳଗାଡ଼ି ରହିବା ସହ ଯାତ୍ରୀ ମାନଙ୍କର ଅହରହ ଯିବା ଆସିବା ଚାଲେ। ମୁଖ୍ୟତଃ ରେଳ ଷ୍ଟେସନ ଗୁଡ଼ିକ ତିନି ପ୍ରକାରର ଏବଂ ପ୍ରତି ଷ୍ଟେସନର ଆକାର ଅନୁସାରେ ପ୍ଲାଟଫର୍ମ ରହିଥାଏ। ଯେପରିକି ହାୱଡା, ଦିନଦୟାଲ ଉପାଧାୟ ଜଙ୍କସନ ଭଳି ବିରାଟ ଷ୍ଟେସନରେ ପ୍ଲାଟଫର୍ମ ସଂଖ୍ୟା ୨୦ ରୁ ଅଧିକ ଅଟେ। ସେହିପରି ବଡ଼ ଷ୍ଟେସନ୍ ମାନଙ୍କରେ ୨୦ ରୁ ୨୩ ମଧରେ ପ୍ଲାଟଫର୍ମ ରହିଥିବା ବେଳେ ଆମ ଭୁବନେଶ୍ୱର ଭଳି ମଧମ ଆକାରର ଷ୍ଟେସନ ମାନଙ୍କରେ ୬ ଟି ବା ଅତିବେଶୀରେ ୭ ଟି ପ୍ଲାଟଫର୍ମ ରହିଥାଏ। ଛୋଟ ଷ୍ଟେସନ୍ ବା ପି.ଏଚ. ମାନଙ୍କରେ ୨ ରୁ ୪ ପ୍ଲାଟଫର୍ମ ରହିଥାଏ।

ପ୍ଲାଟଫର୍ମରେ ଜୀବନ କହିଲେ ଏକ ଭିନ୍ନ ଢ଼ଙ୍ଗର ମଣିଷ ମାନଙ୍କ କାର୍ଯ୍ୟ କଳାପ ନଜରକୁ ଆସେ। ଯେପରିକି କିଏ ନିଜର ପେଟ ପୋଷିବା ନିମନ୍ତେ ଚା, ସିଙ୍ଗଡ଼ା, ମୁଢ଼ି, ଥଣ୍ଡା ପାନୀୟ ଆଦି ଅନେକ ପ୍ରକାରର ଖାଦ୍ୟ ଦ୍ରବ୍ୟ ବିକ୍ରୟ କରନ୍ତି। ଯେଉଁମାନେ କି ଖରା, ବର୍ଷା, ଶିତ ଦିନକୁ ଭ୍ରୁକ୍ଷେପ ନକରି ନିଜର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ଚେଷ୍ଟା ଜାରି ରଖନ୍ତି। କିନ୍ତୁ ବିଶେଷ ଭାବରେ ନଜର ପଡ଼େ କିଛି ମଣିଷ ମାନଙ୍କୁ ଯିଏ କି ମାନସିକ ରୋଗରେ ବିକାର ଗ୍ରସ୍ତ ଓ ଦିବ୍ୟାଙ୍ଗ। ଯେଉଁମାନେ ରେଳ ଗାଡ଼ିରେ ଭିକ୍ଷା ବୃତ୍ତି କରନ୍ତି ଏବଂ ରାତ୍ର ସମୟରେ ସେଇ ପ୍ଲାଟଫର୍ମରେ ଶୋଇଥାନ୍ତି। ଗ୍ରୀଷ୍ମ ଋତୁର ନିଦାଘ ତାତି, ବର୍ଷା ଦିନର ଭିଜା ରାତି ଏବଂ ଶିତ ଋତୁର ଚିରା ଫଟା କମ୍ବଳ ବା କପଡ଼ାରେ ତାଙ୍କର ଜୀବନ ପ୍ଲାଟଫର୍ମରେ କଟିଯାଏ। ତାଙ୍କ ଖାଇବା ଶୈଳୀକୁ ଯଦି ଦେଖିବା ଚକ୍ଷୁରୁ ଲୋତକ ପ୍ରବାହ ହେବ। କିଛି ମଣିଷ ଭିକ୍ଷାରୁ ଯଦି କିଛି ପାଇଥିବେ ଖାଦ୍ୟ ଦ୍ରବ୍ୟ ତେବେ ଭୋଜନ କରନ୍ତି ନହଲେ ବିଭିନ୍ନ ଯାତ୍ରୀଙ୍କ ଦୟାରୁ କିଛି ଖାଦ୍ୟ ଗ୍ରହଣ କରନ୍ତି। ଅନେକ ମାନସିକ ବିକାରଗ୍ରସ୍ତ ମଣିଷ ଅଛନ୍ତି ଯେଉଁମାନେ କାହାକୁ କିଛି ନମାଗି ସେଇ ପ୍ଲାଟଫର୍ମ କଡ଼ରେ ବା ରେଳ ଲାଇନରେ ପଡ଼ିଥିବା ନଷ୍ଟ ଖାଦ୍ୟକୁ ସେବନ କରନ୍ତି। ସେମାନଙ୍କୁ ଦେଖିଲେ ମନେ ହୁଏ ସତରେ ମଣିଷ ଜୀବନ କେତେ ସଂଘର୍ଷ ପୂର୍ଣ୍ଣ ! ଏସବୁର ମୂଳ କାରଣଟି ହେଉଛି ଜନସଂଖ୍ୟା ବୃଦ୍ଧି। ଭାରତରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ହେବା ଫଳରେ ଆମର ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ଏହିପରି ଭାବରେ ନଷ୍ଟ ହୋଇଥାଏ। ଗୋଦରା କୋଡେ ଯେତେ ମାଡେ ସେତେ ପରିସ୍ଥିତି ପରି ଆମେ ଯେତିକି ଉନ୍ନତି ଦିଗରେ ଅଗ୍ରସର ହେଉଛେ ରେଳ ଷ୍ଟେସନରେ ଥିବା ଏହି ମଣିଷ ମାନଙ୍କୁ ଦେଖିଲେ ଲାଗେ ଆଜି ବି ମଣିଷ ବଞ୍ଚିବା ପାଇଁ ସଙ୍ଘର୍ଷ କରୁଛି ଏବଂ ଦାରିଦ୍ର୍ୟତାରେ ରହିଛି ମଧ।

ଭାରତରେ ବର୍ତ୍ତମାନ ୨୦ ଲକ୍ଷ ଗୃହ ବିହିନ ମଣିଷ ଅଛନ୍ତି। ଯେଉଁମାନେ କି ରେଳ ପ୍ଲାଟଫର୍ମ ଏବଂ ରାସ୍ତା କଡ଼ରେ ଜୀବନ ଅତିବାହିତ କରନ୍ତି। କଲିକତା, ଦିଲ୍ଲୀ, ବମ୍ବେ, ମାଡ୍ରାସ ଆଦି ପରି ବଡ଼ ସହର ହେଉ ବା ବିଭିନ୍ନ ତୀର୍ଥ କ୍ଷେତ୍ର ପୁରୀ, ବାରାଣାସୀ, ପ୍ରୟାଗ, ହରିଦ୍ୱାର, ଗୟା ଆଦିରେ ଏହି ବାସହିନ ମଣିଷ ମାନଙ୍କୁ ଦେଖିବାକୁ ମିଳେ। ଓଡ଼ିଶାରେ ମଧ କଟକ, ସମ୍ବଲପୁର, ବ୍ରହ୍ମପୁର ଭଳି ସହର ମାନଙ୍କରେ ବା ପ୍ଲାଟଫର୍ମ ଗୁଡ଼ିକରେ ଆମେ ସର୍ବଦା ଦେଖି ପାରିବା। ଭାରତରେ ପାଖାପାଖି ୫ ଲକ୍ଷ ମଣିଷ ଯେଉଁମାନେ କି ପ୍ଲାଟଫର୍ମ ଏବଂ ତତ୍ସଂଲଗ୍ନ ସ୍ଥାନରେ ନିଜର ଜୀବନ ଅତିବାହିତ କରୁଛନ୍ତି। କିଏ ଦାରିଦ୍ର୍ୟତା ଶିକାର ବା କିଏ ରୋଜଗାର ପାଇଁ ଆଜି ଏହିପରି ଅବସ୍ଥା। କେଉଁଠି ଅନାଥ, ଗାଁ ଛାଡ଼ି ସହର ମୁହାଁ ବା କେହି ପରିବାରରୁ ବିତାଡିତ ହୋଇ ଆଜି ନିଜ ଜୀବନ ବଞ୍ଚାଇବାକୁ ଏହି ସ୍ଥାନ ବାଛି ନେଇଛନ୍ତି। ଯାହା ଦ୍ୱାରା ସେମାନଙ୍କର ବିଭିନ୍ନ ଅସୁବିଧା ଆସେ ଯେମିତିକି ଖାଦ୍ୟାଭାବ ସହିତ ରାତ୍ର ଶୟନରେ ଖୁବ୍ ଅସୁବିଧା, ଜୀବନ ପ୍ରତି ସୁରକ୍ଷା ନଥାଏ, ଅସ୍ୱଚ୍ଛତା ପାଇଁ ରୋଗ ସୃଷ୍ଟି ହୁଏ, ଶିଶୁମାନେ ପାଠପଢ଼ାରୁ ବଞ୍ଚିତ ହୁଅନ୍ତି। ସରକାରୀ ସ୍ତରରେ ମଧ ଅନେକ ପ୍ରଚେଷ୍ଟା ଚାଲିଚି ଏହିପରି ଜଟିଳ ସମସ୍ୟାକୁ ସମାଧାନ କରିବା ନିମନ୍ତେ। କିଛି ସ୍ଥାନରେ ରାତ୍ର କାଳୀନ ରହଣି ସ୍ଥଳ ପ୍ରସ୍ତୁତ ହୋଇଛି, ବିଭିନ୍ନ ବେସରକାରୀ ସଂସ୍ଥା ଦ୍ୱାରା ଖାଦ୍ୟ ପଦାର୍ଥ ବଣ୍ଟନ ହେବା ସହ ଅନାଥ ଶିଶୁଙ୍କୁ ନେଇ ଅନାଥ ଆଶ୍ରମରେ ରଖି ବିଦ୍ୟା ପ୍ରଦାନ ସହିତ ଜୀବନ ଧାରଣର ମୌଳିକ ଶିକ୍ଷା ପ୍ରଦାନ ହେଉଚି। ତେଣୁ ଯଥା ସମ୍ଭବ ଏହିପରି ମଣିଷ ମାନଙ୍କ ଜୀବନ ରକ୍ଷା କରିବା ପାଇଁ ଖାଲି ସରକାର ନୁହେଁ ସାଧାରଣ ମଣିଷ ମଧ ସହଯୋଗର ହାତ ବଢ଼ାଇବାକୁ ପଡ଼ିବ ତେବେ ଯାଇ ଭାରତରୁ ଆମର ଦାରିଦ୍ର୍ୟତାର କରୁଣ ଦୃଶ୍ୟ କ୍ଷୁର୍ଣ୍ଣ ହେବ।


ବୀରନରସିଂହପୁର, ପୁରୀ
ମୋବାଇଲ୍:୯୦୪୦୩୫୦୦୮୯

# ବହୁତ ହେଲା, ଏବେ ପ୍ରତିଶୋଧ




## କୃଷ୍ଣ ସାଗର ଆକ୍ରମଣରେ ପ୍ରତିକ୍ରିୟାଶୀଳ ଭାରତୀୟ ସେନା

## ରୁଷ୍ କେମିତି ୟୁକ୍ରେନକୁ ସହ୍ୟ କରୁଛିଃ ପୂର୍ବତନ ମେଜର୍

ନୂଆଦିଲ୍ଲୀ, ୨୮।୭ଃ କୃଷ୍ଣ ସାଗରରେ ଏକ ବ୍ୟବସାୟିକ ଜାହାଜ ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟଣା ଏବେ ତୀବ୍ର ରୂପ ନେଇଛି। ଏହି ଘଟଣାକୁ ନେଇ ଭାରତୀୟ ସେନାର ପୂର୍ବତନ ମେଜର ଜେନେରାଲ୍ ଜି.ଡି. ବକ୍ସି କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହ ୟୁକ୍ରେନ୍ ବିରୋଧରେ କଠୋର ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଭାରତ ଏବେ କଡ଼ା ଜବାବ ଦେବା ସହ କ୍ଷତିପୂରଣ ଓ କ୍ଷମାପ୍ରାର୍ଥନା ପାଇଁ ଦାବି କରିବା ଉଚିତ ବୋଲି ସେ କହିଛନ୍ତି।

ପୂର୍ବତନ ସେନା ଅଧିକାରୀ ଜି.ଡି. ବକ୍ସି କହିଛନ୍ତି, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ନିଜ ଦେଶକୁ ସମ୍ପୂର୍ଣ୍ଣ ଧ୍ୱଂସ କରିସାରିଛନ୍ତି। ଏବେ ସେ ନିରୀହ ଭାରତୀୟ ନାବିକଙ୍କୁ ଆକ୍ରମଣ କରି ସେମାନଙ୍କ ଜୀବନ ନେବା ଆରମ୍ଭ କରିଛନ୍ତି। ଭାରତୀୟ ନୌସେନା ଏବେ ୟୁକ୍ରେନର ମର୍ଚାଣ୍ଟ ଶିପ୍ ଉପରେ ସିଧାସଳଖ ଆକ୍ରମଣ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ରୁଷ ଏପର୍ଯ୍ୟନ୍ତ ୟୁକ୍ରେନର ମୂର୍ଖ ଆଚରଣକୁ କାହିଁକି ସହ୍ୟ କରୁଛି ଓ କାହିଁକି କଡ଼ା ଜବାବ ଦେଉନାହିଁ ବୋଲି ସେ ବିସ୍ମୟ ପ୍ରକାଶ କରିଛନ୍ତି। ଗତ ସପ୍ତାହରେ କୃଷ୍ଣ ସାଗରର ରୁଷୀୟ ଜଳସୀମା ଦେଇ ଗତି କରୁଥିବା 'ଏମଭି ଓମୋରଫି' ନାମକ ଏକ ବ୍ୟବସାୟିକ ଜାହାଜ ଉପରେ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣ କରିଥିଲା। ଏଥିରେ ଜଣେ ଭାରତୀୟ ନାବିକଙ୍କ ଜୀବନ ଯାଇଛି। ଏହି ଘଟଣା ପରେ ଭାରତ ସରକାର ସୋମବାର ୟୁକ୍ରେନର ରାଷ୍ଟ୍ରଦୂତ ଓଲେକ୍ସାଣ୍ଡର ପୁଲିସଚୁକଙ୍କୁ ସମନ କରି କଡ଼ା ବିରୋଧ ଜାହିର କରିଛନ୍ତି। ଏଭଳି ଆକ୍ରମଣ ଅନ୍ତର୍ଜାତୀୟ ସାମୁଦ୍ରିକ ସୁରକ୍ଷା ଓ ବିଶ୍ୱ ବାଣିଜ୍ୟ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି ବୋଲି ଭାରତ ଚେତାବନୀ ଦେଇଛି।

ଏହା ପୂର୍ବରୁ ଜୁଲାଇ ୧୯ ତାରିଖରେ ୟୁକ୍ରେନର ଓଡେସା ପୋର୍ଟରୁ ବାହାରିଥିବା 'ଏମଭି ଗୋଲ୍ଡ ଲିଓ' ଜାହାଜ ଉପରେ ହୋଇଥିବା ଆକ୍ରମଣରେ ୪ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିଲା। କୃଷ୍ଣ ସାଗରରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଆକ୍ରମଣ ଓ ୫ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏକ ନିର୍ଦ୍ଦେଶାବଳୀ ଜାରି କରିଛି। କୃଷ୍ଣ ସାଗର ଦେଇ ଯାଉଥିବା ଜାହାଜଗୁଡ଼ିକରେ ଚାକିରି କରିବାକୁ ଚାହୁଁଥିବା ଭାରତୀୟ ନାଗରିକମାନେ ଅଫର ଗ୍ରହଣ କରିବା ପୂର୍ବରୁ ସୁରକ୍ଷା ସମ୍ବନ୍ଧୀୟ ବିପଦକୁ ଭଲ ଭାବରେ ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

# ଇ-୨୦ ପେଟ୍ରୋଲରେ ମୋର କୌଣସି ଭୂମିକା ନାହିଁଃ ଗଡ଼କରୀ




ନୂଆଦିଲ୍ଲୀ, ୨୮।୭ଃ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ବମ୍ବେ ହାଇକୋର୍ଟରେ ଏକ ପ୍ରସ୍ତାବିତ ଦେୱାନୀ ମାମଲା ରୁଜୁ କରି ଦାବି କରିଛନ୍ତି ଯେ ଇଥାନଲ-ମିଶ୍ରିତ ପେଟ୍ରୋଲ କାର୍ଯ୍ୟକ୍ରମ ନେଇ ତାଙ୍କର କୌଣସି ଭୂମିକା ନାହିଁ। ସୋମବାର ବମ୍ବେ ହାଇକୋର୍ଟ ମେଟା ପ୍ଲାଟଫର୍ମ, ଗୁଗୁଲ, ଏକ୍ସ ଓ ଅନ୍ୟମାନଙ୍କ ବିରୁଦ୍ଧରେ ମାମଲା ଦାୟର କରିବାକୁ ଗଡ଼କରୀଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଏହି ମାମଲା ମାଧ୍ୟମରେ ସେ ମିଥ୍ୟା, ମନଗଢ଼ା ଏବଂ ମାନହାନିକାରୀ ଏଆଇ-ଜେନେରେଟେଡ ଭିଡିଓ ଏବଂ ଡିଜିଟାଲ ବିଷୟବସ୍ତୁକୁ ହଟାଇବା ପାଇଁ ଚେଷ୍ଟା କରୁଛନ୍ତି। ପ୍ରସ୍ତାବିତ ମାମଲା ଅନୁଯାୟୀ, ଡିପଫେକ ଭିଡିଓଗୁଡ଼ିକ ଗଡ଼କରୀଙ୍କୁ ଇଥାନଲ-ମିଶ୍ରଣ କାର୍ଯ୍ୟକ୍ରମ ପଛରେ ପ୍ରମୁଖ ବ୍ୟକ୍ତିତ୍ୱ ଭାବରେ ଦର୍ଶାଉଛି ଏବଂ ଅଭିଯୋଗ କରିଛି ଯେ ସେ ଓ ତାଙ୍କ ପରିବାର ଏଥିରୁ ଆର୍ଥିକ ଲାଭ କରିଛନ୍ତି। ମାମଲା ଅନୁଯାୟୀ, ଇ-୨୦ ପଦକ୍ଷେପ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଅଧିକାର କ୍ଷେତ୍ରରେ ଆସେ। ଏହି ନୀତିଗୁଡ଼ିକର ଗଡ଼କରୀଙ୍କ ନେତୃତ୍ୱରେ ଚାଲିଥିବା ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସହିତ କୌଣସି ସମ୍ପର୍କ ନାହିଁ। ଗଡକରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଇଥାନଲ ମିଶ୍ରଣ ନିଷ୍ପତ୍ତି କେନ୍ଦ୍ର କ୍ୟାବିନେଟ ଦ୍ୱାରା ନିଆଯାଇଛି। ମାମଲାଟି ଆହୁରି ଉଲ୍ଲେଖ କରିଛି ଯେ ଏହାର ଉଦ୍ଦେଶ୍ୟ ସାର୍ବଜନୀନ ବିତର୍କ କିମ୍ବା ସମାଲୋଚନାକୁ ରୋକିବା ନୁହେଁ। ନୀତିନ ଗଡକରୀ କିମ୍ବା ତାଙ୍କ କାର୍ଯ୍ୟାଳୟ ଦ୍ୱାରା ନିଆଯାଇଥିବା କୌଣସି ନିଷ୍ପତ୍ତି ସମ୍ପର୍କରେ ସାଧାରଣ ଲୋକଙ୍କୁ ଆଲୋଚନା, ବିତର୍କ, ବିଶ୍ଳେଷଣ କିମ୍ବା ନିଷ୍ପକ୍ଷ ଏବଂ ଯୁକ୍ତିଯୁକ୍ତ ସମାଲୋଚନା ପ୍ରଦାନ କରିବାରୁ ବାରଣ କରିବା ନୁହେଁ।

## ଟ୍ରେନରେ ଧୂପ-ଦୀପ ଲଗାଇ ପୂଜା



ନୂଆଦିଲ୍ଲୀ, ୨୮।୭ଃ ଚଳନ୍ତା ଟ୍ରେନର ଏସି କୋଚ୍‌ରେ ପୂଜା। ଧୂପକାଠି ଲଗାଇ ବ୍ୟକ୍ତି ଜଣଙ୍କ ପୂଜା ଆରମ୍ଭ କରିଦେଲେ, ଯାହାର ଭିଡିଓ ଖୁବ୍ ଜୋରରେ ଭାଇରାଲ ହେଉଛି। ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି।। ଏଥିସହିତ ଭାଇରାଲ ଭିଡିଓକୁ ନେଇ ସୁରକ୍ଷା ଉପରେ ମଧ୍ୟ ବଡ଼ ପ୍ରଶ୍ନ ଉଠିଛି। ଭାଇରାଲ ହେଉଥିବା ଭିଡିଓରେ ଦେଖାଯାଉଛି ଯେ, ବ୍ୟକ୍ତି ଜଣଙ୍କ ଟ୍ରେନର ଏସି କୋଚ୍‌ରେ ଉପର ବର୍ଥରେ ବସି ପୂଜାପାଠ କରୁଛନ୍ତି। ତାଙ୍କ ସାମ୍ନାରେ ଏକ ଧୂପକାଠି ଏବଂ ତେଲ ଦୀପ ଜଳୁଛି। ଟ୍ରେନ କ୍ରମାଗତ ଭାବେ ଚାଲୁଥିଲେ ମଧ୍ୟ ସେ ଖୋଲା ନିଆଁ ବ୍ୟବହାର କରି ଧାର୍ମିକ ରୀତିନୀତି କରୁଛନ୍ତି। ବଗି ଭିତରେ ଧୂଆଁ ବ୍ୟାପୁଥିବା ଦେଖି ପାଖରେ ବସିଥିବା ଅନ୍ୟ ଯାତ୍ରୀମାନେ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଯାତ୍ରୀମାନେ କହିଥିଲେ ଯେ ଚଳନ୍ତା ଟ୍ରେନରେ ନିଆଁ ଜାଳିବା ଅତ୍ୟନ୍ତ ବିପଜ୍ଜନକ ଏବଂ ଏହା ଦ୍ୱାରା ବଡ଼ ଧରଣର ଦୁର୍ଘଟଣା ଘଟିପାରେ।

## ଛାତ୍ରଙ୍କ ଉପରେ ଆଣ୍ଟି-ରାୟଟ୍ ଗନ୍‌ରୁ ଗୁଳି



ନୂଆଦିଲ୍ଲୀ, ୨୮।୭ଃ ଜୁଲାଇ ୨୦ 'ସଂସଦ ମାର୍ଚ୍ଚ' ସମୟରେ ଜନ୍ତର ମନ୍ତରଠାରେ ଆନ୍ଦୋଳନରତ ଛାତ୍ରମାନଙ୍କୁ ଦମନ କରିବା ପାଇଁ ରାପିଡ୍ ଆକ୍ସନ୍ ଫୋର୍ସ (ଆରଏଏଫ୍) ଦୁଇଥର ଆଣ୍ଟି-ରାୟଟ୍ ଗନରୁ ଗୁଳିଚାଳନା କରିଥିବା ସହ ୫୫ଟି ନନ୍-ଇଲେକ୍ଟ୍ରିକ୍ ସେଲ୍, ୧୫ଟି ଇଲେକ୍ଟ୍ରିକ୍ ସେଲ୍ ଏବଂ ୫ଟି ଲୁହବୁହା ଗ୍ୟାସ୍ ଗ୍ରେନେଡ୍ ବ୍ୟବହାର କରିଥିବା ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାର ପୁଲିସ ଜେନେରାଲ ଡାଏରୀରୁ ସ୍ପଷ୍ଟ ହୋଇଛି। ଦିଲ୍ଲୀ ପୁଲିସର ଜଣେ ଡିସିପିସ୍ତରୀୟ ଅଫିସରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଏଥିରେ ବ୍ୟବହୃତ ପ୍ଲାଷ୍ଟିକ୍ ପେଲେଟ୍ ବାଜି ଅନ୍ତତଃ ୪ ଜଣ ଆନ୍ଦୋଳନକାରୀ ଆହତ ହୋଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ଗୃହମନ୍ତ୍ରୀ ଅମିତ ଶାହଙ୍କଠାରୁ ସଂସଦରେ ଜବାବ ଦାବି କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଚାରିଧାମ ଯାତ୍ରା ୨ ଦିନ ବନ୍ଦ

ଡେରାଡୁନ, ୨୮।୭ଃ ଉତ୍ତରାଖଣ୍ଡରେ ଅବିଶ୍ରାନ୍ତ ପ୍ରବଳ ବର୍ଷା ଯୋଗୁଁ ଚାରିଧାମ ଯାତ୍ରାକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ତୀର୍ଥଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ମଙ୍ଗଳବାର ଏବଂ ବୁଧବାର ପାଇଁ ବଦ୍ରିନାଥ, କେଦାରନାଥ, ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ଚାରିଧାମ ଯାତ୍ରାକୁ ସ୍ଥଗିତ ରଖିଛନ୍ତି। ରାଜ୍ୟର ଅନେକ ସ୍ଥାନରେ ଲଗାତାର ବର୍ଷା, ଭୂସ୍ଖଳନ ଏବଂ ରାସ୍ତା ବନ୍ଦ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରୀୟ ଜଳ ଆୟୋଗ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ ଏବଂ କାଶ୍ମୀର ଏବଂ ଲଦାଖରେ ମଧ୍ୟମ ଧରଣର ବନ୍ୟା ବିପଦର ଚେତାବନୀ ମଧ୍ୟ ଜାରି କରିଛନ୍ତି। ଗଡ଼ୱାଲ ଡିଭିଜନର କମିସନରଙ୍କ ଅନୁଯାୟୀ, ପାଗ ସ୍ୱାଭାବିକ ହେଲେ ଏବଂ ମାର୍ଗଗୁଡ଼ିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଘୋଷଣା କରାଯିବା ପରେ ହିଁ ଯାତ୍ରା ପୁଣି ଆରମ୍ଭ ହେବ।

## ୩ ବର୍ଷରେ ବିଦେଶରେ ୧,୯୦୦ ଭାରତୀୟଙ୍କ ଆତ୍ମହତ୍ୟା



ନୂଆଦିଲ୍ଲୀ, ୨୮।୭ଃ ୨୦୨୩ ରୁ ୨୦୨୫ ଗତ ୩ ବର୍ଷ ମଧ୍ୟରେ ବିଦେଶରେ ରହୁଥିବା ୧,୯୦୦ ରୁ ଅଧିକ ଭାରତୀୟ ନାଗରିକ ନିଜ ଜୀବନ ନେଇଛନ୍ତି। ସେଥି ମଧ୍ୟରେ ୭୦% ରୁ ଅଧିକ ମୃତ୍ୟୁ ଉପସାଗରୀୟ ଦେଶଗୁଡ଼ିକରେ ଘଟିଛି। କଂଗ୍ରେସ ସାଂସଦ ସତପାଲ ବ୍ରହ୍ମଚାରୀ ଏବଂ ଜୟ ପ୍ରକାଶଙ୍କ ଦ୍ୱାରା ବିଦେଶରେ ଭାରତୀୟ ନାଗରିକଙ୍କ ମୃତ୍ୟୁ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ଲୋକସଭାରେ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ଗଲ୍ଫ କର୍ପୋରେସନ କାଉନସିଲ (ଜିସିସି) ରାଷ୍ଟ୍ରଗୁଡ଼ିକରେ ୧,୩୪୦ ଜଣ ପ୍ରବାସୀ ଭାରତୀୟ ନିଜ ଜୀବନ ନେଇଛନ୍ତି। ସେଥିମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସରେ ସର୍ବାଧିକ ୫୧୧ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ସାଉଦି ଆରବରେ ୩୫୪, କୁଏତରେ ୧୬୨, ଓମାନରେ ୧୪୬, ବାହାରିନରେ ୧୦୧ ଏବଂ କତାର ଏହି ସଂଖ୍ୟା ୬୬ ରହିଛି।

## ନନ୍ଦିତା ସିହ୍ନା ସ୍ୱିଗି ଇନଷ୍ଟାମାର୍ଟର ସିଇଓ



ନୂଆଦିଲ୍ଲୀ, ୨୮।୭ଃ ସ୍ୱିଗି ଇନଷ୍ଟାମାର୍ଟରେ ଏକ ବଡ଼ ପରିବର୍ତ୍ତନ ଆସିଛି। କମ୍ପାନୀର ସିଇଓ ଅମିତେଶ କୁମାର ଝା ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ପରେ ନନ୍ଦିତା ସିହ୍ନାଙ୍କୁ ନୂତନ ସିଇଓ ଭାବରେ ନିଯୁକ୍ତ କରାଯାଇଛି; ସେ ଅଗଷ୍ଟରୁ ଏହି ଦାୟିତ୍ୱ ଗ୍ରହଣ କରିବେ। ଅମିତେଶ କୁମାର ଝାଙ୍କ ଇସ୍ତଫା ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ପ୍ରମୁଖ କାରଣ ସାମ୍ନାକୁ ଆସିନାହିଁ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କମ୍ପାନୀ କହିଛି ଯେ ସେ ଅନ୍ୟ ସୁଯୋଗ ହାସଲ କରିବା ପାଇଁ ଛାଡୁଛନ୍ତି। ତାଙ୍କ ସ୍ଥାନରେ ନନ୍ଦିତା ସିହ୍ନାଙ୍କୁ ନୂତନ ସିଇଓ ଭାବରେ ନିଯୁକ୍ତ କରାଯାଇଛି। ନନ୍ଦିତା ପୂର୍ବରୁ ମିନ୍ତ୍ରା ସହିତ ଜଡିତ ଥିଲେ। କମ୍ପାନୀ ଏକ ଏକ୍ସଚେଞ୍ଜ ଫାଇଲିଂରେ ଏହି ସୂଚନା ପ୍ରକାଶ କରିଛି। ନନ୍ଦିତା ସିହ୍ନାଙ୍କୁ ଭାରତୀୟ ଇ-କମର୍ସ ଏବଂ ଫ୍ୟାଶନ ଶିଳ୍ପରେ ଜଣେ ପ୍ରମୁଖ ବ୍ୟବସାୟିକ ନେତ୍ରୀ ଭାବରେ ବିବେଚନା କରାଯାଏ। ତାଙ୍କ ନେତୃତ୍ୱରେ ମିନ୍ତ୍ରା ଅନଲାଇନ ଫ୍ୟାଶନ ବଜାରରେ ଏକ ଦୃଢ଼ ପରିଚୟ ସୃଷ୍ଟି କରିଛି।

# ଟ୍ରମ୍ପଙ୍କ ପରିବାର ଉପରେ ଇରାନ୍‌ର ନଜର



ୱାଶିଂଟନ, ୨୮।୭ଃ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଏକ ଭୟଙ୍କର ଓ ଚାଞ୍ଚଲ୍ୟକର ଇରାନୀ ଭିଡିଓ ସାମ୍ନାକୁ ଆସିଛି। ଏହି ଭିଡିଓରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପତ୍ନୀ ମେଲାନିଆ ଟ୍ରମ୍ପ ଓ ସେମାନଙ୍କର ୨୦ ବର୍ଷୀୟ ପୁଅ ବାରୋନ ଟ୍ରମ୍ପଙ୍କୁ ଟାର୍ଗେଟ କରାଯାଇଛି।
'ହାଓ ଟୁ କିଲ୍ ମେଲାନିଆ ଟ୍ରମ୍ପ' ଶୀର୍ଷକ ଏହି ଭିଡିଓଟିରେ ଇରାନୀ ସମର୍ଥକମାନଙ୍କୁ ମେଲାନିଆଙ୍କୁ ହତ୍ୟା କରିବା ପାଇଁ ଉସୁକାଯାଇଛି। ଭିଡିଓରେ ମେଲାନିଆଙ୍କ ମୋଟରକାର୍ଡ ଏବଂ ନ୍ୟୁୟର୍କ ସହରରେ ସେ ପ୍ରାୟତଃ ଯାଉଥିବା ସ୍ଥାନଗୁଡ଼ିକର ଚିତ୍ର ଦେଖାଯାଇଛି, ଯେଉଁଥିରେ ତାଙ୍କ ପ୍ରିୟ ଡିଜାଇନର୍ ଷ୍ଟୋରଗୁଡ଼ିକର ନାମ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଏହା ସହିତ ଭିଡିଓଟି ସୂଚାଇ ଦେଉଛି ଯେ, ମେଲାନିଆ କିଣୁଥିବା ପୋଷାକଗୁଡ଼ିକ ବିପଦପୂର୍ଣ୍ଣ ବିଷାକ୍ତ ରାସାୟନିକ ପଦାର୍ଥ ଦ୍ୱାରା ଦୂଷିତ ହୋଇପାରେ। ଭିଡିଓରେ ଟ୍ରମ୍ପଙ୍କ ୨୦ ବର୍ଷୀୟ ପୁଅ ବାରୋନ ଟ୍ରମ୍ପଙ୍କୁ ଧମକ ଦେଇ କୁହାଯାଇଛି, ଏହା କେବଳ ଆରମ୍ଭ। ବାରୋନ ଟ୍ରମ୍ପ, ଆମକୁ ଅପେକ୍ଷା କର।

# ଏଆଇ, ଚାଟ୍‌ଜିପିଟି ବ୍ୟବହାର କରି ବନିଲେ ଏସ୍‌ଡିଏମ୍



ନୂଆଦିଲ୍ଲୀ, ୨୮।୭ଃ ନୋଏଡାର ଏକ ସାଧାରଣ ପରିବାର ଝିଅ କରିସ୍ମା ଚୌହାନ। ଉତ୍ତର ପ୍ରଦେଶ ପବ୍ଲିକ୍ ସର୍ଭିସ୍ କମିଶନ ୨୦୨୪ ପରୀକ୍ଷାରେ ୧୭ତମ ର୍ୟାଙ୍କ୍ ହାସଲ କରିବା ପରେ ୨୮ ବର୍ଷ ବୟସରେ ଏସ୍‌ଡିଏମ୍ ହୋଇଛନ୍ତି। କରିସ୍ମା ନୋଏଡାର ଏକ ସ୍କୁଲରେ ପଢିଥିଲେ। ତା'ପରେ ସେ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢିଥିଲେ। ସେଠାରୁ ପ୍ରାଣୀ ବିଜ୍ଞାନରେ ସ୍ନାତକ ଡିଗ୍ରୀ (ସମ୍ମାନ) ହାସଲ କରିଥିଲେ। ପରେ ସେ ଇଗ୍‌ନୋରେ ତାଙ୍କର ସ୍ନାତକୋତ୍ତର ପାଠପଢ଼ା ସମାପ୍ତ କରିଥିଲେ। ପାଠପଢ଼ା ବ୍ୟତୀତ କରିସ୍ମା ଖାଲି ସମୟରେ ବ୍ୟାଡ୍‌ମିଣ୍ଟନ ଖେଳିବା ଏବଂ ରୋଷେଇ କରିବାକୁ ଭଲ ପାଆନ୍ତି। ତାଙ୍କ ବାପା ଜଣେ ବ୍ୟବସାୟୀ, ମା' ଜଣେ ଗୃହିଣୀ ଓ ତାଙ୍କର ଜଣେ ସାନ ଭଉଣୀ ଅଛି।

ତାଙ୍କ ବାପା ପ୍ରଥମେ ତାଙ୍କୁ ୟୁପି ପିସିଏସ୍ ବିଷୟରେ କହିଥିଲେ। ତାଙ୍କ ବାପାଙ୍କ ସ୍ୱପ୍ନ ଥିଲା ତାଙ୍କ ଝିଅ ଜଣେ ପିସିଏସ୍ ଅଧିକାରୀ ହୁଅନ୍ତୁ। ସେ ତାଙ୍କ ବାପାଙ୍କ ସ୍ୱପ୍ନକୁ ସତ କରିଛନ୍ତି। ବିନା କୋଚିଂରେ ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

କରିସ୍ମାଙ୍କ ସଫଳତାର କାହାଣୀର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ତାଙ୍କର ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର। ସେ ପ୍ରକାଶ କରିଥିଲେ ଯେ, ମୁଖ୍ୟ ପରୀକ୍ଷା ପାଇଁ ପ୍ରସ୍ତୁତି ପାଇଁ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରିଥିଲେ। ସେ ସାଧାରଣ ଅଧ୍ୟୟନ ପେପର ୧ ରୁ ୪ ପାଇଁ ମଧ୍ୟ ଚତୁରତାର ସହିତ ଚାଟଜିପିଟି ବ୍ୟବହାର କରିଥିଲେ। ସେ ଏପରି ୨୦ ରୁ ୩୦ଟି ପ୍ରବନ୍ଧ ପ୍ରସ୍ତୁତ କରିଥିଲେ, ଯାହା ମଧ୍ୟରୁ ୩ଟି ପରୀକ୍ଷାରେ ସମାନ ଭାବରେ ଆସିଥିଲା। ତାଙ୍କ ପ୍ରସ୍ତୁତି ସମୟରେ ସେ ପ୍ରେରଣା ପାଇଁ ଚଳଚ୍ଚିତ୍ର ଏବଂ ୱେବ୍ ସିରିଜ୍ ଦେଖୁଥିଲେ।

## ମୋଦିଙ୍କୁ କ୍ଷମା ମାଗିଲା ମେଟା


ଭିଡିଓ ବ୍ଲକ୍ ମାମଲା

ନୂଆଦିଲ୍ଲୀ, ୨୮।୭ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଭିଡିଓ ଫେସବୁକରେ ବ୍ଲକ୍ ହେବା ଘଟଣାକୁ ନେଇ 'ମେଟା' ଭାରତ ସରକାରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛି। ବୈଷୟିକ ତ୍ରୁଟି ଯୋଗୁଁ ଏହି ଭିଡିଓଟି ହଟିଯାଇଥିଲା ଓ ଏହାକୁ ପୁନରୁଦ୍ଧାର କରାଯାଇଛି ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ମେଟା ଓ ଇନଷ୍ଟାଗ୍ରାମର ଗ୍ଲୋବାଲ୍ ହେଡଙ୍କୁ ସମନ କରି ସ୍ପଷ୍ଟୀକରଣ ମାଗିଛି। ଗତ ଜୁଲାଇ ୨୩ ତାରିଖରେ ପୋଷ୍ଟ କରାଯାଇଥିବା ଏହି ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦି କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ଛାତ୍ର ଆନ୍ଦୋଳନ ସମୟରେ 'ଜେନ୍ ଜି' ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ କଠୋର ଆଇନ୍ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ମଙ୍ଗଳବାର ଏହି ଭିଡିଓଟି ଫେସବୁକରେ ବ୍ଲକ୍ ହୋଇଯାଇଥିଲା। ନିୟମାନୁସାରେ ତାହା ଆଇନଗତ ଅନୁରୋଧ କାରଣରୁ ହଟାଯାଇଥିବା ସୂଚନା ଦେଖାଉଥିଲା। ବ୍ୟାପକ ଚର୍ଚ୍ଚା ପରେ ମେଟା ଏହାକୁ ନିଜର ଭୁଲ୍ ବୋଲି ସ୍ୱୀକାର କରି ପୁନଃ କାର୍ଯ୍ୟକ୍ଷମ କରିଛି।

## ନୀରବ ମୋଦିଙ୍କ ପ୍ରତ୍ୟର୍ପଣ
## ବିଳମ୍ବକୁ ନେଇ ବର୍ଷିଲେ ପ୍ରୀତି ପଟେଲ୍



ଲଣ୍ଡନ, ୨୮।୭ଃ ପଳାତକ ଭାରତୀୟ ହୀରା ବ୍ୟବସାୟୀ ନୀରବ ମୋଦୀଙ୍କ ପ୍ରତ୍ୟର୍ପଣରେ ବିଳମ୍ବକୁ ନେଇ ପୂର୍ବତନ ବ୍ରିଟିଶ ଗୃହ ସଚିବ ପ୍ରୀତି ପଟେଲ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ନିଜ ସରକାର ଓ ଆଇନଗତ ପ୍ରକ୍ରିୟାକୁ କଡ଼ା ସମାଲୋଚନା କରିଛନ୍ତି। ଏହି ମାମଲାରେ ବିଳମ୍ବ ଭାରତ ଓ ବ୍ରିଟେନ ମଧ୍ୟରେ ସମ୍ପର୍କକୁ ନକାରାତ୍ମକ ଭାବରେ ପ୍ରଭାବିତ କରିଛି। ଏତେ ଦୀର୍ଘ ବିଳମ୍ବ ଯୋଗୁଁ ଭାରତର ଭରସା କମିଛି ବୋଲି ସେ କହିଛନ୍ତି।

## ଖାଇକୁ ଖସିଲା ବସ୍
## ୫୦ ଜଣଙ୍କ ଜୀବନ ବଞ୍ଚାଇଲେ ଯବାନ




ଶ୍ରୀନଗର, ୨୮।୭ଃ ଜମ୍ମୁ ଓ କାଶ୍ମୀରର ଗାନ୍ଦରବଲ୍ ଜିଲ୍ଲାରେ ମଙ୍ଗଳବାର ଭୋର୍ ସମୟରେ ଅମରନାଥ ଯାତ୍ରାରୁ ଫେରୁଥିବା ପ୍ରାୟ ୫୦ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ହରାଇ ୨୦ ମିଟର ଗଭୀର ଖାଇକୁ ଖସି ପଡ଼ିଛି। ତୀର୍ଥଯାତ୍ରୀମାନେ ବାଲତାଲ୍‌ରୁ ଶ୍ରୀନଗର ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ସୌଭାଗ୍ୟବଶତଃ, ଘଟଣାସ୍ଥଳରେ ସୁରକ୍ଷା ବାହିନୀଙ୍କ ତୁରନ୍ତ ଉଦ୍ଧାର କାର୍ଯ୍ୟ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇ ପାରିଛି। ପ୍ରଶାସନ ଅନୁଯାୟୀ, ବସ୍ ନମ୍ବର ଏଆର୍-୧୧ ଡି-୫୬୫୫ ଭୋର୍ ପ୍ରାୟ ସାଢ଼େ ୫ଟା ସମୟରେ ହରିଗାନିୱାନ ନିକଟସ୍ଥ ଏସ୍-ଟର୍ଣ୍ଣରେ ପହଞ୍ଚିଥିଲା। ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ରାସ୍ତାରୁ ଓଲଟି ସିନ୍ଧ ନଦୀ କୂଳରେ ଏକ ଗଭୀର ଖାଇରେ ପଡ଼ିଯାଇଥିଲା। ନିକଟରେ ମୁତୟନ ଥିବା ସୁରକ୍ଷା ବାହିନୀ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

# ଆଲ୍ଲାଙ୍କ ଆଦେଶ କହି ୩ ମହିଳାଙ୍କୁ ଆକ୍ରମଣ



ପ୍ୟାରିସ୍, ୨୮।୭ଃ ଫ୍ରାନ୍ସର ରାଜଧାନୀ ପ୍ୟାରିସର ଉତ୍ତରାଞ୍ଚଳସ୍ଥିତ 'ପୋର୍ଟ ଡି କ୍ଲିଚି' ଆଦାଲତ ନିକଟରେ ସୋମବାର ଜଣେ ଯୁବକ ରୋଷେଇ ଘରେ ବ୍ୟବହାର ହେଉଥିବା ଛୁରୀ ଧରି ରାସ୍ତାରେ ତିନି ଜଣ ମହିଳାଙ୍କୁ ଆକ୍ରମଣ କରି ଗୁରୁତର ଆହତ କରିଛି। ଆହତ ମହିଳାମାନଙ୍କ ବୟସ ୧୯, ୨୪ ଓ ୩୬ ବର୍ଷ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଗର୍ଭବତୀ ଥିବା ଜଣାପଡ଼ିଛି। ଆକ୍ରମଣକାରୀ ଯୁବକଜଣକ ରାସ୍ତାରେ ଆତଙ୍କ ସୃଷ୍ଟି କରିବା ସହ 'ଆଲ୍ଲାଙ୍କ ଆଦେଶ'ରେ ସେ ଏହି ଆକ୍ରମଣ କରୁଥିବା ଦାବି କରିଛି।

ମହମ୍ମଦ-ଅଲି ବୁହାଦଜାର ନାମକ ଜଣେ ୨୬ ବର୍ଷୀୟ ଯୁବକଙ୍କ କହିବାନୁଯାୟୀ, ଅଭିଯୁକ୍ତଜଣକ ଜଣେ ମହିଳାଙ୍କ ପିଠିରେ ଛୁରୀ ଭୁସିବା ପରେ ସେଠାରେ ଥିବା କିଛି ସାହସୀ ଲୋକ ଏକାଠି ହୋଇ ତାଙ୍କ ଆଡ଼କୁ ଏକ ସୁଟକେସ୍ ଫିଙ୍ଗିଥିଲେ। ଫଳରେ ଆକ୍ରମଣକାରୀର ହାତରୁ ଛୁରୀ ଖସିପଡ଼ିଥିଲା ଏବଂ ଲୋକମାନେ ତାଙ୍କୁ କାବୁ କରିନେଇଥିଲେ। ପରେ ଛୁଟିରେ ଥିବା ଜଣେ ପୁଲିସ ଅଫିସର ଅଭିଯୁକ୍ତକୁ ଗିରଫ କରିଥିଲେ। ତେବେ ଆକ୍ରମଣର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ପୁଲିସ ଅନୁସାରେ ଗିରଫ ସମୟରେ ଅଭିଯୁକ୍ତଜଣକ ଅସଂଲଗ୍ନ ବାର୍ତ୍ତାଳାପ କରୁଥିଲା।

## କାକୁଡ଼ି ଚାଷକୁ ସବ୍‌ସିଡି
## ଟଙ୍କା ଫେରାଇଲେ କୃଷି ରାଷ୍ଟ୍ରମନ୍ତ୍ରୀ



ନୂଆଦିଲ୍ଲୀ, ୨୮।୭ଃ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାଗୀରଥ ଚୌଧୁରୀଙ୍କୁ ନିଜ ମନ୍ତ୍ରଣାଳୟ ଅଧୀନରେ ଚାଲିଥିବା ଏକ ଯୋଜନାରେ କାକୁଡ଼ି ଚାଷ ପାଇଁ ୯୯ ଲକ୍ଷ ଟଙ୍କାର ସବସିଡି ମିଳିଥିଲା। କେନ୍ଦ୍ର ସରକାର କହିଛନ୍ତି ଯେ ଭାଗୀରଥି ଚୌଧୁରୀ ଏହି ସବସିଡି ଟଙ୍କାକୁ ଫେରସ୍ତ କରିଛନ୍ତି। ଟିଏମ୍‌ସି ସାଂସଦ ଅଭିଷେକ ବାନାର୍ଜୀଙ୍କ ପ୍ରଶ୍ନର ଉତ୍ତର ଦେଇ କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର କହିଛନ୍ତି, ଭାଗୀରଥ ଚୌଧୁରୀ ସମ୍ପୃକ୍ତ ବ୍ୟାଙ୍କକୁ ସବସିଡି ରାଶି ଫେରାଇ ଦେଇଛନ୍ତି। ସମ୍ପୃକ୍ତ ବ୍ୟାଙ୍କକୁ ଏହି ସବ୍‌ସିଡି ରାଶି ଜାତୀୟ ଉଦ୍ୟାନ କୃଷି ବୋର୍ଡକୁ ଫେରାଇବା ପାଇଁ କୁହାଯାଇଛି। ରାମନାଥ ଠାକୁର ଗୃହକୁ ଜଣାଇଛନ୍ତି ଯେ, ଭାଗୀରଥ ଚୌଧୁରୀଙ୍କ ବ୍ୟତୀତ ରାଜସ୍ଥାନର ଜାଲୋରରୁ ବିଜେପି ସାଂସଦ ଲୁମ୍ବାରାମ ଚୌଧୁରୀଙ୍କୁ ମଧ୍ୟ ଗତ ପାଞ୍ଚ ବର୍ଷ ମଧ୍ୟରେ ଜାତୀୟ ଉଦ୍ୟାନ କୃଷି ବୋର୍ଡର ଯୋଜନାଗୁଡ଼ିକ ଅଧୀନରେ ଆର୍ଥିକ ସହାୟତା ମିଳିଛି।

# ସ୍ତ୍ରୀକୁ ଫାଶୀ ଦେଇ ହତ୍ୟାକଲା ସ୍ୱାମୀ




ବେଙ୍ଗାଲୁରୁ, ୨୮।୭ଃ କର୍ଣ୍ଣାଟକର ବାଗଲକୋଟ ଜିଲ୍ଲାରେ ଜଣେ ୨୩ ବର୍ଷୀୟା ମହିଳାଙ୍କୁ ତାଙ୍କ ସ୍ୱାମୀ ପରକୀୟା ପ୍ରୀତି ସନ୍ଦେହରେ ଫାଶୀ ଦେଇ ହତ୍ୟା କରିଛି। ପୁଲିସର କହିବା ଅନୁଯାୟୀ, ଅଭିଯୁକ୍ତ ଜଣକ ମହିଳାଙ୍କ ଶେଷ ମୁହୂର୍ତ୍ତର ଏକ ଭିଡିଓ ରେକର୍ଡ କରି ସମ୍ପର୍କୀୟ ଓ ସାଙ୍ଗମାନଙ୍କୁ ପଠାଇଥିଲା। ଏପରିକି ଶ୍ୱଶୁର-ଶାଶୂଙ୍କୁ ଭିଡିଓ କଲ୍ କରି ଝିଅର ମୃତ୍ୟୁର ଦୃଶ୍ୟ ଦେଖିବାକୁ ବାଧ୍ୟ କରିଥିଲା।

ମୃତ ମହିଳାଙ୍କ ନାମ ଭାଗ୍ୟଶ୍ରୀ ଜିଗାଲୁରୁ। ମୃତ ମହିଳା ସୋମବାର ସକାଳେ ହିଁ ସ୍ୱାମୀଙ୍କ ସହ ସମ୍ପର୍କ ସୁଧାରିବା ଆଶାରେ ନିଜ ଶାଶୂଘରକୁ ଫେରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ପ୍ରବୀଣ ଜିଗାଲୁରୁ ପ୍ରଥମେ ଭାଗ୍ୟଶ୍ରୀଙ୍କୁ ଏକ କାଠ ବାଡ଼ିରେ ପିଟିଥିଲା ଓ ପରେ ଶୋଇବା ଘର ଭିତରେ ଏକ ସବୁଜ ରଙ୍ଗର ଓଢ଼ଣୀ ସାହାଯ୍ୟରେ ତାଙ୍କୁ ଫାଶୀ ଦେଇଥିଲା। ସ୍ତ୍ରୀର ପରକୀୟା ପ୍ରୀତି ଥିବା ସନ୍ଦେହ କରି ସେ ଏହି କାଣ୍ଡ ଭିଆଇଥିବା ପୋଲିସ ସୂଚନା ଦେଇଛି।

ତଦନ୍ତକାରୀ ଅଧିକାରୀଙ୍କ କହିବା ଅନୁଯାୟୀ, ଫାଶୀରେ ଝୁଲାଇବା ପରେ ଅଭିଯୁକ୍ତ ଭାଗ୍ୟଶ୍ରୀ ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରୁଥିବାର ଭିଡିଓ ରେକର୍ଡ କରି ବନ୍ଧୁ ଓ ସମ୍ପର୍କୀୟଙ୍କ ନିକଟକୁ ପଠାଇଥିଲା। ଏହା ସହ ସେ ଶ୍ୱଶୁର-ଶାଶୂଙ୍କୁ ଭିଡିଓ କଲ୍ କରି ସେମାନଙ୍କ ଝିଅ ଶେଷ ନିଃଶ୍ୱାସ ତ୍ୟାଗ କରୁଥିବାର ଭୟାନକ ଦୃଶ୍ୟ ଦେଖିବାକୁ ବାଧ୍ୟ କରିଥିଲା।

## ଭିଡିଓ କଲ୍ କରି ଶାଶୂ-ଶ୍ୱଶୁରଙ୍କୁ ଦେଖାଇଲା

ସ୍ୱାମୀଙ୍କ ସହ କ୍ରମାଗତ ବିବାଦ ହେତୁ ଭାଗ୍ୟଶ୍ରୀ ନିଜ ବାପାମାଆଙ୍କ ସହ ରହୁଥିଲେ। ତଦନ୍ତକାରୀଙ୍କ ଅନୁଯାୟୀ, ପ୍ରବୀଣ ଶାନ୍ତିରେ ଏକାଠି ରହିବା ପାଇଁ ପ୍ରତିଶ୍ରୁତି ଦେଇ ତାଙ୍କୁ ଘରକୁ ଫେରିବାକୁ ମନାଇଥିଲା। ମାତ୍ର ସେ ଯେଉଁ ଦିନ ଫେରିଥିଲେ, ସେହି ସନ୍ଧ୍ୟାରେ ହିଁ ତାଙ୍କୁ ହତ୍ୟା କରାଯାଇଥିଲା।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନୀ ଆଧାରିତ ପୁସ୍ତକ ଓଡ଼ିଆ ଓ ହିନ୍ଦୀ ଭାଷାରେ ଉନ୍ମୋଚିତ

# ପଥ ଅନୁସରଣ ହିଁ ପ୍ରକୃତ ଶ୍ରଦ୍ଧାଞ୍ଜଳି: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ପୂଜ୍ୟ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଦର୍ଶାଯାଇଥିବା ମାର୍ଗ ଓ ସେବାକାର୍ଯ୍ୟକୁ ଅନୁସରଣ କରିବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ସ୍ୱାମୀଜୀ ଯେଉଁ ମୂଲ୍ୟବୋଧ, ସମାଜସେବା ଓ ରାଷ୍ଟ୍ରରକ୍ଷା ପାଇଁ ନିଜ ଜୀବନକୁ ଆହୁତି ଦେଇଥିଲେ, ତାଙ୍କର ସେହି ପ୍ରେରଣା ଓ ସଂକଳ୍ପକୁ ଆତ୍ମସ୍ଥ କରି ଓଡ଼ିଶାକୁ ଆଗକୁ ନେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ମଙ୍ଗଳବାର ଭୁବନେଶ୍ୱର ଠାରେ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନୀ ଓ ସାଧନା ଆଧାରିତ ପୁସ୍ତକ 'ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ : କୃତି ଓ ବ୍ୟକ୍ତିତ୍ୱ' ଉନ୍ମୋଚନ ହେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। 'ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି



ଯେ, ଆଜି ପ୍ରକାଶିତ ଗ୍ରନ୍ଥଟି କେବଳ ଏକ ପୁସ୍ତକ ନୁହେଁ, ବରଂ ଏକ ଯୁଗପୁରୁଷଙ୍କ ସାଧନା, ସଂଘର୍ଷ ଓ ତପସ୍ୟାର ଅମୃତ ଆଲେଖ୍ୟ। ଏପରି ଏକ ଗ୍ରନ୍ଥର ଆବଶ୍ୟକତା ବହୁ ଦିନରୁ ଅନୁଭୂତ ହେଉଥିଲା, ଯାହା ଆଜି ପୂରଣ ହୋଇପାରିଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମାନନୀୟ ସରକାର୍ଯ୍ୟବାହ ଶ୍ରୀ ଦତ୍ତାତ୍ରେୟ ହୋସବୋଲେ ଜୀ ଏହି ପୁସ୍ତକର ମାର୍ଗଦର୍ଶନ ଓ ଶୁଭାରମ୍ଭ କରିଥିବାରୁ, ଶ୍ରୀ ପ୍ରଧାନ ଓଡ଼ିଶାବାସୀଙ୍କ ତରଫରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୂଜ୍ୟ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ସ୍ୱାମୀଜୀ ହେଉଛନ୍ତି ସମଗ୍ର ଓଡ଼ିଶା ଏବଂ ସନାତନ ସମାଜର ଅତ୍ୟନ୍ତ ଶ୍ରଦ୍ଧାର କେନ୍ଦ୍ରବିନ୍ଦୁ। ନିଜ ପିଲାଦିନର ସ୍ମୃତି ମନେ ପକାଇ ସେ କହିଛନ୍ତି ଯେ, ସ୍ୱାମୀଜୀ କେବଳ ଆଧ୍ୟାତ୍ମିକ ସାଧନା ମଧ୍ୟରେ ସୀମିତ ନଥିଲେ, ବରଂ ଗ୍ରାମାଞ୍ଚଳରେ ଜନସେବନ ଓ ସାମାଜିକ ଉନ୍ନୟନମୂଳକ କାର୍ଯ୍ୟ କରୁଥିଲେ। ଆଜିକୁ ପ୍ରାୟ ୪୦ ବର୍ଷ ପୂର୍ବେ ୧୯୮୬ ମସିହାରେ, ଯେତେବେଳେ ସେ ତାଳଚେରର କଲେଜରେ ଛାତ୍ର ସଂସଦର ସଭାପତି ଥିଲେ, ତତ୍କାଳୀନ ସରକାର ସ୍ୱାମୀଜୀଙ୍କୁ ଗିରଫ କରିବାକୁ ଚାହୁଁଥିବା ବେଳେ ସଂଘର ପ୍ରଚାରକ ଶ୍ୟାମ ଗୁପ୍ତାଜୀଙ୍କ ସୂଚନାକ୍ରମେ ସେ ନିଜ ସାଥୀମାନଙ୍କ ସହ ରାତିରେ ପାଣିଓଲା ଆଶ୍ରମରେ ପହଞ୍ଚି ସ୍ୱାମୀଜୀଙ୍କୁ ପ୍ରଥମ ଥର ପାଇଁ ଭେଟିଥିଲେ।

କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଦତ୍ତାତ୍ରେୟ ହୋସବୋଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଅର୍ଦ୍ଧନାରୀଶ୍ୱର କ୍ରିୟାଯୋଗ ସଂଗଠନର ଆଧ୍ୟାତ୍ମିକ ମୁଖ୍ୟ ସ୍ୱାମୀ ପରମହଂସ ପ୍ରଜ୍ଞାନାନନ୍ଦ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସ ଅଧ୍ୟକ୍ଷ ସ୍ୱାମୀ ଜୀବନ ମୁକ୍ତାନନ୍ଦ, ନ୍ୟାସର ପରିଚାଳନା ଟ୍ରଷ୍ଟି ମନସୁଖଲାଲ ସେଠିଆ, ପୁସ୍ତକର ଲେଖକ ତଥା ଉତ୍କଳ ପ୍ରାନ୍ତର ପୂର୍ବତନ ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ, ଉତ୍କଳ ପ୍ରାନ୍ତ ଭାରତୀୟ ଶିକ୍ଷଣ ମଣ୍ଡଳର ପ୍ରାକ୍ତନ ଅଧ୍ୟକ୍ଷ ଡ. ବାଞ୍ଛାନିଧି ପଣ୍ଡା, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଓ ପ୍ରଭାତ ପ୍ରକାଶନର ପ୍ରକାଶକ, ପୂଜ୍ୟ ସାଧୁ-ସନ୍ଥଗଣ ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## ଅତିନ ଘୋଷଙ୍କୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ସୁରକ୍ଷା

କୋଲକାତା,୨୮।୭(ସଂଚାର ବ୍ୟୁରୋ): କୋଲକାତା ହାଇକୋର୍ଟ ଅତିନ ଘୋଷଙ୍କୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ଗିରଫଦାରୀରୁ ସୁରକ୍ଷା ପ୍ରଦାନ କରିଛନ୍ତି। ମାମଲାର ଏକକ ଶୁଣାଣି ଅଗଷ୍ଟ ୧୦ ତାରିଖରେ ହେବାର ଅଛି। ଯଦିଓ ଆବେଦନକାରୀ ଓ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲମାନେ ଶୁଣାଣି ପାଇଁ ଉପସ୍ଥିତ ଥିଲେ, କିନ୍ତୁ ପ୍ରାଥମିକ ଅଭିଯୋଗକାରୀ ସ୍ଥଗିତ ରଖିବାକୁ ଆବେଦନ କରିଥିଲେ। ପରବର୍ତ୍ତୀ ସମୟରେ ବିଚାରପତି ତୀର୍ଥଙ୍କର ଘୋଷ ଅତିନ ଘୋଷ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫଦାରୀରୁ ସୁରକ୍ଷା ପ୍ରଦାନ କରି ଏକ ଲିଖିତ ନିର୍ଦ୍ଦେଶ ଜାରି କରିଛନ୍ତି।

## ଭଙ୍ଗାଗଲା ଇସିଏଲ୍ ବାସଭବନ

କୋଲକାତା,୨୮।୭(ସଂଚାର ବ୍ୟୁରୋ): ଆସାନସୋଲର ଶ୍ରୀପୁରର ଅଞ୍ଚଳର ଗିରମିଟରେ ଇସିଏଲ୍ କର୍ତ୍ତୃପକ୍ଷ ଏକ ଅଭିଯାନ ଚଳାଇଛନ୍ତି। ସୂତ୍ରରୁ ଜାଣିବାକୁ ମିଳିଛି ଯେ, ପରିତ୍ୟକ୍ତ ଇସିଏଲ୍ ହାଉସିଂ କ୍ୱାର୍ଟର୍ସରେ ବାହାର ଲୋକଙ୍କ ଦଖଲ ବଢ଼ିବାରେ ଲାଗିଛି। ଏହି କ୍ୱାର୍ଟର୍ସଗୁଡ଼ିକ ଏତେ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଯେ ଯେକୌଣସି ମୁହୂର୍ତ୍ତରେ ଏହା ଭାଙ୍ଗିଯିବାର ଆଶଙ୍କା ରହିଛି। ପରିସ୍ଥିତିର ସମ୍ମୁଖୀନ ହୋଇଥିବା ଲୋକଙ୍କୁ ବାରମ୍ବାର ବୁଝାଇବା ସତ୍ତ୍ୱେ କେହି ପରିସର ଖାଲି କରିବାକୁ ରାଜି ହୋଇ ନଥିଲେ। ଫଳସ୍ୱରୂପ ମଙ୍ଗଳବାର ଇସିଏଲ୍ କର୍ତ୍ତୃପକ୍ଷ ବୁଲଡୋଜର ବ୍ୟବହାର କରି ଏହି ପରିତ୍ୟକ୍ତ କ୍ୱାର୍ଟର୍ସଗୁଡ଼ିକ ମଧ୍ୟରୁ ୨୦ଟିକୁ ଭାଙ୍ଗି ଦେଇଛନ୍ତି। ଭାଙ୍ଗିବା ସମୟରେ କୌଣସି ଅପ୍ରୀତିକର ଘଟଣା ନ ଘଟାଇବା ପାଇଁ ଅଞ୍ଚଳରେ ଏକ ବିଶାଳ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ବିପୁଳ ଗଞ୍ଜେଇ ଜବତ, ୭ ଅଟକ



କୋଲକାତା,୨୮।୭(ସଂଚାର ବ୍ୟୁରୋ): ସୋମବାର ରାତିରେ କୋଲକାତା ପୁଲିସ ଏସ୍‌ଟିଏଫ୍ ପୁରୁଲିଆ ଜିଲ୍ଲା ପୁଲିସ ସହାୟତାରେ ଏକ ପ୍ରମୁଖ ଆନ୍ତଃରାଜ୍ୟ ନିଶା କାରବାର ଦଳକୁ ଅଟକ ରଖିଛି। ଏକ ସୂଚନା ଆଧାରରେ ପୁରୁଲିଆ ଥାନା ଅନ୍ତର୍ଗତ ବେଲକୁରୀ ଟୋଲ ପ୍ଲାଜା ନିକଟରେ ଏନ୍‌ଏଚ୍-୧୮ ରେ ଏକ ଟ୍ରକକୁ ଅଟକାଯାଇଥିଲା। ଡ୍ରାଇଭର ସିଟ୍ ପଛରେ ଏକ ସ୍ୱତନ୍ତ୍ର ଭାବରେ ନିର୍ମିତ ଗୁପ୍ତ କମ୍ପାର୍ଟମେଣ୍ଟରୁ ବିପୁଳ ପରିମାଣର ଅବୈଧ ଗଞ୍ଜେଇ ଜବତ କରାଯାଇଥିଲା। ଟ୍ରକ ସହିତ ଓଡ଼ିଶାରୁ ଆସାନସୋଲ ଅଭିମୁଖେ ଯାତ୍ରା କରୁଥିବା ଦୁଇଟି ଏସ୍କର୍ଟ ଯାନକୁ ମଧ୍ୟ ଅଟକାଯାଇଥିଲା ଏବଂ ମୋଟ ସାତ ଜଣଙ୍କୁ ଅଟକ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମବଙ୍ଗ ସରକାର ବେଆଇନ ନିଶା କାରବାର ଏବଂ ଆମ ଯୁବପିଢ଼ି ଏବଂ ସମାଜର ସୁରକ୍ଷା ଏବଂ କଲ୍ୟାଣ ପାଇଁ ବିପଦ ସୃଷ୍ଟି କରୁଥିବା ଯେକୌଣସି ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ଶୂନ୍ୟ-ସହିଷ୍ଣୁତା ନୀତି ବଜାୟ ରଖେ। ମୁଁ ଆମ ପୁଲିସ କର୍ମଚାରୀଙ୍କ ଅକ୍ଳାନ୍ତ ସତର୍କତା ଏବଂ ସମର୍ପଣକୁ ପ୍ରଶଂସା କରୁଛି। ଆମେ ଦୃଢ଼ ହସ୍ତରେ ଅପରାଧିକ ସିଣ୍ଡିକେଟଗୁଡ଼ିକୁ ମୂଳପୋଛ କରିବାର ପ୍ରକ୍ରିୟା ଜାରି ରଖିବୁ।

## ନଦୀ ବନ୍ଧରେ ଏକାଧିକ ଘାଇ, ମୌସୁନିରେ ଆତଙ୍କ



କୋଲକାତା,୨୮।୭(ସଂଚାର ବ୍ୟୁରୋ): ନଦୀ ବନ୍ଧର ଦୁଇଟି ସ୍ଥାନରେ ଭୂସ୍ଖଳନ ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ନାମଖାନାର ମୌସୁନି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୟଲାଘେରି ଗ୍ରାମରେ ଏହି ଘଟଣା ଘଟିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୟଲାଘେରିର ବେରା ଓ ମାନ୍ନାଘାଟ ନିକଟରେ ସୋମବାର ଚିନାଇ ନଦୀ ବନ୍ଧର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିଛି। ବେରା ଘାଟରେ ପ୍ରାୟ ୧୦୦ ମିଟର ଏବଂ ମାନ୍ନା ଘାଟରେ ୨୦୦ ମିଟର ବନ୍ଧ ଧସି ଯାଇଛି। ସ୍ଥାନୀୟ ବାସିନ୍ଦା ଦେବୁ ଦାସ କହିଛନ୍ତି ଯେ ଉଚ୍ଚ ଜୁଆର ସମୟରେ ଜଳସ୍ତର ବୃଦ୍ଧି ସହିତ ଲଗାତାର ବର୍ଷା ଯୋଗୁଁ ବନ୍ଧର ମାଟି ଢିଲା ହୋଇ ଭୁଶୁଡ଼ି ପଡ଼ିଛି। ସେ ସତର୍କ କରାଇ ଦେଇଛନ୍ତି ଯେ ସ୍ଥାୟୀ କଂକ୍ରିଟ୍ ବନ୍ଧ ନିର୍ମାଣ ନ ହେଲେ ଭବିଷ୍ୟତରେ ସମଗ୍ର ଗାଁ ଲୁଣିଆ ପାଣିରେ ବୁଡ଼ିଯିବାର ଆଶଙ୍କା ରହିଛି। ମୌସୁନି ଗ୍ରାମ ପଞ୍ଚାୟତର ପ୍ରଧାନ ମାନସୀ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଜଳସେଚନ ବିଭାଗକୁ ଏ ବିଷୟରେ ଅବଗତ କରାଯାଇଛି।

## ୨ ସରକାରୀ ବସ୍ ସେବା ଉଦ୍‌ଘାଟନ

କୋଲକାତା,୨୮।୭(ସଂଚାର ବ୍ୟୁରୋ): ରାଜ୍ୟର ପରିବହନ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମର ଲୋକଙ୍କ ପାଇଁ ଦୁଇଟି ସରକାରୀ ବସ୍ ସେବା ଆରମ୍ଭ କରିଥିଲେ। କିନ୍ତୁ ସେ ଦଳ ପରିବର୍ତ୍ତନ କରିବା ପରେ ତୁରନ୍ତ ଦୁଇଟି ସରକାରୀ ବସ୍ ପ୍ରତ୍ୟାହାର କରିନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ହେବା ପରେ ସେ ପୁଣି ଥରେ ନନ୍ଦିଗ୍ରାମ ପାଇଁ ଦୁଇଟି ବସ୍ ପ୍ରଚଳନ କରିଛନ୍ତି।

୩ରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ପ୍ରସ୍ତୁତି ସମ୍ପର୍କରେ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତର କାର୍ଯ୍ୟସୂଚୀ ସମ୍ପର୍କରେ ସୁରକ୍ଷା, ପ୍ରୋଟୋକଲ ଓ ପ୍ରଶାସନିକ ପ୍ରସ୍ତୁତିର ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ, ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ପୂର୍ବତଟ ରେଳପଥର ଡିଭିଜନାଲ ରେଳ ପ୍ରବନ୍ଧକଙ୍କ ସମେତ ବିଭିନ୍ନ ବିଭାଗ ଓ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କଟକ ଜିଲ୍ଲାପାଳ, ଗଞ୍ଜାମ ଜିଲ୍ଲାପାଳ ଓ ସମ୍ପୃକ୍ତ ଜିଲ୍ଲାର ପୁଲିସ ଅଧୀକ୍ଷକମାନେ ଆଭାସୀରେ ବୈଠକରେ ଯୋଗଦେଇଥିଲେ। ସୂଚନାନୁସାରେ, ରାଷ୍ଟ୍ରପତି ୩ ମଧ୍ୟାହ୍ନରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଅପରାହ୍ଣରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସେଠାରୁ 'ଲୋକ ଭବନ'ରେ ପହଞ୍ଚିବେ। ପରେ ପରେ ସଡ଼କ ପଥରେ ରାଷ୍ଟ୍ରପତି କଟକ ଜିଲ୍ଲା ଡମପଡ଼ା ତହସିଲ ଅନ୍ତର୍ଗତ ବାଆଁରା ନିକଟସ୍ଥ ଜଗଦଗୁରୁ କୃପାଳୁ ବିଶ୍ୱ ବିଦ୍ୟାଳୟଠାରେ ପହଞ୍ଚି ସେଠାରେ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିବେ ଓ କାର୍ଯ୍ୟକ୍ରମ ସାରି ସନ୍ଧ୍ୟାରେ ଲୋକ ଭବନରେ ପହଞ୍ଚି ରାତ୍ର ରହଣି କରିବେ। ପରଦିନ ସକାଳେ ରାଷ୍ଟ୍ରପତି ଭୁବନେଶ୍ୱର ରେଳ ଷ୍ଟେସନରୁ ରେଳ ଯୋଗେ ବ୍ରହ୍ମପୁର ଗସ୍ତ କରିବେ। ବର୍ଷାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ରେଳ ଯୋଗେ ବ୍ରହ୍ମପୁର ଗସ୍ତ କରିବେ ବୋଲି ସ୍ପଷ୍ଟ ହୋଇଛି। ରାଷ୍ଟ୍ରପତି ବ୍ରହ୍ମପୁରରେ ପହଞ୍ଚି ସଡ଼କ ପଥରେ ତପ୍ତପାଣି ପରିଦର୍ଶନ କରି ସେଠାରେ ମା' କନ୍ଧୁଣୀ ଦେବୀ ପୀଠରେ ଦର୍ଶନ, ଆଳତି ଓ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେବେ। ଦର୍ଶନ ପରେ ସେଦିନ ଆର୍ମି ଏଡି କଲେଜ ବା ପରବର୍ତ୍ତୀ ସମୟରେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଅନୁସାରେ ରାଷ୍ଟ୍ରପତି ରାତ୍ର ରହଣି କରିବେ। ରାଷ୍ଟ୍ରପତି ବ୍ରହ୍ମପୁର-ଗୋପାଳପୁରସ୍ଥିତ ଧବଳେଶ୍ୱର ମନ୍ଦିର ପରିଦର୍ଶନ କରିବେ।

## ପୁରୁଲିଆ ଷ୍ଟେସନରୁ ନାବାଳିକା ଉଦ୍ଧାର

କୋଲକାତା,୨୮।୭ (ସଂଚାର ବ୍ୟୁରୋ): ସରକାରୀ ରେଳବାଇ ପୁଲିସ (ଜିଆର୍‌ପି) ପୁରୁଲିଆ ରେଳ ଷ୍ଟେସନରୁ ଜଣେ ନାବାଳିକାକୁ ସୁରକ୍ଷିତ ଭାବରେ ଉଦ୍ଧାର କରି ଆବଶ୍ୟକୀୟ ଆଇନଗତ ଔପଚାରିକତା ପୂରଣ କରିବା ପରେ ତାଙ୍କୁ ଏକ ସୁରକ୍ଷା ଗୃହକୁ ପଠାଇ ଦେଇଛି। ପୁଲିସର ସୂଚନା ଅନୁଯାୟୀ, ସୋମବାର ଜୁଲାଇ ୨୭ ତାରିଖ ସନ୍ଧ୍ୟାରେ ପୁରୁଲିଆ ରେଳ ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରେ ନାବାଳିକାକୁ ଏକାକୀ ଓ ଲକ୍ଷ୍ୟହୀନ ଭାବରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ଡ୍ୟୁଟିରେ ଥିବା ଜିଆର୍‌ପି କର୍ମଚାରୀମାନେ ତାଙ୍କୁ ନିଜ ଯତ୍ନରେ ନେଇଥିଲେ ଏବଂ ଷ୍ଟେସନର ଶିଶୁ-ଅନୁକୂଳ କୋଠରୀକୁ ନେଇଯାଇଥିଲେ, ଯେଉଁଠାରେ ଜଣେ ମହିଳା କନଷ୍ଟେବଳ ତାଙ୍କର ଦେଖାଶୁଣା କରୁଥିଲେ। କାଉନସେଲିଂ ସମୟରେ, ନାବାଳିକାଟି ନିଜକୁ ରୁବିନା ପରୱିନ ବୋଲି ପରିଚୟ ଦେଇ କହିଥିଲେ ଯେ ସେ ପୁରୁଲିଆ ଜିଲ୍ଲାର ବଡବଜାର ଥାନା ଅଞ୍ଚଳରେ ଥିବା ତାଙ୍କ ଘରୁ ବାହାରି ଆସିଥିଲେ।

● ବନ୍ୟା ପୀଡ଼ିତଙ୍କୁ ସହାୟତା

## ମାସକର ଦରମା ଦେବେ ବିଧାୟକ

ନୂଆଦିଲ୍ଲୀ,୨୮।୭: ଦଳମତ ନିର୍ବିଶେଷରେ ଆସାମର ବିଧାୟକମାନେ ଗୋଟିଏ ମାସର ଦରମା ବନ୍ୟା ପ୍ରପୀଡ଼ିତଙ୍କ ଲାଗି ଦେବାକୁ ସ୍ଥିର କରିଛନ୍ତି । ଏହି ଟଙ୍କାରେ ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ ସାମଗ୍ରୀ ଯୋଗାଇ ଦିଆଯିବ। ଆସାମରେ ଭୟଙ୍କର ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବିଧାୟକ ସେମାନଙ୍କର ଗୋଟିଏ ମାସର ଦରମା ବନ୍ୟା ରିଲିଫ୍ ଫଣ୍ଡକୁ ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଶେଷ କରି ଉପର ଆସାମର ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକର ଲୋକଙ୍କୁ ସହାୟତା କରିବା ପାଇଁ ଆସାମ ବିଧାନସଭା ବଜେଟ୍ ଅଧିବେଶନ ସମୟରେ ଏହି ମିଳିତ ନିଷ୍ପତ୍ତି ନିଆଯାଇଛି। ଶିବସାଗର, ଚରାଇଦେଓ, ଜୋରହାଟ ଓ ଗୋଲାଘାଟ ଜିଲ୍ଲାରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ଓ ସେମାନଙ୍କ ଜୀବନଯାତ୍ରାକୁ ସ୍ୱାଭାବିକ କରିବା ପାଇଁ ଶାସକ ଓ ବିରୋଧୀ ଦଳର ସମସ୍ତ ବିଧାୟକ ଏକମତ ହୋଇ ନିଜ ଦରମା ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ବେଦାନ୍ତ ଆଲୁମିନିୟମର ବ୍ୟାପକ ସହାୟତା ଅଭିଯାନ

## ୧୯ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ହ୍ୱିଲଚେୟାର ବଣ୍ଟନ



ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଦିବ୍ୟାଙ୍ଗଙ୍କ ପାଇଁ ଏହାର ସହାୟତା ପଦକ୍ଷେପକୁ ବ୍ୟାପକ କରିଛି। ଏହି ପଦକ୍ଷେପର ଅଂଶ ଭାବରେ ଗତିଶୀଳତା ଓ ସୁଗମତାକୁ ବୃଦ୍ଧି କରିବା ପାଇଁ ୪୯ ଜଣ ହିତାଧିକାରୀ ହୁଇଲଚେୟାର ଓ ଶ୍ରବଣ ଯନ୍ତ୍ର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜାମଖାନି, ଗିରିସିମା, ଝାରପଲମ, ମେଣ୍ଡ୍ରାର ଆର ଆଣ୍ଡ ଆର କଲୋନୀ, ଗର୍ଜନଜୋର, ବିଲିମୁଣ୍ଡା, ଛତାବର ଏବଂ ଘୋଘରପଲ୍ଲୀକୁ ସମ୍ପ୍ରସାରିତ ହୋଇଥିଲା, ଯେଉଁଠାରେ ଚିହ୍ନଟ ହୋଇଥିବା ହିତାଧିକାରୀମାନଙ୍କୁ ୧୯ଟି ହୁଇଲଚେୟାର ବଣ୍ଟନ କରାଯାଇଥିଲା। ଏଭଳି ପ୍ରୟାସ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଏହାର କାର୍ଯ୍ୟ କ୍ଷେତ୍ରରେ ଅତ୍ୟାବଶ୍ୟକ ସହାୟତା ସେବାଗୁଡ଼ିକୁ ସୁଦୃଢ଼ କରିଛି। ଏହି ସହାୟକ ଉପକରଣଗୁଡ଼ିକୁ ଗର୍ଜନଜୋର ପଞ୍ଚାୟତର ସରପଞ୍ଚ ସୁନନ୍ଦା କାଲୋଙ୍କ ସମେତ ମାନ୍ୟତାପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) କର୍ମୀ, କମିଟି ସଦସ୍ୟ ଏବଂ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ବଣ୍ଟନ କରାଯାଇଥିଲା। ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି ଯେ, ବେଦାନ୍ତ ଆଲୁମିନିୟମ କୋଇଲା ଖଣିରେ ବ୍ୟବହାରିକ ଓ ସମାବେଶୀ ହସ୍ତକ୍ଷେପ ମାଧ୍ୟମରେ ସମ୍ପ୍ରଦାୟର ଆବଶ୍ୟକତାକୁ ସମାଧାନ କରିବା ଉପରେ ଆମର ଧ୍ୟାନ ରହିଛି। ଆବଶ୍ୟକ ସହାୟତା ପ୍ରଦାନ କରି ଆମେ ଦିବ୍ୟାଙ୍ଗ ଓ ବୟସ୍କ ସଦସ୍ୟମାନଙ୍କ ସୁଗମତାକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛୁ। ଗର୍ଜନଜୋର ନୂଆଡିହିର ଆଶାଦିଦି ଦମୟନ୍ତି ନାୟକ କହିଛନ୍ତି ଯେ, ଆମ ସମ୍ପ୍ରଦାୟର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଏହି ସହାୟତା ପ୍ରଦାନ କରିଥିବାରୁ ମୁଁ ବେଦାନ୍ତ ଆଲୁମିନିୟମ କୋଇଲା ଖଣିକୁ ପ୍ରଶଂସା କରୁଛି। ଗିରିସିମା ଗାଁର ବାସିନ୍ଦା କେଶବ ପୁରାଲେ କହିଛନ୍ତି ଯେ, ଏହି ହୁଇଲଚେୟାର ମୋ ଦୈନନ୍ଦିନ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସାଢ଼େ ୭ ହଜାର କାର୍ଯ୍ୟକ୍ଷମ

ଭୁବନେଶ୍ୱର,୨୮।୭: ରାଜ୍ୟରେ ଦୁଇ ବର୍ଷ ମଧ୍ୟରେ ୮ ହଜାରରୁ ଅଧିକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ସାଢ଼େ ୭ହଜାର କାର୍ଯ୍ୟକ୍ଷମ ହୋଇପାରିଛି। ଏହା ଜରିଆରେ ଗାଁଗହଳିରେ ଲୋକମାନଙ୍କୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। ରାଜ୍ୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ନେଇ ବିଜେପି ରାଜ୍ୟସଭା ସାଂସଦ ସୁଜିତ କୁମାର ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ। କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୨୪-୨୬ ମଧ୍ୟରେ ରାଜ୍ୟରେ ୮୬୬୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏଥିମଧ୍ୟରୁ ୭୩୭୯ଟି କାର୍ଯ୍ୟକ୍ଷମ ହୋଇଛି।

ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ମଧ୍ୟରେ ସବୁଠାରୁ ଅଧିକ ୭୦୬ଟି ମୟୂରଭଞ୍ଜ ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ବେଳେ ୬୨୨ଟି ଗଞ୍ଜାମ ଜିଲ୍ଲାରେ, ୪୪୯ଟି କେନ୍ଦୁଝରରେ, ୪୩୭ଟି କଟକରେ, ୩୯୦ଟି ବାଲେଶ୍ୱରରେ, ୩୪୨ଟି ଯାଜପୁରରେ, ୩୭୦ଟି କୋରାପୁଟରେ, ୩୧୫ଟି ଖୋର୍ଦ୍ଧାରେ ପ୍ରତିଷ୍ଠା ଲକ୍ଷ୍ୟ ରହିଛି। ସବୁଠାରୁ କମ୍ ମାତ୍ର ୫୧ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦେବଗଡ଼ ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ବେଳେ ବୌଦ୍ଧ ଜିଲ୍ଲାରେ ଏହି ସଂଖ୍ୟା ୮୭ ରହିଛି।

ମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟସେବା ରାଜ୍ୟ ତାଲିକାଭୁକ୍ତ ହୋଇଥିବା ବେଳେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ମଜବୁତ କରିବାର ଆବଶ୍ୟକତା ରହିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ସେମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୈଷୟିକ ଏବଂ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି।

ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବର୍ତ୍ତମାନ ୧୨ଟି ପ୍ୟାକେଜର ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। ଏଥିରେ ଆଦିବାସୀ ଅଞ୍ଚଳଗୁଡ଼ିକ ମଧ୍ୟ ସାମିଲ ରହିଛି। ଏଥିମଧ୍ୟରେ ସଂକ୍ରାମକ, ଅଣସଂକ୍ରାମକ, ବୟସ୍କଙ୍କ ସ୍ୱାସ୍ଥ୍ୟର ଯତ୍ନ, ନବଜାତକଙ୍କ ସ୍ୱାସ୍ଥ୍ୟର ଯତ୍ନ, ସାଧାରଣ ମାନସିକ ରୋଗ, ସ୍ନାୟୁଗତ ରୋଗ, ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା, ପାଟି ରୋଗ, ଇଏନ୍‌ଟି ସହ ମୌଳିକ ଜରୁରୀ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି।

ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକରେ ଡାକ୍ତର, ପାରା ମେଡିକାଲ କିମ୍ବା ଜରୁରୀ ଔଷଧର ଅଭାବ ଯୋଗୁଁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଥିବା ଉଲ୍ଲେଖ ନାହିଁ। ତେବେ ଅବସର, ବଦଳି, ଇସ୍ତଫା ଓ ଅନ୍ୟାନ୍ୟ ଅମଲାତାନ୍ତ୍ରିକ କାରଣରୁ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ ପାଇଁ ରାଜ୍ୟ ସରକାର ନିୟମିତ ଭାବେ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟ ସରକାର ଔଷଧ ଖରିଦ ଓ ବିତରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରୋଗୀମାନଙ୍କୁ ଆବଶ୍ୟକତାର ୯୯ ପ୍ରତିଶତ ପର୍ଯ୍ୟନ୍ତ ଔଷଧ ମାଗଣାରେ ଯୋଗାଇ ଦିଆଯାଉଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦ୍ୱାରା ପ୍ରାଥମିକ ସ୍ତରରେ ସ୍ୱାସ୍ଥ୍ୟସେବା ଯୋଗାଣକୁ ମଜବୁତ କରାଯାଇଥିବା ରାଜ୍ୟ ପକ୍ଷରୁ ଦର୍ଶାଯାଇଛି। (ତଥ୍ୟ)

## ଶିଶୁ ଚିତାବାଘର ମୃତଦେହ ଉଦ୍ଧାର



କୋଲକାତା,୨୮।୭(ସଂଚାର ବ୍ୟୁରୋ): ଉତ୍ତରବଙ୍ଗର ଏକ ଚା' ବଗିଚାରୁ ଏକ ଚିତାବାଘର ମୃତଦେହ ଉଦ୍ଧାର କରାଯାଇଛି। ମଙ୍ଗଳବାର ସକାଳେ ଆଲିପୁରଦୁଆର-୨ ବ୍ଲକର ତୁର୍ତୁରୀ ଚା' ବଗିଚାର ସେକ୍ସନ ୧୬ରେ ନାବାଳକ ଚିତାବାଘର ମୃତଦେହ ମିଳିଛି। ମୃତ୍ୟୁର ସଠିକ୍ କାରଣ ନିର୍ଣ୍ଣୟ କରିବା ପାଇଁ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ସୂଚନା ପାଇବା ପରେ, ବକ୍ସା ବାଘ ସଂରକ୍ଷଣର ବନ ଅଧିକାରୀମାନେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ବନ ବିଭାଗର ସୂଚନା ଅନୁଯାୟୀ, ମୃତ ଚିତାବାଘଟି ପ୍ରାୟ ପାଞ୍ଚ ବର୍ଷ ବୟସର ଥିଲା। ଏହାର ଶରୀରରେ ଅନେକ କ୍ଷତ ଥିଲା ଏବଂ ଘଟଣାସ୍ଥଳରୁ ସଂଘର୍ଷର ଚିହ୍ନ, ପ୍ରାଣୀଟି ଭୂମିରେ ପିଟି ହୋଇଥିବା ଚିହ୍ନ ସହିତ ସ୍ପଷ୍ଟ ଭାବରେ ଦେଖାଯାଇଥିଲା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବୈତରଣୀ ସମେତ...

ଆସନ୍ତାକାଲି ପୂର୍ଣ୍ଣମୀ ଥିବାରୁ ଜୁଆର ପ୍ରଭାବରେ ସମୁଦ୍ରକୁ ପାଣି ନିଷ୍କାସନ ହେବାକୁ ସମୟ ଲାଗିପାରେ। ଆଜି ସନ୍ଧ୍ୟାରୁ ଜଳକା, ଶାଳନ୍ଦୀ ଓ ବୈତରଣୀ ନଦୀରେ ବନ୍ୟା ସମ୍ଭାବନା ଅଛି ବନ୍ୟା ପାଣି ଯୋଗୁ ଭଦ୍ରକରେ ୱାଟର ଲଗିଂ ହୋଇପାରେ। ଗତ ସନ୍ଧ୍ୟାରେ ମହାନଦୀରେ ପିକ୍ ଫ୍ଲଡ୍ ହୋଇଥିଲା, ଯାହା ଆଜି ୧୨ଟା ସୁଦ୍ଧା କମିଛି। ମୁଣ୍ଡଳୀରେ ଜଳସ୍ତର କମୁଛି। ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ାରେ ୱାଟର ଲଗିଙ୍ଗ୍ ହୋଇପାରେ। ବର୍ତ୍ତମାନ ହୀରାକୁଦର ଦୁଇଟି ଗେଟ୍ ଖୋଲା ଅଛି। ସେପଟେ ଗଭୀର ଅବପାତ ପ୍ରଭାବରେ ପ୍ରବଳରୁ ଅତିପ୍ରବଳ ବର୍ଷା ଯୋଗୁ ଉତ୍ତର ଓଡ଼ିଶା ବେଶୀ ପ୍ରଭାବିତ ହୋଇଛି। ବାଲେଶ୍ୱର ଜିଲ୍ଲା ନୀଳଗିରିରେ ସର୍ବାଧିକ ବର୍ଷା ହୋଇଛି। ମୟୂରଭଞ୍ଜ ଓ ବାଲେଶ୍ୱରରେ ଅଧିକ ବର୍ଷା ହୋଇଛି। ଭଦ୍ରକ ସାଳନ୍ଦୀ ନଦୀର ଦେଉଳପାଳଠାରେ ଧସିଛି ନଦୀ ବନ୍ଧ। ୧୦୦ ଫୁଟରୁ ଉର୍ଦ୍ଧ୍ୱ ଧସିଛି ନଦୀ ବନ୍ଧ। ନଦୀରେ ବନ୍ୟା ଯୋଗୁଁ ବଡ଼ ଘାଇ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏନେଇ ନଦୀକୂଳିଆ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। କ୍ରମାଗତ ଭାବେ ବର୍ଷା ଲାଗି ରହିବା ଫଳରେ ସାଳନ୍ଦୀ, ନାଳିଆ, ରେବ, କପାଳୀ ନଦୀରେ ବନ୍ୟା ଆସିଛି। ଏହା ଯୋଗୁଁ ଧାମନଗର ବ୍ଲକର କଟସାହି ପଞ୍ଚାୟତର ମୁଦୁଲି ସାହିର ୭୦ରୁ ଉର୍ଦ୍ଧ୍ୱ ପରିବାରର ୫୦୦ରୁ ଉର୍ଦ୍ଧ ଲୋକ ଦୁଇ ଦିନ ହେଲା ଜଳବନ୍ଦୀ ଜୀବନ ବିତାଉଛନ୍ତି। ସହିଦ ନଗର ମୁଖ୍ୟ ରାସ୍ତାରୁ ଏହି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଗତକାଲି ରାତ୍ରିଠାରୁ ଆରମ୍ଭ କରି ଆଜି ଦିନ ତମାମ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ କାଣିଝର ନଦୀରେ ଭୀଷଣ ଆକାରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଅନେକ ଗାଁ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇପଡ଼ିଛି। ତା' ସହ ନଦୀଜଳ ମାଡ଼ିଯିବାରୁ ଶହ ଶହ ହେକ୍ଟର ଜମିରେ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। କାଣିଝର ନଦୀର ବନ୍ୟା ଜଳ ମାଡ଼ିବା ସାଙ୍ଗକୁ ନିକଟସ୍ଥ ନାଳ ପାଣି ନଦୀକୁ ଖିଲାସ୍ ହୋଇ ନ ପାରିବାରୁ ଏହା ଚାଷ ଜମି ଉପରେ ମାଡ଼ି ଯାଇଛି। ଆଗାମୀ ଦୁଇ ତିନି ଦିନ ଭିତରେ ମଧ୍ୟ ବର୍ଷା ଜଳ ଧାନ କ୍ଷେତରୁ ନିଷ୍କାସିତ ହେବାର ସମ୍ଭାବନା କମ୍ ରହିଛି। ଫଳତଃ ଶହ ଶହ ହେକ୍ଟର ଧାନ କ୍ଷେତ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

## ପିଓକେ ମାଟି...

ଉମାର ନାଜିର କାଶ୍ମୀରୀଙ୍କ ମୃତ୍ୟୁ ହୋଇଛି। ଆଜିକୁ ମିଶାଇ ଜୁନ୍ ୫ ତାରିଖରୁ ପିଓକେରେ ଜାମ୍ମୁ-କାଶ୍ମୀର ସାଧାରଣ ଓ ପାକ୍ ସେନା ମଧ୍ୟରେ ଜାରି ରହିଥିବା ହିଂସାରେ ୮୦ରୁ ଅଧିକ ଲୋକଙ୍କର ପ୍ରାଣହାନି ଘଟିଥିବା କୁହାଯାଇଛି। ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ପ୍ରସାରିତ ହେଉଥିବା ଭିଡ଼ିଓରେ ରାସ୍ତାକଡ଼ରେ ଲାସ୍ ସବୁ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ଗଣମାଧ୍ୟମଗୁଡ଼ିକର ଖବର ଅନୁଯାୟୀ, ପାକିସ୍ତାନର ସୁରକ୍ଷା ବାହିନୀ ମୁଖ୍ୟତଃ ଆୱାମୀ ଆକ୍ସନ୍ କମିଟିର ସଦସ୍ୟମାନଙ୍କୁ ଟାର୍ଗେଟ୍ କରୁଛନ୍ତି। ପିଓକେ ନିର୍ବାଚନକୁ ବର୍ଜନ କରିବାକୁ ଆୱାମୀ ଆକ୍ସନ୍ କମିଟି ବ୍ୟାପକ ଅଭିଯାନ ଆରମ୍ଭ କରିଥିବାରୁ ଏହାକୁ ଦମନ କରିବା ପାଇଁ ଇସଲାମାବାଦ ପିଓକେକୁ ୧୪ ହଜାର ସଶସ୍ତ୍ର ସେନା ପଠାଇଛି। ବିଭିନ୍ନ ସ୍ଥାନରେ ଏକାଧିକ ସ୍ନିପର ମୁତୟନ କରାଯାଇଛି। ପାକ୍ ସେନା ପ୍ରତିବାଦକାରୀଙ୍କ ଉପରକୁ ଲୁହବୁହା ଗ୍ୟାସ୍ ମାଡ଼ କରିବା ସହ ଦୂରରୁ ଆଖିବୁଜା ଗୁଳି ଚାଳନା କରୁଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୦ ତାରିଖରେ ପାକ୍ ଅଧିକୃତ କାଶ୍ମୀରରେ ୩ଟି ପର୍ଯ୍ୟାୟରେ ୪୫ଟି ନିର୍ବାଚନମଣ୍ଡଳୀରେ ନିର୍ବାଚନ ହେବାର କାର୍ଯ୍ୟସୂଚୀ ରହିଛି। ପିଓକେର ତଥାକଥିତ ୫୩ ଆସନ ବିଶିଷ୍ଟ ବିଧାନସଭାରେ ୪୫ଟି ଆସନ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେଉଥିବା ବେଳେ ଅନ୍ୟ ୮ଟି ଆସନ ମହିଳା, ଟେକ୍ନୋକ୍ରାଟ୍ ତଥା ଧର୍ମଗୁରୁଙ୍କ ପାଇଁ ସଂରକ୍ଷିତ।

## ସରକାର ସଜାଗ...

ପ୍ରଭାବିତ ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହି ସବୁ ଜିଲ୍ଲାରେ ଜଳସ୍ତର ବୃଦ୍ଧି ଉପରେ ନଜର ରଖିବା ପାଇଁ ରାତିସାରା ଏସଆରସି କାର୍ଯ୍ୟାଳୟ ଖୋଲା ରଖିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ମୁତୟନ ଥିବାବେଳେ ସମସ୍ତ ଜିଲ୍ଲାପାଳ ଓ ବିଡିଓଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୁଲିସ୍ ବିଭାଗ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ସହ ଶିଶୁ ଓ ମହିଳାମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା ପୁଲିସ ମଧ୍ୟ ନିୟୋଜିତ ହୋଇଛନ୍ତି। ଆଶ୍ରୟସ୍ଥଳୀମାନଙ୍କରେ ସାଧରଣ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ହେଲେ ସେମାନଙ୍କ ବାସଗୃହ ଓ ଧନସମ୍ପତ୍ତିର ସୁରକ୍ଷା ନିମନ୍ତେ ପୁଲିସ୍ ବିଭାଗ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ, ପଶୁସମ୍ପଦ ବିଭାଗ ଓ ଅନ୍ୟ ସମସ୍ତ ବିଭାଗକୁ ପ୍ରସ୍ତୁତ ରଖାଯାଇଥିବାବେଳେ ଗୃହପାଳିତ ପଶୁଙ୍କ ସୁରକ୍ଷା ବ୍ୟବସ୍ଥା ସହ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ମହଜୁଦ ରଖାଯାଇଛି। ସର୍ପାଘାତକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ଔଷଧ ଏବଂ ଇଞ୍ଜେକସନ୍ ମହଜୁଦ ରହିଛି। ଏଥିସହ ବନ୍ୟା ମୁକାବିଲା, ପ୍ରସ୍ତୁତି, ସ୍ଥାନାନ୍ତରଣ, ଜନସାଧାରଣଙ୍କ ସୁରକ୍ଷା ଓ ସାମଗ୍ରିକ ସୁବ୍ୟବସ୍ଥିତ ପରିଚାଳନା ସୁନିଶ୍ଚିତ କରିବା ନିମନ୍ତେ ତିନି ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଭଦ୍ରକ ଜିଲ୍ଲା ନିମନ୍ତେ ସୁଧାଂଶୁ ମୋହନ ସାମଲ, ବାଲେଶ୍ୱର ଜିଲ୍ଲା ନିମନ୍ତେ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଯାଜପୁର ଜିଲ୍ଲା ନିମନ୍ତେ ପି. ଅନ୍ୱେଷା ରେଡ୍ଡୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି।

## ପିଲା ପଢ଼ିବେ...

ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଅଗଷ୍ଟ ୨୧ରୁ ଆରମ୍ଭ ହେବାକୁ ଯାଉଥିବା ସ୍ୱାମୀଜୀଙ୍କ ଜନ୍ମ ଶତବାର୍ଷିକୀ ବର୍ଷରେ ତାଙ୍କର ଆଦର୍ଶକୁ ରାଜ୍ୟର ପ୍ରତ୍ୟେକ ଗାଁ ଓ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସେମିନାର୍ ଓ କର୍ମଶାଳା ମାଧ୍ୟମରେ ପହଞ୍ଚାଯିବ। ୨୦୦୮ ଜନ୍ମାଷ୍ଟମୀ ରାତିର ହତ୍ୟାକାଣ୍ଡ ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀ ତତ୍କାଳୀନ ସରକାରଙ୍କ ବିଫଳତା ଓ ତୁଷ୍ଟୀକରଣ ରାଜନୀତିକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଜଷ୍ଟିସ୍ ନାଇଡୁ କମିଶନ୍‌ଙ୍କ ରିପୋର୍ଟ ଓ ଫାଇଲ୍ ଲୋକସେବା ଭବନରୁ ଗାଏବ ହେବା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ଏହି ଘଟଣାର ପର୍ଦ୍ଦାଫାଶ କରିବା ପାଇଁ ଫାଇଲ୍ ହଜିବା ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ସତ୍ୟର ଉନ୍ମୋଚନ ନିଶ୍ଚିତ ହେବ ଏବଂ ଏହି ହତ୍ୟାକାଣ୍ଡ ପଛରେ ଥିବା ପ୍ରକୃତ ଦୋଷୀଙ୍କୁ ଆମ ସରକାର କୌଣସି ପରିସ୍ଥିତିରେ ଛାଡ଼ିବ ନାହିଁ ବୋଲି ସେ ରାଜ୍ୟବାସୀଙ୍କୁ ଦୃଢ଼ ଆଶ୍ୱାସନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, କ୍ରାନ୍ତିକାରୀ ଓ ଗଡ଼ଜାତ ଆନ୍ଦୋଳନର ଅଗ୍ରଣୀ ନେତା ଭାବେ ଅଭିହିତ କରିଛନ୍ତି। ବର୍ତ୍ତମାନର ଫୁଲବାଣୀ, (କନ୍ଧମାଳ) ଜିଲ୍ଲାର ସୁରକ୍ଷା ଓ ବିକାଶରେ ସ୍ୱାମୀଜୀଙ୍କ ଅବଦାନ ଅତୁଳନୀୟ। ନାରୀଶିକ୍ଷାର ପ୍ରସାର ଏବଂ ସମାଜର ସମସ୍ତ ବର୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସେ ନିରନ୍ତର କାର୍ଯ୍ୟ କରିଥିଲେ। ସ୍ୱାମୀଜୀଙ୍କ ଏହି ମହାନ ଆଦର୍ଶ ଓ ପ୍ରେରଣା ଓଡ଼ିଶାର ସମୃଦ୍ଧି ସହ ଏକ 'ବିକଶିତ ଭାରତ' ଗଠନ ଦିଗରେ ମାର୍ଗଦର୍ଶକ ସାଜିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

## କ୍ୟାପିଟାଲ୍ ଥାନାରେ...

ରହିଛି। ପୂର୍ବରୁ ଏହି ମାମଲାରେ ରାଜେଶ ବର୍ମା ଓ ଉପେନ୍ଦ୍ର ବେହେରା ପୁଲିସକୁ ଚିଠି ଲେଖି ବୟସାଧିକ୍ୟ କାରଣରୁ ହାଜର ନ ହେବା ପାଇଁ ନିବେଦନ କରିଥିଲେ। ତେଣୁ କ୍ରାଇମ୍ ବ୍ରାଞ୍ଚ୍ ଟିମ ସେମାନଙ୍କ ପାଖରେ ପହଞ୍ଚି ତଥ୍ୟ ସଂଗ୍ରହ କରିବାର ସମ୍ଭାବନା ରହିଛି।

## ରାଜନୀତିରେ ନୂଆ...

ନେତା ଓ କର୍ମୀଙ୍କ ସମ୍ମାନ ଆହୁରି ବଢ଼ିଯାଇଛି। ବିକାଶ ପୁରୁଷ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଦୃଢ଼ ଭାବେ କହିଛନ୍ତି ସମର୍ଥକ। ବିମାନ ବନ୍ଦରରେ ତାଙ୍କୁ ବରିଷ୍ଠ ବିଜେପି ନେତା, ବିଧାୟକ ଓ ମନ୍ତ୍ରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ପଦବୀରୁ ଇସ୍ତଫା ଦେବା ପରେ ମଧ୍ୟ ଦଳ ତାଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛି ଏବଂ ତାଙ୍କ ଭଳି ନେତାଙ୍କ ପାଇଁ କୌଣସି ପଦ ପଦବୀର ଆବଶ୍ୟକତା ନାହିଁ ବୋଲି ବିମାନ ବନ୍ଦରରେ ଏକଜୁଟ ହୋଇଥିବା ଭିଡ଼ ବର୍ଣ୍ଣନା କରୁଥିଲା। ଅନ୍ୟପଟେ ଧର୍ମେନ୍ଦ୍ର ହାତ ହଲାଇ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ, କର୍ମୀଙ୍କ ପ୍ରଶଂସାକୁ ହାତଯୋଡ଼ି ଗ୍ରହଣ ମଧ୍ୟ କରିଥିଲେ। ଦେଶର ଯୁବପିଢ଼ି ବିଭ୍ରାନ୍ତିରୁ ସୁରକ୍ଷିତ ରଖିବା ଏବଂ ସେମାନେ ଯେମିତି ପାଠପଢ଼ା ଓ କ୍ୟାରିୟର ଉପରେ ଫୋକସ କରିବେ, ତାହାକୁ ଆଖି ଆଗରେ ରଖି ଇସ୍ତଫା ଦେଇଥିବା ନିଜ ସୋସିଆଲ ମିଡ଼ିଆ ପୋଷ୍ଟରେ ଲେଖିଥିଲେ ଧର୍ମେନ୍ଦ୍ର। ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ସେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଶିକ୍ଷା ସଂସ୍କାର ଲାଗି ସମର୍ପିତ ରହିଥିବା କହିଛନ୍ତି। ମଜବୁତ, ସମାବେଶୀ ଏବଂ ଦୂରଦର୍ଶୀ ଶିକ୍ଷା ବ୍ୟବସ୍ଥା ହିଁ ଗୋଟିଏ ରାଷ୍ଟ୍ରର ବିକାଶ ପାଇଁ ଆଧାରଶୀଳା ବୋଲି ଧର୍ମେନ୍ଦ୍ର କହିଥିଲେ। ଜଣେ ଦୃଢ଼ ସଂଗଠକ, ତୃଣମୂଳ ସ୍ତରର ନେତା ଭାବେ ପରିଚିତ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ସେଇ ଶାନ୍ତ ଓ ଦୃଢ଼ ସ୍ୱରରେ କହିଥିଲେ, "ମୁଁ ଜଣେ ଷ୍ଟ୍ରିଟ ଫାଇଟର, ଏସି ରୁମ ଆକ୍ଟିଭିଷ୍ଟ ନୁହେଁ।" ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦଳ ଦୃଢ଼ତାର ସହ ଧର୍ମେନ୍ଦ୍ର ପ୍ରଧାନଙ୍କ ପଛରେ ଥିବା ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏପରିକି ଗତକାଲି ସଂସଦରେ ମଧ୍ୟ ବିଜେପି ନେତାମାନେ ତାଙ୍କ ଜୟଗାନ କରି ସ୍ଲୋଗାନ ଦେଇଥିଲେ। ଏଥିରୁ ସ୍ପଷ୍ଟ ବାରି ହୋଇପଡୁଥିଲା ଯେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ସେ ନେଇଥିବା ପଦକ୍ଷେପ ତାଙ୍କୁ ରାଜନୀତିର ଜଣେ ଦୂରଦ୍ରଷ୍ଟା ଭାବେ ପ୍ରତିଷ୍ଠିତ କରିଛି।

## ଗୋଟିଏ ପୋଷ୍ଟ...

ମିଡିଆ ମାଧ୍ୟମରେ ତାଙ୍କର ଏହି ନିଷ୍ପତ୍ତିକୁ ସିଧାସଳଖ ସମର୍ଥନ ଜଣାଇଛନ୍ତି। ଜଣେ ଦକ୍ଷ ନେତା ଭାବେ ନିଜର ବ୍ୟକ୍ତିଗତ କ୍ଷମତାଠାରୁ ଦେଶର ଭବିଷ୍ୟତ ଗଢୁଥିବା ଯୁବପିଢ଼ିଙ୍କ ସ୍ୱାର୍ଥକୁ ଆଗରେ ରଖିବା ଘଟଣାକୁ ଯୁବ ସମାଜ ଖୁବ୍ ପସନ୍ଦ କରିଛନ୍ତି। ସୋସିଆଲ ମିଡିଆରେ ତାଙ୍କ ସପକ୍ଷରେ ଲୋକଙ୍କର ଶୁଭେଚ୍ଛା ଓ ସମର୍ଥନର ସୁଅ ଛୁଟିବାରେ ଲାଗିଛି, ଯାହା ଦର୍ଶାଉଛି ଯେ ମନ୍ତ୍ରୀ ପଦବୀ ନ ଥାଇ ବି ସେ ଆଜି କୋଟି କୋଟି ଭାରତୀୟଙ୍କ ଗ୍ରହଣଯୋଗ୍ୟ ନେତା।

## କାଳ ସାଜିଛି ଲଗାଣ ବର୍ଷା
# ଉଜୁଡ଼ିଗଲା ୪୦ ଘର



ହେମଗିରି,୨୮।୭ (ସଂଚାର ବ୍ୟୁରୋ)ଃ ହେମଗିର ବ୍ଲକ ଗୋପଲପୁର୍ ଗ୍ରାମ ପଞ୍ଚାୟତର ହଲଦି ବାହାଲ ଗ୍ରାମରେ ଲଗାଣ ବର୍ଷାର ଆତଙ୍କ ଦେଖିବାକୁ ମିଳିଛି। ଗାଁର ପ୍ରାୟ ୪୦ଟି ଘର ପ୍ରବଳ ବର୍ଷା ଓ ଘୂର୍ଣ୍ଣିବାତ୍ୟାରେ ଭାଙ୍ଗି ଯାଇ ଅନେକ କ୍ଷୟକ୍ଷତି ହେବା ସହ ଦୁଇ ଜଣ ଗୁରୁତର ଆହାତ ହୋଇଥିବାର ସୂଚନା ମିଳିଛି। ଖବର ପାଇ ସ୍ଥାନୀୟ ସରପଞ୍ଚ ପୂରବୀ ନାଏକ, ଯୁବ ନେତା ରାଜେନ୍ଦ୍ର ନାଏକ ଗାଁରେ ପହଂଚି ଘର ଭାଙ୍ଗିଥିବା ଗାଁ ଲୋକଙ୍କ ଅସ୍ଥାୟୀ ରହିବା ବ୍ୟବସ୍ଥା କରିବା ସହ ଖାଇବା ବ୍ୟବସ୍ଥା ଯୋଗାଇ ଦେଇଥିବାର ସୂଚନା ମିଳିଛି। ହେମଗିର ବିଡିଓ ରିନା ନାଏକ, ତହସିଲଦାର ସାରିକା ରାଣୀ ଧାମେଲ, ମେଡିକାଲ ଟିମ୍ ଓ ଅଗ୍ନିଶମ ବିଭାଗ ସହ ଗାଁରେ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

● ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

## ନୟନ ଯୋଡ଼ିକୁ ଜବରଦଖଲ ମୁକ୍ତ କରି ଜଳ ନିଷ୍କାସନ କଲା ପ୍ରଶାସନ



ବାଲିଆପାଳ,୨୮।୭ (ସଂଚାର ବ୍ୟୁରୋ)ଃ ଗତ ତିନିଦିନ ଧରି ଲଘୁଚାପ ଜନିତ ଲଗାଣବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବହୁ ସ୍ଥାନରେ ଜଳ ନିଷ୍କାସନ ହୋଇନପାରି ଲୋକେ ଜଳବନ୍ଦୀ ଜୀବନ ବିତାଉଛନ୍ତି। ଏହିପରି ଭାବେ ବାଲିଆପାଳ ବ୍ଲକ ଅନ୍ତର୍ଗତ ସିମୁଳିଆ ଛକ ଠାରୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର ରାସ୍ତାର ପାଶ୍ୱର୍ରେ କିଛି ମୁଷ୍ଟିମେୟ ଲୋକ ନୟନଯୋଡ଼ିକୁ ପୋତି ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରିବା ଫଳରେ ନୟନ ଯୋଡ଼ି ନାଳ ମଧ୍ୟ ଦେଇ ପାଣି ନିଷ୍କାସନ ନହୋଇ ହେକ୍ଟର ହେକ୍ଟର ଜମିରେ ପାଣି ଜମା ହୋଇ ରହିବା ସହ ବଡ଼ ସିମୁଳିଆ ଗାଁରେ ବହୁ ଲୋକଙ୍କ ଘରେ ପାଣି ପଶିଯାଇଥିଲା। ଏନେଇ ଗ୍ରାମବାସୀ ଦୀର୍ଘ ଦିନରୁ ବାଲିଆପାଳ ତହସିଲଦାର, ବାଲେଶ୍ୱର ଜିଲ୍ଲାପାଳ ଏବଂ ପିଡବ୍ଲୁ ବିଭାଗକୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ। ତେବେ ଲଘୁଚାପ ଜନିତ ବର୍ଷା ହେବା ଫଳରେ ମଙ୍ଗଳବାର ଦିନ ଗ୍ରାମବାସୀ ପାଣି ଅବରୋଧ ହୋଇଥିବା ସ୍ଥାନରେ ପାଟି ତୁଣ୍ଡ କରବା ସହିତ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ତେବେ ଖବର ପାଇ ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁଙ୍କ ହସ୍ତକ୍ଷେପ ପରେ ଜେସିପି ଦ୍ୱାରା ନୟନ ଯୋଡି ନାଳକୁ ତାଡି ପାଣିକୁ ନିଷ୍କାସନ କରାଯାଇଛି। ତେବେ ପାଗ ଶୁଖିଲା ପରେ ନୟନ ଯୋରୀ ଜାଗାକୁ ଚିହ୍ନଟ କରାଯାଇ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ କରାଯିବ ବୋଲି ତହସିଲଦାର ଶ୍ରିମତୀ ମୁର୍ମୁ କହିଛନ୍ତି।

## ଗଛପଡ଼ି ରାସ୍ତା ଅବରୋଧ



ବାଲିଆପାଳ,୨୮।୭ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ରାସ୍ତାର ଖାଲମୁହାଂଣି ଛକ ନିକଟରେ ଆଜି ଏକ ଇଙ୍ଗ ଗଛ ଉପାଡି ହୋଇ ରାସ୍ତା ଉପରେ ପଡ଼ିଯିବା ଫଳରେ ଦୀର୍ଘସମୟଧରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା।ରାସ୍ତା ଉଭୟ ପାଶ୍ୱରେ ଶହ ଶହ ଗାଡି ଦୀର୍ଘ ସମୟ ଧରି ଅଟକିରହିଥିଲା।ଖବର ପାଇ ବାଲିଆପାଳ ଅଗ୍ନି ବାହିନୀ ସମେତ ବାଲିଆପାଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୁ ଗଛ କାଟି ଉଠାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

## ଦୁଇ ନଦୀ ମଝିରେ ଗାଁ, ଅଭିଶପ୍ତ ଜୀବନ ବିତାଉଛନ୍ତି ଗ୍ରାମବାସୀ

# ବର୍ଷାଦିନ ଆସିଲେ ସମ୍ପୂର୍ଣ୍ଣ ଜଳବନ୍ଦୀ

### ପ୍ରଶାସନ ବେଫିକର

ଫୁଲବାଣୀ,୨୮।୭ (ସଂଚାର ବ୍ୟୁରୋ)ଃ ଦୁଇ ନଦୀ ମଝିରେ ଗାଁ । ବାରମ୍ବାର ଦାବି ପରେ ମଧ୍ୟ ନିର୍ମାଣ ହୋଇପାରୁନି ସେତୁ। ଏଭଳି ଅଭିଶପ୍ତ ଜୀବନ ବିତାଉଛନ୍ତି ବାଲିଗୁଡା ବ୍ଲକ ଅନ୍ତର୍ଗତ ସିନ୍ଦ୍ରିଗାଁ ପଞ୍ଚାୟତର ଗୁଞ୍ଜୁରୁପଡି ଗ୍ରାମବାସୀ । ନଦୀ ଉପରେ ସେତୁ ନିର୍ମାଣ ପାଇଁ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ନିକଟରେ ବହୁବାର ନେହୁରା କରି କୌଣସି ସୁଫଳ ମିଳୁନି। ଖରା ଏବଂ ଶୀତ ଦିନରେ କୌଣସି ପ୍ରକାରେ ନଦୀ ପାରି ହୋଇଥାନ୍ତି କିନ୍ତୁ ବର୍ଷା ଦିନରେ ନଦୀ ଜଳସ୍ତର ବଢ଼ିଯାଏ । ତେଣୁ ଗ୍ରାମବାସୀ ଏକ ପ୍ରକାର ଜଳବନ୍ଦୀ ଘେରରେ ରହିଥାନ୍ତି ।



ନଦୀ ପାରି ପାଇଁ ଲୋକେ ଦେଶୀ ଡ଼ଙ୍ଗା ଉପରେ ଭରସା କରିଥାନ୍ତି । ଏଥିରେ ମାତ୍ର ଦୁଇ ଜଣ ଯାତାୟାତ କରୁଛନ୍ତି । ଅଧିକ ଲୋକେ ଡଙ୍ଗାରେ ଗଲେ ବିପଦ ମାଡ଼ିଆସେ ଏବଂ ଅନେକ ସମୟରେ ଡ଼ଙ୍ଗା ନଦୀ ମଝିରେ ବୁଡି ମୃତାହତ ହୋଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିନ୍ତୁ ବର୍ତ୍ତମାନ ଦେଶୀ ଡ଼ଙ୍ଗା ବି ଭାଙ୍ଗିବା ଅବସ୍ଥାରେ ରହିଛି । ଡଙ୍ଗାରେ ନାଉରିଆ ନଥିଲେ ଜରୁରୀ କାମ ପଡିଲେ ଲୋକେ ନଦୀ ଭିତରେ ପଶି ଜୀବନକୁ ବାଜି ଲଗାଇ ହାତକୁ ହାତ ଧରି ବାଡ଼ି ସାହାଯ୍ୟରେ ନଦୀ ପାର ହୋଇଥାନ୍ତି। ନଦୀରେ ଅଧିକ ପାଣି ପ୍ରବାହିତ ହେଲେ ଜଳସ୍ତର ଖସିଲା ପର୍ଯ୍ୟନ୍ତ ଲୋକେ ନଦୀ କୂଳରେ ରାତି ତମାମ ଅପେକ୍ଷା କରିଥାନ୍ତି । ନଦୀରେ ପାଣି ଆସିଲେ ବିଦ୍ୟାର୍ଥୀଙ୍କ ବିଦ୍ୟାଳୟ ଓ କଲେଜ ଯିବା ବନ୍ଦ ହୁଏ ।

ଗ୍ରାମଟି ବାଲିଗୁଡା ସହରରୁ ମାତ୍ର, ୩ ରୁ ୪ କିମି ଦୂରରେ ଅବସ୍ଥିତ। ଏହି ଗ୍ରାମରେ ଶତାଧିକ ଲୋକ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ଦିନ ହେଲା ବସବାସ କରିଆସୁଛନ୍ତି। ଏହି ଗ୍ରାମରେ ଗୋଟିଏ ଅଙ୍ଗନବାଡି ରହିଛି ଗ୍ରାମରେ ପକ୍କା ରାସ୍ତାଟିଏ ନାହିଁ। ମୌଳିକ ସିବିଧାରୁ ବଂଚିତ ଅଛନ୍ତି ଗ୍ରାମବାସୀ। ନଦୀ ଉପରେ ସେତୁ ନିର୍ମାଣ ସହିତ ଉନ୍ନତ ଡଙ୍ଗା ବ୍ୟବସ୍ଥା କରିବାକୁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲାପାଳ, ବିଧାୟକ ଓ ସାଂସଦଙ୍କ ପାଖରେ ଅଭିଯୋଗ ଏବଂ ଦାବି ଉପସ୍ଥାପନ କରିଛନ୍ତି। ତଥାପି କୌଣସ ପଦକ୍ଷେପ ନିଆ ଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ଏ ବାବଦରେ ସିନ୍ଦ୍ରିଗାଁ ସରପଞ୍ଚ ରଘୁନାଥ ମଲ୍ଲିକ କହିଛନ୍ତି ଗୁଞ୍ଜୁରୁପଡି ଗ୍ରାମ ଦୁଇ ପାଖରେ ନଦୀ ରହିଛି ଲୋକେ ବର୍ଷା ଦିନରେ ଜଳବନ୍ଦୀରେ ରହୁଛନ୍ତି । ନଦୀ ଉପରେ ସେତୁ ନିର୍ମାଣ ହେଲେ ଗ୍ରାମବାସୀ ଉପକୃତ ହେବେ ବୋଲି କହିଛନ୍ତି ।

### ହିଞ୍ଜିଳି ଥାନାରେ 'ମୋବାଇଲ୍ ମେଳା'

## ୬୧ ଜଣ ଫେରିପାଇଲେ ଫୋନ୍

ହିଞ୍ଜିଳିକାଟୁ,୨୮।୭ (ସଂଚାର ବ୍ୟୁରୋ)ଃ ଦିନ ଥିଲା ମୋବାଇଲ ହଜିଲେ ଏବଂ ଚୋରି ହେଲେ ହିତାଧିକାରୀଙ୍କ ଚିନ୍ତା ବଢ଼ିଯାଉଥିଲା। କିନ୍ତୁ ସମୟ ବଦଳିବା ସହ ବୈଜ୍ଞାନିକମାନଙ୍କ ନୂଆ ନୂଆ ବୈଷୟିକ ଜ୍ଞାନ କୌଶଳ ଉଦ୍ଭାବନ ପୁଲିସ ସମେତ ଗୋଇନ୍ଦା ବିଭାଗକୁ ତଦନ୍ତରେ ସାହାଯ୍ୟ କରୁଛି । ହିଞ୍ଜିଳିକାଟୁ ପୋଲିସ ମଙ୍ଗଳବାର ଦିନ ଉପଖଣ୍ଡସ୍ତରୀୟ ମୋବାଇଲ ମେଳା ଆୟୋଜିତ କରି ହଜିଥିବା ୬୧ଟି ମୋବାଇଲ ଉଦ୍ଧାର କରି ପ୍ରକୃତ ହିତାଧିକାରୀଙ୍କୁ ହସ୍ତାନ୍ତର କରିଛି। ଏଥିରେ ବିଭିନ୍ନ କମ୍ପାନୀର ଦାମୀ ମୋବାଇଲ ଫୋନ୍ ରହିଥିବା ବେଳେ, ଏହାର ଅନୁମାନିକ ମୂଲ୍ୟ ଲକ୍ଷ ଲକ୍ଷ ଟଙ୍କାର ବୋଲି କୁହାଯାଉଛି।



ଆଧୁନିକ ସାଇବର ପ୍ରଯୁକ୍ତି ଓ ବୈଷୟିକ ଜ୍ଞାନର ସହାୟତାରେ ଏହି ମୋବାଇଲଗୁଡ଼ିକୁ ଠାବ କରିବାରେ ପୋଲିସ ସଫଳ ହୋଇଛି। ଏହାପରେ ସମସ୍ତ ମୋବାଇଲର ପ୍ରକୃତ ମାଲିକଙ୍କୁ ଚିହ୍ନଟ କରାଯାଇ ଆଜି ସେମାନଙ୍କ ହାତକୁ ଫେରାଇ ଦିଆଯାଇଛି। ମୋବାଇଲ ଫେରିପାଇବା ପରେ ମାଲିକମାନେ ପୁଲିସ ଓ ସାଇବର ସେଲ୍‌ର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

ଏହି ଅବସରରେ ଆସ୍କା ଏସଡ଼ିପିଓ ସୌରଭ ପ୍ରଧାନ, ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠି, ଶେରଗଡ଼ ଥାନା ଅଧିକାରୀ, କୋଟିନଡା ଥାନା ଅଧିକାରୀ, ପାଟପୁର ଥାନା ଅଧିକାରୀଙ୍କ ସମେତ ହିଞ୍ଜିଳି ଥାନାର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ତେବେ ମୋବାଇଲ ଚୋରି ଘଟଣାକୁ ରୋକିବା ସହ ହଜିଥିବା ମୋବାଇଲ ଉଦ୍ଧାର ପାଇଁ ପୁଲିସ ପକ୍ଷରୁ ଆଗକୁ ମଧ୍ୟ ଏଭଳି ଅଭିଯାନ ଜାରି ରହିବ ବୋଲି କୁହାଯାଇଛି ।

## ନାଳ ନର୍ଦ୍ଦମାର ପାଣି ଭିତରେ ଉମାପଦା ଗାଁ ରାସ୍ତା



ଯାଜପୁର ରୋଡ଼,୨୮।୭ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟକୁ ୱାର୍ଡ ନଂ-୧୬ ସ୍ଥିତ ଉମାପଦା ଗାଁଟି ଲାଗି ରହିଛି। ଏହି ଗାଁଭିତରର ପ୍ରଭାକର ସାମଲ'ଙ୍କ ଘର ଠାରୁ ଶ୍ରୀ ଲୁଲୁ ନାୟକ'ଙ୍କ ଘର ପର୍ଯ୍ୟନ୍ତ ଦିର୍ଘ ରାସ୍ତା ଉପରେ ଏବେ ଦୁଇ ଫୁଟ ବର୍ଷାଜଳ ବୁଡି ରହିଛି। ଗାଁର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଶିକ୍ଷାବିତ୍, ଆଇନଜୀବୀ, ଯୁବ ବର୍ଗ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ପର୍ଯ୍ୟନ୍ତ ସମସ୍ତେ ଏପରି ସମସ୍ୟାର ସମାଧାନ ପାଇଁ କିଛିବି ବାଟ ପାଉନାହାନ୍ତି। ଏହି ରାସ୍ତାରେ ଏବେ ବର୍ଷାଜଳ ସହ ଦୃର୍ଗନ୍ଧ ନାଳ ନର୍ଦ୍ଦମାର ଅପରିଷ୍କାର ଜଳ ନିଷ୍କାସନ ହୋଇନପାରି ରାସ୍ତାରେ ଢେଉ ମାରୁଥିବା ବେଳେ ବିପଦ ଜନକ ଅବସ୍ଥାରେ ଏହି ରାସ୍ତାର ପାଣି ରହିଥିବାରୁ କୌଣସି ମୁହୁର୍ତ୍ତରେ ଗାଁର ଲୋକ ମାନଙ୍କୁ ବିଭିନ୍ନ ଚର୍ମରୋଗ ହେବାର ଆଶଂକା ଓ ଅଘଟଣ ଘଟିବାର ସମ୍ଭାବନା ରହୁଛି। ଏହି ରାସ୍ତାରେ ଗାଁର ଲୋକମାନେ ମଧ୍ୟ ଚାଲି ଚାଲି ଯିବାକୁ ଏବେ ଭୟ କରୁଛନ୍ତି। ତେଣୁ ଏପରି ସମ୍ବେଦନଶୀଳ ସମସ୍ୟା ବିଷୟରେ ବ୍ୟାସନଗର ପୌର ପ୍ରଶାସନର କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଉମାପଦା ଗାଁର ଲୋକମାନେ ଦାବି କରିଛନ୍ତି।

## ଭରମାଝୀଗୁଡା ନେତାଜୀ ଯୁବକ ସଂଘ ପକ୍ଷରୁ ଚାରାରୋପଣ



ନବରଙ୍ଗପୁର, ତେନ୍ତୁଳୀଖୁଣ୍ଟି, ୨୮।୭ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଭରମାଝୀଗୁଡା। ନେତାଜୀ ଯୁବକ ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭରମାଝୀଗୁଡା ଗ୍ରାମ ନିକଟରେ ଖାଲି ପଡିଥିବା ସରକାରୀ ଜମିରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଛାୟାଦାୟୀ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମର ନେତାଜୀ ଯୁବକ ସଂଘର ସମସ୍ତ ଯୁବକ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଆଗକୁ ଅନ୍ୟ ସ୍ଥାନମାନଙ୍କରେ ୫୦୦ରୁ ଉର୍ଦ୍ଧ୍ୱ ଚାରା ଲଗାଇବା ନେଇ କହିଛନ୍ତି ନେତାଜୀ ଯୁବକ ସଂଘ।

## କୋଟିଆରେ ଏସଆଇଆର କାର୍ଯ୍ୟକ୍ରମର ସମୀକ୍ଷା




କୋରାପୁ,୨୮।୭ (ସଂଚାର ବ୍ୟୁରୋ)ଃ ମତଦାତା ତାଲିକାର ସ୍ୱଚ୍ଛତା ଓ ନିର୍ଭୁଲତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଚାଲିଥିବା ଏସଆଇଆର-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଦାବି ଓ ଆପତ୍ତି ଗ୍ରହଣ ପ୍ରକ୍ରିୟାର ଅଗ୍ରଗତି ସମୀକ୍ଷା ପାଇଁ ଓଡ଼ିଶା ସରକାରଙ୍କ ଉପ ଶାସନ ସଚିବ ତଥା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରତିନିଯୁକ୍ତ ଜିତେନ୍ଦ୍ର କୁମାର ପାତ୍ର ମଙ୍ଗଳବାର କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳ ଗସ୍ତ କରିଥିଲେ। ଗସ୍ତ ସମୟରେ ଶ୍ରୀ ପାତ୍ର ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ କରି ଚାଲୁଥିବା ଦାବି ଓ ଆପତ୍ତି ଗ୍ରହଣ କାର୍ଯ୍ୟ, ଭୋଟର ତାଲିକାରେ ନାମ ସଂଯୋଜନ, ବିଲୋପ ଓ ସଂଶୋଧନ ସମ୍ବନ୍ଧୀୟ ଆବେଦନଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାସହ ସେ ନିର୍ବାଚନ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ତଥ୍ୟ ନେଇଥିଲେ।

ସମୀକ୍ଷା ବେଳେ ସେ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିମୁକ୍ତ ମତଦାତା ତାଲିକା ପ୍ରସ୍ତୁତିକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ବାଲକାଟି ସାପ୍ତାହିକ ହାଟରୁ ୩ ମୋବାଇଲ ଲୁଟ୍

ବାଲିଅନ୍ତା,୨୮।୭ (ସଂଚାର ବ୍ୟୁରୋ)ଃ ବାଲକାଟି ସାପ୍ତାହିକ ହାଟରୁ ପ୍ରତି ପାଳି ଦିନରେ ମୋବାଇଲ ଲୁଟ କମିବାର ନାଁ ଧରୁନି । ଆଜି ସନ୍ଧ୍ୟାରେ ପରିବା କିଣୁଥିବା ବେଳେ ବାଲିପାଟଣା ଥାନା ଅଧୀନ ସିଙ୍ଗିରି ଶାସନ ଗ୍ରାମର ସନ୍ତୋଷ ମିଶ୍ର । ସୂଚନା ଅନୁସାରେ ସନ୍ତୋଷ ସାର୍ଟ ପକେଟରେ ମୋବାଇଲ ରଖି ପରିବା କିଣୁଥିବା ବେଳେ ତାଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ଫୋନ ଲୁଟ ହୋଇ ଯାଇଥିଲା । ପରିବା କିଣି ସାରିବା ପରେ ଫୋନ ଲୁଟ ହୋଇଯାଇଥିବା ଜାଣି ପାରି ଫାଣ୍ଡିରେ ଅଭିଯୋଗ କରିଥିଲେ ।

ସେହିପରି ଅନ୍ୟ ୨ ଜଣଙ୍କର ମଧ୍ୟ ଅନୁରୂପ ଭାବେ ଫୋନ ଲୁଟ ହୋଇଯାଇଥିବା ଫାଣ୍ଡିରେ ପୃଥକ ପୃଥକ ଅଭିଯୋଗ ହୋଇଛି । ପ୍ରତ୍ୟେକ ପାଳିଦିନ ହାଟରେ ଜଣେ ପୁଲିସ କର୍ମଚାରୀ ମୁତୟନ ନେଇ ଦାବି ହେଉଛି ।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ରାଇଘର,୨୮।୭ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ କୁରାବେଡା ପଞ୍ଚାୟତର କଳିଆପଦର ଗ୍ରାମରେ ଏକ ହୃଦୟବିଦାରକ ଘଟଣା ଘଟିଛି। ସାପ କାମୁଡାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରଚାର ପାଇବା ସହିତ ସମଗ୍ର ଅଞ୍ଚଳରେ ଶୋକର ଛାୟା ବିସ୍ତାରିତ ହୋଇଛି। ମୃତକାଙ୍କୁ କଳିଆପଦର ଗ୍ରାମର ସମାରୀ ବାଇ ଗଣ୍ଡ (୭୦) ବୋଲି ପରିଚୟ ମିଳିଛି। ସୂଚନା ଅନୁସାରେ, ଗତ ରାତ୍ରିରେ ସେ ଖାଦ୍ୟ ସେବନ ପରେ ନିଜ ଘରେ ଶୋଇଥିବା ବେଳେ ଅଚାନକ ସାପ କାମୁଡିଥିଲା। ପରେ ବିଛଣା ଉପରେ ସାପ ଥିବାକୁ ପରିବାର ଲୋକମାନେ ଦେଖିଥିବା କୁହାଯାଉଛି, ଯାହାରୁ ଘଟଣାଟି ସାପ କାମୁଡା ହେବା ସ୍ପଷ୍ଟ ହୋଇଥିଲା।ଘଟଣା ପରେ ଗୁରୁତର ଅବସ୍ଥାରେ ସମାରୀ ବାଇଙ୍କୁ ରାତି ପ୍ରାୟ ୨ଟା ସମୟରେ ତୁରନ୍ତ ରାଇଘର ମେଡିକାଲକୁ ନିଆଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ଦ୍ରୁତ ଭାବେ ଅବନତି ହେବାରୁ ଡାକ୍ତରମାନେ ଉନ୍ନତ ଚିକିତ୍ସା ପାଇଁ ଉମରକୋଟ ଉପଜିଲ୍ଲା ଚିକିତ୍ସାଳୟକୁ ରେଫର କରିଥିଲେ। ଉମରକୋଟରେ ପହଞ୍ଚିବା ପରେ ଡାକ୍ତରମାନେ ସମାରୀ ବାଇଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି।

ଏହି ଅକାଳ ମୃତ୍ୟୁ ଘଟଣା ପରେ କଳିଆପଦର ଗ୍ରାମରେ ଗଭୀର ଶୋକର ପରିବେଶ ଦେଖାଯାଇଛି। ପରିବାର ଓ ଗ୍ରାମବାସୀ ଦୁଃଖରେ ମୁହଁ ହୋଇଥିବା ବେଳେ ସ୍ଥାନୀୟ ଲୋକମାନେ ଗ୍ରାମାଞ୍ଚଳରେ ବଢୁଥିବା ସାପ କାମୁଡା ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି।

## ସମ୍ ନର୍ସିଂ କଲେଜ ପକ୍ଷରୁ 'ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା-ଆନାଲିସିସ୍' ଶୀର୍ଷକ ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆୟୋଜିତ

ଭୁବନେଶ୍ୱର,୨୮।୭ (ସଂଚାର ବ୍ୟୁରୋ)ଃ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ନିକଟରେ 'ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା-ଆନାଲିସିସ୍' ଶୀର୍ଷକ ଦିନିକିଆ ଫ୍ୟାକଲ୍ଟି ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ୍ (ଏଫ୍‌ଡିପି) ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭୦ ଜଣ ଫ୍ୟାକଲ୍ଟି ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଥିଲା ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା-ଆନାଲିସିସ୍ କ୍ଷେତ୍ରରେ ଅଧ୍ୟାପକମାନଙ୍କର ଗବେଷଣା ଦକ୍ଷତାକୁ ସୁଦୃଢ଼ କରିବା।

ଏହି କାର୍ଯ୍ୟକ୍ରମରେ ଦୁଇଟି ବୈଜ୍ଞାନିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ସିଷ୍ଟମାଟିକ୍ ରିଭ୍ୟୁର ମୌଳିକ ଧାରଣା ସହିତ ଏହାର ଏଭିଡେନ୍ସ-ବେସ୍ଡ ରିସର୍ଚ୍ଚର ଗୁରୁତ୍ୱ, ପାରଂପରିକ ସାହିତ୍ୟ ସମୀକ୍ଷାଠାରୁ ଏହାର ପାଥର୍କ୍ୟ, ପିଆଇସିଓ



ଫ୍ରେମ୍‌ୱାର୍କ ଆଧାରରେ ଗବେଷଣା ପ୍ରଶ୍ନ ପ୍ରସ୍ତୁତି, ପ୍ରୋଟୋକଲ୍ ବିକାଶ, ସାହିତ୍ୟ ସନ୍ଧାନ କୌଶଳ ଏବଂ ପୂର୍ବ ନିର୍ଦ୍ଧାରିତ ଅନ୍ତର୍ଭୁକ୍ତି ଓ ବର୍ଜନ ମାନଦଣ୍ଡ ଆଧାରରେ ଅଧ୍ୟୟନ ଚୟନ ସମ୍ପର୍କରେ ଯୋଗ ଦେଇଥିବା ଫ୍ୟାକଲ୍ଟିମାନଙ୍କୁ ଅବଗତ କରାଯାଇଥିଲା।

ଏହି ଅଧିବେଶନ ପରିଚାଳନା କରିଥିବା ଏମ୍ସ ଭୁବନେଶ୍ୱରର ଶିଶୁରୋଗ ବିଭାଗର ଡ଼ଃ କେତନ କୁମାର ପ୍ରିଜ୍ମା (ପ୍ରିଫର୍ଡ ରିପୋଟିଂ ଆଇଟମ୍ସ ଫର୍ ସିଷ୍ଟମାଟିକ୍ ରିଭ୍ୟୁ ଆଣ୍ଡ ମେଟା-ଆନାଲିସିସ୍) ନିର୍ଦ୍ଦେଶାବଳୀ, ସିଷ୍ଟମାଟିକ୍ ରିଭ୍ୟୁ ପରିଚାଳନାର ସମ୍ପୂର୍ଣ୍ଣ ପ୍ରକ୍ରିୟା ଏବଂ ଲିଟରେଚର ସନ୍ଧାନ କୌଶଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଦ୍ୱିତୀୟ ଅଧିବେଶନକୁ ଏମ୍ସ ଭୁବନେଶ୍ୱରର ଶିଶୁରୋଗ ବିଭାଗର ପ୍ରଫେସର ଡାକ୍ତର ରଶ୍ମି ରଞ୍ଜନ ଦାସ ପରିଚାଳନା କରିଥିଲେ। ସେ ମେଟା-ଆନାଲିସିସ୍ ଫଳାଫଳର ବ୍ୟାଖ୍ୟା, ରିପୋର୍ଟିଂ ମାନଦଣ୍ଡ, ଗବେଷଣା ପ୍ରକାଶନ କୌଶଳ ଏବଂ ସିଷ୍ଟମାଟିକ୍ ରିଭ୍ୟୁ କରିବା ସମୟରେ ସମ୍ମୁଖୀନ ହେଉଥିବା ସାଧାରଣ ପଦ୍ଧତିଗତ ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏଭିଡେନ୍ସ-ବେସ୍ଡ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## ରାମ ମନ୍ଦିର ନିର୍ମାଣ ନେଇ ଭୂମି ପୂଜନ



ବାଲିଅନ୍ତା,୨୮।୭ (ସଂଚାର ବ୍ୟୁରୋ)ଃ ବାଲକାଟି ଆଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ମଦନ ମୋହନଙ୍କ ମନ୍ଦିର ପୀଠ ପରିସରରେ ରାମ ମନ୍ଦିର ନିର୍ମାଣ ନେଇ ଭୂମି ପୂଜା କରାଯାଇଛି। ପ୍ରଫୁଲ ଖଟେଇ କର୍ତ୍ତା ଏବଂ ତାଙ୍କର ସହ ଧର୍ମିଣୀ ସବିତା ଖଟେଇ କର୍ତ୍ତୀ ହୋଇଥିଲେ । ୩୫ ଫୁଟ ଉଚ୍ଚତା ଏବଂ ୧୫ ଫୁଟ ଚଉଡାରେ ଏକ କାରୁକାର୍ଯ୍ୟ ମନ୍ଦିର ନିର୍ମାଣ ହେବ । ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମ ଚନ୍ଦ୍ର,ମା ସୀତା,ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଏବଂ ହନୁମାନଙ୍କ ମୂର୍ତ୍ତି ପୂଜା ପାଇବେ । ମନ୍ଦିର ନିର୍ମାଣ କାର୍ଯ୍ୟ ଅନ୍ୟୁନ ୨ ବର୍ଷ ମଧ୍ୟରେ ସରିବ ବୋଲି ଯୋଜନା ରହିଛି । ଏହି ଉପଲକ୍ଷେ ମନ୍ଦିର ପରିଚାଳନା କମିଟି ଏବଂ ରାମ ଚରିତ ମାନସ ନବାହ୍ନ ପାରାୟଣ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଏହି ରବୀନ୍ଦ୍ର କୁମାର ବାରିକ,ସୋମନାଥ ସାହୁ,ରବୀନ୍ଦ୍ର ସାହୁ,ସୁରେନ୍ଦ୍ର ସାହୁ, ରାଜ କିଶୋର ସାହୁ,ପ୍ରଫୁଲ୍ଲ ବେହେରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବନ୍ଧ ଖାଉଛି, ବିଭାଗ ଏସି ରୁମ୍‌ରେ!

କାକଟପୁର/ଅସ୍ତରଙ୍ଗ,୨୮।୭ (ସଂଚାର ବ୍ୟୁରୋ)ଃ ଗତ ୨୬ ତାରିଖରେ "ଦେବୀ ନଦୀରେ ଜଳସ୍ତର ବୃଦ୍ଧି, ଅସନ ନଦୀବନ୍ଧ ବିପଦରେ" ବୋଲି ଖବର ପ୍ରକାଶ ପାଇଥିଲା। ସେଦିନ ହିଁ ଚେତାଇ ଦିଆଯାଇଥିଲା। କିନ୍ତୁ ୪୮ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୁରୀ ଜିଲ୍ଲା କାକଟପୁର ଜଳସମ୍ପଦ ବିଭାଗର କୌଣସି ଅଧିକାରୀ ସ୍ଥିତି ଅନୁଧ୍ୟାନ କରିନାହାନ୍ତି।

ଏହାରି ମଧ୍ୟରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ଫଳରେ ତାର ଶାଖା ଦେବୀ ନଦୀରେ ମଧ୍ୟ ଦୁଇ ଦିନରେ ଜଳସ୍ତର ବିପଦଜନକ ଭାବେ ବୃଦ୍ଧି ପାଇ ଚାଲିଛି। ଦୁଇ ଦିନ ପୂର୍ବେ ଯେଉଁ ଅସ୍ତରଙ୍ଗ ବ୍ଲକ ଅସନ ନିକଟ ପଥର ବୁରୁଜ ଆଂଶିକ ଦେଖାଯାଉଥିଲା, ତାହା ଆଜି ସମ୍ପୂର୍ଣ୍ଣ ଭାବେ ନଦୀରେ ଲୀନ ହୋଇ ଯାଇଛି। ପାଣି ଦ୍ରୁତ ଗତିରେ ପ୍ରବାହିତ ହୋଇ ସିଧା ବନ୍ଧରେ ଧକ୍କା ମାରୁଛି। ଫଳରେ ନିକଟରେ ଥିବା ଦେବୀ ନଦୀ ବନ୍ଧ ଖାଉଥିବା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ତର୍ତ୍ତି ପଏଣ୍ଟରେ ଜଳର ଚାପ ଯୋଗୁଁ କୂଳର ମାଟି ଦ୍ରୁତ ଗତିରେ ଅତଡା ଖାଉଛି। ଗ୍ରାମବାସୀ ନିଜ ଟଙ୍କାରେ ଆଣି ରଖିଥିବା ବାଲି ବସ୍ତା ମଧ୍ୟ ଏବେ ପାଣିରେ ବୁଡି ଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ରାତିସାରା ବନ୍ଧ ନିକଟରେ ବସି ଜଗି ରହୁଛନ୍ତି।



ସ୍ଥାନୀୟ ବାସିନ୍ଦା ହିମାଂଶୁ ରାଉତ ଅଭିଯୋଗ କରି କହିଛନ୍ତି, "ଆମେ ଦୁଇ ଦିନ ତଳୁ କାକଟପୁର ଜଳସମ୍ପଦ ବିଭାଗକୁ ଜଣାଇ ସାରିଲାଣି। କିନ୍ତୁ କିଛି ଗାଦିମଡା ଯନ୍ତ୍ରୀ ଏ ଘଟଣାକୁ କର୍ଣ୍ଣଗୋଚର କରୁନାହାନ୍ତି। ନୂଆ କରି ଆସିଥିବା ଏସଡିଓ ମଧ୍ୟ ଥରେ ବି ଘଟଣାସ୍ଥଳକୁ ଆସିଲେନି। ଅନ୍ୟପଟେ ନିମାପଡାର ଅଧିକ୍ଷଣ ଯନ୍ତ୍ରୀ ଏସି ରୁମ୍‌ରେ ବସି ଫୋନ୍‌ରେ ସ୍ଥିତି ଅନୁଧ୍ୟାନ କରି କଲମ ଚଳାଉଛନ୍ତି। ଗ୍ରାମବାସୀ ରାତି ଅନିଦ୍ରା ହୋଇ ଜୀବନ ବାଜି ଲଗାଇ ଜଗୁଛୁ, ଆଉ ସେମାନେ ଆରାମରେ ବସିଛନ୍ତି।"

**୪୮ ଘଣ୍ଟା ବିତିଲାଣି, ପଥର ବୁରୁଜ ବୁଡ଼ିଲା**

**ଗାଦିମଡା ଯନ୍ତ୍ରୀଙ୍କ ନିଦ ଭାଙ୍ଗୁନି**

**ଗାଁ ଭାସିବାକୁ ବସିଛି!**

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଅସନ ସହ ଆଖପାଖର ଆଉ ୪ରୁ ୭ଟି ଗାଁ ଏହି ନଦୀବନ୍ଧ ଉପରେ ନିର୍ଭର କରୁଛନ୍ତି। ବନ୍ଧ ଭାଙ୍ଗିଲେ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହେବା ସହ ଲୋକଙ୍କ ଘରଦ୍ୱାର ମଧ୍ୟ ବିପଦରେ ପଡିବ।

ଗ୍ରାମବାସୀଙ୍କ ଦାବି - ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ନୂତନ ପଥର ବୁରୁଜ ନିର୍ମାଣ କରାଯାଉ। ବରିଷ୍ଠ ଅଧିକାରୀ ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରନ୍ତୁ। ନଚେତ ଯଦି ବନ୍ଧ ଭାଙ୍ଗେ, ତା'ହେଲେ ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଜଳସମ୍ପଦ ବିଭାଗ ନେବ। କାରଣ ପାଣି ଅପେକ୍ଷା କରୁନି, କିନ୍ତୁ ଅଧିକାରୀ ଅପେକ୍ଷା କରୁଛନ୍ତି। ଆଉ ସେହି ଅପେକ୍ଷା ମଧ୍ୟରେ ଗାଁର ଭବିଷ୍ୟତ ଭାସିବାକୁ ବସିଛି।

OFFICE OF THE SUPERINTENDING ENGINEER
RWS&S MECHANICAL DIVISION,
PLOT NO. D-2/24, MANCHESWAR INDUSTRIAL ESTATE,
BHUBANESWAR-751010
e-Mail:"eemrwssbbsr9@gmail.com"

TENDER CALL NOTICE NO. SEMBBSR/04 (2) 2026-27.

The Superintending Engineer, RWS&S Mechanical Division, Bhubaneswar, Plot– D-2/24, Mancheswar Industrial Estate, Bhubaneswar-10 on behalf of Governor of Odisha invites item rate tender online conformity with Detail Tender Call Notice from registered and established Manpower Service Provider to provide service of bore well drilling skilled personnel to the Sub-Division office under Office of the Superintending Engineer, RWS&S Mechanical Division, Bhubaneswar as per the requirement.

| Sl. No | Description of Items | No | Estimated Cost (Approximately per year) | Cost of Bid document | EMD |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | RWS&S Mechanical Sub -Division-Cuttack at BBSR | | Rs.13,65,312.00 (on wages only) | 6000/- | @2% of estimated cost |
| 1 | H.V. Driver | 1 No | | | |
| 2 | W.C.C.D | 1 No | | | |
| 3 | Asst. Driller | 1 No | | | |
| 4 | Boring mate | 3 Nos | | | |
| 5 | Helper | 1 No | | | |
| 6 | Khallasi | 1 No | | | |

Tender document with detail technical requirement, scope of the work, term and condition will be available online in Govt. Web site www.tendersodisha.gov.in from date 01.08.2026 to 14.08.2026 up-to 5.00 P.M. The tender will be opened on dt. 17.08.2026 at 12.00 P.M onwards in Office of the Superintending Engineer, RWS&S Mechanical Division, Bhubaneswar in presence of the bidder or their authorized representative as availability. The interested man power service providers may submit the tender document complete in all respect and duly signed along with other requisite document failing which the bid is liable for rejection.

The authority reserves the right to reject any or all the tenders without assigning any reason thereof.

27/7/2026
I/C Superintending Engineer
RWS&S Mechanical Division
Bhubaneswar

# କଟକରେ ସରକାରୀ କାର୍ଯ୍ୟର ଅନୁଧ୍ୟାନ କଲେ ଏନଏଚଆରସି ଟିମ୍



- କୋର୍ ସାନିଟେସନ୍ କର୍ମଚାରୀଙ୍କ ସହ ବିସ୍ତୃତ ଆଲୋଚନା
- ଭାଣପୁର ବିଆରସି କେନ୍ଦ୍ରରେ ଅନ୍ତେବାସୀଙ୍କୁ ଭେଟିଲେ
- ଏନ୍ଏଚ୍ଆରସିଙ୍କ ଗାଇଡଲାଇନ୍ ପାଳନ ହେବା ନେଇ ସମୀକ୍ଷା

**କଟକ,୨୮।୭(ସଂଚାର ବ୍ୟୁରୋ)**: ଜାତୀୟ ମାନବାଧିକାର ଆୟୋଗଙ୍କ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦେବେନ୍ଦ୍ର ସିଂହ ଧାପୋଲା ଆଜି ଦିନିକିଆ କଟକ ଗସ୍ତରେ ଆସି କଟକ ମହାନଗର ନିଗମ ଅନ୍ତର୍ଭୁକ୍ତ ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ମଧ୍ୟ ଅନୁଧ୍ୟାନ କରିଛନ୍ତି। ଏହି ଗସ୍ତ ସମୟରେ ସେ ତୃଣମୂଳସ୍ତରରେ କର୍ମଚାରୀମାନଙ୍କୁ ସାକ୍ଷାତ କରି ସିଧାସଳଖ ସେମାନଙ୍କର ମତାମତ ନେଇଥିଲେ। ବାଦାମବାଡ଼ି ସ୍ଥିତ ବିକାଶ ଭବନ ପରିସରରେ ଗରିମା ଯୋଜନା ଅନ୍ତର୍ଗତ କୋର୍ ସାନିଟେସନ୍ କର୍ମଚାରୀଙ୍କୁ, ଏନଏଚଆରସିର ସଦସ୍ୟ ସାକ୍ଷାତ କରି ଆଲୋଚନା କରିଥିଲେ। ଗରିମା ଯୋଜନାର କାର୍ଯ୍ୟାନ୍ୱୟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀର ବ୍ୟବହାର ଏବଂ ଯାନ୍ତ୍ରିକ ସଫେଇ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଥିଲେ। ପରିମଳ କର୍ମଚାରୀମାନଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ।

ସେହିପରି ଭାଣପୁରଠାରେ ଥିବା ବେଗର ରିହାବିଲିଟେସନ୍ କେନ୍ଦ୍ର ବା ଆନନ୍ଦାଳୟ ପରିଦର୍ଶନ କରିଥିଲେ। ସେଠାରେ ଅନ୍ତେବାସୀମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ସଂପର୍କରେ ସେ ପଚାରି ବୁଝିଥିଲେ। ଏହାସହିତ ମାନବାଧିକାର ଆୟୋଗଙ୍କର ରହିଥିବା ଗାଇଡଲାଇନକୁ ଠିକ୍ ଭାବେ କେଏମସି ଅଧୀନରେ ପାଳନ କରାଯାଉଛି କି ନାହିଁ ତାହା ମଧ୍ୟ ବୁଝିଥିଲେ ଏନଏଚଆରସି ଟିମ୍। ଏନଏଚଆରସି ଟିମ କଟକରେ ପହଞ୍ଚିବା ପରେ ସର୍କିଟ୍ ହାଉସ ପରିସରରେ କେଏମସିର ଅତିରିକ୍ତ କମିଶନର କଳ୍ପତରୁ ବେହେରା ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ବିଜୁ ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେଏମସିର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା କିଭଳି କେଏମସି ଅଞ୍ଚଳରେ ଲାଗୁ କରାଯାଉଛି ସେ ସଂପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

## ଇଣ୍ଡିଆନ୍ ଆଇଡଲ୍ ବିଜେତା ଜ୍ୟୋତିର୍ମୟୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



### ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା

**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ)**: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷର ଇଣ୍ଡିଆନ୍ ଆଇଡଲ୍- ସିଜିନ୍ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ଆଜି ତାଙ୍କ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଜ୍ୟୋତିର୍ମୟୀଙ୍କ ଅସାଧାରଣ କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ଘୋଷଣା କରିଛନ୍ତି। ଜ୍ୟୋତିର୍ମୟୀ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ପ୍ରଦର୍ଶନ କରିଥିଲେ। ଏଥିସହ ଇଣ୍ଡିଆନ୍ ଆଇଡଲ୍‌ର ସଫଳତା ପଛରେ ଥିବା ତାଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ବିଷୟରେ ମଧ୍ୟ କହିଥିଲେ।

ମୁଖ୍ୟମନ୍ତ୍ରୀ ଜ୍ୟୋତିର୍ମୟୀଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଜର ଅସାଧାରଣ ପ୍ରତିଭା ଓ କଠିନ ସାଧନା ବଳରେ ଜାତୀୟ ସ୍ତରରେ ବିଜେତା ହୋଇ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି ବୋଲି କହିଥିଲେ। ନୂଆ ପିଢ଼ିର କଣ୍ଠଶିଳ୍ପୀଙ୍କ ପାଇଁ ଜ୍ୟୋତିର୍ମୟୀ ଏକ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଜ୍ୟୋତିର୍ମୟୀ ତାଙ୍କର ସଙ୍ଗୀତ ପ୍ରତିଭାକୁ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଉପଯୋଗ କରୁଛନ୍ତି। ରାଜ୍ୟର ଅନେକ କ୍ୟାନ୍ସର ହସ୍ପିଟାଲରେ ମ୍ୟୁଜିକ୍ ଥେରାପି ପ୍ରୟୋଗ କରି ସେମାନଙ୍କ କଷ୍ଟ ଲାଘବ କରିବାରେ ସହାୟତା କରିଛନ୍ତି। ତାଙ୍କର ଏହି ବିରଳ ପ୍ରତିଭା ଓ ସେବା ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେ ସାରା ରାଜ୍ୟ ତଥା ଦେଶର ଏକ 'ଯୁବ ଆଇକନ୍'। ସଙ୍ଗୀତକୁ ରୋଗୀଙ୍କ ସେବା କ୍ଷେତ୍ରରେ ବ୍ୟବହାର କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଏକ ନୂଆ ଟ୍ରେଣ୍ଡ୍ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭାଙ୍କ ନିଷ୍ଠା ଓ ଉଦ୍ୟମ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାର୍ଥକ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହ ଜ୍ୟୋତିର୍ମୟୀଙ୍କ ଏହି ଯାତ୍ରାରେ ରାଜ୍ୟବାସୀ ବିପୁଳ ଉତ୍ସାହର ସହ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଜ୍ୟୋତିର୍ମୟୀଙ୍କ ପିତା ଚକ୍ରଧର ନାୟକ ଓ ମାତା ଗୌରୀ ନାୟକ ମଧ୍ୟ ଉପସ୍ଥିତ ଥିଲେ।

## ବାପ ଜୀବନ ନେଲା ପୁଅ

- ଘରୋଇ କଳହର କରୁଣ ପରିଣତ




**କୁଚିଣ୍ଡା,୨୮।୭(ସଂଚାର ବ୍ୟୁରୋ)**: ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଥାନା ଅଧୀନସ୍ଥ ଧୂଡ଼ିପାଲି ପଞ୍ଚାୟତ ମନାପାଲି ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଘରୋଇ କଳହକୁ କେନ୍ଦ୍ର କରି ପୁଅର ଟାଙ୍ଗିଆ ବେଣ୍ଟ ମାଡ଼ରେ ବାପା ଧନେଶ୍ୱର ଭୋଇ (୬୫)ଙ୍କର ମୃତ୍ୟୁ ଘଟିଛି। କୁଚିଣ୍ଡା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୁଅ ଗୋବିନ୍ଦ ଭୋଇ (୪୫)ଙ୍କୁ ଗିରଫ କରିଛି। ମିଳିଥିବା ସୂଚନାନୁସାରେ, ଗତକାଲି ରାତିରେ ବାପ-ପୁଅଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପୁଅ ଗୋବିନ୍ଦ ବାପାଙ୍କୁ ଟାଙ୍ଗିଆ ବେଣ୍ଟରେ ମାଡ଼ ମାରିଥିଲେ। ପୁଅର ଆକ୍ରମଣରେ ଧନେଶ୍ୱର ଲହୁଲୁହାଣ ହେବା ସହ ଗୁରୁତର ଭାବେ ଆହତ ହୋଇଥିଲେ। ବିଳମ୍ବିତ ରାତିରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ଧନେଶ୍ୱରଙ୍କୁ ବୁର୍ଲା ଭିମସାର ମେଡିକାଲକୁ ପଠାଇଥିଲେ। କିନ୍ତୁ ୧୦୮ ଆମ୍ବୁଲାନ୍ସରେ ବୁର୍ଲା ନେବା ବାଟରେ ଲଇଡ଼ା ନିକଟରେ ଧନେଶ୍ୱରଙ୍କର ମୃତ୍ୟୁ ହୋଇଯାଇଥିଲା। ଧନେଶ୍ୱରଙ୍କ ମୃତଦେହର ବ୍ୟବଚ୍ଛେଦ ଆଜି ଲଇଡ଼ା ଡାକ୍ତରଖାନାରେ ହୋଇଛି। କୁଚିଣ୍ଡା ଥାନା ଆଇଆଇସି ରାଧାକାନ୍ତ ବାରିକ ଘଟଣାସ୍ଥଳ ପରିଦର୍ଶନ କରି ମାମଲାର ତଦନ୍ତ ଜାରି ରଖିଛନ୍ତି।

## ଜୁଆ ଆଡ୍ଡା ଉପରେ ଚଢ଼ାଉ, ଜଣେ ଗିରଫ

- ୬୦ ହଜାର ଟଙ୍କା, ବାଇକ୍ ଜବତ



**ନବରଙ୍ଗପୁର୨୮।୭(ସଂଚାର ବ୍ୟୁରୋ)**: ଗତକାଲି ବିଶେଷ ସୂତ୍ରରୁ ଖବର ପାଇ ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ତେନ୍ତୁଳିଖୁଣ୍ଟି ଥାନାଧିକାରୀ ହରିଶ୍ଚନ୍ଦ୍ର ଗୋଲରିଙ୍କ ତତ୍ତ୍ୱାବଧାନରେ ଏଏସଆଇ ରମାକାନ୍ତ ସାହୁ ଷ୍ଟାଫଙ୍କ ସହ ଅଞ୍ଚଳଗୁମ୍ମା ଇନ୍ଦିରା କଲୋନୀ ନିକଟ ଜଙ୍ଗଲରେ ଏକ ଅସ୍ଥାୟୀ ଜରି ପାଲ ଟାଣି ୭ରୁ ୮ ଜଣ ଜୁଆଡି ଜୁଆ ଖେଳୁଥିବା ଠାବ କରି ଚଢ଼ାଉ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପୁଲିସ୍‌କୁ ଦେଖି ଛତ୍ରଭଙ୍ଗ ଦେଇଥିବା ବେଳେ ପୁଲିସ୍ ଜଣଙ୍କୁ ଗିରଫ କରିଛି। ଏଥିସହ ସେଠାରୁ ପୁଲିସ୍ ଗୋଟିଏମୋବାଇଲ୍, ନଗଦ ୬୦ ହଜାର ୪୦୦ ଟଙ୍କା, ତାସ, ୨ଟି ମୋଟର ସାଇକେଲ ଉଦ୍ଧାର କରିଛି। ଏନେଇ ୧୭୮/୨୬ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ସେହିପରି ଗିରଫ ହୋଇଥିବା ଜୁଆଡ଼ି ଜଣକ ଏସ ଗଣେଶ ନାଇଡୁ ବୋଲି ଜଣାପଡ଼ିଛି।

## ବେଆଇନ ପେଣ୍ଟାଜୋସିନ୍ ଇଞ୍ଜେକ୍ସନ କାରବାରର ପର୍ଦ୍ଦାଫାସ, ୨ ଗିରଫ



**କୋରାପୁଟ,୨୮।୭(ସଂଚାର ବ୍ୟୁରୋ)**: କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଅଞ୍ଚଳରେ ବେଆଇନ ଭାବେ ନିଷିଦ୍ଧ ପେଣ୍ଟାଜୋସିନ୍ ଲାକ୍ଟେଟ୍ ଇଞ୍ଜେକ୍ସନ ବିକ୍ରି କରୁଥିବା ଏକ ରାକେଟର ପର୍ଦ୍ଦାଫାସ କରିଛି ଦାମନଯୋଡ଼ି ପୋଲିସ। ଏହି ଅଭିଯାନରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୩୨ଟି ପେଣ୍ଟାଜୋସିନ୍ ଲାକ୍ଟେଟ୍ ଇଞ୍ଜେକ୍ସନ ଆମ୍ପୁଲ, ଦୁଇଟି ମୋବାଇଲ ଫୋନ୍ ଓ ୧,୭୩୦ ଟଙ୍କା ନଗଦ ଜବତ କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ଗତ ୨୬ ତାରିଖରେ ବିଶ୍ୱସ୍ତ ସୂଚନା ପାଇବା ପରେ ଦାମନଯୋଡ଼ି ଥାନାର ଉପନିରୀକ୍ଷକ ସୁପ୍ରିୟା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଦଳ ଅମଲାବାଡ଼ି କଲୋନୀ ମଶାଣି ଛକ ନିକଟରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଦୁଇ ଜଣ ବ୍ୟକ୍ତି ବେଆଇନ ଭାବେ ନିୟନ୍ତ୍ରିତ ପେଣ୍ଟାଜୋସିନ୍ ଲାକ୍ଟେଟ୍ ଇଞ୍ଜେକ୍ସନ ବିକ୍ରି କରୁଥିବା ବେଳେ ସେମାନଙ୍କୁ କାବୁ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ମାଥାଲପୁଟ ମାଳିସାହିର ବିଷ୍ଣୁ ମାଳି (୨୩) ଓ ସୁନାବେଡ଼ା ଥାନା ଅନ୍ତର୍ଗତ ଭେଜାପୁଟ ସତସଙ୍ଗ ଗ୍ରାମର ସଞ୍ଜୟ ଜେନା (୩୫)।କାର୍ଯ୍ୟାନୁଷ୍ଠାନ ସମୟରେ କାର୍ଯ୍ୟପାଳକ ମାଜିଷ୍ଟ୍ରେଟ୍, ଡ୍ରଗ୍ ଇନ୍ସପେକ୍ଟର ଏବଂ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ଏନଡିପିଏସ୍ ଆଇନର ସମସ୍ତ ବିଧିବିଧାନ ପାଳନ କରାଯାଇଥିଲା। ଡ୍ରଗ୍ ଇନ୍ସପେକ୍ଟର ଜବତ ହୋଇଥିବା ଇଞ୍ଜେକ୍ସନଗୁଡ଼ିକୁ ସିଡ୍ୟୁଲ-ଏଚ୍-୧ ଶ୍ରେଣୀର ନିୟନ୍ତ୍ରିତ ଔଷଧ ବୋଲି ସୁନିଶ୍ଚିତ କରିବା ସହ ଅଭିଯୁକ୍ତମାନଙ୍କ ପାଖରେ ଏହାର ସଂରକ୍ଷଣ କିମ୍ବା ବିକ୍ରୟ ପାଇଁ କୌଣସି ବୈଧ ଲାଇସେନ୍ସ ନଥିବା ସ୍ପଷ୍ଟ କରିଥିଲେ। ଏହି ଘଟଣାରେ ଦାମନଯୋଡ଼ି ଥାନାରେ ମାମଲା ରୁଜୁ କରାଯାଇଛି।

- ଲଗାଣ ବର୍ଷା ଯୋଗୁ ଭୁଶୁଡ଼ି ପଡ଼ିଲା ମାଟି କାନ୍ଥ

## ଚାଲିଗଲା ୩ ବର୍ଷର ଶିଶୁପୁତ୍ର ଜୀବନ

**ରିଆମାଳ,୨୮।୭(ସଂଚାର ବ୍ୟୁରୋ)**: ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ କଂସର ଫାଣ୍ଡି ଦୁଧିଆନାଳି ଗ୍ରାମପଞ୍ଚାୟତର ବେଲମୁଣ୍ଡା ଗ୍ରାମରେ ଲଗାଣ ବର୍ଷା ଯୋଗୁ ଘରର କାନ୍ଥ ପଡ଼ି ଜଣେ ୩ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁଜଣକ ସ୍ଥାନୀୟ ଅଞ୍ଚଳର ରାଜେନ୍ କୁଲୁଙ୍କ ପୁଅ ରିୟାନ କୁଲୁ ବୋଲି ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୮ଟା ସମୟରେ ଶିଶୁଟି ହାତରେ ଏକ ଛତା ଧରି ଘର ବାହାରକୁ ଆସୁଥିବା ବେଳେ ହଠାତ୍ ଅସୁରକ୍ଷିତ ମାଟି କାନ୍ଥଟି ତାଙ୍କୁ ମାଡ଼ି ବସିଥିଲା। ପରିବାର ଲୋକେ ତତକ୍ଷଣାତ୍ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ କଂସର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ କଂସର ଫାଣ୍ଡି ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ କୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ନୀଳାଦ୍ରି ବିଜେ ପରେ ଚଳଚଞ୍ଚଳ ଶ୍ରୀମନ୍ଦିର

### ନୀଳାଚଳ ଅବଢ଼ା ପାଇଁ ଶ୍ରଦ୍ଧାଳୁ ବ୍ୟାକୁଳ

**ପୁରୀ,୨୮।୭(ସଂଚାର ବ୍ୟୁରୋ)**: ଶ୍ରୀମନ୍ଦିରକୁ ମହାପ୍ରଭୁ ବାହୁଡ଼ିବା ପରେ ଏବେ ନୀଳାଚଳ ଅବଢ଼ା ପାଇବା ଲାଗି ଶ୍ରଦ୍ଧାଳୁମାନେ ବ୍ୟାକୁଳ ହୋଇଉଠିଛନ୍ତି। ରଥଯାତ୍ରା ସମୟରେ ମହାପ୍ରଭୁ ନୀଳକନ୍ଦର ବଦଳରେ ନିଜ ଜନ୍ମମାଟିରେ କରୁଥିଲେ ଲୀଳାଖେଳା। ତେଣୁ ନୀଳାଚଳ ଅବଢ଼ାରୁ ଭକ୍ତ ବଞ୍ଚିତ ହୋଇଥିଲେ। ଦୀର୍ଘ ଦିନ ପରେ ଶ୍ରୀମନ୍ଦିର ରତ୍ନସିଂହାସନରେ ଶ୍ରୀଜୀଉଙ୍କୁ ଦର୍ଶନ କରି ଭକ୍ତମାନେ ବେଶ ଖୁସି ବ୍ୟକ୍ତ କରିଥିବା ବେଳେ ଗତକାଲି ନୀଳାଦ୍ରି ବିଜେ ପରେ ଆଜି ଶ୍ରୀମନ୍ଦିର ପୁଣି ଚଳଚଞ୍ଚଳ ହୋଇଉଠିଛି। ସେପଟେ ଘୋଷଯାତ୍ରା ଶେଷ ପରେ ଆଜିଠାରୁ ରଥ ଫିଟାଇବା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଭୋଇ ସେବାୟତମାନେ ତିନି ରଥରେ ଥିବା ପାର୍ଶ୍ୱ ଦେବାଦେବୀ, ଘୋଡ଼ା, ସାରଥିଗୁଡ଼ିକୁ ଖୋଲିଛନ୍ତି। ରଥର କିଛି ଅଂଶ ପ୍ରତ୍ୟେକ ବର୍ଷ ନିର୍ମାଣ ହେଉ ନ ଥିବାରୁ ଏଗୁଡିକୁ ସୁରକ୍ଷିତ ଭାବେ ଗୁଣ୍ଡିଚା ଘର ଓ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଖାଯାଇଛି। ରଥର ଅନ୍ୟ ମୁଖ୍ୟ ଅଂଶଗୁଡିକ ପ୍ରଶାସନର ନିର୍ଦ୍ଦେଶ ଆସିବା ପରେ ଖୋଲାଯିବ ବୋଲି ଜଣାପଡ଼ିଛି।



- ସ୍ପଷ୍ଟ ଦିବାଲୋକରେ ମରଣାନ୍ତକ ଆକ୍ରମଣ ଘଟଣା

## ୨୪ ଘଣ୍ଟାରେ ଅଭିଯୁକ୍ତ ଗିରଫ



**ପୁରୁଷୋତ୍ତମପୁର,୨୮।୭(ସଂଚାର ବ୍ୟୁରୋ)**: ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ସହର କାଳୀମନ୍ଦିର ଛକ ନିକଟରେ ସ୍ୱଚ୍ଛ ଦିବାଲୋକରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିଲା। ଉକ୍ତ ଯୁବକଙ୍କୁ ନିର୍ମମ ଭାବେ ହାଣି ହତ୍ୟା ପାଇଁ ଉଦ୍ୟମ ହୋଇଥିବା ବେଳେ ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଜଣେ ଅଭିଯୁକ୍ତକୁ ପୁଲିସ୍ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ପରେ ଉକ୍ତ ଅଭିଯୁକ୍ତକୁ କୋର୍ଟ ମଧ୍ୟ ଚାଲାଣ କରାଯାଇଛି। ଏଥିସହ ଆକ୍ରମଣରେ ବ୍ୟବହୃତ ହୋଇଥିବା ଖଣ୍ଡା ଓ ଏକ ସ୍କୁଟି (ନଂ.ଓଡି୦୭ଏକ୍ସ ୭୫୩୩)କୁ ମଧ୍ୟ ପୁଲିସ୍ ଜବତ କରିଥିବା ଜଣାପଡ଼ିଛି। ଗିରଫ ହୋଇଥିବା ଯୁବକ ରାଜପୁର ଗ୍ରାମର ପାଣ୍ଡା ଓରଫ ପ୍ରସନ୍ନ କୁମାର ବେହେରା ବୋଲି ଜଣାପଡ଼ିଛି। ଏଥିସହ ଘଟଣା ସହ ଜଡ଼ିତ ଅନ୍ୟ ଫେରାର ଅଭିଯୁକ୍ତଦ୍ୱୟଙ୍କୁ ମଧ୍ୟ ଗିରଫ କରିବା ଲାଗି ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଚଢ଼ାଉ ଜାରି ରହିଛି। ଏନେଇ ୪୬୯/୨୬ରେ ମାମଲା ରୁଜୁ କରାଯାଇଛି ବୋଲି ଥାନା ଆଇଆଇସି କୁଳମଣି ସେଠୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ରବିବାର ଅପରାହ୍ନରେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଡ଼ଖରିଡ଼ା ବାଣନଈ ଗ୍ରାମର ବର୍ଷି ବାରିକ ନିଜ ଗ୍ରାମରୁ ପୁରୁଷୋତ୍ତମପୁର ଆସି କାଳୀମନ୍ଦିର ଛକ ନିକଟରେ ଏକ ଗ୍ୟାରେଜରେ ମୋଟର ସାଇକେଲ ମରାମତି କରୁଥିଲେ। ତେବେ ଏହି ସମୟରେ ପାଣ୍ଡା ସମେତ ତିନି ଜଣ ଯୁବକ ସ୍କୁଟିରେ ଆସି ବର୍ଷିଙ୍କୁ ଅତର୍କିତ ଭାବେ ଖଣ୍ଡାରେ ହାଣିପକାଇଥିଲେ। ସେଠାରେ ଉପସ୍ଥିତ ଲୋକେ ପାଟି କରିବାରୁ ଘଟଣାସ୍ଥଳରୁ ସେମାନେ ଚମ୍ପଟ୍ ମାରିଥିଲେ। ତେବେ ଏଭଳି ଆକ୍ରମଣ କରିବାର କାରଣ କ'ଣ, ତା' ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବି ସ୍ପଷ୍ଟ ହୋଇପାରିନାହିଁ।

### ପ୍ରଦୂଷଣ ବୋର୍ଡର ନିର୍ଦ୍ଦେଶକୁ ଫୁ'

## ରାସ୍ତାକଡ଼ ପାଲଟିଛି ଡମ୍ପିଂ ୟାର୍ଡ





**ସମ୍ବଲପୁର,୨୮।୭(ସଂଚାର ବ୍ୟୁରୋ)**: ସମ୍ବଲପୁର ରାସ୍ତା କଡ଼ ପାଲଟିଛି ଡମ୍ପିଂ ୟାର୍ଡ। ମନଇଚ୍ଛା ଯିଏ ଯେଉଁଠି ପାରିଲା ଗଦା କଲା ଅଳିଆ। ଫଳତଃ ପାଉଁଶ ଉଡ଼ି ବଢ଼ିବାରେ ଲାଗିଛି ପ୍ରଦୂଷଣ। ଏପରିକି ପ୍ରଦୂଷଣ ବୋର୍ଡ ତାଗିଦକୁ ବି ଲୋକେ ଖାତିର କରୁନାହାନ୍ତି। ପାଉଁଶ କବଳରେ ପୂରା ସମ୍ବଲପୁର ଜିଲ୍ଲା। ଓପିଜିସି ଓ ଏନଟିପିସିର ପାଉଁଶ ବେଆଇନ୍ ଭାବେ ସମ୍ବଲପୁର ଜିଲ୍ଲାରେ ଡମ୍ପିଂ କରାଯାଇଥିବା ନିଜେ କହୁଛନ୍ତି ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ। ଶାସନ ଥାନା ନୂଆମୁଣ୍ଡା ଗାଁ ଗ୍ରାମ୍ୟ ଜଙ୍ଗଲ ଜମିରେ ବେଆଇନ୍ ଭାବେ ପାଉଁଶ ପକାଉଛି ଓପିଜିସି। ଏନେଇ ଶାସନ ଥାନାର ଦ୍ୱାରସ୍ଥ ହୋଇଛନ୍ତି ସ୍ଥାନୀୟ ବାସିନ୍ଦା। କିନ୍ତୁ ଅମାନିଆ ଓପିଜିସି କାହା କଥା ବି ଶୁଣୁନି। ଏମିତିକି ପ୍ରଦୂଷଣ ବୋର୍ଡ ବାରମ୍ବାର ତାଗିଦ୍ କରିବା ପରେ ମଧ୍ୟ ଯେଉଁ ପାଉଁଶ ପାରାଦୀପ କିମ୍ବା ଉପକୂଳ ଓଡ଼ିଶାକୁ ଯିବା କଥା, ସେହି ପାଉଁଶକୁ ବେଆଇନ ଭାବେ ସମ୍ବଲପୁରରେ ଡମ୍ପିଂ କରାଯାଉଛି। ଏଣେ ଏନ୍ଏଚ୍ ୫୫ କଡ଼ରେ ମଧ୍ୟ ବେଆଇନ୍ ପାଉଁଶ ଡମ୍ପିଂ କରାଯାଇଛି। ସମାନ ଦୃଶ୍ୟ ଯୁଯୁମରା ଜାମଟାଲରେ। ଏଠି ସ୍କୁଲ ସାମ୍ନାରେ ପାଉଁଶ ପକାଇ ଫେରାର୍। ସମ୍ବଲପୁର ଜିଲ୍ଲାରେ ବାର୍ଷିକ ୪୨ ଲକ୍ଷ ୫୬ ହଜାର ୪୮୪ ମେଟ୍ରିକ୍ ଟନ୍ ପାଉଁଶ ବାହାରୁଛି। ଝାରସୁଗୁଡ଼ା ଜିଲ୍ଲାରେ ବାହାରୁଛି ୩ କୋଟି ୬୫ ଲକ୍ଷ ମେଟ୍ରିକ୍ ଟନ୍ ପାଉଁଶ। ଦୁଇ ଜିଲ୍ଲାରେ ମୋଟ ୪ କୋଟିରୁ ଅଧିକ ମେଟ୍ରିକ ଟନ ପାଉଁଶ ବାହାରୁଛି। ଏନେଇ ଜିଲ୍ଲା ପ୍ରଶାସନ ଶୋଇପଡ଼ିଥିବାରୁ ବେଆଇନ ଭାବେ ଯିଏ ଯେଉଁଠି ପାରିଲା ସେଇଠି ପକାଇ ଚାଲିଯାଉଛି ଏହି କଳା ଜହର। ସେପଟେ ବେଆଇନ ଆସ୍ ଡମ୍ପିଂକୁ ରୋକିବା ପାଇଁ ଝାରସୁଗୁଡ଼ାରେ ସ୍ପେଶାଲ ଟାକ୍ସ ଫୋର୍ସ ଗଠନ କରାଯାଇଥିବା ବେଳେ ସମ୍ବଲପୁରରେ ବୈଠକ ପରେ ବୈଠକ ବସୁଛି କିନ୍ତୁ ଆକ୍ସନ ଶୂନ। ସମ୍ବଲପୁର ପାଇଁ ଚିନ୍ତାର କାରଣ ବନିଛି କଳା ଜହର। ଜିଲ୍ଲାରେ ପୋଲିସ ଉପରେ ଏନଫୋର୍ସମେଣ୍ଟ ଦାୟିତ୍ୱ ଥିବା ବେଳେ ପୋଲିସ କଣ କରୁଛି ସେ ନେଇ ଉଠୁଛି ପ୍ରଶ୍ନ।

## ଚାଷ ଜମିକୁ ଯାଇଥିଲେ, ବଜ୍ରପାତରେ ଟଳିପଡ଼ିଲେ

**ବାଣପୁର,୨୮।୭(ସଂଚାର ବ୍ୟୁରୋ)**: ବିଲକୁ ଚାଷ କାର୍ଯ୍ୟ ଦେଖିବାକୁ ଯାଇଥିବା ସମୟରେ ଅଚାନକ ବଜ୍ରପାତ ହେବାରୁ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ଖୋର୍ଦ୍ଧା ଜିଲ୍ଲାର ବାଣପୁର ଥାନା ଅଧୀନସ୍ଥ ପଞ୍ଚୁଗାଁରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ମହିଳା ଜଣଙ୍କ ବାସନ୍ତୀ ସୁବୁଦ୍ଧି ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ରାମଚନ୍ଦ୍ର ସୁବୁଦ୍ଧିଙ୍କ ପତ୍ନୀ ବାସନ୍ତି ତାଙ୍କ ଧାନଚାଷ କାର୍ଯ୍ୟ ଦେଖିବା ପାଇଁ ବିଲକୁ ଯାଇଥିଲେ। ଏହି ସମୟରେ ହଠାତ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବଜ୍ରାଘାତରେ ସେଠାରେ ବାସନ୍ତୀ ଟଳିପଡ଼ିଥିଲେ। ବାଣପୁର ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏନେଇ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଛାତ୍ର ସଂସଦ ନିର୍ବାଚନ ସମ୍ଭାବନା କ୍ଷୀଣ

**ଭୁବନେଶ୍ୱର,୨୮।୭**: ବିଗତ ବର୍ଷମାନଙ୍କ ପରି ଚଳିତ ଶିକ୍ଷା ବର୍ଷରେ ବି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ଲାଗି ଛାତ୍ର ସଂସଦ ନିର୍ବାଚନ ହେବା ସମ୍ଭାବନା ନାହିଁ। ବହୁ କ୍ଷେତ୍ରରେ ଅଭିଭାବକ, କଲେଜ୍ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏମିତିକି ଛାତ୍ରଛାତ୍ରୀମାନେ ବି ଛାତ୍ର ସଂସଦ ନିର୍ବାଚନ ଘେନି ଦ୍ୱନ୍ଦ୍ୱରେ ଅଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ବିଭିନ୍ନ ଆଳ ଦେଖାଇ ବିଜେଡି ସରକାର ସମୟରେ ପ୍ରଥମ ପର୍ଯ୍ୟାୟରେ କିଛି ନିର୍ଦ୍ଦିଷ୍ଟ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ କରାଯାଇନଥିଲା ଏବଂ ପରବର୍ତ୍ତୀ ସମୟରେ କରୋନା, ଆଇନ୍‌ଶୃଙ୍ଖଳା ପରିସ୍ଥିତି ଓ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଆଳ ଦେଇ ସମଗ୍ର ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ ରଖାଯାଇଥିଲା। ସେତେବେଳେ ବିରୋଧୀ ଦଳରେ ଥିବା ବିଜେପି ଓ ଏହାର ସମର୍ଥିତ ଛାତ୍ର ସଂଗଠନ ଛାତ୍ର ସଂସଦ ନିର୍ବାଚନ ପାଇଁ ଦାବି ଉଠାଉଥିଲେ। ୨୦୨୪ରେ ବିଜେପି ସରକାର ଗଢ଼ାଯିବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ସୂଚନା ଦେଇଥିବାବେଳେ ପରବର୍ତ୍ତୀ ସମୟରେ କିନ୍ତୁ ଆଉ କିଛି ମନ୍ତ୍ରୀ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ ବୋଲି ଘୋଷଣା କଲେ ଏବଂ ତଦନୁଯାୟୀ ବି ନିର୍ବାଚନ ବନ୍ଦ ରହିଲା।

୨୦୨୫ ବର୍ଷରେ ନିର୍ବାଚନ ହେବ ବୋଲି ଆଶା କରାଯାଉଥିଲେ ମଧ୍ୟ ନିର୍ବାଚନ ହୋଇପାରିନଥିଲା। ପଞ୍ଚାୟତ, ପୌର, ସମବାୟ, ବିଧାନସଭା, ରାଜ୍ୟସଭା, ଲୋକସଭାଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ନିର୍ବାଚନ ହେଉଥିବାବେଳେ ଓଡ଼ିଶାରେ କେବଳ ଛାତ୍ର ସଂସଦ ନିର୍ବାଚନ ହେଉନାହିଁ। ଅଥଚ ଦିଲ୍ଲୀରୁ କେରଳ ପର୍ଯ୍ୟନ୍ତ ପ୍ରାୟ ଅନ୍ୟସବୁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହେଉଛି। ଉଚ୍ଚଶିକ୍ଷା ବିଭାଗ ଚଳିତବର୍ଷ ପାଇଁ ଯେଉଁ କ୍ୟାଲେଣ୍ଡର ପ୍ରସ୍ତୁତ କରିଛି ସେଥିରେ ଛାତ୍ର ସଂସଦ ନିର୍ବାଚନ କଥା ଉଲ୍ଲେଖ ନାହିଁ। ଆଗରୁ ମାସ ବ୍ୟାପୀ ବିଭିନ୍ନ କଲେଜ୍ ଓ ବିଶ୍ୱବିଦ୍ୟାଳୟରେ ଭିନ୍ନ ଭିନ୍ନ ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନିର୍ଦ୍ଦିଷ୍ଟ ଦିନରେ ନିର୍ବାଚନ କରାଗଲା ଓ ଏହା ପରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି, ପିଲାଙ୍କ ପାଠପଢ଼ା, କରୋନା ଆଦି ଆଳ ଦେଖାଇ ନିର୍ବାଚନ ବନ୍ଦ ରଖାଗଲା।

ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ପରିଦର୍ଶନରେ ଆସୁଥିବା ନାକ୍ ଟିମ୍ ଛାତ୍ର ପ୍ରତିନିଧିତ୍ୱ ନ ଥିବା ଘଟଣାକୁ ନକାରାତ୍ମକ ଦୃଷ୍ଟିରେ ଦେଖି ବାରମ୍ବାର ଟିପ୍ପଣୀ ଦେଉଥିଲେ ମଧ୍ୟ ଏହା ଉପରେ କେହି ଗୁରୁତ୍ୱ ଦେଉନାହାନ୍ତି। ଛାତ୍ର ସଂସଦ ନିର୍ବାଚନକୁ ଆଖି ଆଗରେ ରଖି କେତେକ ନିର୍ଦ୍ଦିଷ୍ଟ ଛାତ୍ର ସଂଗଠନ କଲେଜ୍ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସେମାନଙ୍କ ଜନସମ୍ପର୍କ ଅଭିଯାନ ଜାରି ରଖିବା ପରିପ୍ରେକ୍ଷୀରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ରାଜଧାନୀ କଲେଜ୍ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ହୋଇଛି। ଏବେ ଛାତ୍ର ସଂସଦ ନିର୍ବାଚନ ବେଶ୍ ବ୍ୟୟବହୁଳ ହୋଇପଡ଼ିଥିବାରୁ ନେତାମାନେ ପଇସା ଖର୍ଚ୍ଚ କରିବାକୁ କୁଣ୍ଠକୁଣ୍ଠ। ତେଣେ ନିର୍ବାଚନରେ ପରାଜୟ ବରଣ କଲେ ପତିଆରା ହାନି ହେବା ଭୟ ବି ରାଜନେତାମାନଙ୍କର ଥିବାରୁ ସେମାନେ କୌଣସିମତେ ନିର୍ବାଚନକୁ ଏଡ଼ାଇ ଯାଉଛନ୍ତି।

ଚଳିତ ଶିକ୍ଷା ବର୍ଷରେ ଯୁକ୍ତ ୩ ଓ ସ୍ନାତକୋତ୍ତର ନାମ ଲେଖା ସରିବା ବେଳକୁ ଅଗଷ୍ଟ ଶେଷ ହୋଇଯାଇପାରେ। ଅକ୍ଟୋବର ଶେଷ ପର୍ଯ୍ୟାୟରେ ପୂଜା ଛୁଟି ରହିବ। ସାଧାରଣତଃ ପୂଜା ଛୁଟି ପୂର୍ବରୁ ନିର୍ବାଚନ ହୋଇଥାଏ। ତେବେ ସେମିଷ୍ଟର ପରୀକ୍ଷା ନିର୍ବାଚନ ଯୋଗୁଁ ବାଧାପ୍ରାପ୍ତ ହବାର ଆଶଙ୍କା ଥିବା ଓ ଗଣ୍ଡଗୋଳରୁ କଲେଜ ପରିସ୍ଥିତି ଅଶାନ୍ତ ହେବାର ସମ୍ଭାବନା ଥିବା ଦୃଷ୍ଟିରୁ ବହୁ କ୍ଷେତ୍ରରେ କଲେଜ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏମିତିକି ଅଭିଭାବକ ଓ ଅନେକ ଛାତ୍ରଛାତ୍ରୀ ମଧ୍ୟ ନିର୍ବାଚନ ଚାହୁଁନାହାନ୍ତି। ଏଭଳି ସ୍ଥିତିରେ ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ବି ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ, ତାହା ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। (ତଥ୍ୟ)

### ଗଞ୍ଜେଇ ଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାସ

## ୩ ମାଫିଆ ଗିରଫ, ୩.୮୬ ଲକ୍ଷ ଟଙ୍କା ଜବତ



**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ)**: ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାସ ହୋଇଛି। ୩ ଜଣ ଅଭିଯୁକ୍ତଙ୍କୁ ଏହି ମାମଲାରେ ଏସ୍‌ଟିଏଫ୍ ପକ୍ଷରୁ ଗିରଫ କରାଯାଇଛି। ଆନ୍ତଃରାଜ୍ୟ ଏନଡିପିଏସ ଅପରାଧୀଙ୍କ ବିରୋଧରେ ଚାଲିଥିବା ଅଭିଯାନରେ ଅଭିଯୁକ୍ତ ଶିବାରାମ ବିଶ୍ୱାଳ, ଶିବାରାମ ପାତ୍ର ଓ ବ୍ରହ୍ମପୁରର ମଦ ବ୍ୟବସାୟୀ ମିଟୁ ଓରଫ ମନୋରଞ୍ଜନ ସାବତଙ୍କୁ ଏସଟିଏଫ ଗିରଫ କରିଛି। ଶିବାରାମ ବିଶ୍ୱାଳଙ୍କ ଘରୁ ୩ ଲକ୍ଷ ୮୬ ହଜାର ନଗଦ ଟଙ୍କା, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ଅଭିଯୁକ୍ତମାନେ ଓଡ଼ିଶାରୁ ରାଜସ୍ଥାନ ସହ ଅନ୍ୟ ରାଜ୍ୟକୁ ବ୍ୟାବସାୟିକ ପରିମାଣର ଗଞ୍ଜେଇ ଚୋରା ଚାଲାଣରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଗତ ଏପ୍ରିଲ ୧୮ରେ ଖୋର୍ଦ୍ଧାରୁ ଗଞ୍ଜେଇ ଭର୍ତ୍ତି କଣ୍ଟେନର ଜବତ ହୋଇଥିଲା। ରାଜସ୍ଥାନର ଜଣେ ବ୍ୟକ୍ତିଙ୍କୁ ଗିରଫ କରି ସେତେବେଳେ ଏସ୍‌ଟିଏଫ୍ ପକ୍ଷରୁ ଖୋଳତାଡ଼ ହୋଇଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ଶିବାରାମ ବିଶ୍ୱାଳ, ଶିବାରାମ ପାତ୍ର ଓ ମିଟୁଙ୍କର ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଉକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବ ବୋଲି କୁହାଯାଇଛି। ଏଥିସହ ଆବଶ୍ୟକ ପଡ଼ିଲେ ଅଧିକ ତଦନ୍ତ ପାଇଁ ପୁଲିସ ଉକ୍ତ ତିନି ଅଭିଯୁକ୍ତଙ୍କ ରିମାଣ୍ଡ ପାଇଁ ଆବେଦନ କରିବ ବୋଲି ମଧ୍ୟ ଜଣାପଡ଼ିଛି। ଅଧିକନ୍ତୁ ଏସଟିଏଫ ପକ୍ଷରୁ ଅଭିଯୁକ୍ତମାନଙ୍କ ସମ୍ପତ୍ତି ଓ ଆର୍ଥିକ କାରବାରର ମଧ୍ୟ ତଦନ୍ତ ଆରମ୍ଭ ହୋଇଛି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

# ପାନୀୟକୁ 'ଏନର୍ଜି ଡ୍ରିଙ୍କ' କହି ବିକିବା ମନା




## ଲେଖା ହଟାଇବାକୁ ୯୦ ଦିନର ମହଲତ

ନୂଆଦିଲ୍ଲୀ,୨୮।୭: କେତେକ ନିର୍ଦ୍ଦିଷ୍ଟ ପ୍ରକାର ପାନୀୟକୁ ଏନର୍ଜି ଡ୍ରିଙ୍କ ଦର୍ଶାଇ ବିକ୍ରି କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ 'ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ' (ଏଫ୍‌ଏସ୍‌ଏସ୍‌ଏଆଇ) କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏନର୍ଜି ଡ୍ରିଙ୍କ ଓ ସେହି ଧରଣର ଶବ୍ଦକୁ ୯୦ ଦିନ ଭିତରେ ହଟାଇବାକୁ ପେପ୍‌ସି, ରେଡ୍‌ବୁଲ୍, ମନଷ୍ଟର୍ ବେଭରେଜେସ୍, ରିଲାଏନ୍ସ ଓ ହେଲ୍ ଏନର୍ଜିକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏଫ୍‌ଏସ୍‌ଏସ୍‌ଏଆଇ କହିଥିଲା ଯେ 'ଏନର୍ଜି ଡ୍ରିଙ୍କ' ପାଇଁ ଭାରତରେ କୌଣସି ନିର୍ଦ୍ଦିଷ୍ଟ ମାନକ ନାହିଁ।

ଶରୀର ଓ ମନକୁ ସତେଜ କରିବା ଓ ଦୁର୍ବଳତା ଦୂର କରିବା ଭଳି ଶବ୍ଦ ବ୍ୟବହାର କରି କମ୍ପାନିଗୁଡ଼ିକ ଗ୍ରାହକମାନଙ୍କୁ ବିଭ୍ରାନ୍ତ କରୁଛନ୍ତି। ଦେଶରେ ପେପ୍‌ସିର ଷ୍ଟିଙ୍ଗ୍, ରିଲାଏନ୍ସର କାମ୍ପା ଏନର୍ଜି ଓ ରେଡ୍‌ବୁଲ୍‌କୁ ଏନର୍ଜି ଡ୍ରିଙ୍କ ଭାବେ ବିକ୍ରି କରାଯାଉଛି। କୌଣସି ପାନୀୟକୁ ଏନର୍ଜି ଡ୍ରିଙ୍କ୍ ଭାବେ ପ୍ରଚାର ନ କରିବାକୁ ଇ-କମର୍ସ ସଂସ୍ଥା ଆମାଜନ, ଫ୍ଲିପ୍‌କାର୍ଟ, ବ୍ଲିଙ୍କଇଟ୍ ଓ ସ୍ୱିଗି ଇନଷ୍ଟାମାର୍ଟକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଶିଳ୍ପ ପ୍ରତିନିଧିମାନଙ୍କ ସହ ଏକ ବୈଠକରେ ଏଫ୍‌ଏସ୍‌ଏସ୍‌ଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ରଜିତ ପୁନହାନି ଏହି ନିଷ୍ପତ୍ତି ବିଷୟରେ କହିଥିଲେ। ଏହାଦ୍ୱାରା କମ୍ପାନିଗୁଡ଼ିକର ବ୍ୟବସାୟ ହାନି ହେବା ଆଶଙ୍କାକୁ ସେ ଖାରଜ କରିଥିଲେ। କମ୍ପାନିଗୁଡ଼ିକ ଚାହିଲେ ନିଷ୍ପତ୍ତି ବିରୋଧରେ ଅଦାଲତ ଯାଇପାରିବେ ବୋଲି ମଧ୍ୟ ସେ ସ୍ପଷ୍ଟ କରିଥିଲେ। ତେବେ ଏହି ନିର୍ଦ୍ଦେଶକୁ ମାନିବାକୁ କମ୍ପାନିଗୁଡ଼ିକ ରାଜି ହୋଇଯାଇଛନ୍ତି। ସେମାନଙ୍କୁ ସେଥିପାଇଁ ୯୦ ଦିନର ସମୟ ଦିଆଯାଇଛି।

ତେବେ ଭାରତୀୟ ପାନୀୟ ସଂଘ ପକ୍ଷରୁ କୁହାଯାଇଛି ଯେ ଏଭଳି କଠୋର ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଅଧିକ ଆଲୋଚନା କରିଥିଲେ ଭଲ ହୋଇଥାନ୍ତା। କାରଣ ଏଭଳି ସାର୍ବଜନୀନ ନୋଟିସ୍ କମ୍ପାନିଗୁଡ଼ିକର ଭାବମୂର୍ତ୍ତି ଖରାପ କରିବା, ବ୍ୟବସାୟ ବାଧାପ୍ରାପ୍ତ ହେବା ଓ ଗ୍ରାହକମାନେ ଦ୍ୱନ୍ଦ୍ୱରେ ପଡ଼ିବା ଆଶଙ୍କା ରହିଛି। ତେଣୁ ନିୟମିତ ଆଲୋଚନା କରିବାକୁ ସଂଘ ସରକାରଙ୍କୁ ପ୍ରସ୍ତାବ ଦେଇଛି।

## ରୋଷେଇ ଗ୍ୟାସ୍ ଯୋଗାଣରେ ହେବ ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ, ୨୮।୭:ଭାରତ ନିଜର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ମିଳିଥିବା ସୂଚନା ଅନୁସାରେ, ସରକାର ୨୦୨୭ ମସିହାରୁ ଦେଶର ମୋଟ ଏଲପିଜି (ରୋଷେଇ ଗ୍ୟାସ୍) ଆମଦାନୀର ପ୍ରାୟ ୨୫% ଅଂଶ ଆମେରିକାରୁ କିଣିବାକୁ ଯୋଜନା କରୁଛନ୍ତି। ଏହି ନିଷ୍ପତ୍ତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳତା ହ୍ରାସ କରାଇବା, ଗ୍ୟାସ୍ ଯୋଗାଣକୁ ସୁରକ୍ଷିତ କରିବା ଏବଂ ଆମେରିକା ସହ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିକୁ ଆଗକୁ ବଢ଼ାଇବା। ପ୍ରକୃତ କଥା ଏହା ଯେ, ଚଳିତ ବର୍ଷ ଇରାନ ଯୁଦ୍ଧ ଏବଂ ହୋର୍ମୁଜ ପ୍ରଣାଳୀରେ ସପ୍ଲାଇ ବାଧାପ୍ରାପ୍ତ ହେବା ହେତୁ ଭାରତକୁ ରୋଷେଇ ଗ୍ୟାସର ଖୁବ୍ ନିଅଣ୍ଟିଆ ସ୍ଥିତିର ସାମ୍ନା କରିବାକୁ ପଡ଼ି ଥିଲା। ପରିସ୍ଥିତି ଏତେ ଗମ୍ଭୀର ହୋଇ ପଡ଼ି ଥିଲା ଯେ, ଘରୋଇ ଉପଭୋକ୍ତାଙ୍କ ପାଇଁ ଏଲପିଜି ଯୋଗାଣ ବଜାୟ ରଖିବାକୁ ସରକାର ଶିଳ୍ପସଂସ୍ଥାରେ ବ୍ୟବହୃତ ପେଟ୍ରୋକେମିକାଲ୍ ଫିଡଷ୍ଟକ୍କୁ ମଧ ଘରୋଇ ଗ୍ୟାସ୍ ଯୋଗାଣ ଆଡ଼କୁ ମୋଡ଼ିବାକୁ ବାଧ ହୋଇଥିଲେ।

ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅଶୋଧିତ ତୈଳ ଆମଦାନୀକାରୀ ଏବଂ ଉପଭୋକ୍ତା ଦେଶ। ସରକାରୀ ତଥ୍ୟ ଅନୁସାରେ, ୨୦୨୫ ମସିହାରେ ଭାରତ ପ୍ରାୟ ୨.୧୮ କୋଟି ଟନ୍ ଏଲପିଜି ଆମଦାନୀ କରିଥିଲା, ଯେଉଁଥିରୁ ପ୍ରାୟ ୯୦ % ଗ୍ୟାସ୍ ମଧ୍ୟପ୍ରାଚ୍ୟ ଦେଶ ଗୁଡ଼ିକରୁ ଆସି ଥିଲା। ସେହିପରି, ଦେଶରେ ବ୍ୟବହୃତ ମୋଟ ଏଲପିଜି ର ପ୍ରାୟ ୬୬ % ଭାଗ ଆମଦାନୀ ମାଧମରେ ପୂରଣ କରାଯାଇ ଥାଏ। ଏଭଳି ପରିସ୍ଥିତିରେ, କୌଣସି ବି ଭୂ-ରାଜନୈତିକ ଉତ୍ତେଜନା ଭାରତର ଗ୍ୟାସ୍ ଯୋଗାଣ ଉପରେ ସିଧାସଳଖ ପ୍ରଭାବ ପକାଇ ଥାଏ।

ଇଣ୍ଡିଆନ୍ ଅଏଲ୍, ଭାରତ ପେଟ୍ରୋଲିୟମ୍ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ଆଗାମୀ ୧ ରୁ ୨ ମାସ ମଧରେ ଆମେରିକାରୁ ୨୦୨୭ ମସିହା ପାଇଁ ଏଲପିଜି କିଣିବାକୁ ଟେଣ୍ଡର ଜାରି କରି ପାରନ୍ତି। ଏହା ବ୍ୟତୀତ ଏହି କମ୍ପାନୀଗୁଡ଼ିକର ଏକ ପ୍ରତିନିଧି ଦଳ ଆସନ୍ତା ମାସରେ ଆମେରିକା ଗସ୍ତ କରି ଗ୍ୟାସ୍ ଯୋଗାଣ ନେଇ ଆଲୋଚନା ମଧ କରି ପାରନ୍ତି। ଭାରତ ଓ ଆମେରିକା ମଧରେ ବ୍ୟବସାୟିକ ସମ୍ପର୍କ କ୍ରମାଗତ ଭାବେ ମଜବୁତ୍ ହେବାରେ ଲାଗିଛି। ଭାରତ ପୂର୍ବରୁ ହିଁ ନିକଟ ଭବିଷ୍ୟତରେ ଆମେରିକାରୁ ଶକ୍ତି କ୍ରୟକୁ ୧୦ ବିଲିୟନ ଡଲାରରୁ ବୃଦ୍ଧି କରି ୨୫ ବିଲିୟନ ଡଲାରରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇ ସାରିଛି। ଉଭୟ ଦେଶ ୨୦୩୦ ସୁଦ୍ଧା ୫୦୦ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ ଲକ୍ଷ୍ୟ ମଧ ଧାର୍ଯ୍ୟ କରିଛନ୍ତି। ଏଭଳି ସ୍ଥିତିରେ ଆମେରିକାରୁ ଅଧିକ ଏଲପିଜି କିଣିବା ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

ଅନ୍ୟପଟେ, କେନ୍ଦ୍ରୀୟ ପେଟ୍ରୋଲିୟମ୍ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ମଧ ସଂସଦରେ କହିଛନ୍ତି ଯେ, ଭାରତ ଏଲପିଜି ଆମଦାନୀର ଉତ୍ସଗୁଡ଼ିକରେ ବିବିଧତା ଆଣୁଛି, ଯେପରି ଭବିଷ୍ୟତରେ କୌଣସି ଆଞ୍ଚଳିକ ସଙ୍କଟ କିମ୍ବା ଭୂ-ରାଜନୈତିକ ଘଟଣା ଯୋଗୁଁ ଗ୍ୟାସ୍ ଯୋଗାଣ ପ୍ରଭାବିତ ନହୁଏ। ସରକାରଙ୍କ କହିବା କଥା ଯେ, ଭିନ୍ନ ଭିନ୍ନ ଦେଶରୁ ଏଲପିଜି କିଣିବାର ଏହି ରଣନୀତି ଭାରତର ଶକ୍ତି ସୁରକ୍ଷାକୁ ମଜବୁତ୍ କରିବ ଏବଂ ଉପଭୋକ୍ତାଙ୍କ ପାଇଁ ଗ୍ୟାସର ଉପଲବ୍ଧତାକୁ ସହଜ କରିବାରେ ସାହାଯ୍ୟ କରିବ।




## ଆରବିଆଇର ୧୦ ଓ ୨୦ ଟଙ୍କାର ପ୍ଲାଷ୍ଟିକ୍ ନୋଟ୍‌ର ଟ୍ରାଏଲ୍ ଆରମ୍ଭ

ନୂଆଦିଲ୍ଲୀ, ୨୮। ୭:ଭାରତୀୟ ଆର୍ଥିକ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି। ଭାରତୀୟ କେନ୍ଦ୍ରୀୟ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ୍ ବା ପଲିମର ନୋଟ୍ ପ୍ରଚଳନ ପାଇଁ କ୍ଷେତ୍ରୀୟ ପରୀକ୍ଷା କରାଯିବ।ଏନେଇ ଅର୍ଥ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସୋମବାର ଲୋକସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଏହି ସୂଚନା ଦେଇଛନ୍ତି।




ଆରବିଆଇର ଏହି ପରୀକ୍ଷଣ ଅଧୀନରେ ୧୦ ଟଙ୍କା ଏବଂ ୨୦ ଟଙ୍କିଆ ନୋଟ୍ ପ୍ରତ୍ୟେକର ୧୦୦ କୋଟି ପିସ୍ ବଜାରକୁ ଅଣାଯିବ, ଯାହାର ମୋଟ ମୂଲ୍ୟ ୩,୦୦୦ କୋଟି ଟଙ୍କା ହେବ। ତେବେ ବର୍ତ୍ତମାନ ଅନେକ ଲୋକମାନଙ୍କ ମନରେ ଏକ ସାଧାରଣନ ପ୍ରଶ୍ନ ଆସିପାରେ କଣ କାଗଜ ନୋଟ୍ ବନ୍ଦ ହେଇଯିବକି ? ସରକାର ଏନେଇ ସ୍ପଷ୍ଟ କରିଛନ୍ତି ଯେ ଏହି ପ୍ଲାଷ୍ଟିକ୍ ନୋଟ୍ ଗୁଡ଼ିକ କାଗଜ ନୋଟ୍ ସହିତ ସମାନ ଭାବରେ ଚଳାଚଳ କରିବ। କାଗଜ ନୋଟକୁ ପ୍ଲାଷ୍ଟିକ୍ ନୋଟ୍ ଦ୍ୱାରା ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବାର କୌଣସି ପ୍ରସ୍ତାବ ବର୍ତ୍ତମାନ ସମୟରେ ନାହିଁ। ତେବେ କାଗଜ ନୋଟର ପ୍ରଚଳନ ଚାଲିଥିବା ବେଳେ ସରକାର କାହିଁକି ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟ୍ ଆଣିବାକୁ ଚାହିଁଲେ ? ତଥ୍ୟ ଅନୁଯାୟୀ, ୧୦ ଓ ୨୦ ଟଙ୍କିଆ ନୋଟ୍ ଗୁଡ଼ିକ ସମସ୍ତ ମୁଦ୍ରା ନୋଟ୍ର ସଂଖ୍ୟା ଦୃଷ୍ଟିରୁ ପ୍ରାୟ ଚତୁର୍ଥାଂଶ ଅଟେ, କିନ୍ତୁ ପ୍ରଚଳନରେ ଥିବା ମୋଟ ମୂଲ୍ୟର ଏହା ମାତ୍ର ୧.୩ ପ୍ରତିଶତ ଅଟେ। ଅଷ୍ଟ୍ରେଲିଆରେ ପ୍ରଥମେ ୧୯୮୮ ମସିହାରେ ପ୍ଲାଷ୍ଟିକ୍ ନୋଟ୍ ଜାରି କରାଯାଇଥିବାବେଳେ ବର୍ତ୍ତମାନ ବିଶ୍ୱର ୫୦ରୁ ଅଧିକ ଦେଶରେ ଏହା ବ୍ୟବହାର କରାଯାଉଛି। ଅନ୍ତର୍ଜାତୀୟ ଅଧ୍ୟୟନ ଅନୁଯାୟୀ, କାଗଜ ନୋଟ୍ ଅପେକ୍ଷା ପଲିମର ନୋଟର ଆୟୁଷ ବହୁତ ଅଧିକ ହୋଇଥାଏ। ଏହା ପାଣିରେ ଭିଜିଲେ କିମ୍ବା ଅସାବଧାନତା ହେତୁ ନଷ୍ଟ ହେଇଯିବାର ସମ୍ଭାବନା ମଧ୍ୟ ବହୁତ କମ।ଏହି ସବୁ କାରଣ ହେତୁ କାଗଜ ଠାରୁ ଅଧିକ ଚିରସ୍ଥାୟୀ ବୋଲି ପ୍ଲାଷ୍ଟିକ ନୋଟକୁ ସ୍ଥିର କରାଯାଇଛି। ଭାରତରେ ପ୍ଲାଷ୍ଟିକ୍ ନୋଟ୍ ପରୀକ୍ଷା କରିବାର ଏହା ହେଉଛି ଦ୍ୱିତୀୟ ପ୍ରୟାସ। ୨୦୦୯ ରେ ପ୍ରଥମ ପ୍ରୟାସ କରାଯାଇଥିଲା।ଆରବିଆଇ ପକ୍ଷରୁ ସେପ୍ଟେମ୍ବର ୨୦୦୯ରେ ୧୦ ଟଙ୍କିଆ ନୋଟର ୧୦୦ କୋଟି ପିସ୍ ପାଇଁ ଟେଣ୍ଡର ଡକାଯାଇଥିଲା। ଏହି ନୋଟ୍ ଗୁଡ଼ିକୁ ବିଭିନ୍ନ ସ୍ଥାନରେ ଯଥା କୋଚି, ମହୀଶୂର, ସିମଲା, ଜୟପୁର ଏବଂ ଭୁବନେଶ୍ୱରରେ ପରୀକ୍ଷା କରାଯିବାର ଥିଲା। କିନ୍ତୁ କିଛି "ଯାନ୍ତ୍ରିକ ତ୍ରୁଟି" ଯୋଗୁଁ ସେତେବେଳେ ଏହି ପ୍ରକଳ୍ପ ଆଗକୁ ବଢ଼ିପାରି ନଥିଲା।

ଚଳିତ ବର୍ଷ ଜୁଲାଇ ୧୭ ତାରିଖରେ, ଆରବିଆଇର ଅଧୀନସ୍ଥ ଏକ ସଂସ୍ଥା 'ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ମୁଦ୍ରଣ ପ୍ରାଇଭେଟ୍ ଲିମିଟେଡ୍' ଦୁଇଟି ମୂଲ୍ୟବର୍ଗର ନୋଟ୍ ଛାପିବା ପାଇଁ ୩.୪ କୋଟି ପଲିମର ସିଟ୍ ସଂଗ୍ରହ ନିମନ୍ତେ ଏକ ବିଶ୍ୱବ୍ୟାପୀ ଟେଣ୍ଡର ପ୍ରସ୍ତୁତ କରିଛି । ଏହା ସଫଳ ହେଲେ ଭବିଷ୍ୟତରେ ଅନ୍ୟ ମୂଲ୍ୟବର୍ଗର ନୋଟ୍ ମଧ୍ୟ ପ୍ଲାଷ୍ଟିକ୍ରେ ତିଆରି ହୋଇପାରେ ବୋଲି ସୂଚନା ମିଳିଛି।

## ଭାରତରେ ୧୦୦ କୋଟିରୁ ଅଧିକ ଆୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଲା

ନୂଆଦିଲ୍ଲୀ,୨୮।୭: ଦେଶରେ କୋଟିପତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆୟକର ରିଟର୍ଣ୍ଣରେ ୧୦୦ କୋଟି କିମ୍ବା ତା'ଠାରୁ ଅଧିକ ମୋଟ ଆୟ ଘୋଷଣା କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଆସେସମେଣ୍ଟ ବର୍ଷ ୨୦୨୫-୨୬ରେ ୫୬୭କୁ ବୃଦ୍ଧି ପାଇଛି। ୨୦୨୧-୨୨ରେ ଏହି ସଂଖ୍ୟା ମାତ୍ର ୧୪୨ ଥିଲା। ସୋମବାର ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ "ବିଲିଅନେୟର" ଶବ୍ଦର କୌଣସି ଆଇନଗତ ପରିଭାଷା ନାହିଁ। ଆୟକର ଆଇନ, ୨୦୨୫ କିମ୍ବା ପୂର୍ବତନ ଆୟକର ଆଇନ, ୧୯୬୧ରେ ମଧ୍ୟ ଏହି ଶବ୍ଦର କୌଣସି ନିର୍ଦ୍ଦିଷ୍ଟ ପରିଭାଷା ନାହିଁ।



ଅର୍ଥାତ୍ ଗତ କିଛି ବର୍ଷରେ ୧୦୦ କୋଟିରୁ ଅଧିକ ଆୟ ଘୋଷଣା କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଚାରି ଗୁଣରୁ ଅଧିକ ବଢ଼ିଛି। ତେବେ ଧନୀ ବ୍ୟକ୍ତିଙ୍କର ମୋଟ ସମ୍ପତ୍ତି କେତେ ଅଛି ଏହାର ହିସାବ ସରକାରଙ୍କ ପାଖରେ ନାହିଁ। ଭାରତୀୟ ବିଲିଅନେୟରମାନଙ୍କ ମୋଟ ସମ୍ପତ୍ତି ସମ୍ପର୍କରେ ପ୍ରଶ୍ନର ଉତ୍ତରରେ ସରକାର କହିଛନ୍ତି ଯେ ୨୦୧୬ ଏପ୍ରିଲ ୧ରୁ ୱେଲ୍ଥ ଟ୍ୟାକ୍ସ ଆକ୍ଟ, ୧୯୫୭କୁ ଉଚ୍ଛେଦ କରାଯାଇଛି। ତେଣୁ କରଦାତାଙ୍କ ମୋଟ ସମ୍ପତ୍ତି ସମ୍ପର୍କିତ ତଥ୍ୟ ସରକାର ପାଖରେ ଉପଲବ୍ଧ ନାହିଁ।

ଆୟ ଓ ସମ୍ପତ୍ତିର ବଢ଼ୁଥିବା ଭିଡ଼ ଭିତରେ ଦେଶରେ ଆର୍ଥିକ ବୈଷମ୍ୟତା, ନିବେଶ, ନିଯୁକ୍ତି ଓ ସମାବେଶୀ ବିକାଶ ଉପରେ ସରକାର ସିଧା ସଳଖ କୌଣସି ତଥ୍ୟ ନ ଦେଇ ବିଭିନ୍ନ ସରକାରୀ ତାଲିକା ପ୍ରଦାନ କରିଥିଲେ। ୨୦୨୩-୨୪ ଘରୋଇ ବ୍ୟୟ ସର୍ଭେ ଅନୁସାରେ, ଗ୍ରାମୀଣ ଅଞ୍ଚଳର ଜିନି କୋଏଫିସିଏଣ୍ଟ ୦.୨୬୬ରୁ କମି ୦.୨୩୭ ହୋଇଛି। ସେହିପରି ସହରାଞ୍ଚଳରେ ଏହା ୦.୩୧୪ରୁ କମି ୦.୨୮୪ ହୋଇଛି। ଏହା ଗାଁ-ସହର ଆୟ ବ୍ୟବଧାନ କମୁଥିବା ସୂଚନା ଦେଉଛି ବୋଲି ସରକାର କହିଛି। ବାର୍ଷିକ ସାମୟିକ ଶ୍ରମଶକ୍ତି ସର୍ଭେ ଅନୁସାରେ, କୋଭିଡ୍ ପୂର୍ବ ସ୍ତର ଠାରୁ ଶ୍ରମ ବଜାରରେ ସୁଧାର ଆସିଛି। ୧୫ ବର୍ଷ ଓ ତା'ଠାରୁ ଅଧିକ ବୟସର ଲୋକଙ୍କ ମଧ୍ୟରେ ବେକାରି ହାର ୨୦୨୨ରେ ୩.୬ ପ୍ରତିଶତ ଥିବା ବେଳେ ୨୦୨୫ରେ ଏହା ୩.୧ ପ୍ରତିଶତକୁ ହ୍ରାସ ପାଇଛି। ନୀତି ଆୟୋଗର ରିପୋର୍ଟ ଅନୁସାରେ, ୨୦୧୫-୧୭ରୁ ୨୦୧୯-୨୧ ମଧ୍ୟରେ ବହୁମୁଖୀ ଦାରିଦ୍ର୍ୟ ହାର ୨୪.୮୫ ପ୍ରତିଶତରୁ କମି ୧୪.୯୬ ପ୍ରତିଶତ ହୋଇଛି। ଏହି ସମୟରେ ପ୍ରାୟ ୧୩.୫ କୋଟି ଲୋକ ଦାରିଦ୍ର୍ୟରୁ ବାହାରିଥିବା ଦାବି କରାଯାଇଛି। ନୀତି ଆୟୋଗର ଅନ୍ୟ ଏକ ରିପୋର୍ଟ ଅନୁସାରେ, ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ବହୁମୁଖୀ ଦାରିଦ୍ର୍ୟ ୨୯.୧୭ ପ୍ରତିଶତରୁ କମି ୧୧.୨୮ ପ୍ରତିଶତ ହୋଇଛି।

ଲୋକସଭାରେ ଉତ୍ତର ଦେଇ ସରକାର କହିଛନ୍ତି, ଆୟ ଓ ସମ୍ପତ୍ତି ବୈଷମ୍ୟତା କମାଇବା, ରୋଜଗାର ବଢ଼ାଇବା ଓ ସମାବେଶୀ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିରେ ପ୍ରଗତିଶୀଳ ଆୟକର ବ୍ୟବସ୍ଥା, ଅଧିକ ଆୟ ଉପରେ ଟ୍ୟାକ୍ସ, ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ଘର ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ସରକାରୀ ବ୍ୟୟ ବୃଦ୍ଧି ଆଦି ପଦକ୍ଷେପ ସାମିଲ ଅଛି। ରୋଜଗାର ସୃଷ୍ଟି ପାଇଁ ଆୟକର ଆଇନର ଧାରା ୧୪୬ ଅନୁସାରେ ଯୋଗ୍ୟ ସଂସ୍ଥାଗୁଡ଼ିକୁ ନୂଆ କର୍ମଚାରୀ ନିଯୁକ୍ତି ଉପରେ ଅତିରିକ୍ତ କର୍ମଚାରୀ ଖର୍ଚ୍ଚର ୩୦ ପ୍ରତିଶତ ଛାଡ଼ ଦିଆଯାଉଛି। ଏହା ସହ ଷ୍ଟାର୍ଟଅପ୍, ସହକାରୀ ସଂସ୍ଥା, ଭିତ୍ତିଭୂମି ନିବେଶ ଓ ବିଭିନ୍ନ ଯୋଜନା ପାଇଁ କର ସୁବିଧା ଜାରି ରହିଛି। ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପିଏମ-କିସାନ, ଜନଧନ ଯୋଜନା, ମୁଦ୍ରା ଯୋଜନା, ଷ୍ଟାଣ୍ଡ-ଅପ୍ ଇଣ୍ଡିଆ, ଆୟୁଷ୍ମାନ ଭାରତ, ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସମାବେଶୀ ବିକାଶ ଉପରେ ଗୁରୁତ୍ୱ ଦେଉଥିବା କହିଛି।



## ଆଜିର ସୁନା ଦର

ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧ ୧,୪୫,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୩,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୮୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୦୪୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୮୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୮୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

**ତାଲା ପକାଇ ଲୁଟ୍ କରୁଥିଲେ, ଏବେ ହାଜତରେ**

## ୩ ଗିରଫ, ଚୋରି ସାମଗ୍ରୀ ଜବତ



କାକଟପୁର/ଅସ୍ତରଙ୍ଗ, ୨୮।୭ (ସଂଚାର ବ୍ୟୁରୋ): ରାତିରେ ଘରେ ପଶି ପରିବାରକୁ ତାଲା ପକାଇ ବାଇକ୍ ଓ ଇନଭର୍ଟର ଲୁଟ୍ କରୁଥିବା ଚୋର ଗ୍ୟାଙ୍ଗକୁ ପୁରୀ ଜିଲ୍ଲା କାକଟପୁର ପୋଲିସ୍ ମାତ୍ର ୪୮ଘଣ୍ଟା ଭିତରେ ଧରିବାରେ ସଫଳ ହୋଇଛି।

କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ଙ୍କ ନେତୃତ୍ୱରେ ହୋଇଥିବା ଏହି ତ୍ୱରିତ ଚଢାଉରେ ୩ଜଣ ଯୁବକ ଗିରଫ ହୋଇଥିବା ବେଳେ ଜଣେ ନାବାଳକକୁ ମଧ୍ୟ ପୁରୀ କିଶୋର ନ୍ୟାୟ ପରିଷଦରେ ହାଜର କରାଯାଇଛି।

ସୂଚନା ଅନୁଯାୟୀ, ଗତ ୨୫ ତାରିଖ ମଧ୍ୟରାତ୍ରରେ ବାଁଦରଡା ଗାଁର ସରୋଜିନୀ ମଲ୍ଲଙ୍କ ଘରେ କେତେଜଣ ଦୁର୍ବୃତ୍ତ ପଶି ପରିବାରକୁ ଘର ଭିତରେ ତାଲା ପକାଇ ଦେଇଥିଲେ। ପରେ ତାଙ୍କ ଭାଇଙ୍କର ହିରୋ ଗ୍ଲାମର୍ ବାଇକ୍, ଭି ଗାର୍ଡ ଇନଭର୍ଟର ବ୍ୟାଟେରୀ ଓ ମେସିନ୍ ସମେତ ଅନ୍ୟ ସାମଗ୍ରୀ ନେଇ ଫେରାର ହୋଇଯାଇଥିଲେ। ୨୬ ତାରିଖରେ ସରୋଜିନୀ ମଲ୍ଲ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ ୨୬୧/୨୬ ଧାରା ରେ ମାମଲା ରୁଜୁ ହୋଇଥିଲା।

ଅଭିଯୋଗ ପରେ କାକଟପୁର ଥାନା ଅଧିକାରୀ ତୁରନ୍ତ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ଟେକ୍ନିକାଲ୍ ସର୍ଭିଲାନ୍ସ ଓ ଗୁପ୍ତ ସୂଚନା ଆଧାରରେ ପୋଲିସ୍ କୁନା କଣ୍ଡି (୨୧), ରାକେଶ ଗୋଚ୍ଛାୟତ (୧୯) ଓ ଛାପି ଚଢ଼େଇ (୩୦) ଙ୍କୁ ଗିରଫ କରିଛି। ହାପି ଦଳରେ ଚୋରି ସାମଗ୍ରୀ ଗ୍ରହଣ କରୁଥିବା ଜଣାପଡ଼ିଛି। ଆଉ ଜଣେ ନାବାଳକକୁ ମଧ୍ୟ ଧରି କିଶୋର ନ୍ୟାୟ ପରିଷଦ ପୁରୀରେ ହାଜର କରାଯାଇଛି।

ପୋଲିସ୍ ଅଭିଯୁକ୍ତଙ୍କ ଠାରୁ ଚୋରି ହୋଇଥିବା ବାଇକ୍, ଇନଭର୍ଟର ବ୍ୟାଟେରୀ ଓ ମେସିନ୍ ସମ୍ପୂର୍ଣ୍ଣ ଜବତ କରିଛି।ମଙ୍ଗଳବାର ରିମାଣ୍ଡ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ଦ୍ରୁତ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ କାକଟପୁର ପୋଲିସ୍ ଓ ଥାନାଅଧିକାରୀ ବସନ୍ତ କୁମାର ସାହୁଙ୍କୁ ପ୍ରଶଂସା କରିଛନ୍ତି। "ଅପରାଧୀ ଯେତେ ବଡ ହେଲେ ବି ଛାଡ ପାଇବେ ନାହିଁ" ବୋଲି ଥାନା ଅଧିକାରୀ ବସନ୍ତ କୁମାର ସାହୁ କହିଛନ୍ତି।

# ସିଂହାସନ ବଞ୍ଚାଇବାକୁ ନେତାଙ୍କ କସରତ




କାକଟପୁର/ଅସ୍ତରଙ୍ଗ, ୨୮।୭ (ସଂଚାର ବ୍ୟୁରୋ): ପଞ୍ଚାୟତ ନିର୍ବାଚନ ଆସିବାର ଆଉ କିଛି ମାସ ବାକି। ଆଉ ଠିକ୍ ଏହି ସମୟରେ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀର ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ରାଜନୈତିକ ପାରଦ ତଳୁତଳୁ ଫୁଟିଲାଣି। କାରଣ ଗାଁ ଗାଁରେ ଗୋଟିଏ ସ୍ୱର - "୨୦୨୨ଭଳି ୨୦୨୭ରେ ବି ସିଂହାସନ ପରିବର୍ତ୍ତନ ହେବ"।

ଗତ ୪ ବର୍ଷ ଧରି ଯେଉଁ ସରପଞ୍ଚ ଓ ସମିତି ସଭ୍ୟ ମାନେ ଫୋନ୍ ବି ଉଠାଇ ନଥିଲେ, ସେମାନେ ଏବେ ଘର ଘର ବୁଲି ପାଦ ଛୁଇଁ ଆଶୀର୍ବାଦ ମାଗୁଛନ୍ତି, ଆଉ ଦେଖା ହୋଇ ମୁରୁକି ହସୁଛନ୍ତି। କେହି କର୍ମୀ ସମ୍ମିଳନୀ ନାଁରେ ଭୋଜି, କେହି ବିବାହ-ଏକାଦଶାହରେ ଅଶ୍ରୁ। ଆଉ କିଛି ନେତା ତ ମା' ମାନଙ୍କୁ ସମ୍ମାନ ଦେବା କଥା ମନେ ପକାଇ ଏସଏଚଜି ଗ୍ରୁପ୍ ଆଗରେ ହାତ ଯୋଡୁଛନ୍ତି।

ପ୍ରଶ୍ନ ଗୋଟିଏ ଗତ ୧୪୬୦ ଦିନ କେଉଁଠି ଥିଲେ ମହାଶୟ ? ବିକାଶର ଖାତା ଖୋଲିଲେ ବାହାରୁଛି ଦୁର୍ନୀତିର ଡାଏରୀ।

ଅସ୍ତରଙ୍ଗର ୧୫ ଓ କାକଟପୁର ୧୬ଟି ପଂଚାୟତର ଲୋକ ଏବେ ହିସାବ ମାଗୁଛନ୍ତି। ମନରେଗା ମହାଘୋଟାଲାରେ କାମ ନ କରି , କିନ୍ତୁ ଟଙ୍କା ଉଠିଲା। କାହାର? ନିଜ ଦଳର ପୋଷା କର୍ମୀଙ୍କ। ଗରିବଙ୍କ ଘର

### ମନରେଗା ଲୁଟ୍, ଆବାସ କମିସନ, ଆଉ ଏବେ ଭୋଟ୍ ମାଗୁଛନ୍ତି !

ଦେବା ପାଇଁ ତାଲିକାରେ ନାମ ଭର୍ତି କରିବାକୁ ୧୦ ହଜାରରୁ ୨୦ ହଜାର। ଟଙ୍କା ନେଲେ ବି ଘର ମିଳିଲାନି। ଦିବ୍ୟାଙ୍ଗ ବି ବାଦ୍ ପଡିଲେ। ସରକାରୀ ଟଙ୍କାରେ ନେତାଙ୍କ କୋଠା ଉଠିଲା, ହିତାଧିକାରୀ ଆଜି ବି କୁଡିଆରେ।

ସବୁଠୁ ମଜାର କଥା ହେଲା ଶାସକ ଦଳର ପୁରୁଣା କର୍ମୀମାନେ ଏବେ ନିଜକୁ କ୍ଷମତା ହୀନ ହୋଇଥିବା ମଣୁଛନ୍ତି। ନେତାମାନଙ୍କ ଭିତରେ ଗୋଷ୍ଠୀ କନ୍ଦଳ ଏତେ ଯେ ମୁହଁ ଦେଖାଦେଖି ବନ୍ଦ। ତେଣୁ ସେମାନେ ଖୋଲାଖୋଲି ନକହିଲେ ବି ଭୋଟ୍ ବାକ୍ସରେ "ବଦଲା" ନେବେ ବୋଲି ଠିକ୍ କରିସାରିଲେଣି। ଆଉ କିଛି ସରପଞ୍ଚ? ସେମାନେ ତ ଏବେ "ଦିଅଁ ଖାଇ ଖଟୁଲି ଖାଇ" ଦେବା ମୁଡରେ। ନିଜ ମୁଣ୍ଡରୁ ଅଠା ଛଡାଇବାକୁ ଅସ୍ତରଙ୍ଗରେ ବସିଥିବା "ରିମୋର୍ଟ କଣ୍ଟ୍ରୋଲ" ନେତାଙ୍କ ଉପରେ ଦୋଷ ଠେଲୁଛନ୍ତି। ଅର୍ଥାତ୍ ହାରିବା ଆଗରୁ ହିଁ କ୍ୟାପ୍ଟେନ୍ ବଦଳାଇବା ଷଡଯନ୍ତ୍ର।

ନେତାଙ୍କ କଥା ଏବେ କେହି ମାନୁନାହାନ୍ତି। ପ୍ରତି ପଂଚାୟତରେ ୫-୬ ଜଣ ଲେଖାଏଁ ଆଶାୟୀ। କହୁଛନ୍ତି "ଦଳ ଟିକେଟ୍ ନଦେଲେ ବି ଲଢ଼ିବୁ"। ନିର୍ବାଚନ ଆଗରୁ ବଡ ବଡ ଦଳ ବଦଳର ସମ୍ଭାବନା।

କେନ୍ଦ୍ରାପଟିର ଜଣେ ବୟସ୍କ କହିଛନ୍ତି , "୨୦୨୨ ରେ ଆମେ ଶିଖିଲୁ। ପ୍ରତିଶ୍ରୁତି ନୁହେଁ, କାମ ଦେଖି ଭୋଟ୍ ଦେବା"।

ଆଉ ଜଣେ ମହିଳା କହିଥିଲେ , "ଆବାସ ପାଇଁ ୧୫ ହଜାର ମାଗିଲେ। ଏବେ ଆସି ଭୋଟ୍ ମାଗୁଛନ୍ତି। ଏଥର ଜବାବ ମିଳିବ"। ନେତାମାନେ ସିଂହାସନ ବଞ୍ଚାଇବାକୁ ରାତି ଦିନ କସରତ କରୁଥିବା ବେଳେ, ଜନତା ସେମାନଙ୍କ ସିଂହାସନ ଉପରୁ ସମ୍ପୂର୍ଣ୍ଣ ଉଠାଇ ଦେବାକୁ ପ୍ରସ୍ତୁତ। ୨୦୨୨ ରିପିଟ୍ ଟେଲିକାଷ୍ଟ ହେବାକୁ ଯାଉଛି କାକଟପୁର-ଅସ୍ତରଙ୍ଗରେ।

ଏବେ ଅପେକ୍ଷା କେବଳ ବାଲଟ୍ ପେପରର।

**ଦୁଇ ମାସ ହେଲା ସୋଲାର ପ୍ରକଳ୍ପ ଅଚଳ**

## ପାନୀୟ ଜଳ ପାଇଁ ଉହଲବିକଳ ହେଉଛନ୍ତି ଗ୍ରାମବାସୀ



ଫୁଲବାଣୀ, ୨୮।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ତଳଦଣ୍ଡିକିଆ ପଞ୍ଚାୟତ ସାରୁମାହା ସାହିରେ ଦୁଇ ମାସ ହେବ ସୋଲାର ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ି ରହିଛି। ଅଞ୍ଚଳବାସୀଙ୍କ ପାଇଁ ପିଇବା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସୋଲାର ପ୍ରକଳ୍ପ ସହାୟକ ହେଉଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଦୁଇ ମାସ ହେଲା ସୋଲାର ପ୍ରକଳ୍ପ ଅଚଳ ହେବା ଯୋଗୁଁ ୯ରୁ ଉର୍ଦ୍ଧ୍ୱ ପରିବାର ବର୍ତ୍ତମାନ ବର୍ଷା ଯୋଗୁଁ ପାନୀୟ ଜଳ ପାଇଁ ଅସୁବିଧା ସମ୍ମୁଖୀନ ହେଉଛନ୍ତି।

ଅଚଳ ଥିବା ସୋଲାର ପ୍ରକଳ୍ପକୁ ମରାମତି ପାଇଁ ବାରମ୍ବାର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାବି କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି। ପ୍ରକଳ୍ପ ଅଚଳ ଥିବାରୁ ବର୍ଷା ଦିନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ସୋଲାର ଜଳ ପ୍ରକଳ୍ପ ଅଚଳ ଥିବା ପ୍ରକଳ୍ପକୁ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଏନେଇ କନିଷ୍ଠ ଯନ୍ତ୍ରୀ ଆମର ବେହେରାଙ୍କୁ ପଚାରିବାରୁ ପାଣିର ସମସ୍ୟା ଖୁବ୍ ଶୀଘ୍ର କରାଯିବ ବୋଲି କହିଛନ୍ତି।

## ବନ୍ୟା ଜଳ ପଶି ଶହେରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଲା



ନୀଳଗିରି, ୨୮।୭ (ସଂଚାର ବ୍ୟୁରୋ): ଗତକାଲି ରାତି ତମାମ ବର୍ଷା ହେବା ଫଳରେ ନୀଳଗିରି ଉପଖଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏହି ବନ୍ୟା ଜଳ ପଶି ଯିବାରୁ ଉପଖଣ୍ଡରେ ଶହେରୁ ଉର୍ଦ୍ଧ ଘର ଭାଙ୍ଗିଥିବା ଜଣା ପଡ଼ିଛି। ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଞ୍ଚାୟତର ଗଙ୍ଗାପୁରା ଗ୍ରାମର ଝୁରେଇ ଆଦିବାସୀ ସାହିରେ ୨୦ରୁ ଉର୍ଦ୍ଧ ଘର, ପ୍ରତପଡା ଗ୍ରାମର ଶରତ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ନାୟକ ପ୍ରଭୃତିଙ୍କ ଘର ଭାଙ୍ଗିଯାଇଥିଲା ଜଣାପଡିଛି।

## ଏସଆଇଆରକୁ ନେଇ ବୁଥସ୍ତରୀୟ କଂଗ୍ରେସ ଏଜେଣ୍ଟଙ୍କ ତାଲିମ ଶିବିର



କୋରାପୁଟ, ୨୮।୭ (ସଂଚାର ବ୍ୟୁରୋ): ଓଡିଶା ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ କୋରାପୁଟ ନିର୍ବାଚନ ମଣ୍ଡଳୀର ବୁଥ ସ୍ତରୀୟ କଂଗ୍ରେସ ଏଜେଣ୍ଟ ମାନଙ୍କ ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି।

ସ୍ଥାନୀୟ ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ପ୍ରଭାରୀ ମନୋରଞ୍ଜନ ତ୍ରିପାଠୀ ଯୋଗଦେଇ କଂଗ୍ରେସ ଏଜେଣ୍ଟ ମାନଙ୍କୁ ଏସଆଇଆର ସଂପର୍କରେ ସଚେତନ କରାଇଥିଲେ।ବୁଥ ସ୍ତରରେ ରହିଥିବା ଭୋଟର ମାନଙ୍କ ସମସ୍ୟା ଗୁଡିକ ଏଜେଣ୍ଟ ମାନେ ଅବଗତ ହୋଇ ସଂଶୋଧନ ପାଇଁ ବୁଥ ସ୍ତରୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରି କିପରି ସମାଧାନ କରିବେ ସେ ସଂପର୍କରେ ୨୬୮ ଜଣ ଏଜେଣ୍ଟ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଭୋଟର ତାଲିକା ଯେପରି ତ୍ରୁଟିଶୂନ୍ୟ ରହିବ ସେଥିପ୍ରତି ଏଜେଣ୍ଟ ମାନେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିମାଇଁ ସରକାର,କୋରାପୁଟ ବ୍ଲକ କଂଗ୍ରେସ ସଭାପତି ମିହିର କୁମାର କୁଲଦୀପ, କୋରାପୁଟ ନଗର କଂଗ୍ରେସ ସଭାପତି ଜୟନ୍ତ କଟିନ,କାଉନସିଲର ସନ୍ଧ୍ୟାରାଣୀ ଜେନା ଓ ଚନ୍ଦ୍ରପ୍ରଭା ହିଆଲ, ବରିଷ୍ଠ କଂଗ୍ରେସ ନେତା କୃଷ୍ଣ କୁଲଦୀପ, ବିଜୟ କୁମାର ରାଓଙ୍କ ସହ କୋରାପୁଟ ନିର୍ବାଚନ ମଣ୍ଡଳୀର ଅନ୍ୟ ନେତା ମାନେ ଉପସ୍ଥିତ ଥିଲେ।

## ସ୍କୁଲକୁ ଆସି ଦସ୍ତଖତ କରି ୨ରୁ୩ ଘଣ୍ଟା ପରେ ଚାଲିଯାଉଥିବା ଅଭିଯୋଗ

**ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଚିନ୍ତାରେ ଅଭିଭାବକ**

ରାଇଘର, ୨୮।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଯୋଡିଙ୍ଗା ପଞ୍ଚାୟତର ବୋରଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟକରୁ ଆସିଛି ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟର ଶିକ୍ଷକ ରଞ୍ଜିତ କୁମାର ପାଣିଗ୍ରାହୀ ପ୍ରତିଦିନ ବିଦ୍ୟାଳୟକୁ ଆସି ଉପସ୍ଥାନ ଖାତାରେ ଦସ୍ତଖତ କରିବା ପରେ ପ୍ରାୟ ୨ରୁ ୩ ଘଣ୍ଟା ରହି ନିଜ ବ୍ୟକ୍ତିଗତ ବ୍ୟବସାୟ କାମରେ ଚାଲିଯାଉଥିବା ଅଭିଯୋଗ ହୋଇଛି।

ଅଭିଭାବକମାନଙ୍କ କହିବା ଅନୁସାରେ, କୌଣସି ଅଧିକାରୀ କିମ୍ବା ସରକାରୀ ଗାଡ଼ି ବିଦ୍ୟାଳୟ ନିକଟକୁ ଆସିଲେ ସମ୍ପୃକ୍ତ ଶିକ୍ଷକଙ୍କୁ ପୂର୍ବରୁ ସୂଚନା ଦିଆଯାଉଥିବା ଏବଂ ସୂଚନା ପାଇବା ପରେ ସେ ପ୍ରାୟ ୩୦ ମିନିଟ୍ ମଧ୍ୟରେ ବିଦ୍ୟାଳୟରେ ପହଞ୍ଚିଥିବା ଅଭିଯୋଗ ମଧ୍ୟ କରାଯାଇଛି। ଏହା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ବୋଲି ଅଭିଭାବକମାନେ ଚିନ୍ତା ପ୍ରକାଶ କରିଛନ୍ତି।

ଅଭିଯୋଗରେ ଆହୁରି କୁହାଯାଇଛି ଯେ, ସମ୍ପୃକ୍ତ ଶିକ୍ଷକ ବିଦ୍ୟାଳୟର ଶିକ୍ଷାଦାନ କାର୍ଯ୍ୟ ଅପେକ୍ଷା ନିଜ ବ୍ୟକ୍ତିଗତ ବ୍ୟବସାୟକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ନିୟମିତ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାର ସିଧାସଳଖ ପ୍ରଭାବ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଭବିଷ୍ୟତ ଉପରେ ପଡୁଥିବା ବୋଲି ସେମାନେ କହିଛନ୍ତି।

ଏହି ଅଭିଯୋଗ ସମ୍ପର୍କରେ ରାଇଘର ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ ନବରଙ୍ଗପୁରରେ ଏକ ବୈଠକରେ ଥିବା କଥା କହି ପରେ ବିଦ୍ୟାଳୟର ଏକ ଫଟୋ ପଠାଇଥିଲେ। ସେହି ଫଟୋରେ ବୋରଗା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅନ୍ୟ ଶିକ୍ଷକମାନଙ୍କ ସହ ରଞ୍ଜିତ କୁମାର ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିବା ଦେଖାଯାଇଛି।

ଅନ୍ୟପଟେ, ସ୍କୁଲ ପରିଚାଳନା ସଭାପତି, ଗାଁ କମିଟି ଏବଂ ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ କୁହାଯାଇଛି ଯେ ସମ୍ପୃକ୍ତ ଶିକ୍ଷକ ନିୟମିତ ଭାବେ ବିଦ୍ୟାଳୟରେ ଉପସ୍ଥିତ ରହୁନାହାନ୍ତି। ଏହି ଦୁଇ ପକ୍ଷର ଦାବିରେ ପାର୍ଥକ୍ୟ ଥିବାରୁ ଘଟଣାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଭିଭାବକ, ସ୍କୁଲ ପରିଚାଳନା ସଭାପତି ଓ କମିଟି ଦାବି କରିଛନ୍ତି।

### ରାସ୍ତା ଅବରୋଧ କଲେ ଜଳବନ୍ଦୀରେ ଥିବା ଦେହୁରୀ ସାହିର ଲୋକେ

ନୀଳଗିରି, ୨୮।୭ (ସଂଚାର ବ୍ୟୁରୋ): ଗତକାଲି ଠାରୁ ଆଜି ସକାଳ୯ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ଯୋଗୁଁ ନୀଳଗିରି ଏନଏସି ଅଧିନସ୍ଥ୨ନମ୍ବର ୱାର୍ଡ ଘାଟଘର ସାହିର ଦେହୁରୀସାହି ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପରିବାର ସମ୍ପୂର୍ଣ୍ଣ ଭାବେ ଜଳବନ୍ଦୀ ହୋଇଯାଇଥିଲେ। ଲୋକମାନେ ପ୍ରଶାସନଙ୍କୁ ଯେତେ ନେହୁରା ହୋଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷର କୌଣସି ବ୍ୟବସ୍ଥା କରାଯାଇନଥିଲା। ଫଳରେ ଜଳବନ୍ଦୀରେ ଥିବା ଲୋକମାନେ ଏହାର ପ୍ରତିବାଦରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପ୍ରଶାସନ ଘଟଣାସ୍ଥଳରେ ଏହାର ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।



## ବ୍ରହ୍ମମନ୍ଦିରର ବାର୍ଷିକ ଉତ୍ସବ ପାଳିତ



ବାରିପଦା, ୨୮।୭ (ସଂଚାର ବ୍ୟୁରୋ): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୦ନଂ ୱାର୍ଡ ବ୍ରାହ୍ମମନ୍ଦିରର ୧୦୧ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ଦିନ ମନ୍ଦିର ପରିସରରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସେଭ ଏଲିଫେଣ୍ଟ ଫାଉଣ୍ଡେସନର ସଭାପତି ଡ଼. ଦେବବ୍ରତ ସ୍ୱାଇଁ, ରୋଟାରୀ କ୍ଲବ, ଗୋଲା ସମାଜର ସଭାପତି ଡ. ହରିହର ଦାସ, ବାରିପଦାର ସଭାପତି ତିମିର କୁମାର ଘୋଷ, ଫଳ ଚାରା ରୋପଣ କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ଡ଼. ବନଜା ମହାନ୍ତି, ମୌସୁମୀ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।ସନ୍ଧ୍ୟାରେ ଉତ୍ସବର ଉଦବୋଧନ ଅନୁଷ୍ଠାନରେ ଶ୍ରୀଚନ୍ଦନ ବାନାର୍ଜୀ ଆଚାର୍ଯ୍ୟର କାର୍ଯ୍ୟ ସମ୍ପନ୍ନ କରିଥିଲେ । ଦ୍ୱିତୀୟ ଦିନ ବାଲେଶ୍ୱର ବ୍ରହ୍ମମନ୍ଦିରର ଆଚାର୍ଯ୍ୟ ବିଶ୍ୱରଂଜନ ପଣ୍ଡାଙ୍କର ସାରତାତ୍ତ୍ୱିକ ପ୍ରାର୍ଥନା ସମସ୍ତଙ୍କୁ ବିମୋହିତ କରିଥିଲା । ବାରିପଦା ଓ ବାଲେଶ୍ୱର ବ୍ରହ୍ମମଣ୍ଡଳୀ ସଂଗୀତ ପରିବେଷଣ କରିଥିଲେ । ଆଲୋଚନାଚକ୍ରରେ ରୋଟାରୀ କ୍ଲବର ସମ୍ପାଦକ ତଥା ଶିକ୍ଷାବିତ ସନ୍ଦୀପ କୁମାର ଚାନ୍ଦ ସ୍ୱାମୀ ବିବେକାନନ୍ଦ ଓ ବ୍ରହ୍ମସମାଜର ଆଦର୍ଶ ଏବଂ ପୂର୍ବତନ ସୂଚନା ସଚିବ ଶଶୀପ୍ରଭା ବିନ୍ଧାଣି ମହିଳା ସଶକ୍ତକରଣ ଉପରେ ଆଲୋକପାତ କରିଥିଲେ । ବାରିପଦା ବ୍ରହ୍ମମନ୍ଦିରର ସଭାପତି ରଞ୍ଜନ ବାନାର୍ଜୀ ଓ ସମ୍ପାଦକ ସୁନନ୍ଦନ ବାନାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ହେପାଟାଇଟିସ ଦିବସ-୨୦୨୬ ପାଳିତ



ବାରିପଦା, ୨୮।୭ (ସଂଚାର ବ୍ୟୁରୋ): ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଥିବା ସମ୍ମିଳନୀ କକ୍ଷରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱନାଥ ଦାସ ଙ୍କ ଅଧ୍ୟକ୍ଷତା ରେ ଜିଲ୍ଲାସ୍ତରୀୟ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି।

ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଅନିଲ କୁମାର ମହାନ୍ତି,ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ଡାକ୍ତର ବିଭୁଦତ୍ତ ଦାସ, ଏପିଡେମିଲଜିଷ୍ଟ, ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ଅଧକ୍ଷା ଭାରତୀ ଆରୁଖ ଏବଂ ପ୍ରଶିକ୍ଷିକା ତଥା ସମସ୍ତ ତାଲିମ କେନ୍ଦ୍ରର ଛାତ୍ରୀ ଏବଂ ଆଇସି ଟି ସି କେନ୍ଦ୍ରର ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଡାକ୍ତର ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।

ଏବର୍ଷର ବାର୍ତ୍ତା "ହେପାଟାଇଟିସରୁ ସୁରକ୍ଷିତ ରହିବା ନିମନ୍ତେ ସମସ୍ତ ଭେଦଭାବ ଓ ପ୍ରତିବନ୍ଧକକୁ ଦୁର କରିବା " ଉପରେ ବୁଝାଇଥିଲେ । ହେପାଟାଇଟିସ ରୋଗ ହେଲେ ରୋଗୀର ଯକୃତ କିପରି କାର୍ଯ୍ୟ ନକରି ଅଚଳ ହୋଇଯାଏ ଏବଂ ରୋଗୀ ମୃତ୍ୟୁ ମୁଖରେ ପଡେ ସେ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଚନ୍ଦ୍ର ନାୟକ ହେପାଟାଇଟିସ ରୋଗର ଭୟବାହାତା ସମ୍ପର୍କରେ ଆଲୋକପାତ କରିବା ସହ ମାରାତ୍ମକ ରୋଗରୁ ରକ୍ଷା ପାଇବାପାଇଁ ସମସ୍ତ ସତର୍କତା ଅବଲମ୍ବନ କାରିବାପାଇଁ ପରାମର୍ଶ ଦେଇଥିଲେ।

ଉକ୍ତ ସଭାରେ ମୁଖ୍ୟ ବକ୍ତା ଡା. ସୋମ୍ୟରଞ୍ଜନ ନାୟକ କହିଥିଲେ ଯେ ହେପାଟାଇଟିସ ବି, ସି ଏବଂ ଡି ରକ୍ତ ଓ ରକ୍ତ ଜାତ ଉପାଦାନ ଏବଂ ବ୍ୟବହୃତ ହେଉଥିବା ସାମଗ୍ରୀ ଦ୍ୱାରା ବ୍ୟାପି ଥାଏ ଓ ହେପାଟାଇଟିସ ଏ ଓ ଇ ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପି ଥାଏ। ଏହି ରୋଗର ନିୟନ୍ତ୍ରଣ ନିମନ୍ତେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ମାଗଣା ପରୀକ୍ଷା ଓ ଚିକିତ୍ସା ବିଷୟରେ ଅବଗତ କରାଇଥିଲେ। ସମସ୍ତ ଗର୍ଭବତୀ ମହିଳା ମାନଙ୍କ ର ପରୀକ୍ଷା କରି ଚିକିତ୍ସା କରିବା ନିତ୍ୟାନ୍ତ ଜରୁରୀ ଅଟେ ଯଦ୍ୱାରା ଏହା ଚିରକାଳୀନ ରୋଗ ରେ ପରିଣତ ନହୁଏ ସେଥି ପ୍ରତି ସତର୍କ ହେବା। ଶିଶୁ ଜନ୍ମ ହେବାର ୨୪ ଘଣ୍ଟା ମଧ୍ୟରେ ହେପାଟାଇଟିସ ବି ଟୀକା କରଣ କରାଇବା ଜରୁରୀ ବୋଲି କହିଥିଲେ।

ଏହି ଅବସରରେ ୨୫ ଜଣଙ୍କର ହେପାଟାଇଟିସ ପରୀକ୍ଷା କରାଯାଇଥିଲା। ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସର୍ବ ଶେଷରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୂର୍ମୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ**

## ବିନା ସରକାରୀ ଛୁଟିରେ ସ୍କୁଲ ବନ୍ଦ

ଲାଞ୍ଜିଗଡ଼, ୨୮।୭ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କମଲେଇ ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଥିବାରୁ ଛାତ୍ର ଛାତ୍ରୀ ମାନେ ସୋମବାର ସ୍କୁଲ ଯାଇ ସ୍କୁଲରେ ତାଲା ପଡ଼ିଥିବା ଦେଖି ଘରକୁ ଫେରି ଥିଲେ।ତେବେ ସ୍କୁଲରେ ଦୁଇ ଜଣ ଶିକ୍ଷକ ନିୟୋଜିତ ଥାଇ ମଧ୍ୟ କୌଣସି ସରକାରୀ ଛୁଟି ନ'ଥାଇ କାହିଁକି ସ୍କୁଲ ବନ୍ଦ ରହିଥିଲା ତାହା ଏବେ ଏକ ବିରାଟ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୌଣସି ସରକାରୀ ଛୁଟି ନ'ଥାଇ ଶିକ୍ଷକ ମାନେ ସ୍କୁଲ ବନ୍ଦ କରିବା କେତେଦୂର ଯଥାର୍ଥ ବୋଲି ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏପଟେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପାଇଁ ମାସିକ ପାରିଶ୍ରମିକ ମୋଟା ଅଙ୍କର ଦରମାର ବ୍ୟବସ୍ଥା ରହିଛି ହେଲେ ଏତେସବୁ ସରକାରଙ୍କ ବ୍ୟବସ୍ଥା ଭିତରେ ଥାଇ ମଧ୍ୟ ଗ୍ରାମାଞ୍ଚଳ ମାନଙ୍କନରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି ଯାହାଦ୍ୱାରା ଅନେକ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧାର ଆଡକୁ ଠେଲି ହେଉଛି ବୋଲି ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ରହିଥିବା ବେଳେ ପ୍ରଧାନ ଶିକ୍ଷକ ଭାବେ ନାରାୟଣ ନାଏକ ଓ ସହଶିକ୍ଷକ ଭାବେ ସିପୁନ ନାୟକ କାର୍ଯ୍ୟ ତୁଲାଇ ଆସୁଛନ୍ତି କିନ୍ତୁ ଦୁଇ ଜଣ ଶିକ୍ଷକ ନିଯୁକ୍ତ ଥାଇ ମଧ୍ୟ ଜଣେ ବି ସ୍କୁଲରେ ଉପସ୍ଥିତ ନ'ରହିବା କେତେ ଦୂର ଯଥାର୍ଥ ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି।

ତେବେ ଏନେଇଁ ଶହ ଶିକ୍ଷକ ସିପୁନ ନାୟକଙ୍କୁ ପଚାରିବାରୁ ମୁଁ ଆମ ପ୍ରଧାନ ଶିକ୍ଷକଙ୍କୁ ଜଣାଇ ଥିଲି ପାହାଡିଆ ରାସ୍ତା ଓ ପ୍ରବଳ ବର୍ଷା ହେଉଛି ମୁଁ ଆଜି ସ୍କୁଲକୁ ଯାଇ ପାରିବି ନାହିଁ ବୋଲି କହି ଥିଲି କିନ୍ତୁ ସିଆର ସିସି ସାରଙ୍କୁ ଜଣାଇ ନ'ଥିଲି। ଏହାକୁ ନେଇଁ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ବର୍ଷା ଯୋଗୁଁ ମୁଁ ସ୍କୁଲକୁ ଯାଇ ପାରିଲି ନାହିଁ କି ସିଆର ସିସି ସାରଙ୍କୁ ମଧ୍ୟ ଜଣେଇଲି ନାହିଁ ମୋ ଭୂଲ ହୋଇଛି ବୋଲି କହୁଥିବା ବେଳେ ଏସମ୍ପର୍କରେ ମାଳିଯୁବାଙ୍ଗ କ୍ଲଷ୍ଟର ସିଆରସିସି ଘାଷି ମାଝୀଙ୍କୁ ପଚାରିବାରୁ ସେ ଦୁଇ ଶିକ୍ଷକ ମତେ କୌଣସି ଛୁଟି ପାଇଁ ଲିଖିତ ବା ମୌଖିକ ଭାବେ ଜଣାଇ ନାହାନ୍ତି କି ଆଜି କୌଣସି ସରକାରୀ ଛୁଟି ମଧ୍ୟ ନାହିଁ।ଯଦି ମତେ ଜଣାଇ ଥିଲେ ମୁଁ କେଉଁ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନ ପଠେଇବା ବ୍ୟବସ୍ଥା କରିଥାନ୍ତି।ଆଜି କାହିଁକି ସ୍କୁଲ ଛୁଟି କରିଥିଲେ ତାହା ତଦନ୍ତ ପରେ ଜଣାପଡିବ ବୋଲି ମତପ୍ରକାଶ କରିଛନ୍ତି। ତେବେ ଶିକ୍ଷାବିଭାଗ ଦୁଇ ଜଣ ଶିକ୍ଷକଙ୍କ ବିରୋଧରେ କେଉଁ ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ନା ଦେଖି,ଶୁଣ ଚୁପରୁହ ନୀତି ଅବଲମ୍ବନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



**ମଧୁପୁରା ପଞ୍ଚାୟତ ପୋଖରୀ ପୋତିବା ଘଟଣା**

## ଉଚ୍ଚନ୍ୟାୟାଳୟର ଛାଟ ପରେ ପ୍ରଶାସନର ଚେତା ଫେରିଲା

ବାଲିଆପାଳ, ୨୮।୭ (ସଂଚାର ବ୍ୟୁରୋ):ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ଗ୍ରାମପଞ୍ଚାୟତ ସମ୍ମୁଖ ତଥା ସିମୁଳିଆ ବଜାରରେ ଥିବା ଜଳାଶୟକୁ ପୋତି ବ୍ୟବସାୟ ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଉଥିବା ଘଟଣା ଏବେ ଉଚ୍ଚନ୍ୟାଳୟରେ ପହଂଚିଛି। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ତାଗିଦ ପରେ ମଙ୍ଗଳବାର ବାଲେଶ୍ୱର ଜିଲ୍ଲପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପଞ୍ଚାୟତ ରାଜ ବିଭାଗ ଅଧିକାରୀ ଦେବାନନ୍ଦ ବେହେରା ବାଲିଆପାଳ ବ୍ଲକମଧୁପୁରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୩୬୩ଖାତା ଏବଂ ୯୨୯ ନମ୍ବର ଖସଡ଼ାରେ ଥିବା ୭୪ ଡିସିମିଲର ଜଳାଶୟଜାଗାକୁ ଅନୁଧ୍ୟାନ କରିଛନ୍ତି। ଜଳାଶୟଟିକୁ ମାଟି ପକାଇ ପୋତା ଯାଇ ସେଥିରେ କିଛି କେବିନ ପଡ଼ିଥିବାର ଦେଖିବାକୁ ମିଳିଛି।

ତେବେ ତଦନ୍ତ ସମୟରେ ଶ୍ରୀ ବେହେରାଙ୍କ ସମେତ ବାଲିଆପାଳ ବ୍ଲକର ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି, ତତ୍କାଳୀନ ପଞ୍ଚାୟତ କାର୍‌ଯ୍ୟନିର୍ବାହୀ ଅଧିକାରୀ ସୁଜୟ କୁମାର ସୀ, ସରପଞ୍ଚ ଗୀତାରାଣୀ ମାହାନା, ସମିତି ସଦସ୍ୟ ସୁଶାନ୍ତ ସେଠୀ ନାଇବ ସରପଞ୍ଚ ବାବାଜୀ ବେହେରା ତଥା ପଞ୍ଚାୟତର ବହୁ ୱାର୍ଡ ସଦସ୍ୟ ଉପସ୍ଥିତ ଥିଲେ। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ଅଧିକାରୀଙ୍କ ସମ୍ମୁଖରେ ପଞ୍ଚାୟତର ସରପଞ୍ଚ ଗୀତାରାଣୀ ମାହାନା ଏ ସମ୍ପର୍କରେ କିଛି ଜାଣି ନଥିବା କିମ୍ବା କାହାକୁ ଜଳାଶୟ ଭର୍ତ୍ତି କରିବାକୁ ଅନୁମତି ଦେଇ ନଥିବା କହିଛନ୍ତି। ସରପଞ୍ଚ ଶ୍ରୀମତୀ ମାହାନା ଆହୁରି କହିଛନ୍ତି ଯେ ଜଳାଶୟଟି ପୋତି ହୋଇ ଯାଇଥିଲା ସେଥିରେ ସିମୁଳିଆ ବଜାର କମିଟି ଏବଂ ପରିବା କମିଟି କିଛି ବାଲି ଭର୍ତ୍ତି କରି ସେଠାରେ ପୂଜା କରୁଛନ୍ତି ବୋଲି କହିଛନ୍ତି।



### ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସରଜମିନ ତଦନ୍ତ

ତେବେ ଏଠାରେ ପ୍ରଶ୍ନ ଉଠୁଛି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜଳାଶୟଟି ପୋତା ଯିବା ସମୟରେ ସରପଞ୍ଚ କେମିତି ଜାଣିପାରିଲେ ନାହିଁ ଏବଂ ଯଦି ପରିବା କମିଟି ଓ ସାରସ୍ୱତ ପୂଜା କମିଟି ବାଲି ଭର୍ତ୍ତି କରିଛନ୍ତି ବୋଲି ସରପଞ୍ଚ ଜାଣିଛନ୍ତି ତାହେଲେ କାହିଁକି ବାରଣ କଲେ ନାହିଁ। କିମ୍ବା ଜଳାଶୟ ଭର୍ତ୍ତି କରୁଥିବା କମିଟି ବିରୋଦ୍ଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ କାହିଁକି ?

ସୂଚନା ଯୋଗ୍ୟ ଗ୍ରାମପଞ୍ଚାୟତର ସମ୍ମୁଖରେ ଥିବା ଏହି ପୋଖରୀକୁ ସର୍ବସାଧାରଣରେ ଦୀର୍ଘ ଏକମାସରୁ ଉର୍ଦ୍ଧ ସମୟ ଧରି ପଞ୍ଚାୟତର ଅନ୍ୟ ଦୁଇଟି ଚନ୍ଦନ ପୋଖରୀ ଏବଂ ବାଘ ପୋଖରୀରୁ ଜେସିବି ସାହାଯ୍ୟରେ ତାଡି ଦିନରାତି ମାଟି ପକାଯାଇଥିଲା ବପୋଖରୀ ଖୋଳିବା ଏବଂ ପଞ୍ଚାୟତ ସମ୍ମୁଖ ପୋଖରୀ ବୁଜିବା ସ୍ଥାନରେ ପଞ୍ଚାୟତର ଜନପ୍ରତିନିଧି ମାନେ ଉପସ୍ଥିତ ରହି କାର୍ଯ୍ୟ କରିଥିଲେ। ସେତେବେଳେ ବାଲିଆପାଳର ସର୍ବ ବୃହତ ବଜାରର ପାର୍କିଙ୍ଗ ସ୍ଥାନ ପାଇଁ ଏହି ସ୍ଥାନ ବ୍ୟବହାର କରାଯିବ କହି ଲୋକଙ୍କୁ ବୁଝାଯାଇଥିଲା। ତେବେ ପୋଖରୀ ବୁଜିବା ପରେ ଏବେ ପଞ୍ଚାୟତ ପ୍ରତିନିଧିଙ୍କ ଲୋଲୁପ ଦୃଷ୍ଟି ଏହି ଜାଗା ଉପରେ ପଡ଼ିଥିବା ଅବିଯୋଗ ହୋଇଛି। ଗୁମୁଟି ପକାଇଦେବାକୁ କହି ଗୋଟିଏ ଗୁମୁଟି ପ୍ରତି ଦୁଇରୁ ତିନି ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏକ ନୂତନ ଶୌଚାଳୟକୁ ଭାଙ୍ଗି ସେହି ସ୍ଥାନରେ ଏକ ପରିବା ଗୋଦାମ ବସାଯାଇଛି।

# ଅଜଣା ପୁଲକ



ନଳକୂପ ମୂଳେ ଦେହ ଧୋଉଥିଲା ରାଜୁ। ଏମିତି ପିଲାବେଳୁ ଦେହ ଧୋଇ ଆସୁଛି ସେ। ଏଇ ପ୍ରଥମ ନଳକୂପ ବସିବା ଦିନୁ। ବୋଉ ଆକାଶରେ କେବେ ତାରା ହୋଇଗଲା ତାକୁ ଜଣା ନଥିଲା ସତ ହେଲେ ସେ ଯାହାକୁ ବୋଉ ଡାକୁଥିଲା, ସେ ସମସ୍ତଙ୍କ ବୋଉଠାରୁ ଏତେ ଅଲଗା କାହିଁକି ଥିଲା ବୁଝିଲା ବେଳକୁ ତାଙ୍କ ସାହି ପ୍ରୀତିକୁ କହୁଥିଲା ଯାହା କହ ପ୍ରୀତି ଚେହେରା ଖଣ୍ଡେ ପାଇଛୁ, ଭଲ ବୁଦ୍ଧି ବି ଅଛି ତୋର, ହେଲେ ବୁଦ୍ଧି ହଜେଇ କେବେ କାହାର ସାବତ ବୋଉ ହେବୁନି ଲୋ ପ୍ରୀତି। ଆଉ ଯଦି ବି ହେଲୁ ସାବତ ପୁଅ ଝିଅଙ୍କୁ ପର ଭାବିବୁନି ଲୋ କେବେ। ଯେମିତି ସବୁରି ବୋଉଙ୍କ ପଣତ ପିଲାଙ୍କୁ ବଡମନ୍ଦିର ନେତ ପରି ଲାଗିବ, ସେକଥାକୁ ହେଜ ରଖିବୁ।

ଦେହ ମୁଣ୍ଡ ଝାଡ଼ି ବୋଉ କେବେ ରାଜୁକୁ ଉଠେଇ ଦେଇନି ତଳୁ କି କେବେ ଛାତିରେ ଜାକି ବୋକ କି ଗେଲ କରିଦେଇନି ତାକୁ ବରଂ ପଡିଗଲା ବେଳେ ମରିଗଲୁନି ଯାହା ବୋଲି କହିଛି, ଦେହ ଝାଡ଼ି ଦେବା ବଦଳରେ ଦୂରରୁ ଢାଳେ ପାଣି ଶୀତରେ ଢାଳି ଦିଏ ଯେ ଆହୁରି ପଙ୍କ ସରସର ହୋଇଯାଏ ଦେହ ମୁଣ୍ଡ। ଏଇ ନଳକୂପ ମୂଳେ ବସି ସେଇଦିନୁ ଦିହ ଧୋଉ ଧୋଉ ରାତି ଆକାଶରେ ଖୋଜୁଥାଏ ନିଜ ବୋଉକୁ, କୁଆଡେ କାହିଁକି ତାରା ହୋଇ ଆକାଶକୁ ଚାଲିଗଲୁ ବୋଉ। ତୋ ବିଷୟରେ ରଚନା ଲେଖିଲା ବେଳେ, ଝୁଣ୍ଟୁଛି ମୁଁ ବୋଉ। ଯାହାର ଅନୁଭୂତି ନାହିଁ ବୋଉ,କଣ ବୋଲି ସେ କିପରି ଭଲ ରଚନା ଲେଖିପାରିବ କହୁନୁ ବୋଉ। ସେଦିନ ପରା ଲେଖୁ ଲେଖୁ ଲେଖିଦେଇଥିଲି ବୋଉ କେବେ ବି ପେଟିମାଛ ଦିଏନି ମତେ। ତେଣୁ ମୁଁ ଲାଞ୍ଜ ଖାଇବାକୁ ଭଲ ପାଏ। ବୋଉ କେବେବି ଦେହର ଧୂଳି ଝାଡ଼ି ଉଠେଇନି ମତେ ବରଂ ବୋଉ ଅପେକ୍ଷା ଆମ ଘର ତୀର୍ଯ୍ୟକରେ ଠିଆ, ଆମ ସାହି ପ୍ରଥମ ନଳକୂପ ମୋ ବୋଉଠୁ ଯଥେଷ୍ଟ ଭଲ। ସାର ରଚନା ପଢି ଡାକିଥିଲେ ରାଜୁକୁ ସବୁ ଶୁଣିଥିଲେ ରାଜୁଠୁ ଆଉ କାନ୍ଦି ପକେଇଥିଲେ। ପ୍ରଥମ ବୋଉ ବିଷୟରେ ଲେଖିଥିବା ରଚନା ବାପାଙ୍କୁ ଦେଖାଇ ସାବଧାନ କରିଦେଇଥିଲେ। ଆଉ ଏଣିକି ଘରକୁ ମାଛ ଆସିଲେ ତାଙ୍କ ଥାଳିର ପେଟି ମାଛ ରାଜୁ ପତ୍ରରେ ଥୋଇ ତା ପତ୍ରରୁ ଲାଞ୍ଜି ଉଠେଇ ନେଉଥିଲେ ବାପା।

ରାଜୁର ଏବେ ବି ମନେଅଛି। ତାଙ୍କ ଗାଁର ଆଠ ବର୍ଷର ବାଳକକୁ ବାଘ ଝାମ୍ପି ନେଲା ପରେ ତା ବୋଉ ଦାଣ୍ଡରେ କାନ୍ଦି କାନ୍ଦି ଗଡୁଥିଲା ଭୂଇଁ ସାଉଁଟି। ଘରକୁ ଯାଇନଥିଲା ଢେର ଦିନ କହୁଥିଲା ଯୋଉ ବାଘ ମୋ ପୁଅକୁ ନେଇଛି, ସେଇ ବାଘ ମୁହଁରେ ନଯିବା ଯାଏଁ ଘରକୁ ଯିବିନି ମୁଁ। ସେତିକିବେଳେ ରାଜୁର ବୋଉ କହୁଥିଲା ଭଲ ପିଲାଟାକୁ ବାଘମୁହଁରେ ପଡିବାର ଥିଲା!ଅଲେକ୍ଷଣାମାନଙ୍କୁ ବାଘ ନେଉନି ଯାହା। ସେଦିନ ରାଜୁ ଏଇ ନୂଆ ନଳକୂପ ପାଣିରେ ଦେହ ଧୋଉଥିଲା ଢେର ସମୟ ଯାଏଁ ଆଲେକ୍ଷଣା ଛଡ଼େଇବା ପାଇଁ ତ ତା ବୋଉ ନୁହେଁ ବରଂ ପ୍ରୀତି କହିଥିଲା, ମୋ ବୋଉ କୁହେ ଏତେ ସମୟ ଧରି ଗାଧୋଇଲେ ଜର ହେବ। ତୁ କାହିଁକି ଏତେ ଗାଧୋଉଛୁ ରାଜୁ ଭାଇ? ସେଦିନ ପ୍ରୀତି କଥା ଶୁଣି ରାଜୁ ଭାବୁଥିଲା ଆକାଶକୁ ଚାହିଁ,ବୋଉଲୋ ତୁ ବଞ୍ଚିଥିଲେ ମତେ ଯେତିକି ଭଲ ପାଉଥାଆନ୍ତୁ, ମତେ ଆମ ଗାଁ ଝିଅ ପ୍ରୀତି ସେତିକି ଭଲ ପାଏ। ହେଲେ ମତେ ଆଲେକ୍ଷଣା କାହିଁ କହୁ?

ଏବେର ବୋଉ ତୁଣ୍ଡ କଥା ସତ ହେଇଗଲା। ଦୁଇ ଚାରି ଦିନ ଯାଇ ନଥାଉ ବାଘ ରାଜୁ ଉପରେ ଆକ୍ରମଣ କରିଥିଲା। ବାପା ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ, ବାଘ ମୁହଁରୁ ବଞ୍ଚିଗଲା ରାଜୁ। ଏଇ ନଳକୂପ ମୂଳେ ତା ଦେହକୁ ସମ୍ପୂର୍ଣ୍ଣ ରୂପେ ଧୋଇ ବାପା ଡାକ୍ତରଖାନା ନେଇଗଲା ବେଳେ ତା ଏବେର ବୋଉ ନୁହେଁ ବରଂ ପ୍ରୀତି କାନ୍ଦିଥିଲା ଖୁବ। ବୋଉ ବୋଉ କହି ଚେତା ବୁଡିଗଲା ପୂର୍ବରୁ ତା କାନରେ ଶୁଭୁଥିଲା କିଏ ଯେମିତ କହୁଛ ତୁ ବଞ୍ଚିଯିବୁ ଧନ, ସେ ସ୍ୱର ସହ ସେ ପରିଚିତ ନଥିଲେ ବି ସେ ତା ଆକାଶ ବୋଉ ଥିଲା ନିଶ୍ଚୟ, ନହେଲେ ସେ ମରଣ ମୁହଁରୁ ବଞ୍ଚି, ଫେରିଲା। ମଣିଷଖିଆ ବାଘ ଯନ୍ତାରେ ପଡିସାରିଥିଲା। ରାଜୁ ବାପାଙ୍କ ସଙ୍ଗେ ପୁଣି ସ୍କୁଲ ଗଲା, ପାଠ ପଢିଲା। ସାଙ୍ଗମାନେ ରାଜୁର ସାର୍ଟ ଖୋଲି ତା ପିଠିରେ ପଡ଼ିଥିବା ପଟା ପଟା ଆଞ୍ଚୁଡା ଦାଗ ଉପରେ ହାତ ବୁଲେଇ ଆଣିଲା ବେଳେ ତାକୁ ଲାଗେ ତା ଆକାଶ ବୋଉର କଅଁଳ ହାତ ତା ଦେହରେ ହାତ ବୁଲେଇ ଦେଉଛି ଯେମିତି। ବାପାଙ୍କୁ ପଚାରେ, ମୋ ବୋଉକୁ ତାରା ହେବାକୁ କାହିଁକି ଛାଡିଲ ବାପା?? କାନ୍ଦିପକାନ୍ତି ବାପା କହନ୍ତି ବଡ଼ ହେଲେ ଜାଣିବୁ।

ବଡ଼ ହେଲା ରାଜୁ ଆଉ ବୋଉ କାହିଁକି ଆକାଶରେ ତାରା ହେଲା କି ନାହିଁ ବୁଝିବା ସହ ବୁଝିସାରିଥିଲା ଏ ଜନ୍ମରେ ତା'ର ବୋଉ ପରି କେହି ଜଣେ ଅଛି। ସତରେ ପ୍ରୀତି ତାକୁ ଖୁବ ଭଲ ଲାଗୁଥିଲା ଏଣିକି। ଏଇ ନୂଆ ନୂଆ ନଳକୂପ ତା ଜୀବନ କାହାଣୀ ସହିତ ଯେତିକି ପୁରୁଣା ହେଉଥିଲା ତା ବଢୁଥିବା ବୟସର କାହାଣୀ ସେତିକି ନୂଆ ଲାଗୁଥିଲା। ଦୀପାବଳୀରେ ପ୍ରୀତି ହାତକୁ ଦୀପ ବଢ଼େଇ ରାଜୁ କହୁଥିଲା ଦୀପ ଛୁଇଁ ଶପଥ କର ପ୍ରୀତି ମୋ ଛଡା ଆଉ କାହାର ହେବୁନି ଯେମିତି। ପ୍ରୀତି ମୁହଁ ଝଟକୁ ଥିଲା ଆଲୋକର ରୋଷଣୀରେ। ବାପା ଡାକୁଥିଲେ ଆ ରାଜୁ କାଉଁରିଆ ଜାଳି ପିତୃପୁରୁଷଙ୍କୁ ଡାକିବା ଅନ୍ଧାରେ ଆସି ଆଲୁଏ ଯାଅ। ପ୍ରୀତି ହସୁଥିଲା ଦୂରରୁ, ରାଜୁ କାନରେ କହୁଥିଲା ତୁ ଜମା ଆଲେକ୍ଷଣା ନୁହଁ ରାଜୁ ଭାଇ।



ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ
ମୋବାଇଲ:୯୦୪୦୯୭୭୩୨୭

# ଶାଳଗ୍ରାମ



ଦେବସଭା ଚାଲିଥିଲା। ସମସ୍ତେ ସମସ୍ତଙ୍କ ଅନୁଭୂତି ବର୍ଣ୍ଣନା କରିବାକୁ କୁହାଗଲା ବେଳେ ଗଣେଷ, ସମଲେଇ ମାଆ, ଇଷ୍ଟ ତଥା ଷଷ୍ଠୀ ଦେବୀ, ନୀଳକଣ୍ଠ, ସୋମନାଥ ଦେବ, ମାଆ ମଙ୍ଗଳା ଏମାନେ ସବୁ ଏବେ ଏବେ ପୃଥିବୀ ପୃଷ୍ଠକୁ ଯାଇ ଫେରିଥିବାରୁ ତାଙ୍କ ମନରେ ଆଗ ପରି ସୁଖ ନଥାଏ ତ ବିଷ୍ଣୁ ଟିକେ ଚିନ୍ତାରେ ପଡିଗଲା ବେଳେ ଭାବୁଥିଲେ ମଣିଷମାନେ କଣ ଆଗପରି ଆଉ ଦେବା ଦେବୀଙ୍କୁ ଭକ୍ତି କରୁନାହାଁନ୍ତି ନା କଣ!ମଙ୍ଗଳା ମାଆ ଏବେବି ଭାଦ୍ରବ ମାସର ପ୍ରତି ରବିବାର ପୃଥିବୀରେ ଘରେ ଘରେ ଖୁଦୁରୁକୁଣୀ ଓଷା ନାମରେ ପୂଜା ପାଉଛନ୍ତି। ଗଣେଷ ତ ସିଦ୍ଧି ଓ ବିଦ୍ଧି ତଥା ବିଦ୍ୟା ବୁଦ୍ଧିର ଠାକୁର ବୋଲି ସେ ଅଗ୍ରପୂଜ୍ୟ ଓ ତାଙ୍କୁ ପୃଥିବୀବାସୀ ଖୁବ ଭଲ ପାଆନ୍ତି। ସମଲେଇ ମାଆ ମଧ୍ୟ କୃଷିର ଉର୍ନ୍ନତି ସାଧନ କରି ପଶ୍ଚିମ ଓଡିଶାର ଆରାଧ୍ୟ ଦେବୀ ସାଜିଛନ୍ତି। ତେବେ ସୋମନାଥ,ଲୋକନାଥ,ଶିବ ରୂପେ ମଣିଷ ଖୁବ ଭଲ ପାଆନ୍ତି ଆଶୁତୋଷ ଓ୍ୱା ମହାଦେବଙ୍କୁ। ଏଇ ଏଇ ବାଲିତୃତୀୟାରେ ଓଡିଶାର ଗ୍ରାମ ଓ ସହରରେ ବାସ କରୁଥିବା ଘର ଘର ସ୍ତ୍ରୀ ଲୋକମାନେ ନିର୍ଜ୍ଜଳା ଉପବାସ କରିବା ସହ ସୋମନାଥ ବ୍ରତ ନାମରେ ପୂଜା କରିଛନ୍ତି। ତେବେ ଅସୁବିଧା ରହିଲା କେଉଁଠି!

ଏଥର ଦେବୀମାନେ ଏକସ୍ୱରରେ କହିବାକୁ ଲାଗିଲେ ଆମ ଅପେକ୍ଷା ଲୋକମାନେ ଏବେ ପଥର ଦେହରେ ସିନ୍ଦୁର ବୋଳି, ହରିବୋଲ ହୁଳହୁଳି ଦେଇ,ସଂକୀର୍ତ୍ତନ, ଭୋଗ ରାଗ କରି ଭାଗ୍ୟ ବଦଳେଇ ନେଉଛନ୍ତି। ବିଷ୍ଣୁ ପଚାରିଲେ ସେ ପଥର କୋଉଠୁ ଆସିଲା ତ ଦେବୀମାନେ ପରସ୍ପର ମୁଁହଁକୁ ଚାହିଁଥିଲା ବେଳେ ଗଣେଷ କହିଲେ ନଈ ଆରପାରେ, ସମୁଦ୍ର ସେପାରେ ପାହାଡ଼ ଖୋଦେଇ ଚାଲିଛି। ଡିନାମାଇଟ ଖଞ୍ଜି ଏତେ ବଡ଼ ବଡ଼ ପାହାଡ଼ ଫଟେଇ ପଥରରେ ପରିଣତ କରାଯାଉଛି। ସେଇ ପଥରରୁ ଖଣ୍ଡେ ସମୁଦ୍ରରୁ ପାଇଁ ବାୟା ପାଗଳ ପରି ଜଣେ ଯୁବକ ତାକୁ ଝୁଲା ମୁଣିରେ ରଖି କେତେ ପୂଜା ଧ୍ୱଜା କଲାପରେ ତା ଭାଗର ଭାଗ୍ୟ ଭୋଗେଇ ଫିଟିନଥିବାରୁ ପଥରଟିର ନବକଳେବର ହୋଇ ସାରିଥିଲା। ସମସ୍ତ ଚିହ୍ନା ଅଚିହ୍ନା ଲୋକେ ପଥରଟିକୁ ଶାଳଗ୍ରାମ କହୁଥିଲେ। ତ ଉଦଭ୍ରାନ୍ତ ଯୁବକ ଜଣକ ପଥର ମୁଣ୍ଡରେ ସିନ୍ଦୁର ବୋଳି ବରଗଛ ମୂଳେ ଥୋଇ ଦେଇ କୁଆଡେ ଗଲେ ଯେ ଗଲେ। ସକାଳୁ ସକାଳୁ ଗାଁରେ ପ୍ରଚାର ହୋଇଗଲା ଦେବୀ ଆବିର୍ଭୁତ ହୋଇଛନ୍ତି। ବାଜିଲା ଘଣ୍ଟ, କାହାଳୀ, ମୃଦଙ୍ଗ ଓ ପଡିଲା ହୁଳହୁଳି। ଲୋକେ କିଏ ଅଧିଆ ପଡୁଥିଲା ମୋ ବୋହୁକୁ ଭଲ ବୁଦ୍ଧି ଦିଅ ସେ ଗାଁକୁ ଫେରିଆସୁ କହିକି ତ କିଏ ମୁଣ୍ଡିଆ ମାରି ଚାଲିଥିଲା ପୁଅ ମୋର ଗାଁ ଭିଟାମାଟି ଛାଡ଼ି ବାହାରକୁ ନଯାଉ। ପୁଣି କିଏ ଥୁରୁ ଥୁରୁ ହୋଇ ବାର୍ଦ୍ଧକ୍ୟର କଷ୍ଟ ଦୂର କରିଦେବାକୁ ଗୁହାରୀ କରୁଥିଲା ତ କିଏ ବୃଦ୍ଧା ବୈଧବ୍ୟ ଓ ବାର୍ଦ୍ଧକ୍ୟ ଉଭୟ ଯନ୍ତ୍ରଣାରୁ ମୁକ୍ତି ପାଇଁ ମାଆ ପାଖେ ନଡ଼ିଆଟିଏ ବାଢ଼େଇବାକୁ ମଧ୍ୟ ସମର୍ଥ ନଥିଲା। ଭୋଗ ରାଗ ଧୂପ, ଦୀପ, ଝୁଣା ମହକରେ ରନ୍ଧା ବଢ଼ା ଚାଲିଥିଲା। ଭୋଗ ନାମରେ ବଢ଼ା ପତ୍ରରେ ପିମ୍ପୁଡି ଲାଗିଥିଲେ। ଲୋକେ ଆନନ୍ଦ ମନରେ ପ୍ରତି ମଙ୍ଗଳବାର ଓ ଶନିବାର ମାନସିକ ରଖି ଯନ୍ତାଳ ଭଳି ଭୋଗ ବାଢି ଭାଗ୍ୟ ବଦଳେଇବାକୁ ଚାହୁଁଥିଲେ। ବିଷ୍ଣୁ ଏଥର ହସିଦେଇ କହିଲେ ସେ ପଥର ନୁହଁ ମୋ ପଥର ଅବତାର ଶାଳଗ୍ରାମ। ସମସ୍ତେ ଆଜିଯାଏଁ ଦଶଅବତାର କଥା ଜାଣିଥିଲେ ପ୍ରଭୁଙ୍କର। ଏବେ ପଥର ଅବତାର ଜାଣିବା ପରେ ଚୁପ ହୋଇଗଲେ କିନ୍ତୁ ଶିବ ଶଙ୍କର କହୁଥିଲେ ଗାଁରୁ ପାଚିଲାମାନେ ସହରାଭିମୁଖୀ ହେବା ବଦଳରେ କଞ୍ଚାମାନେ ଗାଁ ଛଡିଦେଉଥିବାରୁ ଲୋକେ ଶାଳଗ୍ରାମ ପୂଜା ଘରେ ବ୍ୟକ୍ତିଗତ ଭାବେ ନକରି ସାମୁହିକ ଭାବେ କରିବା ବନ୍ଦ କରନ୍ତୁ ପ୍ରଭୁ। ବିଷ୍ଣୁ କହୁଥିଲେ କିଛି ଚିନ୍ତା କରି ବ୍ରହ୍ମାଙ୍କୁ ଡାକି ନିର୍ଣ୍ଣୟ ନେବାକୁ ପଡିବ। ଏଥର ସବୁ ଦେବ ଦେବୀ ଫେରିଯାଇଥିଲେ ନିଜ ନିଜ ସଦନକୁ।



## ପହିଲି ବର୍ଷା ଓ ଜଗନ୍ନାଥ

ଡ. ଭାରତୀ ହୋତା

ଜାଣିଛି,
ମୁଁ ଝିପ୍ ଝିପ୍ କରି ଭୂମି ଓଦା କରୁ କରୁ
ତୁମେ ରଥରେ ବସି ଭାଇ ଭଉଣୀ ସାଙ୍ଗେ
ବଡ଼ ଦାଣ୍ଡ ଦୁଲୁକେଇ
ପହଂଚି ଯିବ ମାଉସୀ ଘର ଅଗଣାରେ ।

ମୁଁ ଲୁହ ଛଳ ଛଳ ଆଖିରେ
ତୁମ ଚକା ଆଖିକୁ ନିରେଖୁ ଥିବି
ଆଉ ତୁମେ ହାତରେ ଦଉଡ଼ି ଧରେଇ
କହିନେବ
ଟାଣିନେଇଯା'ମୋ ଦେବତ୍ୱର ଦୁର୍ଗରେ ଭରି
ରହିଥିବା
ଅସରନ୍ତି ପ୍ରଭୁ ପଣ
ବାନ୍ଧି ରଖ ତୋ ଦରଭିଜା କାନିରେ
ମୋ ଭାବ ବିନୋଦିଆ ଭାବକୁ
ଗଡ଼େଇ ଦେ' ଟିକେ ରଥଚକ ।

ମୁଁ କହିବି ,
ତୁମେ ବି କିଛି ଓଦା ଓଦା ଆବେଗ
ଧାର ନେଇ ଯ ତ ମୋ ' ଠୁ,
ଏଥର ଘୁଂଚେଇ ଦିଅ ବାହୁଡା ଆଉ କିଛି ଦିନ
କିଛି ଗଚ୍ଛିତ ଲୁହ ଅସରାଏ ସାଥେ ନିରେଖୁଥିବି
ମେଘ ହୋଇ।

ମୋର ଏ ମେଘାଛନ୍ନ ମନଟିକୁ
ଉତ୍ସବ ମୁଖର କରିବା ଯଦି ତୁମ ଇଚ୍ଛା
ତା ହେଲେ
ମୋ ସହ ଯୋଡ଼ି ଦିଅ ଚିମୁଟାଏ ସୁଖ ।
ମୁଁ ଜାଣେ,
ସଦା ବର୍ଷଣ ମୁଖର
ଏଇ ମୁଁହ ଟି ପାଇଁ
ତୁମ ଗୋଟେ ଇଶାରା ହିଁ ଯଥେଷ୍ଟ ।

ସେଥିପାଇଁ ବିନତି କରୁଛି
ମୁଁ ବତୁରି ଯିବା ଭିତରେ
ପାରୁଛ ତ ଗଢ଼ି ଦିଅ ଆଉ ଥରେ
ନୂଆକରି,
ତୁମ ପରି ନବ କଳେବରର
ସାମର୍ଥ୍ୟ ମୋ ପାଖରେ ବା କାହିଁ !

ସରୁ ସରୁ ବାହୁଡା .
ଚକ ତଳେ ଚାପି ହୋଇ ଯିବ ଏଇ ପର୍ବ,
ଆଉ କେଜାଣି କେଉଁ ଖୁସି ରେ
ତୁମ ଚକା ଚକା ଆଖିର
କଳାଟିକେ ବୋଲି ହୋଇ
ମୋ ଆଖି ଦେଇ ବର୍ଷୁଥିବ
ଆଷାଢ଼ ଶ୍ରାବଣ।

ଖରିଆର ରୋଡ଼
ନୂଆପଡ଼ା





## ଆମ ଅସ୍ମିତା ଓ ଜଗନ୍ନାଥ

ଜୟଶ୍ରୀ ପଟ୍ଟନାୟକ

ଧର୍ମ ସଂସ୍କୃତି ଆମ ଇତିହାସର
ପ୍ରାଣ ପରା ଜଗନ୍ନାଥ
ମାନବରୂପୀ ଭଗବାନ ସିଏ
ଉଦ୍ଧାରନ୍ତି ତ ପତିତ। ୧
ଜ୍ୟେଷ୍ଠେ ସ୍ନାନ ମଣ୍ଡପରେ ବିଜେ
ବାହାରି ଶିରି ମନ୍ଦିର
ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ
ଯାଆନ୍ତି ଗୁଣ୍ଡିଚାଘର। ୨
ସର୍ବ ଧର୍ମ ସମନ୍ୱୟର ଠାକୁର
ସାମ୍ୟ, ମୈତ୍ରୀ ଭାବନାର
ପ୍ରୀତି ସନାତନ ଧର୍ମ ଓ ନୀତି
ମାନବୀୟ ମୂଲ୍ୟବୋଧର। ୩
ଆମ ଭାଷା ସଂସ୍କୃତି ଓ ପରମ୍ପରାରେ
ଅସ୍ତିତ୍ୱ ଥାଏ ତାଙ୍କର
ପିଠା ପଖାଳ ପର୍ବ ପର୍ବାଣୀରେ
ମହକ ଥାଏ ଓଡ଼ିଆର। ୪
ପାଲା ଭାଗବତ ଦାସକାଠିଆରେ
ସବୁଠାରେ ଖୋଜାହୁଏ
ସାରା ବିଶ୍ୱରେ ମହିମା ତାହାର
କୋଟି ଓଡ଼ିଆ ଗାଉଥାଏ। ୫
କେତେ ବେଶ ତାର କେତେ ପରମ୍ପରା
ଓଡ଼ିଆ ଅସ୍ମିତା କଥା
ଦେଶରେ ଥାଅ କି ଥାଅ ବିଦେଶରେ
ଭୁଲନାହିଁ ତାର ଗାଥା। ୬

ସମ୍ପାଦିକା ଇରା ଇ-ପତ୍ରିକା
ମଧୁସୂଦନ ନଗର, ଜଟଣୀ, ଖୋର୍ଦ୍ଧା
ମୋବାଇଲ୍:୭୯୭୮୧୧୦୪୭୪



## ବଡଦାଣ୍ଡରୁ ଶ୍ରୀମନ୍ଦିର

ଡ଼ଃ ଅନୁପମା ବିଶ୍ୱାଳ

ତୁମେ ବସିଥାଅ ରତ୍ନ ସିଂହାସନେ
ଭକ୍ତ ଯାଏ ତୁମ ଦର୍ଶନ ଆଶାରେ
ଆସିଥିଲ ନିଜେ ଭକ୍ତ ମନ ଜାଣି
ଖୁସି କରିବାକୁ ସଭିଙ୍କୁ ସତରେ।

ବଡଦାଣ୍ଡେ ଦୁଇ ବାହୁକୁ ପ୍ରସାରି
ଆପଣାର କଲ ହେ କାଳିଆ ଧନ
ଜାତି ଧର୍ମ ଭେଦ ଭୁଲାଇ ଦେଇହେ
କିଣି ନେଇଗଲ ଭକତଙ୍କ ମନ।
ଫେରିଗଲ ପୁଣି ଶିରୀ ମନ୍ଦିରକୁ
ପ୍ରଭୁ ବଡ଼ଦାଣ୍ଡ ବକ୍ଷ ଛାଡ଼ିଦେଇ

ଭକତ ଆଖିର ଅଶ୍ରୁଧାରା କହେ
କେମିତି ରହିବି କାହାକୁ ଅନାଇଁ।

ରଥ ଚକ ଧୂଳି ହେଲା ସ୍ମୃତି ଚିହ୍ନ
ତୁମ ବିନା ଦାଣ୍ଡ ନୀରବ ନିର୍ଜନ
ଶଙ୍ଖ ଘଣ୍ଟ ଧ୍ୱନି ଥମି ଯାଇଅଛି
ପାଦର ଘୁଙ୍ଗୁର ହୋଇଛି ମଉନ।

ଯେଉଁ ପଥ କାଲି ଗାଉଥିଲା ଗୀତ
ଆଜି ବିରହରେ ଝରାଉଛି ଲୁହ
କାହାକୁ କହିବ ଅନ୍ତର ବେଦନା
ହୃଦୟେ ଚାପିଛି ଅସରନ୍ତି କୋହ।

ଆସନ୍ତା ଆଷାଢ଼େ ଆକାଶରୁ ଯେବେ
ଘିଡି ଘିଡି ନାଦ ଗରଜି ଉଠିବ
ପୁଣି ଲୁହ ଭିଜା ବଡ଼ଦାଣ୍ଡ ମୁଖ
ଅମାପ ଖୁସିରେ ସଜେଇ ହୋଇବ।
ଆହେ ଜଗନ୍ନାଥ ଭକ୍ତ ମନ କହେ
ଏହାହିଁ ଅଟଇ ପ୍ରେମର ପରୀକ୍ଷା
ଦରଶନ ଠାରୁ ଅଧିକ ଗଭୀର
ଚକାଡୋଳା ତୁମ ବିରହର ଦୀକ୍ଷା

ସମ୍ବଲପୁର





## ଶେଷରେ ତୁମେ ଭୁଲିଗଲନା

ଭାରତୀ ବାସନ୍ତୀ ଲତା ଜେନା

ଅଜଣା ସହରେ ଦେଖା ହେଲ ତୁମେ
କିଣି ନେଇ ଗଲ ମନ
ପ୍ରଥମ ଦେଖାରେ ନିଜକୁ ଭୁଲିନି
ମନ ଉଡ଼ଇ ଗଗନ ।୦।

ପବନ ସ୍ରୋତରେ ଓଢଣୀ ଉଡିଲା
ତୁମ ମୁଖ ଘୋଡାଇଲା
କୋମଳ ପରଶେ ହଟାଇଲ ତୁମେ
ମୁଖେ ହସ ଭରି ଥିଲା
ଅଜଣା ହୋଇ ବି ଆପଣାର ହେଲ
ନେଇଗଲ ମୋର ମନ
ଅଜଣା ସହରେ..... ।୧।

କେତେ ରାତି କଟେ ଚାନ୍ଦିନୀ ରାତିରେ
କଥା ବାର୍ତ୍ତା ହସ ଖୁସି
ଅଭୁଲା ମୁହୂର୍ତ୍ତ ଶେଷ ଭୁଲି ଗଲ
ମୋପରେ ଗଲକି ରୁଷି
କେଉଁ ଅପରାଧେ ଭୁଲିଗଲ ତୁମେ
ନଷ୍ଟ କଲ ମୋ ଜୀବନ
ଅଜଣା ସହରେ..... ।୨।

କାଚ ପରି ତୁମେ ମୋ ମନ ଭାଙ୍ଗିଲ
ବିଶ୍ୱାସ ଭରଷା ଦେଇ
ଏମିତି ଛଳନା ତୁମ ମନେ ଥିଲା
ଜାଣି ପାରିଲି ତ ନାହିଁ
ହୃଦୟେ ମୋହର କ୍ଷତ ଭରି ଦେଲ
ଚୁନା ହୋଇ ଗଲା ସ୍ୱପ୍ନ
ଅଜଣା ସହରେ...... ।୩।

ଦୁଃଖ କଷ୍ଟ ତୁମେ ଦେଇ ଗଲ ମୋତେ
ପରଦେଶୀ ବନ୍ଧୁ ହୋଇ
ଶେଷରେ ତୁମେ ତ ଭୁଲିଗଲ ମୋତେ କାହା
ହାତ ସାଥେ ନେଇ
ଭୁଲିତ ପାରୁନି ଅତୀତର ସ୍ମୃତି
ଦିଶୁଛି ସ୍ୱଚ୍ଛ ଦର୍ପଣ
ଅଜଣା ସହରେ..... ।୪।

ଗାନ୍ଧୀନଗର ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର





## ମନ କଥା

ବସନ୍ତ କୁମାର ପ୍ରଧାନ

ମନର ଗହନ କଥା ଅନ୍ୟ ଆଗେ
କେବେ ତୁ କହିବୁ ନାହିଁ
ନିଜ ଦୁର୍ବଳତା ଜାଣିଗଲା ପରେ
ଫାଇଦା ନେବ ଉଠାଇ ।
ସାମାଜିକ ପ୍ରାଣୀ ଭାବେ ଅନ୍ୟ ସାଥେ
ନିହାତି ହୋଇବ କଥା
ଯେତେ ଦୁଃଖ ଆସୁ ଅନ୍ୟର ଆଗରେ
ନକହିବ ମନ କଥା ।
ମନର କଥାକୁ କହିବା ନିମନ୍ତେ
ଲୋଡ଼ା ହୁଏ ସାଥିଟିଏ
ଆତ୍ମୀୟତା ଭାବେ ସହାନୁଭୂତିରେ
ସଦା ପାଖେ ଥାଏ ଯିଏ ।
ଏପରି ଅନେକ ମନକଥା ଅଛି
କା 'ଆଗେ କହି ହୁଏନା
ଛାତି ତଳେ ଚାପି ହୋଇ ରହିଥାଏ
ଦିଏ ଅନେକ ଯନ୍ତ୍ରଣା ।
ମନର କଥାକୁ କେ ଜାଣି ପାରେନା
ଏକା ଜାଣେ ଭଗବାନ
କାୟା ପାଖେ ଛାୟା ପରି ସେହି ସଦା
କରୁଥାନ୍ତି ଅନୁକ୍ଷଣ ।
ସବୁ ମନ ବ୍ୟଥା କରନ୍ତି ଲାଘବ
ସେ ପ୍ରଭୁ କୃପା ନିଧାନ
ସବୁ ଚିନ୍ତା ତେଜି ଚିନ୍ତାମଣି ପାଦେ
ଲଗାଇଲେ ମନ ଧ୍ୟାନ ।

ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋବାଇଲ୍:୭୭୩୫୬୧୧୪୮୪





## କହିବି ନାହିଁ ମୁଁ ମନର କଥା

ନିବେଦିତା ପଣ୍ଡା

ମନକଥା ମନେ ରହେ ନାହିଁ ସବୁ
ପ୍ରକାଶ୍ୟର ବାଟ ଖୋଜେ,
ହେଲେ ମନକଥା ବୁଝିବା ଲୋକର
ଆବଶ୍ୟକତା ବି ହଜେ।

ଆଜିକାଲି ଲୋକ ସବୁ ବସ୍ତୁବାଦୀ
ଶୁଣିବାକୁ ନାହିଁ ବେଳ,
କାହିଁ କୁ କହିବ କେମିତି କହିବ
ମିଳେ ନାହିଁ ଥଳକୂଳ।

ଗୋହତ୍ୟା ପାପଠୁ ବ୍ରହ୍ମହତ୍ୟା ବଳେ
ଯାହା ବି କରିଲେ ଦୋଷ,
ଧର୍ମଶଙ୍କଟରେ ପଡିଗଲେ କେବେ
ହୋଇଥାଏ ସର୍ବନାଶ ।

ଆଧୁନିକ ହେଲେ ସଂସ୍କାର ହଜୁଛି
ସଂସ୍କାର ଛାଡିଲେ କ୍ଷତି,
ଅପୂରଣୀୟ ସେ କ୍ଷତି ଜୀବନରେ
ମନେ ଆଣିଦିଏ ଭିତି।

ସମୟ ସହିତ ଚାଲିବାକୁ ଯାଇ
ହଜୁଛି ମାନବିକତା,
ଯା'ର ବ୍ୟତିରେକେ ବିତସ୍ପୃହ ଲାଗେ
ସବୁଠି ଅରାଜକତା।

ଦେଖି ହୁଏ ନାହିଁ ଦେଖାଇ ହୁଏନି
ସହିବା କହିବା କଷ୍ଟ ,
ପରିସ୍ଥିତି ଆଜି ବିଗିଡି ଗଲାଣି
ଅସମ୍ଭାଳ ଓ ଅତିଷ୍ଠ।

ଏଣୁ ତ ମାଇଲେ ବ୍ରହ୍ମହତ୍ୟା ହେବ
ତେଣୁ ମାଇଲେ ଗୋହତ୍ୟା,
କି ବିଷମ ସ୍ଥିତି ମଣିଷ ପାଇଁ କି
ବୁଝିବ କେବେ ଜନତା।

କହିଲେ ଦୋଷ ନ କହିଲେ କଷ୍ଟ
ମଣିଷ ଯେ ଛଟପଟ,
କହିବି ନାହିଁ ମୁଁ ମୋର ମନ କଥା
ହେଲେ ହେଉ ଯେତେ କଷ୍ଟ।

ରାଉରକେଲା



ସାଂଘାତିକ ହେଲାଣି ଟ୍ରାଫିକ ସମସ୍ୟା

# ଟେଣ୍ଡର ପ୍ରକ୍ରିୟାରେ ଅଟକିଛି ବାଇପାସ୍ ନିର୍ମାଣ



ଫୁଲବାଣୀ,୨୮।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ସହରରେ ଏବେ ଯାତାୟାତ କରିବା ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ଚିନ୍ତାର କାରଣ ପାଲଟିଛି । ଦିନକୁ ଦିନ ସହରରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଉଦ୍ଦିଷ୍ଟ ପ୍ରସ୍ତାବିତ ବାଇପାସ ରୋଡ ନିର୍ମାଣ କାମ ଆଗେଇ ପାରୁନାହିଁ। ବିଶେଷ କରି ସହରର ମୁଖ୍ୟ ରାସ୍ତା ଯଥା ମାଦିକୁନ୍ଦା ଛକ, ଗାନ୍ଧୀଛକ ଓ ନାରାୟଣୀ ରୋଡ ଦେଇ ପ୍ରତିଦିନ ଶତାଧିକ ବସ୍, ଟ୍ରକ୍ ସମେତ ବିଭିନ୍ନ ଭାରୀଯାନ ଯାତାୟାତ କରୁଥିବାରୁ ସ୍ଥିତି ଜଟିଳ ହେବାରେ ଲାଗିଛି। ନାରାୟଣୀ ରୋଡରେ ଏକାଧିକ ସ୍କୁଲ ଓ କଲେଜ ରହିଥିବାରୁ ଛାତ୍ରଛାତ୍ରୀମାନେ ଅତି ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି ଏବଂ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ସମସ୍ୟା ଯୋଗୁଁ ସାଧାରଣ ଜନତା ନାହିଁ ନଥିବା ଅସୁବିଧା ଭୋଗୁଥିବା ବେଳେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ନପାଇବା ଅସନ୍ତୋଷର କାରଣ ସାଜିଛି । ସହରବାସୀଙ୍କୁ ଏହି ଟ୍ରାଫିକ ଜଞ୍ଜାଳରୁ ମୁକ୍ତି ଦେବା ପାଇଁ ତିଳକପଡ଼ାରୁ ସାଧନା ଛକ ଦେଇ ଭେଟୁକୁଲ ଘାଟି ପର୍ଯ୍ୟନ୍ତ ଏକ ବାଇପାସ ରୋଡ ନିର୍ମାଣକୁ ସରକାରୀ ଅନୁମୋଦନ ମିଳିସାରିଛି। ପ୍ରାୟ ୬.୭୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ପାଇଁ ପୂର୍ବରୁ ୧୨୩ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଏବେ ଏହି ବଜେଟ୍ ୧୬୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ୨୦୨୦ ମସିହାରୁ ଏହି ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ ହୋଇସାରିଛି ଏବଂ ପ୍ରାୟ ୯୫ ପ୍ରତିଶତ ଜମି ଅଧିଗ୍ରହଣ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ତଥାପି ଏପର୍ଯ୍ୟନ୍ତ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇନଥିବାରୁ ପ୍ରକୃତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ପ୍ରକଳ୍ପ ଅନୁମୋଦନ ପାଇବା ପରେ ମଧ୍ୟ କାମ ଆରମ୍ଭ ନହେବା ଫୁଲବାଣୀବାସୀଙ୍କ ଧୈର୍ଯ୍ୟଚ୍ୟୁତି ଘଟାଇଛି । ସୂଚନା ଅନୁଯାୟୀ ଫୁଲବାଣୀରେ ଏନଏଚ୍ କର୍ତ୍ତୃପକ୍ଷଙ୍କର କୌଣସି ସ୍ଥାନୀୟ କାର୍ଯ୍ୟାଳୟ ନଥିବାରୁ ପ୍ରଶାସନିକ ସମନ୍ୱୟ ରକ୍ଷା କରିବା ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ବଡ଼ ବାଧା ଉପୁଜୁଛି। ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଏବଂ ବିଭାଗୀୟ ଅବହେଳା ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଏବେ ବି ଫାଇଲ ତଳେ ଚାପି ହୋଇ ରହିଛି। ତୁରନ୍ତ ଟେଣ୍ଡର ପ୍ରକ୍ରିୟା ଶେଷ କରି ବାଇପାସ କାମ ଆରମ୍ଭ କରିବା ପାଇଁ ଜନସାଧାରଣ ଏବେ ଜୋରଦାର ଦାବି କରିଛନ୍ତି। ଯଦି ଏହି ପ୍ରକଳ୍ପ କାର୍ଯ୍ୟରେ ଆହୁରି ବିଳମ୍ବ ହୁଏ, ତେବେ ଆଗାମୀ ଦିନରେ ସହରର ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଆଶଙ୍କା କରାଯାଉଛି ।

● ଅବ୍ୟବସ୍ଥା ଘେରରେ ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

## ଛାତରୁ ଗଳୁଛି ପାଣି, ରୋଗୀ ହନ୍ତସନ୍ତ

କନ୍ଧମାଳ,୨୮।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର କ. ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି ସମ୍ପୂର୍ଣ୍ଣ ଅବ୍ୟବସ୍ଥା ରହିଛି। ବର୍ଷା ଦିନରେ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ୱାର୍ଡ ଓ କକ୍ଷର ଛାତରୁ ପାଣି ଗଳୁଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ନାହିଁ



ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମଧ୍ୟ ବର୍ଷାଜଳ ଜମି ରହୁଥିବାରୁ ରୋଗୀଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପାଖାପାଖି ଚାରିଟି ପଞ୍ଚାୟତର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବାବେଳେ ମୌଳିକ ସୁବିଧାର ଅଭାବ ଯୋଗୁଁ ସେମାନେ ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ଦୁର୍ଗମ ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ସତ୍ତ୍ୱେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି। ଅଭିଯୋଗ ଅନୁସାରେ ପୁରୁଷ ଇନ୍‌ଡୋର ୱାର୍ଡ, ମହିଳା ଇନ୍‌ଡୋର ୱାର୍ଡ, ସେବିକା କକ୍ଷ, ରକ୍ତ ନମୁନା ପରୀକ୍ଷାଗାର ଏବଂ ପ୍ରତୀକ୍ଷା କକ୍ଷର ଛାତରୁ ବର୍ଷା ପାଣି ଗଳୁଛି। ଫଳରେ ରୋଗୀମାନେ ଚିକିତ୍ସା ପାଇଁ ଆସିଥିଲେ ମଧ୍ୟ ଦୀର୍ଘ ସମୟ ରହିପାରୁ ନାହାନ୍ତି। ଅନେକ ରୋଗୀ ଉନ୍ନତ ଚିକିତ୍ସା ପାଇଁ ଅନ୍ୟ ଡାକ୍ତରଖାନାକୁ ରେଫର କରିବାକୁ ଅନୁରୋଧ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଭଳି ପରିସ୍ଥିତିରେ ରୋଗୀଙ୍କ ସୁରକ୍ଷା ସହ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ମଧ୍ୟ ପ୍ରଭାବିତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକାଶ କରିଛନ୍ତି। ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭଙ୍ଗା ଛାତର ମରାମତି, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି କରି ରୋଗୀମାନଙ୍କୁ ସୁରକ୍ଷିତ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନୂତନ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରଫୁଲ୍ଲଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିବ କେବେ ?



କନ୍ଧମାଳ,୨୮।୭ (ସଂଚାର ବ୍ୟୁରୋ): ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ବାର୍ଦ୍ଧକ୍ୟ ଦୃଷ୍ଟିହୀନ ଭତ୍ତା ଯୋଗାଇ ଦେଉଥିବା ବେଳେ ଆଜି ପର୍ଯ୍ୟନ୍ତ କାହିଁକି ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଏହା ଏକ ବୃଦ୍ଧି ଜିବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଯେକୌଣସି ସରକାରୀ ସହାୟତା ପାଇ ପାରୁ ନାହାଁନ୍ତି ପ୍ରଫୁଲ୍ଲ କୁମାର ସାହୁ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଅନ୍ତର୍ଗତ ସାରଙ୍ଗଡ଼ର ପ୍ରଫୁଲ୍ଲ କୁମାର ସାହୁ। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବାକୁ ବୃଦ୍ଧି ଜିବୀ ମହଲରୁ ଦାବି କରିଛନ୍ତି।

## ଏସ୍‌ଆଇଆର କାର୍ଯ୍ୟକ୍ରମର ସମୀକ୍ଷା କଲେ ଉପ-ଶାସନ ସଚିବ




ପଟ୍ଟାଙ୍ଗି,୨୮।୭ (ସଂଚାର ବ୍ୟୁରୋ): କୋରାପୁଟ ଜିଲା ଗସ୍ତରେ ଆସିଥିବା ଉପ-ଶାସନ ସଚିବ ଜିତେନ୍ଦ୍ର କୁମାର ପାତ୍ର ଜିଲାର ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତରେ ପହଞ୍ଚିଛନ୍ତି। ପଞ୍ଚାୟତରେ ଚାଲିଥିବା ଏସ୍‌ଆଇଆର-୨୦୨୬ ଅନ୍ତର୍ଗତ ଦାବି ଓ ଆପତ୍ତି ଗ୍ରହଣ ପର୍ଯ୍ୟାୟର କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ଓଡ଼ିଶା ସରକାରଙ୍କ ଉପ-ଶାସନ ସଚିବ (ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା କାର୍ଯ୍ୟାଳୟରୁ ପ୍ରତିନିଯୁକ୍ତ) ଜିତେନ୍ଦ୍ର କୁମାର ପାତ୍ର ଆଜି କୋରାପୁଟ ଜିଲାର କୋଟିଆ ଅଞ୍ଚଳ ଗସ୍ତ କରିଥିଲେ । ଗସ୍ତ ଅବସରରେ ପାତ୍ର ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ କରି ଚାଲୁଥିବା ଦାବି ଓ ଆପତ୍ତି ଗ୍ରହଣ ପ୍ରକ୍ରିୟା, ଭୋଟର ତାଲିକାରେ ନାମ ସଂଯୋଜନ, ବିଲୋପ ଓ ସଂଶୋଧନ ସମ୍ବନ୍ଧୀୟ ଆବେଦନର ସ୍ଥିତି ସମୀକ୍ଷା କରିଥିଲେ। ସେ ଉପସ୍ଥିତ ନିର୍ବାଚନ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଏବଂ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ସେ ନିର୍ଦ୍ଦେଶ ଦେଇଥିଲେ ଯେ, ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିମୁକ୍ତ ମତଦାତା ତାଲିକା ପ୍ରସ୍ତୁତିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉ। ଦାବି ଓ ଆପତ୍ତି ସମ୍ବନ୍ଧୀୟ ସମସ୍ତ ଆବେଦନକୁ ନିର୍ଦ୍ଧାରିତ ନିୟମାବଳୀ ଅନୁଯାୟୀ ଯାଞ୍ଚ କରି ସମୟସୀମା ମଧ୍ୟରେ ନିଷ୍ପତ୍ତି ନେବା ସହ ଯୋଗ୍ୟ ମତଦାତାମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ଗସ୍ତ ସମୟରେ ଜିଲା ପ୍ରଶାସନ ଓ ନିର୍ବାଚନ ବିଭାଗର ଅଧିକାରୀମାନେ ଏବଂ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଉପସ୍ଥିତ ରହି ଚାଲୁଥିବା ଏସ୍‌ଆଇଆର-୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ଗ୍ରହଣ କରାଯାଇଥିବା ଦାବି ଓ ଆପତ୍ତିର ସଂଖ୍ୟା ଏବଂ ସେଗୁଡ଼ିକର ନିଷ୍ପତ୍ତି ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ।

## ବୁଢ଼ାବଳଙ୍ଗରେ ବନ୍ୟା ଆଶଙ୍କା: ପ୍ରଶାସନର ସ୍ଥିତି ଅନୁଧ୍ୟାନ



ବୈଶିଙ୍ଗା,୨୮।୭ (ସଂଚାର ବ୍ୟୁରୋ): ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟ ଏବଂ ଏହାର ପାଦଦେଶରେ ପ୍ରବଳ ବର୍ଷା ଯୋଗୁଁ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଉଥିବାରୁ ଚଳିତ ବର୍ଷର ପ୍ରଥମ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଗତ ଚାରିଦିନ ହେଲା ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ଯୋଗୁଁ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ଫଳରେ ବୁଢ଼ାବଳଙ୍ଗ ସହିତ ଏହାର ଉପନଦୀ ଜରାଳି ଓ ସରାଳି ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଇଚାଲିଛି। ମଙ୍ଗଳବାର ଅପରାହ୍ନରେ ବୈଶିଙ୍ଗା ବଡ଼ସାହି ମୁଖ୍ୟ ରାସ୍ତାର ବୁଢ଼ାବଳଙ୍ଗ ନଦୀର ନାଖରା ସେତୁ ନିକଟରେ ସେତୁ ଲଂଘିବାକୁ ଆଉ ମାତ୍ର ଏକ ଫୁଟ ବାକି ରହିଥିବା ଦେଖିବାକୁ ମିଳିଛି। ତେବେ ବନ୍ୟା ଆଶଙ୍କାରେ ରହିଛନ୍ତି ନାଖରା, ପାଟଳିପୁରା, ଦାରିହା, କାଠପାଳ, ସିଙ୍ଗଲାମୁଣ୍ଡଳି, ଶାଳଗାଁ ପ୍ରଭୃତି ତଳିଆ ଅଞ୍ଚଳର ଗ୍ରାମବାସୀ ଭୟାତୁର ସ୍ଥିତିରେ ରହିଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ଆଜି ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳ ହେମକାନ୍ତ ସଏ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବେତନଟୀ ବ୍ଲକ ଏବିଡିଓ ଗଗନ ବିହାରୀ ବେହେରା, ବିଡିଓ ମୁନ୍ନା ସେଠୀ, ତହସିଲଦାର ଚନ୍ଦ୍ରଜିତ୍ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା, ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ବଡ଼ ସାହି ତହସିଲଦାର ବନଜା ଦାସ ପ୍ରମୁଖ ନାଖରା ସେତୁ ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଯାଇଛନ୍ତି। ତେବେ ସର୍ବଶେଷ ସୂଚନା ମୁତାବକ ସନ୍ଧ୍ୟା ଠାରୁ ଉପରମୁଣ୍ଡରେ ବର୍ଷାର ପ୍ରକୋପ ପାଇଁ ରାତ୍ରୀ ସୁଦ୍ଧା ପ୍ରବଳ କନ୍ୟାର ଆଶଙ୍କା ଥିବାର ଜଣାଯାଇଛି।

## ମେଡିକାଲରେ ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ ଓ ସମାଜସେବୀ



କନ୍ଧମାଳ,୨୮।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ରେ ଥିବା ମୁଖ୍ୟଚିକିତ୍ସାଳୟ ଠାରେ ଫୁଲବାଣୀ ବିଧାୟକ ତଥା ଯୋଜନା ବୋର୍ଡ଼ ଅଧକ୍ଷ ଉମା ଚରଣ ମଲ୍ଲିକ, ମେଡିକାଲ ସ୍ୱାସ୍ଥ୍ୟ ବିଭାଗ ନିଳାମ୍ବର କହଁର ଏବଂ ବିଜେପି ଜିଲ୍ଲା ଯୁବ ସଭାପତି ଦିବ୍ୟ ରଞ୍ଜନ ଡାକୁଆଙ୍କ ସହ ବିଜେପି କର୍ମକର୍ତ୍ତା ଗସ୍ତ କରିଥିଲେ। ସେମାନେ ବହୁ ବର୍ଷ ହେଲା ସମାଜସେବୀ ଭାବରେ ଲୋକମାନଙ୍କୁ ସେବା ଯୋଗାଇ ଆସୁଛନ୍ତି। ସେଥିଯୋଗୁଁ ମେଡିକାଲ ରେ ଥିବା ଏଣ୍ଡୋସ୍କୋପି, ଏକ୍ସରା, ଅଲଟ୍ରାସାଉଣ୍ଡ ବିଭାଗ ବୁଲି ଦେଖିବା ସହ ବିଭିନ୍ନ ବେଡ଼ କୁ ଯାଇ ଲୋକମାନଙ୍କ ସମସ୍ୟା ଉପରେ ପଚାରି ବୁଝିଥିଲେ। ସେଠାରେ ଥିବା ରୋଗୀମାନଙ୍କୁ ଅସୁବିଧା ହେଲେ ଫୋନ କରିବାକୁ କହିଥିଲେ। ସେମାନେ ଏହି କାମକୁ ବ୍ରତ ଭାବି ସବୁକ୍ଷେତ୍ରରେ ଲୋକଙ୍କ ସୁବିଧା ଅସୁବିଧା ରେ ସାମ୍ନା କରିବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

## ପୋଲ ଉପରେ ୩ ଫୁଟର ବନ୍ୟାଜଳ ପ୍ରବାହିତ

କେନ୍ଦୁଝର,୨୮।୭ (ସଂଚାର ବ୍ୟୁରୋ): ଗତକାଲି ବିଳମ୍ବିତ ରାତିରୁ ଲଗାଣ ବର୍ଷାରେ ତେଲକୋଇ ସମାକୋଇ ନଦୀ ପୋଲ ଉପରେ ୩ ଫୁଟର ବନ୍ୟାଜଳ ପ୍ରବାହିତ। ଯାତାୟତ ବାଧାପ୍ରାପ୍ତ। ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଗାଡ଼ି ସବୁ ଅଟକି ରହିଛି। ତେଲକୋଇରୁ ୧୩ ପଞ୍ଚାୟତ ବିଚ୍ଛିନ୍ନ ହୋଇପଡ଼ିଛି। ଅପର ପାର୍ଶ୍ୱରେ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଛି। କଟକ ଭୁବନେଶ୍ୱର ବସ୍ ଚଳାଚଳ ଠପ୍ ହୋଇପଡ଼ିଛି। ଲୋକ ବ୍ଲକ କାର୍ଯ୍ୟାଳୟକୁ ଜରୁରୀ କାର୍ଯ୍ୟ ପାଇଁ ଯାଇ ପାରୁନାହାନ୍ତି। ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀ ସେବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ସେବା ବନ୍ଦ ହୋଇଯାଇଛି। ଖାଲି ସେତିକି ନୁହେଁ ତେଲକୋଇର ବିଭିନ୍ନ ନଦୀ ନାଳରେ ବନ୍ୟାଜଳ ପ୍ରବାହିତ ଯୋଗୁଁ ବିଭିନ୍ନ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ତେଲକୋଇ ଉପର ମୁଣ୍ଡରେ ପ୍ରବଳ ବର୍ଷା ଲାଗିରହିଛି।

● ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ

## କୁମିଆ ପାଲିରେ ଆରମ୍ଭ ହେଲା ସର୍ଭେ



ବଲାଙ୍ଗୀର,୨୮।୭ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ଯୋଗୁ ଲୋୟର ସୁକତେଲ ଜଳଭଣ୍ଡାର ଭିତରେ ଥିବା ବଲାଙ୍ଗୀର ଜିଲା କୁମିଆପାଲି ଗାଁରେ ରବିବାର ସାଂଘାତିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାତିରେ ୨/୩ଟି ଲୋକଙ୍କ ଘର ଭିତରକୁ ଡ୍ୟାମ ପାଣି ପଶିଯିବାରୁ ଗାଁରେ ଭୟ ଓ ଅସନ୍ତୋଷର ବାତାବରଣ ଦେଖାଦେଇଥିଲା। ତେବେ ପରିସ୍ଥିତି ଅସମ୍ଭାଳ ହେବା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ରବିବାର ଅପରାହ୍ନରେ ଲୋୟର ସୁକତେଲ ଡ୍ୟାମରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ କରିଥିଲା । ଡ୍ୟାମର ୪ଟି ଗେଟ୍ ଖୋଲାଯିବା ପରେ କୁମିଆପାଲି ଗାଁରେ ବୃଦ୍ଧି ପାଉଥିବା ଜଳସ୍ତର କମିଥିଲା। ଏହାପରେ ଗାଁ ଲୋକେ ଆଶ୍ୱସ୍ତି ପ୍ରକାଶ କରିଥିଲେ। ମଙ୍ଗଳବାର ପ୍ରଶାସନିକ ଟିମ କୁମିଆପାଲିରେ ପହଞ୍ଚି ସର୍ଭେ କାମ ଆରମ୍ଭ କରିଥିବା ଜଣାପଡିଛି। ଆଜି ପୁଣି ପୂର୍ବାହ୍ନରେ ଲୋୟର ସୁକତେଲ ପ୍ରକଳ୍ପ କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଟିମ ସର୍ଭେ କାମ ଆରମ୍ଭ କରିଛନ୍ତି।

## ଏସ୍‌ଆଇଆର୍‌ର ଚିଠା ଭୋଟର ତାଲିକା ପ୍ରକାଶ ପରବର୍ତ୍ତୀ କାର୍ଯ୍ୟାବଳୀର ସମୀକ୍ଷା



ସୁବର୍ଣ୍ଣପୁର,୨୮।୭ (ସଂଚାର ବ୍ୟୁରୋ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ ଅନ୍ତର୍ଗତ ବିସଙ୍ଗତି ମାମଲାଗୁଡ଼ିକର ଶୁଣାଣି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ରାଜ୍ୟ ପର୍ଯ୍ୟବେକ୍ଷକ ଶାଶ୍ୱତ ପ୍ରଧାନ ଆଜି ୬୫-ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ)ଙ୍କ କାର୍ଯ୍ୟାଳୟ ଏବଂ ବିଭିନ୍ନ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ)ଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ପ୍ରଧାନ ବୁଥ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଏବଂ ବିଏଲ୍‌ଓ ସୁପରଭାଇଜରମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାସହ ଏସ୍‌ଆଇଆର୍-୨୦୨୬ର ଚିଠା ଭୋଟର ତାଲିକା ପରବର୍ତ୍ତୀ କାର୍ଯ୍ୟାବଳୀକୁ ଅଧିକ ସଫଳ ଏବଂ ସମୟବଦ୍ଧ ଭାବେ ସମ୍ପାଦନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ପକ୍ଷରୁ ଜାରି ହୋଇଥିବା ଆବଶ୍ୟକ ନିର୍ଦ୍ଦେଶାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ) ଡଃ. ସୌମ୍ୟ ରୂପା ରଥ, ୬୫-ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ, ଡେପୁଟି ଜିଲ୍ଲାପାଳ (ନିର୍ବାଚନ) ଏବଂ ବିଏଲ୍‌ଓ ତଥା ବିଏଲ୍‌ଓ ସୁପରଭାଇଜରଙ୍କ ଉପସ୍ଥିତିରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିସଙ୍ଗତି ମାମଲାଗୁଡ଼ିକର ଶୁଣାଣି, ଚିଠା ଭୋଟର ତାଲିକା ପ୍ରକାଶ ପରବର୍ତ୍ତୀ କାର୍ଯ୍ୟାବଳୀର ଅଗ୍ରଗତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମ୍ୟାନେଜରଙ୍କ କେଳେଙ୍କାରୀ

କେନ୍ଦ୍ରାପଡ଼ା,୨୮।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଆର୍‌ବିଏସ୍‌କେ ମ୍ୟାନେଜର ଜ୍ୟୋସ୍ନା ନାୟକଙ୍କ କେଳେଙ୍କାରୀ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ସେ ତାଙ୍କର ସବୁ ଅନୁକମ୍ପା ଓଜାଡ଼ି ଦେଉଥିବା ଶୁଣିବାକୁ ମିଳିଛି। ଖବର ଅନୁସାରେ ରାଜ୍ୟ ବାହାରର ଏକ ନିର୍ଦ୍ଦିଷ୍ଟ ହସ୍ପିଟାଲକୁ ହୃଦରୋଗ ଚିକିତ୍ସା ପାଇଁ ରୋଗୀଙ୍କୁ ବିନା ସହଯୋଗୀ ପଠାଇ ଖର୍ଚ୍ଚାନ୍ତ ଓ ହଟ ହଟା କରାଉଛନ୍ତି। ମାଡାମ କମିଶନ ଖାଇ ତାଙ୍କ ପେଟ ପୁରୁନି ଯେ, ରାଜ୍ୟ ଭିତରେ ବି ଦଲାଲି ଧନ୍ଦା କରିବାକୁ ପଛ ଘୁଞ୍ଚା ଦେଉନାହାନ୍ତି। ବିଶେଷ କରି ଗ୍ରହଣ ଖଣ୍ଡିଆ ଭଳି ଏକ ଜନ୍ମଗତ ତ୍ରୁଟିର ଶିକାର ହୋଇଥିବା ଶିଶୁମାନଙ୍କୁ ତାଙ୍କର ଦଲାଲି ଧନ୍ଦା ପାଇଁ ମୁଖ୍ୟ ଶିକାର ଭାବିନେଇଛନ୍ତି ମ୍ୟାନେଜର। ସୂତ୍ର ଅନୁସାରେ ଏହି ପ୍ରକାରର ଜନ୍ମଗତ ବିକୃତ ଶିଶୁଙ୍କୁ ଚିକିତ୍ସା ସେବା ପ୍ରଦାନ ପାଇଁ କଟକ ଓ ଭୁବନେଶ୍ୱରରେ ଥିବା ଏକାଧିକ ଘରୋଇ ହସ୍ପିଟାଲକୁ ପଠାଇବାର ପ୍ରାବଧାନ ରହିଛି। କିନ୍ତୁ ଦଲାଲ ମ୍ୟାନେଜର ମାଡାମ କେନ୍ଦ୍ରାପଡ଼ାର ପଡ଼ୋଶୀ ଜିଲ୍ଲା କଟକକୁ ଆଉ ପସନ୍ଦ ନକରି ଏବେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ ଉପରେ ଭାରି ନିର୍ଭରଶିଳ ହୋଇପଡ଼ିଛନ୍ତି।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବଲାଙ୍ଗୀର,୨୮।୭ (ସଂଚାର ବ୍ୟୁରୋ): ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆଗାମୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୬ ପାଳନ ସମ୍ବନ୍ଧୀୟ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଡ. ବିଜୟାନନ୍ଦ ସେଠୀ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହିମାଂଶୁ ବେହେରା ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ଅତ୍ୟନ୍ତ ସଫଳ, ସ୍ମରଣୀୟ ଓ ମହାସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ବୈଠକର ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତି ଅନୁସାରେ, ତା. ୧୫.୦୮.୨୦୨୬ ସ୍ୱାଧୀନତା ଦିବସ ଦିନ ପ୍ରାତଃ ୪ ଘଣ୍ଟାରେ ରାମଧୂନ୍, ସକାଳ ୬ ରୁ ୭ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଭାତ ଫେରି, ସକାଳ ୭.୦୦ରୁ ୮.୦୦ ମଧ୍ୟରେ ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତୋଳନ, ସକାଳ ୭.୩୦ରୁ ୭.୪୫ ମଧ୍ୟରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ସକାଳ ୯.୧୫ରେ ମନୋହରପୁର ରିଜର୍ଭ ପୁଲିସ ପଡ଼ିଆରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରି, ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରି, ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ସହ କୃତି ପ୍ରତିଯୋଗୀ ଓ ପ୍ରତିଭାମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରିବେ। ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରକଳା, ବ୍ୟଙ୍ଗଚିତ୍ର, ସ୍ୱାଧୀନତା ସଂଗ୍ରାମୀ ବେଶସଜ୍ଜା ଏବଂ ସଂସ୍କୃତ, ଓଡିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ମାଧ୍ୟମିକ ଶିକ୍ଷା ପରିଷଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତକରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରଛାତ୍ରୀ ଏବଂ ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ।

## ଲଘୁଚାପ ବର୍ଷା ଯୋଗୁଁ ରାସ୍ତାରେ ଜନଜୀବନ ବେହାଲ

**ଜଳ ନିଷ୍କାସନ ପାଇଁ ଥିବା ପୋଲ ମୁହଁ ବନ୍ଦ ଯୋଗୁଁ ରାସ୍ତାରେ ଆଣ୍ଠୁଏ ପାଣି**

ବୈଶିଙ୍ଗା,୨୮।୭ (ସଂଚାର ବ୍ୟୁରୋ): ବୈଶିଙ୍ଗା ଠାରୁ ପଣସିଆ ପର୍ଯ୍ୟନ୍ତ ଚାରି କିଲୋମିଟର ରାସ୍ତାରେ ଆଜି ମଙ୍ଗଳବାର ସକାଳେ ରାସ୍ତା ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେବା ଯୋଗୁଁ ୪/୫ ଘଣ୍ଟା ଯାନ ବାହନ ଚଳାଚଳ ବନ୍ଦ ହୋଇ ଯାଇଥିବାର ଦେଖିବାକୁ ମିଳିଥିଲା ଓ କଦଳୀଆ ଭିଲା ଠାରେ ଏକ କିଲୋମିଟର ରାସ୍ତାରେ ଜଳ ନିଷ୍କାସନ ପାଇଁ ଆବଶ୍ୟକ ପୋଲ ନ ଥିଲେ ମଧ ଯେଉଁ ତିନୋଟି ଛୋଟ ପୋଲ ରହିଛି ତାହାର ମୁହଁରେ ମାଟି ଭର୍ତ୍ତି କରି ଘର ତିଆରି କରାଯାଇ ଥିବାରୁ ଜଳ ନିଷ୍କାସନ ରେ ବାଧା ସୃଷ୍ଟି କରୁଛି। ବେତନଟୀ ତହସିଲଦାର ପ୍ରକୃତ ତଦନ୍ତ ନ କରି ପୋଲର ତଳ ଭାଗରେ ଚାଷ ଜମିଗୁଡିକୁ ଘରବାରି କିସମ ପରିବର୍ତ୍ତନ କରିଥିବାରୁ ଆଜି ସାଧାରଣ ଲୋକଙ୍କୁ ଦୁଃଖ ଭୋଗିବାକୁ ପଡୁଛି। ସେହିପରି ମୁଖ୍ୟ ରାସ୍ତାରୁ କଦଳୀଆ, ମଛପଦା ଯାଇଥିବା ରାସ୍ତାରେ ଆଣ୍ଠୁଏ ପାଣି ପ୍ରବାହିତ ହେବା ଯୋଗୁଁ ଯାତାୟତରେ ବାଧା ସୃଷ୍ଟି କରିଥିଲା। ପଣସିଆ ଠାରୁ ଦୁର୍ଗାପୁର ରାସ୍ତାର ହୁଳହୁଳିଆ ପୋଲ ନିକଟରେ ସେହିଭଳି ଜଳ ସ୍ରୋତ ଏତେ ପରିମାଣରେ ଥିଲା ସନ୍ଧ୍ୟା ପର୍ଯ୍ୟନ୍ତ ଯାତାୟତ ବନ୍ଦ ରହି ଥିବାର ଜଣାଯାଇଥିଲା।



## କାଳିଚକ ଭଣ୍ଡାରୀପଡ଼ା ମୁଖ୍ୟରାସ୍ତାର ଶୋଚନୀୟ ଅବସ୍ଥା

ନୂଆପଡ଼ା,୨୮।୭ (ସଂଚାର ବ୍ୟୁରୋ): ଏହା କେଉଁ ଗାଁର ରାସ୍ତା ନୁହେଁ, ବରଂ ଖଡ଼ିଆଳ ସହରର ୱାର୍ଡ଼ ନଂ.୯ ଅନ୍ତର୍ଗତ କାଳିଚକ ଭଣ୍ଡାରୀପଡ଼ାର ମୁଖ୍ୟ ରାସ୍ତା। ରାସ୍ତାଟି ଅତ୍ୟନ୍ତ ଜରାଜୀର୍ଣ୍ଣ ହୋଇପଡ଼ିଥିବାରୁ ଯାତାୟାତରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକ ପଡ଼ିଲେ ଏହି ରାସ୍ତାକୁ ଖଡ଼ିଆଳର ବାଇପାସ ଭାବେ ମଧ୍ୟ ବ୍ୟବହାର କରାଯାଏ। କିନ୍ତୁ ରାସ୍ତାର ଖରାପ ଅବସ୍ଥା ଯୋଗୁଁ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିପାରେ। ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ତୁରନ୍ତ ଏହି ରାସ୍ତାର ମରାମତି ଓ ଉନ୍ନତିକରଣ କରିବାକୁ ଦାବି କରିଛନ୍ତି। ସମୟ ଥିବାବେଳେ ପଦକ୍ଷେପ ନ ନିଆଗଲେ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି।

## ଅତ୍ୟାବଶ୍ୟକ ରାସ୍ତା କାର୍ଯ୍ୟ ବଦଳରେ ଜିମ୍ ତିଆରି ନାଁରେ ହରିଲୁଟ



ବୈଶିଙ୍ଗା,୨୮।୭ (ସଂଚାର ବ୍ୟୁରୋ): ବୈଶିଙ୍ଗା -ରୁପ୍ସା ୧୩ କି.ମି. ରାସ୍ତାଟି ସବୁବେଳେ ପ୍ରଶାସନିକ ଅବହେଳାର ଶୀକାର ହୋଇଥିବାର ଅଭିଯୋଗ ହୋଇଆସୁଛି। ରୁପ୍ସା ଜଙ୍କସନ୍ ଠାରେ ଥିବା ମାଲଗୋଦାମ, ଭାରତୀୟ ଖାଦ୍ୟ ନିଗମର ମହଜୁଦ ଖାଦ୍ୟ ଭଣ୍ଡାରରୁ ଦୈନିକ ଭାରୀ ଯାନ ଚଳାଚଳ ଯୋଗୁଁ ରାସ୍ତାର ଅବସ୍ଥା ଖାଲ ଖମାରେ ଭର୍ତ୍ତି ହୋଇଯାଉଛି। ୨୦୨୩ ମସିହାରେ କୋଟି କୋଟି ଟଙ୍କାର ନିର୍ମିତ ରାସ୍ତାଟି ଦୁଇ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ନଷ୍ଟ ହୋଇଯାଇ ଥିଲା। ବାରମ୍ବାର ପୂର୍ତ୍ତବିଭାଗକୁ ଜଣାଇବା ପରେ ସ୍ଥାନେ ସ୍ଥାନେ ପେଚିଂ କରି ଦିଆଗଲା। ଦୁଇ ମାସ ମଧ୍ୟରେ ତାହା ପୁଣି ପିଚୁ ତାଡି ଯାଇ ଗର୍ତ୍ତ ମାନ ସୃଷ୍ଟି ହୋଇଗଲା। ଏହାଦ୍ୱାରା ପୂର୍ତ୍ତ ବିଭାଗ ର ଅଧିକାରୀଙ୍କ ଖାମଖିଆଲି ନୀତି ପାଇଁ ରାସ୍ତାର ଗୁଣବତ୍ତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଯଦ୍ୱାରା ଦୈନନ୍ଦିନ ଦୁର୍ଘଟଣା ଘଟି ଯାଉଛି। ଶତାଧିକ ଛୋଟ ଛୋଟ ଦୁର୍ଘଟଣାକୁ ବାଦ୍ ଦେଲେ ପାଞ୍ଚ ବର୍ଷ ମଧ୍ୟରେ ୧୦/୧୧ ଜଣଙ୍କର ମୃତ୍ୟୁ ଘଟି ଥିବାର ନଜିର ରହିଛି। ଏଭଳି ରାସ୍ତାରେ ହଜାର ହଜାର ଜନସାଧାରଣ ଜୀବନକୁ ବାଜି ଲଗାଇ ଯାତାୟତ କରୁଛନ୍ତି। ଏଭଳି ବ୍ୟସ୍ତ ବହୁଳ ରାସ୍ତା ପ୍ରତି ଯତ୍ନବାନ୍ ହେବା ପରି ବର୍ତ୍ତେ ୨୩ କୋଟି ଟଙ୍କା ବ୍ୟୟରେ ୭ ମିଟର ରାସ୍ତାକୁ ୧୦ ମିଟର କରା ଯିବା ପାଇଁ ଶିଳାନାସ କରାଯାଇଛି। ପାଞ୍ଚ ବର୍ଷ ପୂର୍ବେ ଠାକୁରମୁଣ୍ଡା - ଡଙ୍ଗା ଡିହା -ଉଦଳା - ବୈଶିଙ୍ଗା -ରୁପ୍ସା ଗଉଜ-୭୦ ରାସ୍ତାଟି ରାଜ୍ୟ ରାଜପଥର ମାନ୍ୟତା ପାଇଲା ପରେ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହେଲା। ପାଞ୍ଚ ବର୍ଷ ଭିତରେ ଏହି କାର୍ଯ୍ୟ ବୈଶିଙ୍ଗା ପର୍ଯ୍ୟନ୍ତ ପହଞ୍ଚିଲା ସତ ମାତ୍ର ବଜେଟ ଠାରୁ ଦଶଗୁଣ ଅଧିକ ଖର୍ଚ୍ଚ ହେଲା। ଏବେ ୨୩ କୋଟି ବ୍ୟୟରେ ବୈଶିଙ୍ଗା ଠାରୁ ରୁପ୍ସା ପାଇଁ ପୁଣି ଶିଳାନ୍ୟାସ ହେଲା। ଗୋଟିଏ ରାସ୍ତା ପାଇଁ କେତେ ଥର ଶିଳାନ୍ୟାସ ହୋଇପାରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହି ରାସ୍ତାଗୁଡିକ ପ୍ରତି ଧ୍ୟାନ ଦେବା ବଦଳରେ ଅନାବଶ୍ୟକ ସ୍ଥଳରେ ମୁକ୍ତାକାଶ ଜିମ୍ ନିମାଣ କରା ଯାଇଛି କାହା ସ୍ୱାର୍ଥରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଜନ ସାଧାରଣଙ୍କ ସ୍ୱାର୍ଥ କୁ ସମ୍ମାନ ଦେଇ ଗାଁ ଗହଳି ଠାରୁ ବଜାର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।